ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 16/2024 Page 18 ₹ 7.00
୫୦ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 351 ମୂଲ୍ୟ₹୭/-

# ଆଜିଠୁ ଚାରିଦ୍ୱାର ଖୋଲା

## କାର୍ତ୍ତିକ ମାସ କଟକଣା ହଟିଲା

**ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)**

ଭକ୍ତଙ୍କ ନିମନ୍ତେ ଖୁସି ଖବର। କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କଟକଣାକୁ ଶୁକ୍ରବାର ହଟାଇ ନିଆଯାଇଛି। ଶନିବାରଠାରୁ ପୁନର୍ବାର ଭକ୍ତମାନେ ଶ୍ରୀମନ୍ଦିରରେ ଚାରିଦ୍ୱାର ଦେଇ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ କରିବେ। ତେବେ ସେବକ ତଥା ତାଙ୍କ ପରିବାରବର୍ଗ ସମସ୍ତ ଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ। ନାଟମଣ୍ଡପଠାରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଏବେ ବିଚାରାଧୀନ ରହିଛି। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ପରାମର୍ଶ ଓ ଅନୁମୋଦନ ପରେ ନାଟମଣ୍ଡପରେ ହେବାକୁ ଥିବା ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶୁକ୍ରବାର ସୂଚନା ଦିଆଯାଇଛି।




ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି ଲାଗିଥିଲା। ସେହିପରି ଲୋକେ ସମୁଦ୍ର ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହବିଷିଆଳିମାନେ ଏଠାକୁ ଆସି ଗତ ଏକମାସ ଧରି କାର୍ତ୍ତିକ ବ୍ରତ କରୁଥିଲେ। ଶୁକ୍ରବାର ବ୍ରତ ସମାପନ ପରେ ସେମାନେ ଶ୍ରୀକ୍ଷେତ୍ରରୁ ବିଦାୟ ନେଇଛନ୍ତି। ସୂଚନା ଅନୁଯାୟୀ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ତ୍ତିକ ମାସରେ ଚାରିଦ୍ୱାର ମଧ୍ୟରୁ ଦୁଇଟି ଦ୍ୱାରରେ ପ୍ରବେଶ ଓ ଅନ୍ୟ ଦୁଇ ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା କରାଯାଇଥିଲା। କାର୍ତ୍ତିକ ପ୍ରତିପଦାଠାରୁ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଭକ୍ତମାନେ ଦୁଇଟି ଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଅନ୍ୟ ଦୁଇ ଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ। ତେବେ ପଞ୍ଚକଠାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ଅଧିକ ହେବାର ସମ୍ଭାବନା ଥିବାରୁ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ ଅନୁମତି ରହିଥିଲା। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ ତିନିଦ୍ୱାର ଦେଇ ପ୍ରସ୍ଥାନ କରୁଥିଲେ। ତେବେ କାର୍ତ୍ତିକ ମାସ ଶେଷହୋଇଥିବାରୁ ଭକ୍ତଙ୍କ ସଂଖ୍ୟା କମ୍ ରହିବ। ତେଣୁ କାର୍ତ୍ତିକ ମାସ ପରବର୍ତ୍ତୀ ଦର୍ଶନ ବ୍ୟବସ୍ଥା ନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସମେତ ଶ୍ରୀମନ୍ଦିର ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ପଞ୍ଚକ ଗହଳି ଆଉ ନ ଥିବାରୁ ନଭେମ୍ବର ୧୬ରୁ ଭକ୍ତମାନେ ଚାରିଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।






# ‘ଯମୁନା’ ପାଇଁ ଯନ୍ତା

ବାରିପଦା,୧୫।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରେ ଘୂରିବୁଲୁଥିବା ମହାବଳ ବାଘୁଣୀ ‘ଯମୁନା’ ଚିନ୍ତାର କାରଣ ପାଲଟିଛି। କୋର୍ ଅଞ୍ଚଳ ଛାଡ଼ି ସେ ବଫର୍ ଅଞ୍ଚଳକୁ ପ୍ରବେଶ କରିବା ମାତ୍ରେ ତାକୁ ତୁରନ୍ତ ଧରିବା ପାଇଁ ବନ ବିଭାଗର ଟିମ୍ ଯନ୍ତା ଧରି ସଜାଗ ହୋଇ ରହିଛି। ୪ ଦିନ ତଳେ ଶିମିଳିପାଳ ମଧ୍ୟରେ ଥିବା ଏକ ପର୍ଯ୍ୟଟନସ୍ଥଳୀରେ ଜଣେ ପର୍ଯ୍ୟଟକଙ୍କୁ ‘ଯମୁନା’ ଆକ୍ରମଣ ଉଦ୍ୟମ କରିଥିବା ପ୍ରଚାରିତ ହୋଇଥିଲା। ଏହି ଖବରକୁ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ ଗୁଜବ କହି ଖଣ୍ଡନ କରିଥିବା ବେଳେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଶୁକ୍ରବାର ଯଶିପୁରରୁ ଏକ ସ୍ୱତନ୍ତ୍ର ଯନ୍ତା ଜୁକୁରା ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଛି। ଯମୁନା ସମ୍ପର୍କିତ ତଥ୍ୟ ବନ ବିଭାଗ ଗୋପନ ରଖିବାକୁ ଚେଷ୍ଟା କରୁଥିବା ଆଲୋଚନା ହେଉଛି।

କୋର୍ ଅଞ୍ଚଳରେ ବାଘୁଣୀ ‘ଯମୁନା’କୁ ଛଡ଼ାଯିବା ପରେ ସେ ନିଜର ବାସସ୍ଥଳୀ ପ୍ରସ୍ତୁତ କରିବା ପାଇଁ ପ୍ରୟାସ ଜାରି ରଖିଛି। ପର୍ଯ୍ୟଟନସ୍ଥଳୀଟି କୋର୍ ଅଞ୍ଚଳରେ ରହିଥିବାରୁ ସେଠାରେ ଯମୁନା ପ୍ରବେଶ କରିବା ସ୍ୱାଭାବିକ କଥା। ନିଜର ସୁରକ୍ଷିତ ଅଞ୍ଚଳ ବାଛିବା ପାଇଁ ‘ଯମୁନା’କୁ କିଛି ଦିନ ସମୟ ଲାଗିବ। ଖାଦ୍ୟ ପାଇଁ ଶିକାର କରିବା ଉଦ୍ଦେଶ୍ୟରେ ‘ଯମୁନା’ ବୁଲୁଥିବା ବେଳେ ତା’ର ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ଦିଆଯାଇଛି। ସେହିପରି ଗୋଟିଏ ନୂଆ ଅଞ୍ଚଳରେ ବାଘୁଣୀକୁ ଛଡ଼ାଯିବା ପରେ କୌଣସି ଅଘଟଣ ପୂର୍ବରୁ ତାକୁ ଜରୁରିକାଳୀନ ପରିସ୍ଥିତିରେ କାବୁ କରିବା ପାଇଁ ଯନ୍ତା ଓ ଡାକ୍ତରୀଦଳ ପ୍ରସ୍ତୁତ କରିବାକୁ ପଡ଼ିଥାଏ। ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଯମୁନାର ଗତିବିଧି ଉପରେ ୨୪ ଘଣ୍ଟିଆ ସତର୍କ ଦୃଷ୍ଟି ରଖିଛନ୍ତି ବୋଲି ଡ. ଗୋଗିନେନୀ କହିଛନ୍ତି।

ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବଫର ଅଞ୍ଚଳରେ ଲୋକେ ବସବାସ କରୁଥିବା ସ୍ଥାନକୁ ଯମୁନାର ଅନୁପ୍ରବେଶ ଘଟିଲେ ତା’ର ଜୀବନ ପ୍ରତି ବିପଦ ରହିଛି। ବାଘ ସ୍ଥାନାନ୍ତରଣ ଓ ଛାଡ଼ିବା ପ୍ରକ୍ରିୟାରେ ତ୍ରୁଟି ଥିବା ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ସେହିପରି ଶିମିଳିପାଳ ଚାରିପାଖରେ ରହିଥିବା ୧୨୬୦ଟି ଗ୍ରାମର ଲୋକଙ୍କୁ ବାଘୁଣୀଠାରୁ ସୁରକ୍ଷିତ ରହିବା ସମ୍ପର୍କରେ କୌଣସି ସଚେତନ କରାଯାଇ ନାହିଁ। ଫଳରେ ବାଘୁଣୀ ଗାଁକୁ ପ୍ରବେଶ କରିବା ମାତ୍ରେ ଲୋକଙ୍କ ଆକ୍ରୋଶର ଶିକାର ହୋଇପାରେ ବୋଲି ଆଶଙ୍କା ରହିଛି। ଏପରି ସ୍ଥଳେ ବନ କର୍ମଚାରୀମାନଙ୍କୁ ମଧ୍ୟ ଆକ୍ରମଣର ଭୟ ଘାରିଛି। ତେବେ ଆବଶ୍ୟକ ବ୍ୟବସ୍ଥା କରା ନ ଗଲେ ବିଗତ ଦିନର ସାତକୋଶିଆର ମହାବଳ ବାଘ ସୁନ୍ଦରୀ ପରି ଅବସ୍ଥା ଆସିପାରେ କିମ୍ବା ଯମୁନାକୁ ନନ୍ଦନକାନନ ସ୍ଥାନାନ୍ତର କରାଯିବା ସମ୍ଭାବନା ଉପୁଜିବାରେ ଲାଗିଛି। ମନଇଚ୍ଛା ମିଶନକୁ ସଫଳ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ବିଫଳ ହେବ ବୋଲି ଆଚାର୍ଯ୍ୟ କହିଛନ୍ତି।

## ଏନ୍‌କ୍ଲୋଜରରେ ମହାବଳ ବାଘୁଣୀ

- ନାଁ ରଖାହେଲା ଜିନତ୍
- ଆସିବେ ଆଉ ୩ ମହାବଳ: ମନ୍ତ୍ରୀ ଗଣେଶ ରାମସିଂ

ମହାରାଷ୍ଟ୍ରରୁ ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ଅଣାଯାଇଥିବା ଅନ୍ୟ ଏକ ମହାବଳ ବାଘୁଣୀକୁ ଏନ୍‌କ୍ଲୋଜରରେ ଛଡ଼ାଯାଇଛି। ସୁସ୍ଥ ଓ ଚଳଚଞ୍ଚଳ ଭାବେ ସେ ଏନ୍‌କ୍ଲୋଜରରେ ବୁଲାବୁଲି କରୁଥିବା ବେଳେ ତା’ର ନାମ ଗଙ୍ଗା ବଦଳରେ ‘ଜିନତ୍’ ରଖାଯାଇଛି। ଏହି ବାଘୁଣୀର ଗତିବିଧି ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ଟିମ୍ ନଜର ରଖିଛନ୍ତି। ସ୍ୱତନ୍ତ୍ର ଗାଡ଼ି ଯୋଗେ ସୁଦୂର ରାସ୍ତା ଅତିକ୍ରମ କରି ମହାବଳ ବାଘୁଣୀକୁ ଆଣି ଶିମିଳିପାଳରେ ଛାଡ଼ିବା ପରେ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୁଶାନ୍ତ ନନ୍ଦ ବନ ବିଭାଗ ଟିମ୍‌କୁ ଧନ୍ୟବାଦ ଦେଇଛନ୍ତି। କିଛିଦିନ ବାଘୁଣୀର ଗତିବିଧି ନିରୀକ୍ଷଣ ପରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଞ୍ଚଳରେ ଛଡ଼ାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।


ଏନ୍‌କ୍ଲୋଜରରେ ବୁଲୁଥିବା ‘ଜିନତ୍’ ।

ଅନ୍ୟପକ୍ଷରେ ଆଗକୁ ଆଉ ୨ଟି ବାଘୁଣୀ ଓ ଗୋଟିଏ ବାଘ ଆସିବାକୁ ଥିବା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ସାତକୋଶିଆ ସମେତ ଦିବ୍ରୁଗଡ଼ ଜଙ୍ଗଲରେ ମଧ୍ୟ ବାଘ ଛଡ଼ାଯିବା ଯୋଜନା ରହିଛି। ବନ ବିଭାଗ ପକ୍ଷରୁ ଏନେଇ ପ୍ରୟାସ ଜାରି ରହିଥିବା ମନ୍ତ୍ରୀ କହିଛନ୍ତି।

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୬ ଦିନିଆ ସିଙ୍ଗାପୁର ଗସ୍ତ

ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାରଠାରୁ ୬ ଦିନିଆ ସିଙ୍ଗାପୁର ଗସ୍ତରେ ଯାଉଛନ୍ତି। ସିଙ୍ଗାପୁରଠାରେ ଆୟୋଜିତ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ବିଭିନ୍ନ କମ୍ପାନୀକୁ ଓଡ଼ିଶାରେ ପୁଞ୍ଜିନିବେଶ କରିବା ଲାଗି ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ରାଜ୍ୟକୁ କିପରି ଅଧିକ ପୁଞ୍ଜିନିବେଶ ଆଣି ହେବ ସେଥିପ୍ରତି ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସିଙ୍ଗାପୁରଠାରେ ବିଦେଶୀ ନିବେଶକମାନଙ୍କ ସହ ୱାନ୍ ଟୁ ୱାନ୍ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ଏହି ଅବସରରେ ଶିଳ୍ପମନ୍ତ୍ରୀଙ୍କ ସମେତ ଶିଳ୍ପ ସଚିବ ମଧ୍ୟ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।

## ୧୮, ୨୫ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର,୧୫।୧୧
(ଅନିଲ ଦାସ)

ଚଳିତ ନଭେମ୍ବର ୧୮ (ସୋମବାର) ଏବଂ ୨୫ ତାରିଖ (ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ଏହି ଦିନଗୁଡ଼ିକରେ ଭୁବନେଶ୍ୱରସ୍ଥିତ ୟୁନିଟ-୫ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ଶୁକ୍ରବାର ଏ ନେଇ ସୂଚନା ଦିଆଯାଇଛି।

## ରେଳଧାରଣାରୁ ମିଳିଲା ବ୍ୟାଙ୍କ କର୍ମଚାରୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ

ଭଦ୍ରକ,୧୫।୧୧(ସନାତନ ରାଉତ)

ଭଦ୍ରକ ଜିଲା କେନ୍ଦୁଆପଦା ଷ୍ଟେଶନଠାରୁ କିଛି ଦୂର ରେଳଧାରଣାରୁ ଜଣେ ବ୍ୟାଙ୍କ କର୍ମଚାରୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଶୁକ୍ରବାର ମିଳିଛି। ମୃତକ ହେଲେ ଭଦ୍ରକ ବ୍ଲକ ଅଧୀନ କେଦାରପୁର ପଞ୍ଚାୟତ ସେରପୁର ଦେଉଳସାହିର ଲଲାଟେନ୍ଦୁ ବାରିକ (୨୯)। ସେ ଭଦ୍ରକ ୟୁନିଅନ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ। ଲଲାଟେନ୍ଦୁଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ସେଠାକୁ


ଲଲାଟେନ୍ଦୁ ବାରିକ

ଯିବାକୁ ଅରାଜି ଥିବା ସହ ମାନସିକ ଭାବେ ବିଚଳିତ ଥିଲେ। ଶେଷରେ ବାଧହୋଇ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି। ଉକ୍ତ ବ୍ୟାଙ୍କ ଶାଖାର ଜଣେ ଅଧିକାରୀ ତାଙ୍କୁ ମାନସିକ ଯନ୍ତ୍ରଣା ଦେଉଥିଲେ ବୋଲି ଆଲୋଚନା ହେଉଛି। ଖବର ଜାଣିବା ପରେ ୟୁନିଅନ ବ୍ୟାଙ୍କର ମୁଖ୍ୟ ଶାଖା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏନେଇ ଜିଆର୍‌ପି ଥାନାରେ ଏକ ମାମଲା (ନଂ. ୮୬/୨୪) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଆର୍‌ପି ଥାନା ପକ୍ଷରୁ କୁହାଯାଇଛି।

## ୨୦୫୦ ସୁଦ୍ଧା ୨ ଗୁଣା ପ୍ଲାଷ୍ଟିକ୍ ବର୍ଜ୍ୟ

ନୂଆଦିଲ୍ଲୀ,୧୫।୧୧(ପି.ଟି.)

ସାରା ବିଶ୍ୱରେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିମାଣ ୨୦୫୦ ବେଳକୁ ଦୁଇଗୁଣା ହୋଇପାରେ। ଏହାର ସମାଧାନ ପାଇଁ ଉପଯୁକ୍ତ ନୀତି ପ୍ରଣୟନ ନିମନ୍ତେ ଗବେଷକମାନେ ପ୍ରସ୍ତାବ ଦେଇଛନ୍ତି। ପୁନଃଚକ୍ରଣଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ବର୍ଜ୍ୟ ପରିଚାଳନାରେ ପୁଞ୍ଜି ନିବେଶ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟ ୯୦ ପ୍ରତିଶତରୁ ଅଧିକ ହ୍ରାସ ପାଇବା ସହ ଏ ସମ୍ପର୍କିତ ଉତ୍ସର୍ଜନକୁ ଏକ-ତୃତୀୟାଂଶ କମାଯାଇପାରିବ ବୋଲି ଏକ ନୂଆ ଅଧ୍ୟୟନରେ କୁହାଯାଇଛି।

ଜାତିସଂଘ ପ୍ଲାଷ୍ଟିକ୍ ଚୁକ୍ତିନାମା ସ୍ୱାକ୍ଷର ହେବା ପୂର୍ବରୁ ସାଇନ୍ସ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟ ଉପରେ ବିଶ୍ୱର ପ୍ରଥମ ଚୁକ୍ତିନାମା ଖୁବ୍‌ଶୀଘ୍ର ସ୍ୱାକ୍ଷର ହେବାକୁ ଯାଉଛି। ଏନେଇ ଚୂଡ଼ାନ୍ତ ବୁଝାମଣା ପାଇଁ ନଭେମ୍ବର ୨୫ରୁ ଡିସେମ୍ବର ୧ ପର୍ଯ୍ୟନ୍ତ କୋରିଆର ବୁସନଠାରେ ସମ୍ମିଳନୀ ଅନୁଷ୍ଠିତ ହେବ, ଯେଉଁଥିରେ ୧୯୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧି ଯୋଗଦେବେ। ଏହା ପୂର୍ବରୁ ଗତ ଏପ୍ରିଲରେ କାନାଡାର ଓଟ୍ଟାୱାଠାରେ ଏଭଳି ଏକ ବୈଠକ ବସିଥିଲା।

ପ୍ଲାଷ୍ଟିକ୍ ସଙ୍କଟର ମୁକାବିଲା ନିମନ୍ତେ ଉପରୋକ୍ତ ଅଧ୍ୟୟନ ଏକ ଗୁରୁତ୍ୱପୂର୍ଣ୍ଣ ନୀଳନକ୍ସା ପ୍ରଦାନ କରିପାରିବ ବୋଲି ଆମେରିକାର କାଲିଫର୍ନିଆ ୟୁନିଭର୍ସିଟିର ଗବେଷକ କହିଛନ୍ତି। ପ୍ରଦୂଷଣ ସୃଷ୍ଟି କରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ କୁପରିଚାଳନା ହ୍ରାସ କରିବା ପାଇଁ ୪ଟି ନୀତି ଯଥେଷ୍ଟ। ତାହା ହେଲା ୪୦ ପ୍ରତିଶତ ବ୍ୟବହାର ପରବର୍ତ୍ତୀ ରିସାଇକ୍ଲଡ୍ ପ୍ଲାଷ୍ଟିକ୍‌ରେ ନୂଆ ପ୍ଲାଷ୍ଟିକ୍ ସାମଗ୍ରୀ ତିଆରି ହେଉ, ନୂଆ ପ୍ଲାଷ୍ଟିକ୍ ଉତ୍ପାଦନକୁ ୨୦୨୦ ସ୍ତରରେ ସୀମିତ କରାଯାଉ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାରେ ପର୍ଯ୍ୟାପ୍ତ ନିବେଶ ହେଉ ଏବଂ ପ୍ଲାଷ୍ଟିକ୍ ପ୍ୟାକେଜିଂ ଉପରେ ଦେୟ ଧାର୍ଯ୍ୟ ହେଉ। ପ୍ଲାଷ୍ଟିକ୍ ବର୍ଜ୍ୟର ବର୍ତ୍ତମାନର ଧାରା ଜାରି ରହିଲେ ଏହା ସହ ଜଡ଼ିତ ସବୁଜଗୃହ ବାଷ୍ପ ନିର୍ଗମନ ୨୦୨୦ ସ୍ତର ତୁଳନାରେ ୩୭ ପ୍ରତିଶତ ବୃଦ୍ଧି ପାଇ ୨୦୫୦ରେ ୩.୩୫ ଗିଗାଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ ହେବ ବୋଲି ଗବେଷକମାନେ କହିଛନ୍ତି। ମେଶିନ୍ ଲର୍ନିଂ ଦ୍ୱାରା କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ୨୦୫୦ ବେଳକୁ ବାର୍ଷିକ କୁପରିଚାଳିତ ପ୍ଲାଷ୍ଟିକ୍ ୱେଷ୍ଟ ପରିମାଣ ପାଖାପାଖି ୨ ଗୁଣା ହୋଇ ୧୨୧ ଟନ୍‌ରେ ପହଞ୍ଚିବ। ପ୍ଲାଷ୍ଟିକ ବର୍ଜ୍ୟ ମାଇକ୍ରୋ ଏବଂ ନାନୋ ପ୍ଲାଷ୍ଟିକ୍‌ରେ ପରିଣତ ହୋଇ ପରିବେଶକୁ ନଷ୍ଟ କରିବା ସହ ସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ାଇଛି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, November 16/2024 Page 18 ₹ 7.00
୫୦ଶ ଭାଗ ୩୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 351 ମୂଲ୍ୟ₹୭/-

# ‘ପେସା’ ପାଇଁ ନିଆଯିବ ମତ: ମୁଖ୍ୟମନ୍ତ୍ରୀ

**ଜନଜାତି ସମ୍ପ୍ରଦାୟ ଓଡ଼ିଶାର ଶକ୍ତି ଓ ଆତ୍ମା ହୋଇଥିଲେ ମଧ୍ୟ ସେମାନଙ୍କୁ ପୂର୍ବରୁ ଅବହେଳିତ କରି ରଖାଯାଇଥିଲା। ଏଥିଯୋଗୁ ଆଦିବାସୀଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ପେସା ଆଇନ ୨୭ ବର୍ଷ ହେଲା କାର୍ଯ୍ୟକାରୀ ହୋଇ ନ ପାରି ପଡ଼ିରହିଛି। କିନ୍ତୁ ଜନଜାତି ସମ୍ପ୍ରଦାୟର ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ଭାଜପା ସରକାର କ୍ଷମତାକୁ ଆସିବା ପରେ ସେମାନଙ୍କ ଉନ୍ନତି ଲାଗି ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ପେସା ଆଇନ ଲାଗୁ କରିବା ପୂର୍ବରୁ ସମସ୍ତ ପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଏହି ବହୁପ୍ରତୀକ୍ଷିତ ଆଇନ ଲାଗୁ ହେଲେ ଆଦିବାସୀମାନେ ଶାସନରେ ସ୍ୱାୟତ୍ତତା ଲାଭ କରିବେ ବୋଲି ଆଶା କରାଯାଉଛି।**



ଭୁବନେଶ୍ୱର ଜନତା ମଇଦାନରେ ଜନ ଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୫।୧୧ (ଅନିଲ ଦାସ)

ପଞ୍ଚାୟତ ଏକ୍ସଟେନଶନ ଟୁ ସିଡ୍ୟୁଲ ଏରିଆଜ୍ (ପେସା) ଆଇନ ଲାଗୁ ହେବା ପୂର୍ବରୁ ଲୋକଙ୍କ ମତ ନିଆଯିବ। ଏଥିସହିତ ରାଜ୍ୟ ସରକାର ସଚେତନତା ସୃଷ୍ଟି ପାଇଁ ଜନସଭାର ଆୟୋଜନ କରିବେ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପ୍ରତି ଗାଁରେ ଜନସଭା ହେବ। ପେସା ଆଇନ କିପରି କାର୍ଯ୍ୟକାରୀ ହେବ ସେ ନେଇ ବିସ୍ତୃତ ଆଲୋଚନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜନତା ମଇଦାନଠାରେ ଶୁକ୍ରବାର ଅନୁଷ୍ଠିତ ଜନ ଜାତୀୟ ଗୌରବ ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନଜାତି ସମ୍ପ୍ରଦାୟ ଓଡ଼ିଶାର ଶକ୍ତି ଓ ଆତ୍ମା। ପୂର୍ବରୁ ଆଦିବାସୀଙ୍କୁ ଅବହେଳିତ କରି ରଖାଯାଇଥିଲା। ରାଜ୍ୟ ସରକାର ଜନଜାତି ସମ୍ପ୍ରଦାୟଙ୍କ ଉଚ୍ଚ ପରମ୍ପରା ଓ ଐତିହ୍ୟର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସେମାନଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ଜଙ୍ଗଲ ଜମି ଅଧିକାର ପ୍ରଦାନ ବଳରେ ☞ପୃଷ୍ଠା-୧୦

## ପେସା ଆଇନ କ’ଣ

ଦେଶର ଅନୁସୂଚିତ ଅଞ୍ଚଳ(ସିଡ୍ୟୁଲ୍ଡ ଏରିଆ)ରେ ପେସା (ପଞ୍ଚାୟତ ଏକ୍ସଟେନ୍ଶନ ଟୁ ସିଡ୍ୟୁଲ ଏରିଆଜ୍) ଆଇନ ଲାଗୁ କରିବା ପାଇଁ କେନ୍ଦ୍ର ସରକାର ୧୯୯୬ ଡିସେମ୍ବର ୨୪ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଭାରତୀୟ ସମ୍ବିଧାନର ପଞ୍ଚମ ପରିଚ୍ଛେଦ ଅନୁଯାୟୀ ୧୦ଟି ରାଜ୍ୟର ସିଡ୍ୟୁଲ୍ଡ ଏରିଆରେ ଏହି ଆଇନକୁ ଲାଗୁ କରାଯିବ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଜନଜାତିମାନଙ୍କର ଜୀବନ ଜୀବିକା, କଳା ସଂସ୍କୃତି, ପରମ୍ପରା ସୁରକ୍ଷା ସମେତ ପ୍ରାକୃତିକ ସମ୍ବଳ ଇତ୍ୟାଦି ବିଷୟରେ ଗ୍ରାମସଭା ଜରିଆରେ ସମସ୍ତ ନିଷ୍ପତ୍ତି ନିଆଯିବ। ☞ପୃଷ୍ଠା-୧୦

# ଝାନ୍ସି ମେଡିକାଲ କଲେଜରେ ନିଆଁ: ୧୦ ଶିଶୁ ମୃତ

ଝାନ୍ସି,୧୫।୧୧

ଉତ୍ତରପ୍ରଦେଶ ଝାନ୍ସିସ୍ଥିତ ରାଣୀ ଲକ୍ଷ୍ମୀବାଇ ମେଡିକାଲ କଲେଜର ଶିଶୁ ୱାର୍ଡରେ ଶୁକ୍ରବାର ରାତିରେ ନିଆଁଲାଗି ୧୦ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିବା ସହ କେତେଜଣ ଆହତ ହୋଇଛନ୍ତି। କେତେଜଣ ଶିଶୁ ଜଳିଯାଇଥିବାବେଳେ ଶ୍ୱାସରୁଦ୍ଧ ହୋଇ ଅନ୍ୟ କେତେଜଣଙ୍କ ଜୀବନ ଯାଇଛି। ଅନ୍ୟ ୩୭ ଜଣଙ୍କୁ ଉଦ୍ଧାର କରାଯାଇଛି।

ରାତି ୧୦ଟା ୩୦ ସମୟରେ ହସ୍ପିଟାଲରେ ନିଆଁ ଲାଗିଥିବାବେଳେ କର୍ମଚାରୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଘଟଣାସ୍ଥଳରେ ଜିଲାପାଳ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ପହଞ୍ଚିଛନ୍ତି। ଉଦ୍ଧାର ଓ ନିଆଁଲିଭା କାର୍ଯ୍ୟରେ ୬ଟି ଫାୟାର ବ୍ରିଗେଡ୍ ୟୁନିଟ୍ ଏବଂ ସେନାର ନିଆଁଲିଭା ଗାଡ଼ିକୁ ନିୟୋଜିତ କରାଯାଇଛି। ଘଟଣାର ତଦନ୍ତ କରି ୧୨ ଘଣ୍ଟା ମଧ୍ୟରେ ସବିଶେଷ ରିପୋର୍ଟ ଦେବାକୁ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୋଲିସ କମିଶନର ଏବଂ ଡିଆଇଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିଆଁ ଲାଗିବାରୁ ଦଳାଚକଟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ହସ୍ପିଟାଲର ଝରକା ଭାଙ୍ଗି ମେଡିକାଲ କର୍ମଚାରୀମାନେ କେତେଜଣ ରୋଗୀଙ୍କୁ ବାହାର କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥିବା କାନପୁର ଜୋନ୍ ଏଡିଜି ଆଲୋକ ସିଂ କହିଛନ୍ତି। ମୃତ ଶିଶୁମାନେ ସେହି ସମୟରେ ଇନ୍କ୍ୟୁବେଟରରେ ଥିଲେ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ବିଜ୍ଞାନ, କଳା ଏବଂ କ୍ରାଫ୍ଟ ପ୍ରଦର୍ଶନୀ, ସ୍ଥାନ: ବିଦ୍ୟାଳୟ ପରିସର, ପଟିଆ, ସମୟ: ସକାଳ ୯ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୪, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସାଙ୍ଗଠନିକ ସମ୍ମେଳନ, ସ୍ଥାନ: କସ୍ତୁରବା ନାରୀ ସେବା ସଦନ, ୟୁନିଟ୍-୧, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ତୁସାର ଚାରିଟେବୁଲ ଟ୍ରଷ୍ଟ ମା' ସୁନାଦେଇ ପ୍ରତକ୍ସନ ଏବଂ ନିୟୁ ଏଜି କଲୋନୀ ରେସିଡେନ୍ସି କମିଟି ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ନିୟୁ ଏଜି କଲୋନୀ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ପତ୍ରକାର ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଲୋହିୟା ଏକାଡେମୀ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଅମୀୟ ଭୂଷଣ ତ୍ରିପାଠୀଙ୍କ ପୁସ୍ତକ 'ଜଣେ ଐତିହ୍ୟ କର୍ମୀର କଥା ଓ ବ୍ୟଥା' ଉନ୍ମୋଚନ ସମାରୋହ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ସନ୍ଧ୍ୟା ୫ଟା ୧୫।
- ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମେଡିକାଲ ଛକ, ବାରଙ୍ଗ, ସମୟ: ସନ୍ଧ୍ୟା ୫ଟା ୩୦।
- ସ୍ୱାଭିମାନ ପକ୍ଷରୁ ଅଞ୍ଜଳି ମହୋତ୍ସବ, ସ୍ଥାନ: କଳାଭୂମି, ସମୟ: ସନ୍ଧ୍ୟା ୬ଟା।
- ବାଦିପାଲା ପରିବେଷଣ, ସ୍ଥାନ: ପ୍ରତାପରୁଦ୍ରପୁର ସ୍ଥିତ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜାତୀୟ ପ୍ରେସ୍ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ହାଇକୋର୍ଟ ପାଭିଲିଅନ୍‌ର ଉଦ୍‌ଘାଟନ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଭାରତୀୟ ସଂସ୍କୃତି ପ୍ରଚାର ସମିତି, କଟକ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୫ଟା ୩୦।
- ଐତିହାସିକ କଟକ ବାଲିଯାତ୍ରାର ୨ୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୈଷ୍ଣବ ପାଣି ମଞ୍ଚ, ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୫ଟା ୩୦।

## ପୁରୀ
- ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ସାଇକ୍ରିଷ୍ଣା କନ୍‌ଭେନଶନ କଲ୍ୟାଣ ମଣ୍ଡପ, ତୁଳସୀପୁର, ଚାଲିଛକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ପୁରୀ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଇପିଏଫ୍ ପେନସନଧାରୀଙ୍କ ପକ୍ଷରୁ ଦାବି ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସିଟୁର ବାର୍ଷିକ ଅଧିବେଶନ, ସ୍ଥାନ: ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଶା ଧାନ ମହାଯଜ୍ଞ, ସ୍ଥାନ: ପୁରୀ ପୌର ସଦନ, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା, ସ୍ଥାନ: ଖୁଣ୍ଟିଆ ଜାଗା, ବାଲିସାହି, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୯ତମ ଜୟନ୍ତୀ ଉତ୍ସବ ପାଳନ, ସ୍ଥାନ: ପ୍ରାଣନାଥ ବିଦ୍ୟାଳୟ ପରିସର, ଜଟଣୀ, ସମୟ: ସକାଳ ୯ଟା।
- ଜିଲା ପ୍ରେସ୍ କ୍ଲବ ପକ୍ଷରୁ ପ୍ରେସ୍ ଦିବସ ପାଳନ, ସ୍ଥାନ: ସାମ୍ବାଦିକ ଭବନ, ଖୋର୍ଦ୍ଧା ସମୟ: ସକାଳ ୯ଟା।
- ଖୋର୍ଦ୍ଧା ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ମହିଳା ମହାବିଦ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଇପିଏଫ୍ ପେନ୍‌ସନରସ ସଂଘ ଖୋର୍ଦ୍ଧା ଶାଖା ପକ୍ଷରୁ ଦାବିପତ୍ର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ,ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଣନାଥଙ୍କ ଜୟନ୍ତୀ ଉତ୍ସବ ଓ ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ମୈତ୍ରୀଭବନ, କଲେଜ କ୍ୟାମ୍ପସ, ଖୋର୍ଦ୍ଧା, ସମୟ: ଅପରାହ୍ନ ୧ଟା।
- ଜିଲାସ୍ତରୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ଶିଶୁ ଉତ୍ସବ 'ଉତ୍ସାହ-୨୦୨୪', ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭୋଗରାଇ ସାମ୍ବାଦିକ ମଞ୍ଚ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ କନଫରେନ୍ସ ହଲ୍, ଭୋଗରାଇ, ସମୟ: ସକାଳ ୯ଟା ୩୦।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ଚନ୍ଦନେସିଆ କଲ୍ୟାଣ ମଣ୍ଡପ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବୈଦିକ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଶନ ବଜାର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଦାବି ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ୨୦ତମ ରାସପୂର୍ଣ୍ଣିମା ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଉତପଡ଼ା ରାଧାକୃଷ୍ଣ ମନ୍ଦିର ପରିସର, ରୂପସା, ସମୟ: ମଧ୍ୟାହ୍ନ ୧୨ଟା।
- ଡ. କାର୍ତ୍ତିକେଶ୍ୱର ପାତ୍ର ଫାଉଣ୍ଡେଶନ ପକ୍ଷରୁ ଶିଶୁଦିବସ, ସ୍ଥାନ: କୃପାକ୍ଷେତ୍ର, ଶ୍ରୀ ଜଗନ୍ନାଥ ମନ୍ଦିର, ରସିଦପୁର, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଜିଲା ବ୍ୟାଡ଼ମିଣ୍ଟନ ଲିଗ୍ ସିଜନ୍-୧ ଦ୍ୱିତୀୟ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜଗଦ୍ଧାତ୍ରୀ ମେଳାରେ ଆଧାତ୍ମିକ କୁନି ପ୍ରବଚକଙ୍କ ପ୍ରବଚନ, ସ୍ଥାନ: ନସ୍କରପୁର, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଅଷ୍ଟପ୍ରହର ନାମସଂକୀର୍ତ୍ତନ, ସ୍ଥାନ: ତଳକାଁପଡ଼ା, ତିହିଡ଼ି, ସମୟ: ସକାଳ ୭ଟା।
- ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଜାତୀୟ ଆଲୋଚନାଚକ୍ର, ସ୍ଥାନ: ବିରଞ୍ଚି ନାରାୟଣ ମାଧବ ଅର୍ଜୁନ କଲେଜ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ମନମୋହନ ସଙ୍ଗୀତ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ
- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା,ସମୟ: ସକାଳ ୭ଟାରୁ ୮ଟା।
- ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ,ସ୍ଥାନ: ପୁରୁଣାବାରିପଦା ସ୍କୁଲ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ମା' ଜଗଦ୍ଧାତ୍ରୀଙ୍କ ମେଳା, ସ୍ଥାନ: ଭଞ୍ଜପୁର, ବାରିପଦା, ସମୟ:ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ,ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟା।
- ବେତନଟୀ ବ୍ଲକ ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ,ସ୍ଥାନ: ରୟାଲ ବଗିଚା କଲ୍ୟାଣ ମଣ୍ଡପ, ବୈଶିଙ୍ଗା, ବେତନଟୀ ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।
- ୧୭ତମ ଶିଶୁ ସଂସ୍କାର ମହୋତ୍ସବ, ସ୍ଥାନ: ଶିଶୁ ଉଦ୍ୟାନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସଦଗୋପ ସମାଜ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞ ଅବସରରେ ପ୍ରସାଦ ସେବନ,ସ୍ଥାନ: ଜୁବୁଲି ଲାଇବ୍ରେରୀ, ବାରିପଦା,ସମୟ: ଅପରାହ୍ନ ୧ଟା।
- ରାଧାକୃଷ୍ଣ ପୂଜା ଓ ଷୋହଳ ପ୍ରହର ନାମଯଜ୍ଞ ଅବସରରେ ପ୍ରସାଦ ସେବନ, ସ୍ଥାନ:ହାତୀମଡା, ବଡ଼ସାହି ବ୍ଲକ, ସମୟ:ଅପରାହ୍ନ ୧ଟା।
- ଶ୍ରୀଶ୍ରୀ ଲକ୍ଷ୍ମୀ ନାରାୟଣ ପୂଜା ପ୍ରସାଦ ସେବନ, ସ୍ଥାନ: ଇଟାମୁଣ୍ଡିଆ, ବଡ଼ସାହି ବ୍ଲକ,ସମୟ: ଅପରାହ୍ନ ୧ଟା।
- ଗୋରୁ ଖୁଣ୍ଟା ପ୍ରତିଯୋଗିତା,ସ୍ଥାନ:ଆଣୁଆ ଯାତ୍ରା ପଡିଆ, ମୋରଡ଼ା ବ୍ଲକ, ସମୟ:ଅପରାହ୍ନ ୩ଟା।
- ଚାରୁଶ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ:ସନ୍ଧ୍ୟା ୭ରୁ ୮ଟା।
- ସାଇ ଶିକ୍ଷାକେନ୍ଦ୍ର ପକ୍ଷରୁ ଶୋ' ଡ୍ୟାନ୍ସ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ରାତି ୮ଟାରୁ ୧୧ଟା।

## ବ୍ରହ୍ମପୁର
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଟାଉନ ହଲ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଉଦଯାପନ, ସ୍ଥାନ: ବୁଗୁଡା ବିରଞ୍ଚିପୁର,ସମୟ: ସକାଳ ୭ଟା।
- ପ୍ରେସ ଦିବସ, ସ୍ଥାନ: ସାମନ୍ତିଆପଲ୍ଲୀ ପରାଙ୍କୁଶ ବିଦ୍ୟାପୀଠ, ପାତ୍ରପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ଭଞ୍ଜନଗର ପ୍ରେସ କ୍ଲବ, ସମୟ: ମଧ୍ୟାହ୍ନ ୧୨ଟା।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ଭଞ୍ଜନଗର ଜେଲ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ବୁଗୁଡା ମିଡିଆ କ୍ଲବ,ସମୟ:ଅପରାହ୍ନ ୩ଟା।

## କନ୍ଧମାଳ
- ବ୍ଲକସ୍ତରୀୟ ସର୍ଗୀଫୁଲ ମହୋତ୍ସବ, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥ ମନ୍ଦିର ପରିସରରେ ପାର୍ଶ୍ୱ ଦେବାଦେବୀଙ୍କ ନୂତନ ବିଗ୍ରହ ସ୍ଥାପନ,ସ୍ଥାନ: ବାଲିଗୁଡ଼ା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଜାତୀୟ ପ୍ରେସ ଦିବସ, ସ୍ଥାନ ଗାନ୍ଧୀ ସ୍ମୃତି ଭବନ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ସଦଭାବନା ସଭାଗୃହ, ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା
- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମୁନିଗୁଡା ପ୍ରେସ୍ କ୍ଲବ୍ ତରଫରୁ ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ମୁନିଗୁଡା ଶୌଣ୍ଡିକ ମଙ୍ଗଳ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ ପ୍ରଶାସନ ତରଫରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ପୋଲିସ ଷ୍ଟେଶନ ପରିସର, ସମୟ: ସନ୍ଧ୍ୟା ୫ଟା।

## ନବରଙ୍ଗପୁର
- ଜାତୀୟ ପ୍ରେସ ଦିବସ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ରୋଗୀ କଲ୍ୟାଣ କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର
- ଜାତୀୟ ପ୍ରେସ ଦିବସ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଭାରତୀ ସମାବେଶ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜେଲଛକ ନିକଟସ୍ଥ ଗୁରୁ ପଦ୍ମସମ୍ଭବ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ଜମନକିରା ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପ୍ରେସ ଦିବସ, ସ୍ଥାନ: ସମ୍ବଲପୁର ପ୍ରେସ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବଲାଙ୍ଗୀର
- ଜାତୀୟ ପ୍ରେସ୍ ଦିବସ ୨୦୨୪, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସୁବର୍ଣ୍ଣପୁର
- ସଂକ୍ରାନ୍ତି ପାଳନ, ସ୍ଥାନ: ଅମରପାଲି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ଘିଚାପାଲି, ବୀରମହାରାଜପୁରରେ ବ୍ଲକ, ସମୟ: ସକାଳ ୯ଟା,
- ମାସ ବ୍ୟାପି ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ବରଗଡ଼ ସାମ୍ବାଦିକ ସଂଘ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭକ୍ତି କବିତା ସଙ୍କଳନ ସମର୍ପଣ ଉନ୍ମୋଚନ ସମାରୋହ, ସ୍ଥାନ: ଗାନ୍ଧୀ ଭବନ, ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।

## ଝାରସୁଗୁଡ଼ା
- ଲକ୍ଷ୍ମୀ ପୁରାଣ ପାଠ ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଶ୍ରୀପୁରା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଡିଏମ୍‌ଏଫ୍ ସମ୍ମିଳନୀ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ସୁନ୍ଦରଗଡ଼
- ଜାତୀୟ ପ୍ରେସ୍ ଦିବସ ପାଳନ,ସ୍ଥାନ:ସଦ ଭାବନା ଭବନ,ସମୟ:ପୂର୍ବାହ୍ନ୧୧ଟା।

## ରାଉରକେଲା
- ଜାତୀୟ ପ୍ରେସ ଦିବସ ପାଳନ, ସ୍ଥାନ: ଆଇଟିଡିଏ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଇଷ୍ଟଜୋନ୍ ୟୁନିଭର୍ସିଟି ମହିଳା ହକି ମ୍ୟାଚ୍, ସ୍ଥାନ: ପାନପୋଷ ସ୍ପୋର୍ଟସ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଆଇଟିଡିଏ ହଲ ଓ ଗୁରୁନାନକ ସ୍କୁଲରେ ପ୍ରେସ୍ ଦିବସ, ସ୍ଥାନ: ଉଦିତନଗର, ସେକ୍ଟର-୨୧, ସମୟ: ସକାଳ ୯ଟା ୩୦।
- ୧୨୪ତମ ହାପିନେସ୍ ସେୟାରିଙ୍ଗ ଡେ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ସିଆଇଟି କ୍ରିକେଟ୍ କପ୍, ସ୍ଥାନ: ସେକ୍ଟର-୧୫ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ବସନ୍ତ ନିବାସ, ସମୟ: ମଧ୍ୟାହ୍ନ ୧୨ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜାତୀୟ ପ୍ରେସ୍ ଦିବସ ପାଳନ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା
- ରାଧାମାଧବ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ କଲୋନି ଓ ବଙ୍ଗଲାପଡ଼ା,: ସମୟ ରାତ୍ର ୧୦ଟା ୩୦।
- ରାଧାକୃଷ୍ଣ ପୂଜା ଉପଲକ୍ଷେ ପୁରାଣପାଠ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ ପୂର୍ବାହ୍ନ ୧୧ଟା।
- ରାଧାକୃଷ୍ଣ ପୂଜା ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ରାତ୍ର ୮ଟା ୩୦।

## ବୌଦ୍ଧ
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ପାରାଦୀପ ପ୍ରେସ୍ ମିଡିଆ ସଙ୍ଗଠନ ପକ୍ଷରୁ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଓଜେୟୁ କାର୍ଯ୍ୟାଳୟ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: ଶିଖରଘାଟ ବୋଇତ ବନ୍ଦାଣ ଉତ୍ସବ, ନାଉଗାଁ, ସମୟ: ପୂର୍ବାହ୍ନ ୧୧ଟା।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବ ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବତିଘର ପାଖ ବେଳାଭୂମି, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ଗଣେଶ୍ୱର ଯୁବ ପରିଷଦ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ ଓ ବାର୍ଷିକୋତ୍ସବ, ସ୍ଥାନ: ଖନ୍ଦୋଳ, ସମୟ: ସନ୍ଧ୍ୟା ୬ଟା।
- ଚେଳିତୋଳ ବାଲିଯାତ୍ରାର ୨ୟ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ମହାନଦୀ ପଠା, ଗୋପିଆକୁଦ ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ନୂତନ ପ୍ରେସ୍ କକ୍ଷ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ସାଢ଼େ ୯ଟା।
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ସମାରୋହ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଞ୍ଚଳିକ କୃଷକ ସେବା ସମିତି ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଓ ପାଲା ପରିବେଷଣ, ସ୍ଥାନ: ରସୁଲପୁର ବ୍ଲକ୍‌ର ଓଡ଼ଙ୍ଗସ୍ଥିତ ପରିବାହାଟ, ସମୟ: ସନ୍ଧ୍ୟା ୭ଟା।
- ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ଅନୁକୂଲ୍ୟରେ ରାଜ୍ୟସ୍ତରୀୟ ଟ୍ରକ ମାଲିକ ସଂଘ ସମାବେଶ, ସ୍ଥାନ: ବିଜୁକଲ୍ୟାଣ ମଣ୍ଡପ, ଚଣ୍ଡିଖୋଲ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- କାର୍ତ୍ତିକ ଯାତ୍ରା ମହୋତ୍ସବ, ସ୍ଥାନ: ଭାପୁର ବ୍ଲକ ବୋରଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସାମ୍ବାଦିକତା ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସାମ୍ବାଦିକତା ଦିବସ, ସ୍ଥାନ: ଗଣିଆ ବ୍ଲକ୍‌ର ଗଣିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସାମ୍ବାଦିକତା ଦିବସ, ସ୍ଥାନ: ଭାପୁର ବ୍ଲକ ଭାପୁର ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ସାମ୍ବାଦିକତା ଦିବସ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ମାଗଣା ପ୍ରସାଦ ବଣ୍ଟନର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ସହର ୧୬ ନଂ. ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର, ସମୟ: ମଧ୍ୟାହ୍ନ ୧ଟା।
- କାର୍ତ୍ତିକେଶ୍ୱର ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡ଼ା ରଥଗଡ଼ା ଛକ, ସମୟ: ଅପରାହ୍ନ ୪ଟା।
- ଭାଗବତ ସପ୍ତାହର ଉଦ୍‌ଯାପନ ଦିବସ, ସ୍ଥାନ: ଭାପୁର ବ୍ଲକ ନାରାୟଣୀ ପୀଠ ପଥର ଚକଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାସୋତ୍ସବର ଉଦ୍‌ଯାପନ ଦିବସରେ ଦଧି ଖେଳ, ସ୍ଥାନ: ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ: ରାତି ୮ଟା।

# 'ବୋଇତ ବନ୍ଦାଣ' ଉଦ୍ୟୋଗୀ ଭାବନାର ଅନନ୍ୟ ଉତ୍ସବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୫।୧୧(ସୁନିତ୍ ମିଶ୍ର)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ହାଇଦ୍ରାବାଦସ୍ଥିତ ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ କ୍ୟାମ୍ପସ ପରିସରରେ ଆୟୋଜିତ ଆଇଏସ୍‌ବି ଇନ୍‌ସାଇଟ୍ସ ଫୋରମ-୨୦୨୪ରେ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମା ଏବଂ ଓଡ଼ିଶାରେ ପାଳନ ହେଉଥିବା ବୋଇତ ବନ୍ଦାଣ ଉତ୍ସବର ମାହାତ୍ମ୍ୟ ଉପରେ ଆଲୋକପାତ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, କାର୍ତ୍ତିକ ପୂର୍ଣ୍ଣିମାର ଅନେକ ମହତ୍ତ୍ୱ ରହିଛି। ସମଗ୍ର ଭାରତରେ ଏହାକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ। ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମାକୁ 'ବୋଇତ ବନ୍ଦାଣ' ଭାବେ ପାଳନ କରାଯାଇଥାଏ। ଆମର ସମୃଦ୍ଧ ସାମୁଦ୍ରିକ ନୌବାଣିଜ୍ୟ ଇତିହାସକୁ ସ୍ମରଣ କରିବା ସହ ସାଧବ ପୁଅଙ୍କୁ ସମ୍ମାନ ଜଣାଇବାର ଏହା ମହାନ୍ ଅବସର। କାର୍ତ୍ତିକ ପୂର୍ଣ୍ଣିମା ପ୍ରାଚୀନ ଉତ୍କଳର ସମୃଦ୍ଧ ସାଧବ ସଂସ୍କୃତି ଓ ବର୍ଣ୍ଣାଢ଼୍ୟ ବୋଇତ ବନ୍ଦାଣ ଆମ ପରମ୍ପରାର ଦୃଢ଼ ଗୌରବଗାଥା। ବୋଇତ ବନ୍ଦାଣ ହେଉଛି ଅନ୍ୱେଷଣ ଏବଂ ଉଦ୍ୟୋଗୀ ଭାବନାର ଏକ ଅନନ୍ୟ ଉତ୍ସବ। ବର୍ତ୍ତମାନ ସାରା ବିଶ୍ୱ ଭାରତକୁ ବୃହତ୍ ଭରସା ଦୃଷ୍ଟିରେ ଦେଖୁଛି। ଭାରତର ଉଦ୍ୟମିତା କ୍ଷମତା ଏବଂ ବୌଦ୍ଧିକ ଦକ୍ଷତା ବିଶ୍ୱର ଅଭିବୃଦ୍ଧି ଇଞ୍ଜିନ ଭାବେ କାର୍ଯ୍ୟ କରିବ। 'ଅମୃତ କାଳ'ର ଏହି ୨୫ ବର୍ଷ କେବଳ ଭାରତ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ଗେମ୍ ଚେଞ୍ଜର ହେବ। ତେଣୁ ଏହି ସମୟରେ ଆମର ଦାୟିତ୍ୱ ଅଧିକ। ଶିକ୍ଷା ହେଉଛି ସମସ୍ତ ସଭ୍ୟତାର ଆବଶ୍ୟକତାକୁ ପୂରଣ କରିବାର ଜନନୀ। ତେଣୁ ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ଏକବିଂଶ ଶତାବ୍ଦୀର ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ଆକାଂକ୍ଷାକୁ ସାକାର କରିବାର ଏକ ଉତ୍ତମ ମାର୍ଗ। ଏ ଦିଗରେ ଆମକୁ ମିଳିତ ଭାବେ କାମ କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ଲୋକକଲ୍ୟାଣକୁ ବ୍ୟାପକ କରିବା ଦିଗରେ ଗବେଷଣା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆଗାମୀ ଦିନରେ ଭାରତର ଆବିର୍ଭାବ ଓ ପ୍ରଭାବର ସ୍ତମ୍ଭ ହେବ ଜ୍ଞାନ କ୍ଷେତ୍ର। ଅନ୍ୟପକ୍ଷେ ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ନିଜର ୨ ଦଶନ୍ଧିର ଯାତ୍ରା ମଧ୍ୟରେ ଅନେକ ଉତ୍କର୍ଷ ହାସଲ କରିଛି। ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ ଭାରତକୁ ବିଶ୍ୱର ଏକ ଦକ୍ଷତା କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିବା ଉଚିତ ବୋଲି ସେ କହିଛନ୍ତି।

# ଓଡ଼ିଆ ଅସ୍ମିତା ଜରିଆରେ ପୁରୁଣା ଐତିହ୍ୟ ଓ ଭାଇଚାରା ଯୋଡ଼ିହେବ

**ତ୍ରିଶୂଳିଆ,୧୫।୧୧ (ତୁଷାରକାନ୍ତ ବେହେରା)**

ଚନ୍ଦ୍ରଶେଖପୁର କ୍ଲବ ଟାଉନ ପଡ଼ିଆରେ ଶୁକ୍ରବାର ଭୁବନେଶ୍ୱର ଉତ୍ତର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉତ୍ତର ନିର୍ବାଚନମଣ୍ଡଳୀର ପୁରୁଣା ଐତିହ୍ୟ ଓ ଓଡ଼ିଆ ଅସ୍ମିତାର ସୁରକ୍ଷା ଆମ ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି କହିଛନ୍ତି। ଭୁବନେଶ୍ୱର ଉତ୍ତର ମହୋତ୍ସବ ମାଧ୍ୟମରେ ଭାଇଚାରାକୁ ଯୋଡ଼ିବା ପାଇଁ ଏଠାରେ ଯେଉଁ ଉଦ୍ୟମ କରାଯାଉଛି, ତାହା ବେଶ୍ ପ୍ରଶଂସନୀୟ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ଭାଜପା ଉପସଭାପତି ଗୋଲେଖ ପ୍ରସାଦ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ଦାସ, ଗ୍ରାମୀଣ ମଣ୍ଡଳ ସଭାପତି ସଞ୍ଜୁକ୍ତା ପଡ଼ିଆରୀ, ଚନ୍ଦ୍ରଶେଖରପୁର ମଣ୍ଡଳ ସଭାପତି ନଗେନ ବିଶୋଇ, ବାଣୀବିହାର ମଣ୍ଡଳ ସଭାପତି ବିଜୟ ରାଉତ, ବସନ୍ତ ରାଉତ, ନିରଞ୍ଜନ ରାଉତ, ରଶ୍ମିରେଖା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଞ୍ଚଳର ମୁରବି, ଯୁବ, କ୍ରୀଡ଼ା, ସାମାଜିକ କର୍ମୀ ଓ ଲୋକପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ରର ଅର୍ଥ, ଜମିଜମା, କଳକବ୍ଜା, ବିଦ୍ୟୁତ୍ ଉପକରଣାଦି ଲାଭ ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁ ଓ ପରିବାର ଦିଗରୁ ମଧ୍ୟ ସମୟଟି ଅନୁକୂଳ ନୁହେଁ। ଭଲ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅବଦାନ ସମସ୍ୟା ସମାଧାନରେ ସହାୟକ ହେବ। ବନ୍ଧୁ, ସହକର୍ମୀ ସହଯୋଗର ହାତ ବଢ଼ାଇବାରୁ କୌଣସି କାମ ଅଟକିବ ନାହିଁ। କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ରୋହିଣୀ ନକ୍ଷତ୍ରର ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ** କଠିନ ଶ୍ରମ ଓ ଭ୍ରମଣଜନିତ ଶାରୀରିକ ଓ ମାନସିକ ସ୍ତରକୁ ଉଦାସୀନ ରଖିପାରେ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ କଟୁ ସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କଳା, ସାହିତ୍ୟ, ରାଜନୀତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ଆର୍ଥିକ ଉନ୍ନତି ହେଲେ ମଧ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି ହେବ। ପୁଷ୍ୟା ନକ୍ଷତ୍ର ସବୁ କଥାକୁ ଚିନ୍ତା କରି କାମ କରିବା ଭଲ ହେବ। ପରିବାର ମଧ୍ୟରେ ନିଜ ଭାଇ,ବନ୍ଧୁ ଓ କୁଟୁମ୍ବ ଲୋକମାନଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହୋଇପାରେ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି।

**ସିଂହ** ନିଜର ଅସାମର୍ଥ୍ୟତା ବନ୍ଧୁଙ୍କ ସାହାଯ୍ୟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧର ରାସ୍ତା ପାଇବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ ସହିତ ସମସ୍ୟାର ସମାଧାନ କରିପାରିବେ। ନୂତନ ନିଯୁକ୍ତି ସୂଚନା ଲାଭକରି ଖୁସି ହେବେ।

**କନ୍ୟା** ହସ୍ତା ନକ୍ଷତ୍ର ସକାଶେ ଆଜି ବ୍ୟୟଭାର ବୃଦ୍ଧି ମାନସିକ ଅସ୍ଥିରତା ସୃଷ୍ଟି କରିବ। କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡୁନଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ସାଙ୍ଗକୁ କଳହର ଆଶଙ୍କା ମଧ୍ୟ ରହିଛି।

**ତୁଳା** ବନ୍ଧୁଙ୍କ ପରାମର୍ଶାନୁସାରେ କାମ କଲେ ସମସ୍ୟା ସାମାଧାନର ମାର୍ଗ ଉନ୍ମୁକ୍ତ ହେବ। କିଛି ଦେବା ସକାଶେ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ କରିପାରିବେନି। ଶତ୍ରୁଠାରୁ ଦୂରତା ନ ରଖିଲେ ହଇରାଣ ହେବାକୁ ପଡ଼ିପାରେ। ବିଶାଖା ନକ୍ଷତ୍ର ସକାଶେ ଆଜି ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିପାରେ।

**ବିଛା** ଅନୁରାଧା ନକ୍ଷତ୍ର ଅନୁକୂଳ ସମୟର ଆଗମନରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନ ହେଲା ଯାହା ହୋଇ ପାରିନଥିଲା ଆଜି ତାହା ହୋଇଯିବ। ବ୍ୟବସାୟ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ଲାଗି ଚେଷ୍ଟା କରିପାରନ୍ତି। ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** ଯେତେ ଭଲ କାମ କଲେ ମଧ୍ୟ ନିଜ ଲୋକଙ୍କ ତରଫରୁ ବିରୋଧ ସୂଚନା ପାଇପାରନ୍ତି। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାର୍ଯ୍ୟ ସାଧନ କରିବେ।

**ମକର** ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ କର୍ମାରମ୍ଭ କରି ଆତ୍ମତୃପ୍ତି ଲଭିବେ। ଉତ୍ତରାଷାଢ଼ା ନକ୍ଷତ୍ର ପାରିବାରିକ ସହଯୋଗ ମାନସିକ କ୍ଷେତ୍ରକୁ ସ୍ଥିରତା ପ୍ରଦାନ କରିବ। କର୍ମକ୍ଷେତ୍ରରେ ଉପରିସ୍ଥମାନେ କାମହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମ ଆରମ୍ଭ କରିବେ ତାହା ନିର୍ବିଘ୍ନରେ ସମାପନ ହେବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ଶତଭିଷା ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ପରିବାରରେ ପିଲାମାନଙ୍କ ସମସ୍ୟା ସମାଧାନ ସକାଶେ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନେବା ଭଲ ହେବ। ଶିକ୍ଷା, ସନ୍ତାନ ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହୋଇପାରେ।

ଆଜି ବିଛା ସଂକ୍ରାନ୍ତି, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ମାର୍ଗଶିର କୃଷ୍ଣ ପ୍ରତିପଦା, ଶନିବାର, ରାଶି/ନକ୍ଷତ୍ର-କୃତ୍ତିକା/ବୃଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା.ଘ. ୦୭।୨୮ ଗତେ ଘ.୦୮।୪୫ ମଧ୍ୟେ, ଘ୧୧।୫୩ ଗତେ ଘ.୧୨।୫୪ ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୦୮।୪୫ ଗତେ ଘ.୧୦।୦୮ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ | Bhubaneswar, Saturday, November 16/2024 | ପୃଷ୍ଠା-୧



**ଦାଦାଙ୍କ ସହ ମନାନ୍ତର ତୁଟିଥିବା ଚର୍ଚ୍ଚା**

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତର ତୁଟିଥିବା ତାଙ୍କର ଏକ ବୟାନକୁ ନେଇ ଚର୍ଚ୍ଚା ହେଉଛି।

୦୮

୧୪

**ଗୋବିନ୍ଦ ପ୍ଲେୟର ଅଫ୍ ଦି ମ୍ୟାଚ୍**

ମହାରାଷ୍ଟ୍ର ବିପକ୍ଷ ରଣ୍ଜୀ ଟ୍ରଫି ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଓଡ଼ିଶା ଅଧିନାୟକ ଗୋବିନ୍ଦ ପୋଦାର।



# ସାବରମତୀ ଢାଞ୍ଚାରେ ହେବ ମହାନଦୀ ରିଭର ଫ୍ରଣ୍ଟ: ମୁଖ୍ୟମନ୍ତ୍ରୀ

## କଟକ ବାଲିଯାତ୍ରା ଉଦ୍‌ଘାଟିତ

**କଟକ,୧୫।୧୧ (କାର୍ତ୍ତିକ ସାହୁ)**

କଟକର ବାଲିଯାତ୍ରାକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିବ। ୟୁନେସ୍କୋ ଏହି ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କରିବେ। ଉଦ୍‌ଘାଟନୀ ସମାରୋହରେ ୧୪ଟି ଦେଶର ରାଷ୍ଟ୍ରଦୂତ ଯୋଗଦେଇଥିବାରୁ ଅନ୍ତର୍ଜାତୀୟ ମାନ୍ୟତା ନିମନ୍ତେ ଏହା ଆରମ୍ଭ ବୋଲି ଐତିହାସିକ କଟକ ବାଲିଯାତ୍ରାକୁ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଧବ ପୁଅମାନେ ୭ ଦରିଆ ୧୩ ନଈ ପାର ହୋଇ ଜାଭା, ସୁମାତ୍ରା, ବାଲି, ମାଲେସିଆ ଆଦିକୁ ବେପାର କରିବାକୁ ଯାଉଥିଲେ। ସେମାନେ କେବଳ ବେପାର କରୁ ନ ଥିଲେ, ବରଂ ଓଡ଼ିଶାର ସଂସ୍କୃତିକୁ ସେଠାରେ ପ୍ରସାର କରୁଥିଲେ ଯାହା ଏବେ ବି ଦେଖିବାକୁ ମିଳୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରି କହିଲେ, ସାବରମତୀ ଢାଞ୍ଚାରେ ମହାନଦୀରେ ରିଭର ଫ୍ରଣ୍ଟ ହେବ। ସମ୍ବଲପୁର ଓ କଟକରେ ଏହି ରିଭରଫ୍ରଣ୍ଟ କରିବା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ ହୋଇସାରିଛି। ଆହୁରି ୧୫୦ କୋଟି ☞ପୃଷ୍ଠା-୧୦



କଟକ ବାଲିଯାତ୍ରାର ଶୁକ୍ରବାର ଉଦ୍‌ଘାଟନ ଦିବସରେ ଲୋକଙ୍କ ଭିଡ଼। **(ଅଧିକ ଫଟୋ ଓ ଖବର: ପୃଷ୍ଠା-୫)**



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଭୋର୍ ସମୟରେ ଭୁବନେଶ୍ୱର କୁଆଖାଇ ବ୍ରିଜ୍ ନିକଟ ନଦୀରେ ମହିଳାମାନେ ଡଙ୍ଗା ଭସାଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରୁଛନ୍ତି। **(ଫଟୋ- ବିକାଶ ନାୟକ)**

**ଆଜିର ସମ୍ପାଦକୀୟ**

**ବୈଶ୍ୱିକ ବିଜୟ**

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଜକୁ ଭାଗ ଭାଗ କରୁଛନ୍ତି। ଭାଜପା ସହ ରହିଥିବା ସହଯୋଗୀ ଦଳଗୁଡ଼ିକ ସହ ମେଣ୍ଟ ହେବନାହିଁ।

**-ଶରଦ ପାୱାର, ଏନ୍‌ସିପି(ଏସ୍‌ପି) ଅଧକ୍ଷ**

# ଡଙ୍ଗା ଗୋଟାଇବାକୁ ଯାଇ ୫ ଶିଶୁ ମୃତ

**ବସ୍ତା(ହରିଶଙ୍କର ପାଢ଼ୀ)/ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ମାଲକାନଗିରି, (ଗୌରୀ ଶଙ୍କର ପଣ୍ଡା)/ ସାଲେପୁର, (ଅରବିନ୍ଦ ଭୂୟାଁ) ୧୫।୧୧**

କାର୍ତ୍ତିକ ପୂର୍ଣ୍ଣିମାରେ ଭସାଯାଇଥିବା ଡଙ୍ଗା ଆଣିବାକୁ ଯାଇ ବିଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ୫ ଶିଶୁଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲାରେ ୩ ଶିଶୁ ପ୍ରାଣ ହରାଇଥିବା ବେଳେ ମାଲକାନଗିରି ଜିଲା ସଦର ଚମ୍ପାନଗର ଗ୍ରାମରେ ଜଣେ ଓ କଟକ ଜିଲା ସାଲେପୁର ଥାନା ଛାଣିପୁର ପଞ୍ଚାୟତ କରମୁଆଁ ଗ୍ରାମରେ ଜଣଙ୍କର ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ବସ୍ତା ଥାନା ପଣସାପଡ଼ା ଗ୍ରାମର ମାନସ ନନ୍ଦଙ୍କ ୪ ବର୍ଷର ଝିଅ ଏବଂ ମହେଶ୍ୱର ଦାସଙ୍କ ୪ବର୍ଷର ଝିଅ ଘରଲୋକଙ୍କ ଅଜାଣତରେ ପାଖରେ ଥିବା ଏକ ପୋଖରୀକୁ ଡଙ୍ଗା ଆଣିବାକୁ ପଶିଯାଇ ବୁଡ଼ି ଯାଇଥିଲେ। ଗ୍ରାମବାସୀ ବହୁ ଖୋଜାଖୋଜି କରି ଉଭୟଙ୍କୁ ଉଦ୍ଧାର କରିବା ସହ ଜଣଙ୍କୁ ବସ୍ତା ଡାକ୍ତରଖାନା ଓ ଅନ୍ୟଜଣଙ୍କୁ ରାସଗୋବିନ୍ଦପୁର ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ଉଭୟଙ୍କୁ ☞ପୃଷ୍ଠା-୧୦






କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାଭଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା

-ବିଛା ସଂକ୍ରାନ୍ତି,
ଛାଡ଼ଖାଇ ଓ ହଳ ନିଷେଧ



# ବୈଶ୍ୱିକ ବିଜୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗ୍ଲୋବାଲ ବାୟୋଫୁଏଲ ଆଲିଆନ୍ସ (ଜିବିଏ) ଓ ଭାରତ ମଧ୍ୟରେ ହୋଷ୍ଟ କଣ୍ଟ୍ରି ଏଗ୍ରିମେଣ୍ଟ ହୋଇଛି। ପ୍ରାୟୋଜକ ଦେଶ ଭାବେ ଭାରତ ଚୁକ୍ତିଭୁକ୍ତ ହେବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମ୍‌ଇଏ) ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ। ଏହି ପଦକ୍ଷେପ ଦ୍ୱାରା ଜିବିଏର ସଚିବାଳୟ ଭାରତକୁ ଆସିଛି। ଏହା ଅକ୍ଷୟ ଶକ୍ତି କ୍ଷେତ୍ର ପାଇଁ ଏକ ମାଇଲଖୁଣ୍ଟ । ଏମ୍‌ଇଏ, ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଅଧିକାରୀମାନେ ଏହି ଚୁକ୍ତିରେ ସ୍ୱାକ୍ଷର କରି ଭାରତୀୟ ଆଇନ ଅଧୀନରେ ଜିବିଏକୁ ବୈଧତା ଓ ସ୍ୱାଧୀନତାର ଏକ ଆଧାର ପ୍ରଦାନ କରିଛନ୍ତି। ଜାତିସଂଘ କମ୍ ବିକଶିତ ଓ ବିକାଶଶୀଳ ଦେଶଗୁଡ଼ିକରେ ଥିବା ଏହି ନୂତନ ମୁଖ୍ୟାଳୟଗୁଡ଼ିକୁ ବିଶ୍ୱ ଶକ୍ତି ପରିବର୍ତ୍ତନର ଏକ ସଙ୍କେତ ଭାବରେ ଦେଖୁଛି । କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳ, ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ତଥା ସାଧାରଣ ମାନକ ସୃଷ୍ଟିକରି ବିଶ୍ୱବ୍ୟାପୀ ଜୈବ ଇନ୍ଧନ ବ୍ୟବହାରକୁ ବଢ଼ାଇବା ହେଉଛି ଜିବିଏର କାର୍ଯ୍ୟ। ୨୦୨୩ରେ ଭାରତ ଜି୨୦ର ଅଧ୍ୟକ୍ଷତା ସମୟରେ ଏହା ଆରମ୍ଭ ହୋଇଥିଲା। ଏହା ପରଠାରୁ ଏହି ମେଣ୍ଟରେ ୨୭ଟି ଦେଶ ଏବଂ ୧୨ଟି ଅନ୍ତର୍ଜାତୀୟ ସଙ୍ଗଠନ ସାମିଲ ହୋଇସାରିଲେଣି। ଜୈବ ଇନ୍ଧନ ବ୍ୟବହାର ପାଇଁ ବିଶ୍ୱସ୍ତରରେ ଦେଖାଯାଇଥିବା ଆଗ୍ରହର ଏହା ଏକ ଦୃଢ଼ ନିଦର୍ଶନ। ଭାରତକୁ ଜିବିଏ ସଚିବାଳୟ ଆଣିବା ଏଥିପାଇଁ ସୁଯୋଗ ସୃଷ୍ଟି କରୁଛି। ଭାରତୀୟ ଜୈବ ଇନ୍ଧନ ବିଶେଷଜ୍ଞମାନେ ମନେକରୁଛନ୍ତି ଯେ ଏଥିରେ ନୂତନ ଚାକିରିର ସମ୍ଭାବନା ରହିଥିବା ସହ ଘରୋଇ କ୍ଷେତ୍ର ବୈଷୟିକ ଜ୍ଞାନକୌଶଳ ପ୍ରଦର୍ଶନ ପାଇଁ ଏକ ପ୍ଲାଟ୍‌ଫର୍ମ ପାଇବ।

### ଟିକସ ବୋଝ କମିବ

ଆୟକର ବିଭାଗ ଏହାର ଅଧିକାରୀମାନଙ୍କୁ କିଛି ସର୍ତ୍ତ ଅନୁଯାୟୀ ଅନାଦାୟ ଟିକସ ଉପରେ ସୁଧ ଛାଡ଼ କିମ୍ବା ହ୍ରାସ କରିବାକୁ ଅନୁମତି ଦେଇ ଟିକସଦାତାଙ୍କ ଉପରେ ବୋଝ ହ୍ରାସ କରିବାକୁ ପଦକ୍ଷେପ ନେଇଛି। ଆୟକର ଆଇନର ଧାରା ୨୨୦(୨ଏ) ଅନୁଯାୟୀ ଡିମାଣ୍ଡ ନୋଟିସରେ ନିର୍ଦ୍ଦିଷ୍ଟ ଅର୍ଥ ଯଦି ଟିକସଦାତା ଦେବାରେ ବିଳମ୍ବ କରନ୍ତି , ତେବେ ତାହା ଉପରେ ସେମାନଙ୍କୁ ୧ ପ୍ରତିଶତ ସୁଧ ଦେବାକୁ ହୁଏ। ଏବେ ଯାହା ହେଉ ନିର୍ଦ୍ଧାରିତ ମାର୍ଗଦର୍ଶିକା ଆଧାରରେ ଅଧିକାରୀମାନେ ଛାଡ଼ କରିପାରିବେ। କେତେ ସୁଧ ଛାଡ଼ କିମ୍ବା ହ୍ରାସ କରାଯାଇପାରିବ ତାହା ନିକଟରେ ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ଏକ ଚିଠିରେ ଦର୍ଶାଇଛି । ଏବେ ପ୍ରିନ୍ସିପାଲ ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ (ପିଆର୍‌ସିସିଆଇଟି) କିମ୍ବା ଚିଫ୍ କମିଶନର ଅଫ୍ ଇନ୍‌କମ୍ ଟ୍ୟାକ୍ସ (ସିସିଆଇଟି) ପରି ବରିଷ୍ଠ ଟିକସ ଅଧିକାରୀଙ୍କ ହାତରେ ବ୍ୟାପକ ଅଧିକାର ରହିଛି। ୧.୫ କୋଟିରୁ ଅଧିକ ଉପରେ ସୁଧ ଛାଡ଼ ଜଣେ ପିଆର୍‌ସିସିଆଇଟି ନିଷ୍ପତ୍ତି ନେଇପାରିବେ। ଅନ୍ୟପଟେ ଜଣେ ସିସିଆଇଟି ୫୦ ଲକ୍ଷରୁ ୧.୫ କୋଟି ଟଙ୍କା ମଧ୍ୟରେ ସୁଧ ଛାଡ଼ କରିପାରିବ । ୫୦ ଲକ୍ଷରୁ କମ୍ ରାଶି ପାଇଁ ସୁଧ ଛାଡ଼ ନିଷ୍ପତ୍ତି ଜଣେ ମୁଖ୍ୟ କମିଶନର କିମ୍ବା କମିଶନର ନେଇପାରିବେ। ଅଧିକାରୀମାନଙ୍କ ପାଇଁ ଅଧିକ ଛାଡ଼ ଏବଂ ଅଧିକ କେହଳର ଭଲ ଓ ମନ୍ଦ ପ୍ରଭାବ ରହିଛି। ଯଦି ଅଧିକାରୀମାନେ ଏହାକୁ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ କରନ୍ତି, ତେବେ ଏହା ଏକ ଭଲ ସଙ୍କେତ ହେବା ସହ ଟିକସଦାତାଙ୍କ ପକ୍ଷରୁ ସକାରାତ୍ମକ ପ୍ରତିକ୍ରିୟା ମିଳିବ। ଟିକସ ବିଶେଷଜ୍ଞମାନେ ଏହାକୁ ନେଇ ଆଶାବାଦୀ ଅଛନ୍ତି । ସେମାନେ ଏହା ମଧ୍ୟ ଆଶା କରୁଛନ୍ତି ଯେ, ଏହି ବ୍ୟବସ୍ଥାଗୁଡ଼ିକ ଟିକସଦାତାଙ୍କ ପାଇଁ ଛାଡ଼ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଚିତ। ଏହି ପଦକ୍ଷେପ ସ୍ୱଚ୍ଛତା ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ଅଛି। ପରିଶେଷରେ ଏହି ସଂସ୍କାର କରଦାତାମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାୟରେ ସହଯୋଗ କରିବାର ଏକ ସୁଯୋଗକୁ ପ୍ରତିପାଦିତ କରେ ।

### ପ୍ରଯୁକ୍ତି ଦୌଡ଼ରେ ଉତ୍ତରପ୍ରଦେଶ

ନିକଟରେ ଉତ୍ତରପ୍ରଦେଶ ସରକାର ପୁରୁଷ ହେୟାର ପାର୍ଲର ଓ ଦରଜୀ ଦୋକାନକୁ ମହିଳାମାନେ ଯିବାକୁ ବାରଣ କରି ଏକ ନିର୍ଦ୍ଦେଶନାମା ଜାରିକରିବା ପରେ ବିବାଦୀୟ ହୋଇଥିଲେ। ସେହି ସପ୍ତାହରେ ରାଜ୍ୟ ଅମଲାତନ୍ତ୍ରୀମାନେ ଉଚ୍ଚ ବୈଷୟିକ ଭବିଷ୍ୟତରେ ରାଜ୍ୟ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୁରକ୍ଷିତ ରଖିବାକୁ ଲକ୍ଷ୍ୟ ରଖିଥିଲେ। ୩୦,୭୦୦କୋଟି ଟଙ୍କା ମୂଲ୍ୟର ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପ ଘୋଷଣାକରି ସେମାନେ ବିଶ୍ୱ ପ୍ରଯୁକ୍ତି ଦୌଡ଼ରେ ଉତ୍ତରପ୍ରଦେଶ ପାଇଁ ଏକ ସ୍ଥାନ ପାଇବାକୁ ଚେଷ୍ଟା କରୁଛନ୍ତି। ଉତ୍ତରପ୍ରଦେଶ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଦୁଇଟି ପ୍ରମୁଖ ପ୍ରକଳ୍ପର ଅନୁମୋଦନ କ୍ରମେ ନୋଏଡା ଏକ ପ୍ରମୁଖ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ର ହେବାକୁ ଯାଉଛି। ପ୍ରଥମଟି, ଟାର୍କ ସେମିକଣ୍ଡକ୍ଟର (ହୀରାନନ୍ଦନୀ ଗ୍ରୁପ୍) ଦ୍ୱାରା ୨୭,୦୦୦ କୋଟି ଟଙ୍କାର କେନ୍ଦ୍ର ସ୍ମାର୍ଟଫୋନ ଏବଂ କାର୍ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇକ୍ରୋଚିପ୍ ଉତ୍ପାଦନ କରିବ। ଦ୍ୱିତୀୟଟି ହେଉଛି ଭାମା ସୁନ୍ଦରୀ ଇନ୍‌ଭେଷ୍ଟମେଣ୍ଟ (ଏଚ୍‌ସିଏଲ୍ ଗ୍ରୁପ୍) ଦ୍ୱାରା ୩,୭୦୦ କୋଟି ଟଙ୍କାର ପ୍ଲାଣ୍ଟ। ଏହା ଡ୍ରାଇଭର ଆଇସି ଏବଂ ଡିସ୍‌ପ୍ଲେ ଡ୍ରାଇଭର ସର୍କିଟ ଉତ୍ପାଦନ କରିବ। ଉଭୟ କମ୍ପାନୀ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ରହିବ ଏବଂ ଏହି ଅଞ୍ଚଳର ବଢୁଥିବା ବୈଷୟିକ ପରିସଂସ୍ଥାକୁ ଅଧିକ ସହଯୋଗ କରିବ। କେନ୍ଦ୍ର ସରକାରଙ୍କ ଯୋଜନା ସହଯୋଗରେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷମତାକୁ ମଜଭୁତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ଭଳି ଏହା କାମ କରିବ। ଜାତୀୟ ସୁରକ୍ଷା ପାଇଁ ଚିପ୍ସ ଉତ୍ପାଦନ ଲାଗି ରାଜ୍ୟର ଏହି ଯୋଜନାରେ ଆମେରିକାର ଭାଗୀଦାରି ରହିଛି।

Email: dilipcherian@gmail.com

# କଳାପଟି ହଟିଗଲା ପରେ



ବୃହସ୍ପତି ସାମଲ

ଭାରତୀୟ ନ୍ୟାୟ ବ୍ୟବସ୍ଥା ଏବେ ଆଉ ଅନ୍ଧ ନୁହେଁ କି କୌଣସି ହିଂସାର ପ୍ରତୀକ ତା'ପାଇଁ ଶୋଭନୀୟ ନୁହେଁ ବୋଲି ବିବେଚନାକରି ନିକଟରେ ଉଚ୍ଚତମ ନ୍ୟାୟାଳୟ ଇଂରେଜ ଅମଳରୁ ନ୍ୟାୟଦେବୀଙ୍କ ଆଖିରେ ବନ୍ଧାହୋଇଥିବା କଳାପଟିକୁ କାଢ଼ିନେବା ସହ ତାଙ୍କ ବାମହାତରେ ଖଣ୍ଡା ବଦଳରେ ଭାରତୀୟ ସମ୍ବିଧାନ ଧରାଇଛନ୍ତି। ଆଇନ ଆଖିରେ ସମସ୍ତେ ସମାନ ବୋଲି ଅଦାଲତରେ ହାଜର ହେଉଥିବା ବ୍ୟକ୍ତିଙ୍କ ଧନ, କ୍ଷମତା କିମ୍ବା କୌଣସି ସାମାଜିକ ସ୍ଥିତିକୁ ନ ଦେଖି ଅନ୍ୟାୟ ବିରୋଧରେ ଦଣ୍ଡାଦେଶ କ୍ଷମତାର କର୍ତ୍ତୃତ୍ୱକୁ ନ୍ୟାୟଦେବୀଙ୍କ ଅନ୍ଧପୁତୁଳି ଓ ଖଡ୍‌ଗ ସୂଚିତ କରୁଥିଲେ। କିନ୍ତୁ ଏବେ ଖୋଲାଆଖି ଓ ହାତରେ ସମ୍ବିଧାନ ସହ ନ୍ୟାୟଦେବୀଙ୍କ ମୂର୍ତ୍ତିରେ ପରିବର୍ତ୍ତନକୁ ନେଇ କୁହାଯାଇଛି ଯେ, ଅହିଂସାକୁ ମୂଳମନ୍ତ୍ର କରି ଭାରତ ଇଂରେଜ ଶାସନ କବଳରୁ ଅନେକ ଦିନରୁ ମୁକ୍ତିଲାଭ କରିସାରିଥିଲାବେଳେ ୧୮୬୦/୬୧ରେ ଇଂଲଣ୍ଡ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ଇଣ୍ଡିଆନ୍ ପେନାଲ କୋଡ୍, ଏଭିଡେନ୍ସ ଆକ୍ଟ ଓ ସିଆର୍‌ପିସିକୁ ଇଂରେଜ ଉପନିବେଶବାଦ୍‌ରୁ ମୁକ୍ତି ଦେଇ ଯେଭଳି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷ୍ୟ ସଂହିତା ଓ ନାଗରିକ ସୁରକ୍ଷା ସହିଂତାର ପ୍ରଚଳନ କରାଗଲା, ଠିକ୍ ସେହିଭଳି ନ୍ୟାୟଦେବୀଙ୍କ ମୂର୍ତ୍ତିରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ନ୍ୟାୟଦେବୀଙ୍କ ନୂତନ ଅବୟବର ଅନାବରଣ ଅବସରରେ ଭାରତୀୟ ନ୍ୟାୟ ବ୍ୟବସ୍ଥା କେତେ ସୁଧୁରିବ ଓ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ କେତେ ସହାୟକ ହେବ ଆଲୋଚନା ହେବା ଜରୁରୀ।

ନ୍ୟାଶନାଲ ଜୁଡିସିଆଲ ଡାଟା ଗ୍ରିଡ୍‌ର ତଥ୍ୟାନୁଯାୟୀ, ୨୦୨୩ ଶେଷସୁଦ୍ଧା ଦେଶର ବିଭିନ୍ନ ଅଦାଲତରେ ପାଖାପାଖି ୪.୫ କୋଟି ଅମୀମାଂସିତ ଓ ବିଚାରାଧୀନ ମକଦ୍ଦମା ମଧ୍ୟରୁ କେବଳ ନିମ୍ନ ଅଦାଲତମାନଙ୍କରେ ଏହା ୮୭.୬%, ଯେଉଁଥିରୁ ଅନ୍ୟୂନ ୨୫% ପାଞ୍ଚବର୍ଷରୁ ଅଧିକ ସମୟଧରି ରାୟ ଅପେକ୍ଷାରେ। ସେହିଭଳି ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ବିଚାରାଧୀନ ୪୧% ମକଦ୍ଦମା ସମାନ ଅବସ୍ଥାରେ। ଏପରିକି କିଛି ମକଦ୍ଦମା ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟଧରି ଅମୀମାଂସିତ ଅବସ୍ଥାରେ ପଡ଼ିରହିଛି। ଏ ବାବଦରେ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ବିହାର ଭଳି ଜନବହୁଳ ରାଜ୍ୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। କେବଳ ଉତ୍ତରପ୍ରଦେଶରେ ୧.୧ କୋଟିରୁ ଊର୍ଦ୍ଧ୍ୱ ମକଦ୍ଦମା ବିଚାରାଧୀନ। ବିଗତ ୫ ବର୍ଷ ମଧ୍ୟରେ ବିଚାରାଧୀନ ମକଦ୍ଦମାର ସଂଖ୍ୟା ଉଚ୍ଚତମ ନ୍ୟାୟାଳୟରେ ୩୫%, ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୩୩% ଓ ନିମ୍ନ ଅଦାଲତଗୁଡ଼ିକରେ ୩୮% ବୃଦ୍ଧିପାଇଛି। ଏତେ ପରିମାଣରେ ବାକିଆ ଓ ଅସମ୍ପୂର୍ଣ୍ଣ ମକଦ୍ଦମା ସହ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଏବଂ ସଂସାଧନର ଅଭାବ, ବ୍ୟବସ୍ଥାଗତ ଦୋଷତ୍ରୁଟି, ଢାଞ୍ଚାଗତ ଅବ୍ୟବସ୍ଥା, ପ୍ରକ୍ରିୟାଗତ ଦୁର୍ବଳତା, ସରକାରୀ ବାଧାବିଘ୍ନ ଓ ମକଦ୍ଦମାଗୁଡ଼ିକର ଜଟିଳତା ସହ ଗଦାଗଦା କେସ୍ ଫାଇଲ ଭିତରେ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ



ଯୋଗାଇଦେବା ପାଇଁ ଅଣନିଃଶ୍ୱାସୀ ହୋଇପଡୁଥିବା ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ନ୍ୟାୟଦେବୀଙ୍କ କାୟିକ ପରିବର୍ତ୍ତନ ଅନେକ ବିବାଦକୁ ଆମନ୍ତ୍ରଣ କରିଛି।

ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ବଡ଼ ଆହ୍ୱାନ ହେଉଛି ଆବଶ୍ୟକ ସଂଖ୍ୟକ ବିଚାରପତିଙ୍କ ଅଭାବ। ତଥ୍ୟ ଅନୁସାରେ, ଫେବୃଆରୀ ୨୦୨୩ ସୁଦ୍ଧା ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ୪୨% ବିଚାରପତି ପଦବୀ ଖାଲିଥିଲା। ଏ ବାବଦରେ ଦିଲ୍ଲୀ ଓ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ଖାଲି ପଦବୀ ସଂଖ୍ୟା ୫୦%ରୁ ଅଧିକ। ସେହିଭଳି ନିମ୍ନ ଅଦାଲତଗୁଡ଼ିକରେ ଖାଲିଥିବା ବିଚାରପତିଙ୍କ ସଂଖ୍ୟା ଅନ୍ୟୂନ ୨୧%। ୧୯୮୭ରୁ ବିଧି ଆୟୋଗଙ୍କ ଅନୁମୋଦନ ମୁତାବକ ପ୍ରତି ଏକ ନିୟୁତ ଲୋକଙ୍କ ପାଇଁ ୫୦ଜଣ ବିଚାରପତିଙ୍କର ଆବଶ୍ୟକତା ଥିଲାବେଳେ ବର୍ତ୍ତମାନ ଭାରତରେ ତାହା ମାତ୍ର ୨୧, ଯାହା ଚାଇନା ଭଳି ରାଷ୍ଟ୍ରରେ ୧୫୯। ଏହି ଅନୁମୋଦନକୁ ଉଚ୍ଚତମ ନ୍ୟାୟାଳୟ ୨୦୦୧ରେ ଏବଂ ସଂସଦୀୟ ଷ୍ଟାଣ୍ଡିଂ କମିଟି ୨୦୦୨ରେ ଦୋହରାଇଥିଲେ ବି ବିଗତ ତିନି ଦଶନ୍ଧି ଭିତରେ ଜନସଂଖ୍ୟା ୧୪୦ କୋଟି ଅତିକ୍ରମ କରିବା ସତ୍ତ୍ୱେ ମଧ୍ୟ କେନ୍ଦ୍ର ସରକାର ଅଦ୍ୟାବଧି କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ। ତେଣୁ କଳାପଟି ହଟିଗଲା ପରେ ନ୍ୟାୟଦେବୀଙ୍କ ଦୃଷ୍ଟି ପ୍ରଥମେ ଏହି ମୁଖ୍ୟ ସମସ୍ୟା ଉପରେ କେନ୍ଦ୍ରୀଭୂତ ହେବ ବୋଲି ଆଶା।

ଦ୍ୱିତୀୟତଃ, ମାନବ ସମ୍ବଳ, ସଂସାଧନ ଓ ଢାଞ୍ଚାଗତ ଅଭାବବୋଧ ନ୍ୟାୟ ବ୍ୟବସ୍ଥାର ପାରିବାପଣିଆ ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିକରେ। ବିଧି ସେଣ୍ଟର ଫର୍ ଲିଗାଲ ପଲିସିର ସୂଚନା ମୁତାବକ, ଅନ୍ୟୂନ ୯୦% ଜିଲାସ୍ତରୀୟ ନ୍ୟାୟାଳୟଗୁଡ଼ିକରେ ସର୍ବନିମ୍ନ ସୁବିଧାସୁଯୋଗ ଉପଲବ୍ଧ ନୁହେଁ। ବିଚାରାଳୟଗୁଡ଼ିକରେ ଘୋର ସ୍ଥାନାଭାବ, ଡିଜିଟାଲ ଟେକ୍ନୋଲୋଜି ସହ କର୍ମଚାରୀଙ୍କ ଅଭାବ ବିଚାରାଧୀନ ମକଦ୍ଦମାଗୁଡ଼ିକର ସଂଖ୍ୟାବୃଦ୍ଧିରେ ସହାୟକ ହେଉଛି। ସରକାରଙ୍କ ଦ୍ୱାରା ୨୦୦୭ରୁ ପ୍ରଚଳିତ ଇ-କୋର୍ଟ ଯୋଜନା ଏଯାଏ ଠିକ୍‌ଭାବରେ, ବିଶେଷକରି ଗ୍ରାମାଞ୍ଚଳ କୋର୍ଟଗୁଡ଼ିକରେ କାର୍ଯ୍ୟକାରୀ ହୋଇପାରିନାହିଁ। ଗ୍ରାମାଞ୍ଚଳରେ ସୀମିତ ଇଣ୍ଟରନେଟ୍ ଓ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟା ସଂରଚନାର ଅଭାବ ଯୋଗୁ ନିମ୍ନ ଅଦାଲତଗୁଡ଼ିକ ଇ-ଫାଇଲିଂ, ଅନ୍‌ଲାଇନ ପେମେଣ୍ଟ, ଭିଡିଓ କନ୍‌ଫରେନ୍ସ ଭଳି ସୁବିଧା ଉପଲବ୍ଧ କରେଇବାରୁ ବଞ୍ଚିତ। ଆଜିର ଡିଜିଟାଲ ଦୁନିଆରେ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ କଳାପଟି ହଟିଗଲା ପରେ ଏସବୁ ଅସୁବିଧାଗୁଡ଼ିକ ଉପରେ ନ୍ୟାୟଦେବୀଙ୍କ ଦୃଷ୍ଟି ପଡ଼ିବା ଜରୁରୀ।

ତୃତୀୟରେ, ପରିଚାଳନା ଓ ପ୍ରକ୍ରିୟାଗତ ଦୋଷତ୍ରୁଟି ନ୍ୟାୟିକ ବ୍ୟବସ୍ଥାରେ ଅନ୍ୟ ଏକ ଦୁର୍ବଳତା। ତଥ୍ୟ ଅନୁସାରେ ଉଚ୍ଚତମ ନ୍ୟାୟାଳୟ ଆନୁଷ୍ଠାନିକ ଭାବେ ବର୍ଷରେ ପାଖାପାଖି ୧୯୩ ଦିନ କାର୍ଯ୍ୟ କରୁଥିଲାବେଳେ ଉଚ୍ଚ ନ୍ୟାୟାଳୟଗୁଡ଼ିକ ୨୧୦ ଦିନ ଓ ଟ୍ରାଏଲ କୋର୍ଟଗୁଡ଼ିକ ୨୪୫ ଦିନ କାର୍ଯ୍ୟ କରିଥାନ୍ତି। ସପ୍ତାହ ସପ୍ତାହ ଧରି ଲମ୍ବାଛୁଟି ସହ ବାରମ୍ବାର ମୁଲତବୀ ଓ ଶୁଣାଣି ତାରିଖରେ ପରିବର୍ତ୍ତନ ବିଳମ୍ବିତ ନ୍ୟାୟ ପ୍ରଦାନକୁ ବେଶି ଖୋରାକ ଯୋଗାଉଛି। ଏହି ପରିପ୍ରେକ୍ଷୀରେ ୫ ନଭେମ୍ବର ୨୦୨୪ରେ ସୁପ୍ରିମ୍‌କୋର୍ଟ (ଦ୍ୱିତୀୟ ସଂଶୋଧନ)ରୁଲ୍ସ, ୨୦୨୪ର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୁପ୍ରିମ୍‌କୋର୍ଟରେ ପାରମ୍ପରିକ ଭାବେ ଚାଲିଆସିଥିବା ଅବକାଶକାଳୀନ ଖରାଛୁଟି ଏଣିକି 'ଆଂଶିକ ନ୍ୟାୟାଳୟ କାର୍ଯ୍ୟଦିବସ' ରୂପେ ପରିଚିତ ହେବା ଏବଂ ପ୍ରତ୍ୟେକ ରବିବାରକୁ ଛାଡ଼ି ୯୫ ଦିନରୁ ଅଧିକ ଛୁଟି ଦିଆ ନ ଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ବି ଦେଶର ପ୍ରତ୍ୟେକ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ଉପରୋକ୍ତ ନିୟମ ପରିସରଭୁକ୍ତ ହେଲେ ନ୍ୟାୟଦେବୀଙ୍କ ଅନ୍ଧପୁତୁଳି ଖୋଲିବାର ଯଥାର୍ଥତା ପ୍ରତିପାଦିତ ହେବ।

ଚତୁର୍ଥରେ, ଆବଶ୍ୟକ ପ୍ରମାଣ ଯୋଗାଡ଼ ଓ ଉପସ୍ଥାପନାରେ ବାଧା, ସାକ୍ଷ୍ୟ ଗ୍ରହଣରେ ବିଳମ୍ବ, ଧାର୍ଯ୍ୟ ସମୟାନୁସାରେ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନରେ ଅସୁବିଧା, ଅପ୍ରଚଳିତ, ଜଟିଳ ଓ ଅସ୍ପଷ୍ଟ ଆଇନଗତ ପ୍ରକ୍ରିୟାମାନ ବିଳମ୍ବିତ ନ୍ୟାୟ ପ୍ରଦାନକୁ ଯେଭଳିଭାବେ ପ୍ରଭାବିତ କରୁଛି, ନ୍ୟାୟଦେବୀଙ୍କ ଖୋଲାଆଖି ସେସବୁ ସମସ୍ୟା ଉପରେ ଦୃଷ୍ଟିନିକ୍ଷେପ କରିବା ଜରୁରୀ। ଯାହା ଦେଖାଯାଏ, ଅର୍ଦ୍ଧାଧିକ ମକଦ୍ଦମାରେ ସରକାର ପକ୍ଷଭୁକ୍ତ ହୋଇଥାନ୍ତି ଏବଂ ସରକାରୀ କଳର କୁପରିଚାଳନା ବିଚାରାଧୀନ ମକଦ୍ଦମାର ସଂଖ୍ୟା ବୃଦ୍ଧିରେ ସହାୟକ ହୋଇଥାଏ। ବିଳମ୍ବିତ ନ୍ୟାୟ ବ୍ୟବସ୍ଥା ଯେ କେବଳ ବିଚାରବିଭାଗର ପାରିବାପଣିଆ ଉପରେ କୁଠାରାଘାତ କରି ଜନତାଙ୍କ ବିଶ୍ୱାସ ହରାଏ, ସେକଥା ନୁହେଁ ବରଂ ଉଭୟ ପକ୍ଷର ଆର୍ଥିକ ଓ ମାନସିକ ଅବସ୍ଥାକୁ କ୍ଷତି ପହଞ୍ଚାଏ। ନ୍ୟାଶନାଲ କ୍ରାଇମ୍ ରେକର୍ଡବୁରୋର ତଥ୍ୟ ଅନୁସାରେ, ୨୦୨୦ ସୁଦ୍ଧା ଜେଲର ମୋଟ ବନ୍ଦୀଙ୍କ ମଧ୍ୟରୁ ୭୬% ହେଉଛନ୍ତି ବିଚାରାଧୀନ କଏଦୀ, ଯେଉଁମାନେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାରେ ଅଯଥା ଶିକାର ହୋଇଥାନ୍ତି।

ଅଦାଲତ ଓ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି, ଖାଲିଥିବା ସମସ୍ତ ପଦବୀ ପୂରଣ, ନୂତନ ପଦବୀ ସୃଷ୍ଟି, ନ୍ୟାୟାଳୟଗୁଡ଼ିକର କାର୍ଯ୍ୟଦିବସ ବୃଦ୍ଧି, ଡିଜିଟାଲ ପଦକ୍ଷେପକୁ ତ୍ୱରାନ୍ୱିତ କରି ଅଦାଲତଗୁଡ଼ିକରେ ଜନହିତ ପାଇଁ ମକଦ୍ଦମାଗୁଡ଼ିକର ଇ-ଫାଇଲିଂ, ଅନ୍‌ଲାଇନ ପେମେଣ୍ଟ ବ୍ୟବସ୍ଥା ଓ ଆଭାସୀ ଶୁଣାଣିର ବନ୍ଦୋବସ୍ତ ସହ ସର୍ବନିମ୍ନ ସୁବିଧାସୁଯୋଗ ଉପଲବ୍ଧ କରାଇବାକୁ ସରକାର ପ୍ରାଥମିକତା ଦେବା ଉଚିତ ହେବ। ସର୍ବୋପରି, ବିକଳ୍ପ ନ୍ୟାୟବ୍ୟବସ୍ଥା ପାଇଁ ଉଦ୍ଦିଷ୍ଟ ଫାଷ୍ଟଟ୍ରାକ୍ କୋର୍ଟ, ଲୋକ ଅଦାଲତ, ଗ୍ରାମ୍ୟ ନ୍ୟାୟାଳୟଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ଅଧିକ ଜରୁରୀ, ଯାହା ଅଦାଲତର ମକଦ୍ଦମା ସଂଖ୍ୟା ହ୍ରାସକରି ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବ। ନ୍ୟାୟଦେବୀଙ୍କ କାୟିକ ପରିବର୍ତ୍ତନ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଥିବା ଦୋଷଦୁର୍ବଳତାକୁ ଏକାକୀ ପରିବର୍ତ୍ତିତ କରିବା ଆଦୌ ସମ୍ଭବ ନୁହେଁ। ସମଗ୍ର ନ୍ୟାୟିକ ବ୍ୟବସ୍ଥାକୁ ପଙ୍ଗୁକରି ରଖିଥିବା ଉପରୋକ୍ତ ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ନ ହେଲେ ଅନ୍ଧପୁତୁଳି ହଟିଗଲା ପରେ ବି ନ୍ୟାୟଦେବୀଙ୍କ ପ୍ରତିମୂର୍ତ୍ତି ବାମହାତରେ ସମ୍ବିଧାନକୁ ଧରି ଆଖିଖୋଲି କେବଳ ଜଳଜଳ ଚାହିଁଥିବେ ସିନା, ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷାଦେବାରେ ଅସଫଳ ରହିବେ ନିଶ୍ଚୟ।

ମୋ:୯୪୩୭୦୨୨୬୬୯

# ଖବରକାଗଜ ଓ ଆମେ



ସନତ୍ ମିଶ୍ର

ଭାରତ ସ୍ୱାଧୀନ ହେବାର ୭୭ ବର୍ଷ ପରେ ଏବେ ଖବରକାଗଜ ଉପରେ ସମୀକ୍ଷା କରିବାର ଆବଶ୍ୟକତା ଅନୁଭୂତ ହେଉଛି। ସ୍ୱାଧୀନତା ଲାଭ ପୂର୍ବରୁ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ସକ୍ରିୟ କରିବାକୁ ଖବରକାଗଜକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଥିଲା। ସ୍ୱାଧୀନତା ପରେ ମଧ୍ୟ ଖବରକାଗଜକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଉଦାହରଣ ଦିଆଯାଉଥିଲା। ମାତ୍ର ଖବରକାଗଜ ବା ମୁଦ୍ରଣ ଗଣମାଧ୍ୟମ ଏବେ ସଙ୍କଟରେ ବୋଲି କୁହାଗଲାଣି। ଖବରକାଗଜର ଇତିହାସ ବେଶ୍ ଉଜ୍ଜ୍ୱଳ ମନେ ହୋଇଥାଏ। ଅଷ୍ଟାଦଶ ଶତାବ୍ଦୀରେ ପ୍ରଥମ ଭାରତୀୟ ଖବରକାଗଜ ଭାବେ ବେଙ୍ଗଲ ଗେଜେଟ୍ ବା କାଲକାଟା ଜେନେରାଲ୍ ଆଡ୍‌ଭର୍ଟାଇଜର ଇଂଲିଶ ଭାଷାରେ ତତ୍କାଳୀନ କଲିକତା ଓ ଏବେର କୋଲକାତା ମହାନଗରରୁ ପ୍ରକାଶ ପାଇଥିଲା। ଏହାପରେ ୧୭୮୯ ମସିହାରେ ବମ୍ବେ (ଏବର ମୁମ୍ବାଇ) ରୁ ପ୍ରକାଶିତ ହୋଇଥିଲା 'ବମ୍ବେ ହେରାଲ୍ଡ୍' ଯାହା ପରବର୍ତ୍ତୀ ବର୍ଷ 'ବମ୍ବେ କୋରିଅ' ଭାବେ ପ୍ରକାଶ ଲାଭ କରିଥିଲା ଓ ପରେ ଇଂଲିଶ ଭାଷାର ଖବରକାଗଜ 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ୧୮୬୧ରେ ଏହାର ମିଶ୍ରଣ ଘଟିଥିଲା।

ଭାରତରେ ବଙ୍ଗଳା ଭାଷାରେ ପ୍ରଥମ ଆଞ୍ଚଳିକ ଖବରକାଗଜ ଭାବେ ୧୮୧୮ ମେ ୨୩ରେ ସମାଚାର ଦର୍ପଣ ପ୍ରକାଶ ପାଇବା ପରେ ହିନ୍ଦୀ ଭାଷାରେ ପ୍ରଥମ ଖବରକାଗଜ 'ସମାଚାର ସୁଧା ଦର୍ପଣ' ୧୮୫୪ରେ ପ୍ରକାଶ ପାଇଥିଲା । ଏହା ପରେ କନ୍ନଡ଼, ମାଲୟାଲମ୍, ତାମିଲ୍ ପ୍ରଭୃତି ଭାଷାରେ ଖବରକାଗଜ ପ୍ରକାଶିତ ହୋଇଥିଲା ଓ ପ୍ରକୃତରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ସାପ୍ତାହିକ ଖବରକାଗଜ ଭାବେ ୪ ଅଗଷ୍ଟ ୧୮୬୬ରେ ମୁଦ୍ରିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲା। ଗୌରୀଶଙ୍କର ରାୟ ଏହାର ସମ୍ପାଦକ ଥିଲେ। ପରେ ପରେ 'ସମାଜ', 'ଦୈନିକ ଆଶା', 'ପ୍ରଜାତନ୍ତ୍ର' ଓ ଅନ୍ୟାନ୍ୟ ଖବରକାଗଜ ଆଦୃତ ହୋଇଥିଲା। ଏବେ ଏକବିଂଶ ଶତାବ୍ଦୀରେ 'ସମାଜ' ଏକଶତ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଖବରକାଗଜ ଭାବେ ଓଡ଼ିଆ ପାଠକଙ୍କ ପ୍ରତିନିଧିତ୍ୱ କରି ଆସୁଥିବା ବେଳେ ଏବେ ଅନେକ ପ୍ରତିଷ୍ଠିତ ଖବରକାଗଜ ନିଜର ସ୍ଥିତି ବଜାୟ ରଖିପାରିଛନ୍ତି। ଆହୁରି ଅନେକ ଓଡ଼ିଆ ଦୈନିକ ଖବରକାଗଜ ଅଛି, ଯାହାର ନାମ ସବୁକୁ ଆଲୋଚନା କରାଯାଇ ପାରନ୍ତା।

ସାପ୍ତାହିକ ଖବରକାଗଜ ଭାବେ 'ରାଷ୍ଟ୍ରଦୀପ', ଅନ୍ୟାନ୍ୟ ସାପ୍ତାହିକ ଖବରକାଗଜ ଓ ମାସିକ ଓଡ଼ିଆ ପତ୍ରିକା ଭାବେ ଶୈଳବାଳା ମିଶ୍ରଙ୍କ ସଂଯୋଜନାରେ 'ସମାରୋହ', ପ୍ରଭାସ ଆଚାର୍ଯ୍ୟଙ୍କ ସମ୍ପାଦନାରେ 'ଗୋପବନ୍ଧୁଙ୍କ ସତ୍ୟବାଦୀ', ଡ. ଭର୍ତ୍ତୃହରି ମହତାବଙ୍କ

**ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ**



ସମ୍ପାଦନାରେ 'ଝଙ୍କାର', ଇତିସାମନ୍ତଙ୍କ ସମ୍ପାଦନାରେ 'କାଦମ୍ବିନୀ', ସୁଦତ୍ତା ପଟ୍ଟନାୟକଙ୍କ ସମ୍ପାଦନାରେ 'ପୌରୁଷ' ପ୍ରଭୃତି ପ୍ରକାଶ ପାଇଚାଲିଛି। ଏସବୁ ପତ୍ରିକା ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି।

କରୋନା ମହାମାରୀ ପରେ କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ଖବରକାଗଜ ଓ ପତ୍ରପତ୍ରିକାର ପ୍ରକାଶନ ଏବଂ ବିତରଣ କ୍ଷେତ୍ରରେ ସଙ୍କଟ ଦେଖାଯାଇଥିଲା। ମାତ୍ର ଏବେ ସେପରି ଅବସ୍ଥା ନାହିଁ। ବର୍ତ୍ତମାନ ମୁଦ୍ରଣ ଗଣମାଧ୍ୟମ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି ବିଭିନ୍ନ ଘରୋଇ ଟିଭି ଚାନେଲ୍। ଏବେ ସେହି ସବୁ ଘରୋଇ ଓ ସରକାରୀ ଟିଭି ଚାନେଲ୍‌କୁ ବା ତଡ଼ିତ ଗଣମାଧ୍ୟମକୁ ପଛରେ ପକାଇ ପାରିଛି ବିଭିନ୍ନ ସାମାଜିକ ଗଣମାଧ୍ୟମ। ମୋବାଇଲ୍‌ର ପ୍ରଚଳନ ବହୁ ସଂଖ୍ୟାରେ ହେବାରୁ ମୋବାଇଲ୍ ଯୋଗେ ବିଭିନ୍ନ ଆମୋଦପ୍ରମୋଦ ବ୍ୟବସ୍ଥା ସମେତ ଖବର ତଥା ଅନ୍ୟାନ୍ୟ ସୂଚନା ଏବେ ସାମାଜିକ ଗଣମାଧ୍ୟମ ଜରିଆରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛି। 'ହ୍ୱାଟ୍‌ସ ଆପ୍' ପରେ ସବୁଠାରୁ ବେଶି ଆଦୃତ ସାମାଜିକ ଗଣମାଧ୍ୟମ ହେଉଛି 'ଫେସ୍ ବୁକ୍'। ସାରା ବିଶ୍ୱରେ ଏମ୍‌ଓଏମ୍ ନିୟୁତ ବ୍ୟକ୍ତି ଚଳିତ ବର୍ଷ (୨୦୨୪ରେ) ଏହି 'ଫେସ୍‌ବୁକ୍' ସହିତ ଯୋଡ଼ି ହୋଇ ରହିଛନ୍ତି। ଏହା ପଛକୁ 'ଇନ୍‌ଷ୍ଟାଗ୍ରାମ୍' ରହିଛି। ଅଳ୍ପ କେତେକ ଗ୍ରାହକ ଟୁଇଟରରେ ଥିଲେ ମଧ୍ୟ ଟୁଇଟର ଏତେଟା ପ୍ରଭାବଶାଳୀ ହୋଇପାରିନାହିଁ।

ଏବେ ମୁଦ୍ରଣ ଗଣମାଧ୍ୟମର ମାଲିକ ଓ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ବା ରାଜ୍ୟ ସରକାର ତଥା ଖବରକାଗଜ ମାଲିକମାନେ ଏଥିପ୍ରତି ସଚେତନ ହୋଇପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଯେଉଁ ସାମ୍ବାଦିକମାନେ ସାମ୍ବାଦିକ ସଂଘ ଗଠନ କରିଛନ୍ତି, ସେମାନେ ସାମ୍ବାଦିକ ବା ଖବରକାଗଜ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଲାଗି ଏବେ କୌଣସି ସକ୍ରିୟ ଭୂମିକାରେ ଥିବାପରି ମନେ ହେଉନାହିଁ। ଅବଶ୍ୟ ବିଭିନ୍ନ ସଭା ସମିତି, ଧାରଣା, ଆଲୋଚନାଚକ୍ରରେ ସେମାନେ ବ୍ୟସ୍ତ ରହୁଛନ୍ତି।

ଖବରକାଗଜ ବା ଏହାର ସାମ୍ବାଦିକତା ସ୍ୱାଧୀନତା ମଧ୍ୟ ସଙ୍କୁଚିତ ହୋଇଥିବା ପରି ମନେ ହେଉଛି। ଖବରକାଗଜକୁ ନିୟନ୍ତ୍ରଣ କରିବାକୁ ୧୯୬୬ ମସିହା ନଭେମ୍ବର ୧୬ ତାରିଖରୁ ଭାରତ ସରକାର ପ୍ରେସ୍ କାଉନ୍‌ସିଲ୍ ସଂସ୍ଥା ଆରମ୍ଭ କରିଥିଲେ। ସେହି ଦିବସଟି ଅର୍ଥାତ୍ ନଭେମ୍ବର ୧୬କୁ ଆମେ ପ୍ରେସ୍ ଦିବସ ଭାବେ ପାଳନ କରିଆସୁଛୁ। ସର୍ବଭାରତୀୟ ସ୍ତରରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଯାହା କି ଦୀପକ ମାଲବ୍ୟଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି, ତାହାର ସଭାପତି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଅଛନ୍ତି। ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଏହି ଅନୁଷ୍ଠାନ କାର୍ଯ୍ୟ କରୁଛି।

**ସାଧାରଣ ସମ୍ପାଦକ, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ, ଭୁବନେଶ୍ୱର**
**ମୋ: ୯୧୭୮୪୧୭୧୭**

## ଏଇ ଭାରତରେ

ବୁଲାକୁକୁରଙ୍କ ସେବାରେ ଜଣେ ଉତ୍ସର୍ଗୀକୃତ ମହିଳା ହେଉଛନ୍ତି ଚନ୍ଦ୍ରିକା ୟୋଲମୋ ଲାମା। ସେ ପ୍ରତିଦିନ ସକାଳେ ୮ କିଲୋମିଟର ଚାଲନ୍ତି ଓ ସେହି ସମୟରେ ବୁଲାକୁକୁରଙ୍କୁ ଖାଇବାକୁ ଦେଉଛନ୍ତି। ଏହାସହ କୌଣସି କୁକୁର ଅସୁସ୍ଥ ଥିଲେ ତାହାର ଚିକିତ୍ସା ବ୍ୟବସ୍ଥା ମଧ୍ୟ କରନ୍ତି। ପ୍ରତିଦିନ ଏଭଳି ୭୦ଟି କୁକୁରଙ୍କୁ ସେ ଖାଇବାକୁ ଦେଉଛନ୍ତି। ଚନ୍ଦ୍ରିକାଙ୍କ ସ୍ୱାମୀ ଜଣେ ସେନା ଅଧିକାରୀ ହୋଇଥିବାରୁ ଦେଶର ବିଭିନ୍ନ ସହରରେ ସେ ରହିଥିଲେ। ସବୁଠି ସେ ସେଠାକାର କୁକୁରଙ୍କୁ ଖାଇବାକୁ ଦେବା ସହ ସେମାନଙ୍କ ଚିକିତ୍ସା କରୁଥିଲେ। ଏବେ ସ୍ଥାୟୀ ଭାବେ ପଶ୍ଚିମବଙ୍ଗ ସିଲିଗୁଡ଼ିରେ ରହୁଛନ୍ତି। ଏଠାରେ ରହିବା ପୂର୍ବରୁ ସେ ଉଦ୍ଧାର କରିଥିବା ୧୨ଟି କୁକୁରଙ୍କୁ ଘରେ ରଖୁଥିଲେ ଓ ସ୍ୱାମୀଙ୍କ ସହ ଯେତେବେଳେ ବଦଳି ହୋଇ ଯାଉଥିଲେ ସେମାନଙ୍କୁ ସାଙ୍ଗରେ ନେଇଯାଉଥିଲେ। ସିଲିଗୁଡ଼ିରେ ରହିବା ପରେ ଫ୍ଲାଟରେ ଅଧିକ କୁକୁର ରଖିବା ଯୋଗୁ ପଡ଼ୋଶୀମାନେ ଅସନ୍ତୁଷ୍ଟ ହେବା ଯୋଗୁ ସେ ନିକଟସ୍ଥ ସାଲବାରିରେ ଘରଭଡ଼ା ନେଇ କୁକୁରଙ୍କୁ ରଖିଛନ୍ତି। ସେଠାରେ ଏକ ଆଶ୍ରୟସ୍ଥଳୀ ଖୋଲିଛନ୍ତି। ଏ କ୍ଷେତ୍ରରେ ଘର ମାଲିକ ମଧ୍ୟ ସହଯୋଗ କରୁଛନ୍ତି। ଏବେ ଚନ୍ଦ୍ରିକା ଆଶ୍ରୟ ସ୍ଥଳୀରେ ୨୦୦ କୁକୁରଙ୍କୁ ଉଦ୍ଧାର କରି ରଖିଛନ୍ତି। ଚନ୍ଦ୍ରିକା ସକାଳ ୪ରୁ ଉଠି ବ୍ୟାଗରେ ଖାଦ୍ୟ, ବିସ୍କୁଟ ଓ ମେଡିସିନ୍ ଧରି ଚାଲନ୍ତି ଏବଂ ବାଟରେ ବୁଲୁଥିବା କୁକୁରଙ୍କୁ ଖାଇବାକୁ ଦିଅନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ନଭେମ୍ବର ୧୯୭୫

- ମୟୂରଭଞ୍ଜ ଓ ଢେଙ୍କାନାଳ ଜିଲାର ସୁନେଇ ଓ ଆଉଁଳି ଜଳସେଚନ ପ୍ରକଳ୍ପକୁ ଯୋଜନା କମିଶନଙ୍କ ଅନୁମୋଦନ।
- ଧାତବ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦେଶର ୬ ଜଣ ଧାତବ ବିଜ୍ଞାନୀ ସମ୍ମାନିତ।

## ଚିରନ୍ତନୀ

ନୀରସ ନିପଟ ମରୁ
ବିରସ ପ୍ରକୃତି,
ଶୁଖଯ୍ୟାଏ କଣ୍ଠ ମୋର,
ଜଳିଯାଏ ଧୃତି।
-(ଚିରନ୍ତନ କୁହୁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | 8 | | | | 2 | | | |
| | | | | 4 | 9 | | 3 | |
| | | 7 | | | 8 | | | 6 |
| 8 | | | | | 1 | | | |
| | | | 2 | | | 5 | | |
| | 9 | 2 | | | | | | |
| | | | | | | 2 | | |
| | 2 | 6 | 7 | | | 8 | 1 | 9 |
| 3 | | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 1 | 5 | 3 | 4 | 2 | 6 |
| 2 | 5 | 6 | 4 | 9 | 8 | 1 | 3 | 7 |
| 3 | 4 | 1 | 7 | 2 | 6 | 9 | 5 | 8 |
| 7 | 6 | 2 | 9 | 1 | 4 | 5 | 8 | 3 |
| 4 | 1 | 3 | 8 | 7 | 5 | 6 | 9 | 2 |
| 5 | 8 | 9 | 6 | 3 | 2 | 7 | 4 | 1 |
| 6 | 9 | 4 | 3 | 8 | 1 | 2 | 7 | 5 |
| 8 | 2 | 7 | 5 | 6 | 9 | 3 | 1 | 4 |
| 1 | 3 | 5 | 2 | 4 | 7 | 8 | 6 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସିଏନ୍‌ଜି ଇନ୍ଧନ ଯୋଗାଣ ସମ୍ପ୍ରସାରଣ କରାଯାଉ

ମହାଶୟ,
ପରିବେଶ ଅନୁକୂଳ କମ୍ପ୍ରେସ୍‌ଡ ନେଚୁରାଲ ଗ୍ୟାସ (ସିଏନ୍‌ଜି) ହେଉଛି ଏକ ବିକଳ୍ପ ସବୁଜ ଇନ୍ଧନ ଯାହା ପେଟ୍ରୋଲ ଏବଂ ଡିଜେଲ ଇନ୍ଧନ ଅପେକ୍ଷା କମ୍ ପରିମାଣରେ ଗ୍ରୀନ୍ ହାଉସ୍ ଗ୍ୟାସ ନିର୍ଗତ କରେ । ଏହା ମଧ୍ୟ ପେଟ୍ରୋଲ ଓ ଡିଜେଲଠାରୁ ଶସ୍ତା। ଯେହେତୁ ଓଡ଼ିଶାର କଟକ ଏବଂ ଭୁବନେଶ୍ୱରର କେତେକ ସ୍ଥାନରେ ସିଏନ୍‌ଜି ଇନ୍ଧନ ଭରିବା ଷ୍ଟେସନ ସୁବିଧା ଅଛି ତେଣୁ ଏହି ଦୁଇଟି ସହରରେ ସିଏନ୍‌ଜି ଯାନବାହାନ ଚଳାଚଳ କରୁଛି । ଏହି ପରିପ୍ରେକ୍ଷୀରେ, ଓଡ଼ିଶାର ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଆଦି ସହରଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ସିଏନ୍‌ଜି ଭରିବା ଷ୍ଟେସନ ଖୋଲାଯାଇ ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ତ ଜିଲ୍ଲାରେ ଏହି ସୁବିଧା ଉପଲବ୍ଧ କରାଯିବା ଆବଶ୍ୟକ । ଫଳସ୍ୱରୂପ, ଅଧିକରୁ ଅଧିକ ସିଏନ୍‌ଜି ଯାନବାହନ ଚଳଚଳ କରିବ ଏବଂ ବାୟୁ ପ୍ରଦୂଷଣର ମାତ୍ରା ଯଥେଷ୍ଟ ହ୍ରାସ ପାଇବ ।

-ନବନୀତ୍ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାର ସବୁଜ ସ୍ୱର



ରେଶ୍ମାଞ୍ଜଳି ସାହୁ, ଅଭିନେତ୍ରୀ



ଲୁବୁନ୍ ସେନ୍, ଅଭିନେତା



ସମ୍‌ସେର ସିଂ ହୁରା, ବ୍ୟବସାୟୀ



ସୋନାଲି ମିଶ୍ର, ମେକ୍‌ଅପ୍ ଆର୍ଟିଷ୍ଟ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ମାହେଶ୍ୱରୀ ନର୍ସିଂ କଲେଜ, ବରଗଡ଼



ସାଇ ବିଦ୍ୟାମନ୍ଦିର, ବାରିପଦା



ବିବେକାନନ୍ଦ ସାଇନ୍ସ କଲେଜ, ମାଲକାନଗିରି



ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



## ଅନ୍ୟାନ୍ୟ ଖବର

# ମତ୍ସ୍ୟ, ପ୍ରାଣୀସମ୍ପଦର ବିକାଶ ମାଧ୍ୟମରେ ଚାଷୀଙ୍କ ଆୟବୃଦ୍ଧି ହେବ

### ଅନୁମୋଦିତ ଯୋଜନାକୁ ସ୍ୱାଗତ କଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

ଭୁବନେଶ୍ୱର,୧୫।୧୧(ବନ୍ଦନା ସେଠୀ)

ରାଜ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳ କୃଷକ ତଥା ମତ୍ସ୍ୟଜୀବୀଙ୍କ ଆୟବୃଦ୍ଧି ସହ ଜୀବିକା ନିର୍ବାହରେ ଉନ୍ନତି ହେବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦିତ ଯୋଜନାଗୁଡ଼ିକୁ ସ୍ୱାଗତ ଜଣାଇ ମନ୍ତ୍ରୀ କହିଛନ୍ତି, ପ୍ରାଣୀସମ୍ପଦ ବିକାଶ ଯୋଜନାରେ ଆସନ୍ତା ୫ବର୍ଷ ମଧ୍ୟରେ ୧ହଜାର ୩୧କୋଟି ଟଙ୍କା ବ୍ୟୟ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୩ଲକ୍ଷ ୭୩ହଜାର ୯୨୮ଜଣ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପକୃତ ହେବେ। ସେହିପରି ବ୍ରଏଲର, ଲେୟର କୁକୁଡ଼ା ପାଳନ, ବତକ ପାଳନ, ଘର ଅଗଣାରେ କୁକୁଡ଼ା, ବତକ ପାଳନ, କୁକୁଡ଼ା ଦାନା ପ୍ରସ୍ତୁତି କାରଖାନା ଓ କୁକୁଡ଼ା ଚିଆଁ ପାଳନ ୟୁନିଟ୍ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହାବ୍ୟତୀତ 'ଗୋମାତା' ଯୋଜନାରେ ଆସନ୍ତା ୩ବର୍ଷ ମଧ୍ୟରେ ପ୍ରାୟ ୩୪୩କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ୫ବର୍ଷରେ ୨୨୩୯କୋଟି ଟଙ୍କା ବ୍ୟୟ କରାଯିବ। ସେହିପରି ପ୍ରାଣୀସମ୍ପଦ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ପାଇଁ ୩ବର୍ଷରେ ୪୪୯ କୋଟି ଟଙ୍କା ଏବଂ ମତ୍ସ୍ୟଚାଷ ଭିତ୍ତିଭୂମି ପାଇଁ ୬୯୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଫଳରେ ରାଜ୍ୟର ମତ୍ସ୍ୟଚାଷୀ, ପ୍ରାଣୀପାଳକ ଓ ସ୍ୱୟଂସହାୟକ ଗୋଷ୍ଠୀ ଯଥେଷ୍ଟ ଉପକୃତ ହେବେ। ରାଜ୍ୟରେ ଅତିରିକ୍ତ ଭାବେ ବାର୍ଷିକ ପ୍ରାୟ ୯୫.୫୮ ହଜାର ମେଟ୍ରିକ୍ ଟନ୍ କୁକୁଡ଼ା ମାଂସ ଉତ୍ପାଦିତ ହେବା ସହିତ ଦୈନିକ ପ୍ରାୟ ୫.୫ ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନ ହେବ। 'ଗୋମାତା' ଯୋଜନାରେ ବାର୍ଷିକ ପ୍ରାୟ ୧.୩୦ କୋଟି ପ୍ରାଣୀଙ୍କ ଚିକିତ୍ସା କରାଯାଇପାରିବ। ରାଜ୍ୟର ପ୍ରାଣୀପାଳକମାନେ ଏହି ଯୋଜନାରେ ପ୍ରାଣୀଚିକିତ୍ସା, ଟିକାକରଣ ଓ ପ୍ରାଣୀରୋଗ ନିୟନ୍ତ୍ରଣର ସୁବିଧା ପାଇପାରିବେ। ୧୭ଟି ଉପଯୋଜନା ଥାଇ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ସୁଫଳ ପ୍ରାୟ ୧୪ ଲକ୍ଷ ମତ୍ସ୍ୟଜୀବୀଙ୍କୁ ମିଳିବ। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହିତ ସେମାନଙ୍କ ଆୟ ବୃଦ୍ଧି ହୋଇପାରିବ। ମତ୍ସ୍ୟଚାଷ ଭିତ୍ତିଭୂମି ବିକାଶ ଯୋଜନାରେ ମାଛ ବଜାର, ମାଛ ଅବତରଣ କେନ୍ଦ୍ର, ଜେଟି ଓ ମାଛ ଫାର୍ମର ଭିତ୍ତିଭୂମିଗୁଡ଼ିକର ବିକାଶ ତଥା ନବୀକରଣ ହେବା ଫଳରେ ପ୍ରାୟ ୧୬ଲକ୍ଷ ମତ୍ସ୍ୟଚାଷୀ ଉପକୃତ ହେବେ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସେହିପରି ପ୍ରାଣୀସମ୍ପଦ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ଫଳରେ ରାଜ୍ୟରେ ଅଧିକ ପ୍ରାଣୀ ଚିକିତ୍ସାଳୟ, ପ୍ରାଣୀଧନ ସହାୟକ କେନ୍ଦ୍ର ଏବଂ ପ୍ରାଣୀସେବା ଅନୁଷ୍ଠାନଗୁଡ଼ିକର ନୂତନ ନିର୍ମାଣ, ମରାମତି ଓ ନବୀକରଣ କରାଯାଇପାରିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର ବିମାନବନ୍ଦରରୁ ୫, ଝାରସୁଗୁଡ଼ାରୁ ୪ ସହରକୁ ସିଧାସଳଖ ଉଡ଼ିବ ବିମାନ

ଭୁବନେଶ୍ୱର,୧୫।୧୧(ଅନିଲ ଦାସ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଇନ୍ଦୋର, ଡେରାଡୁନ୍, କୋଚି, ଜୟପୁର ଏବଂ ଲକ୍ଷ୍ନୌକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ସେହିପରି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ହାଇଦ୍ରାବାଦ୍, ରାୟପୁର, ଲକ୍ଷ୍ନୌ, ମୁମ୍ବାଇକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏହା ରାଜ୍ୟର ଅର୍ଥନୈତିକ ବିକାଶକୁ ନୂଆ ଦିଗ ଦେବ। ରାଜ୍ୟରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବା ସହିତ ପ୍ରଗତି ପଥ ଆହୁରି ପ୍ରଶସ୍ତ ହେବ ବୋଲି କୁହାଯାଇଛି।

# ରୋଷେଇ ପାଇଁ କାଠ ବୋହିଲେ ଛାତ୍ରୀ

### ଜିଲାପାଳଙ୍କଠାରେ ଅଭିଯୋଗ କଲେ ଅଞ୍ଚଳବାସୀ

ବଇଣ୍ଡା,୧୫।୧୧(ପରିକ୍ଷିତ ସାହୁ)


ଛାତ୍ରୀମାନେ କାଠ ନେଇ ଛାତ୍ରୀ ନିବାସକୁ ଯାଉଛନ୍ତି।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ହାଇସ୍କୁଲ ଏସ୍‌ସିଏସ୍‌ଟି ଛାତ୍ରୀ ନିବାସର ଛାତ୍ରୀଙ୍କ ଦ୍ୱାରା ରୋଷେଇ ପାଇଁ କାଠ ବୁହାଯାଇଥିବା ଅଭିଯୋଗ ହୋଇଛି। ଗତ ଗୁରୁବାର ଶିଶୁ ଦିବସ ଅବସରରେ ପ୍ରଧାନ ଶିକ୍ଷକଙ୍କ ନିର୍ଦ୍ଦେଶରେ ଛାତ୍ରୀମାନେ ନିକଟସ୍ଥ ପଡ଼ିଆରୁ ଛାତ୍ରୀ ନିବାସକୁ କାଠ ଆଣିଥିବା ଅଞ୍ଚଳବାସୀ ଦେଖିବା ପରେ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏଥିସହ ଅଭିଯୋଗର ନକଲ ରାଜ୍ୟ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

ଅଭିଯୋଗରେ ଅଞ୍ଚଳବାସୀ ଦର୍ଶାଇଛନ୍ତି, ଉକ୍ତ ଛାତ୍ରୀ ନିବାସରେ ୨୦୦ ଛାତ୍ରୀ ରହି ପାଇକସାହି ରାଧାମାଧବ ହାଇସ୍କୁଲରେ ପଢୁଥିବା ବେଳେ ସେମାନଙ୍କୁ ଅନେକ ସମୟରେ ବିଦ୍ୟାଳୟର ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ଗୁରୁବାର ଅପରାହ୍ନ ୪ଟାରେ ପ୍ରଧାନ ଶିକ୍ଷକ କେତେଜଣ ଛାତ୍ରୀଙ୍କୁ ନିକଟସ୍ଥ ପଡ଼ିଆରୁ କାଠ ଆଣିବାକୁ କହିଥିଲେ। ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରୀମାନେ କାଠ ବୋହି ଛାତ୍ରୀ ନିବାସକୁ ନେଇଥିଲେ। ପୂର୍ବରୁ ମଧ୍ୟ ଅନେକବାର ଛାତ୍ରୀଙ୍କ ଦ୍ୱାରା କାଠ ଅଣାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ଶୁକଦେବ ସାହୁ କହିଛନ୍ତି, ଛାତ୍ରୀ ନିବାସରେ ରୋଷେଇ ପାଇଁ କିଛି କାଠ କମ୍ ପଡ଼ିଥିଲା। ତେଣୁ କାଠ ଆଣିବାକୁ ଛାତ୍ରୀମାନଙ୍କୁ କହିଥିଲି। ଆଗାମୀ ଦିନରେ ଏପରି ତ୍ରୁଟି ଯେପରି ହେବନାହିଁ ସେଥିପ୍ରତି ଧ୍ୟାନ ଦେବି। ଏ ସମ୍ପର୍କରେ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢି କହିଛନ୍ତି, ଘଟଣାର ତଦନ୍ତ କରାଯିବ। ରିପୋର୍ଟ ଆସିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଖସୁଛି ପାରଦ, ଥରାଇବ ଶୀତ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ଧରି ପାଗ ପ୍ରାୟତଃ ଶୁଖିଲା ରହୁଥିବାବେଳେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଖସିଛି। ହେଲେ ଅନ୍ୟ ଜିଲାଗୁଡ଼ିକରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ଶନିବାରଠାରୁ ରାଜ୍ୟରେ ପାରଦ ତଳମୁହାଁ ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି। ବିଶେଷକରି ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ହେବାର ସମ୍ଭାବନା ଥିବାରୁ ଅଧିକ ଶୀତ ଅନୁଭୂତ ହେବ। ଏପଟେ ଶୁକ୍ରବାର ଉତ୍ତର ଓଡ଼ିଶାରେ ବିଶେଷକରି ସୁନ୍ଦରଗଡ଼ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ହୋଇଥିଲା। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କନ୍ଧମାଳ ଜିଲାରେ ମଧ୍ୟମ ଧରଣର କୁହୁଡ଼ି ଆସ୍ତରଣ ଦେଖିବାକୁ ମିଳିଥିଲା। ତେଣୁ ପାରଦ ଆହୁରି ତଳମୁହାଁ ହେବାପରେ ସାରା ରାଜ୍ୟକୁ ଶୀତ ଥରାଇବ ବୋଲି ଅନୁମାନ କରାଯାଉଛି। ସେହିପରି ଶୁକ୍ରବାର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ସର୍ବାଧିକ ତାପମାତ୍ରା ପାରାଦୀପରେ ୩୩.୦ ଡିଗ୍ରୀ ସେଲ୍‌ସିୟସ ରହିଥିବାବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୩.୯ ଡିଗ୍ରୀ ରହିଥିଲା।

# ଜଳିଗଲା ଲୁଗାଦୋକାନ, ମାଲିକ ମୃତ

ଜଟଣୀ,୧୫।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ରାଜାବଜାରରେ ଥିବା ଗୌରୀ ଗାର୍ମେଣ୍ଟସ (ଲୁଗା ଦୋକାନ)ରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ନିଆଁଲାଗି ଲକ୍ଷାଧିକ ଟଙ୍କାର ଶାଢ଼ି, ଆସବାବପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିଯାଇଛି। ଏଥିସହ ଉକ୍ତ ଦୋକାନ ମାଲିକ ତଥା ରାଜାବଜାର ବିବେକାନନ୍ଦସାହିର ବାସିନ୍ଦା ସୂର୍ଯ୍ୟ ମହାପାତ୍ର ଓରଫ ବୁଲୁ (୩୩)ଙ୍କ ମୃତ୍ୟୁ ଘଟିଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି ବୋଲି ଜଟଣୀ ଅଗ୍ନିଶମ ବାହିନୀ ଅଧିକାରୀ ଲକ୍ଷ୍ମଣ ବେହେରା କହିଛନ୍ତି।

ସୂଚନା ମୁତାବକ, ପ୍ରତି ମାସ ୧୫ତାରିଖରେ ରାଜାବଜାର ବନ୍ଦ ରହୁଥିବା ବେଳେ ଶୁକ୍ରବାର ମଧ୍ୟ ବଜାର ବନ୍ଦ ରହିଥିଲା। ତେବେ ଅପରାହ୍ନରେ ଉକ୍ତ ଲୁଗା ଦୋକାନ ମାଲିକ ବୁଲୁ ଶର୍ଟର ଦେଇ ଦୋକାନର ଉପର ମହଲାରେ କୌଣସି କାମ କରୁଥିଲେ। ହଠାତ୍



ଦୋକାନରେ ଲାଗିଥିବା ନିଆଁ(ବାମ)। ମାଲିକ ସୂର୍ଯ୍ୟ ମହାପାତ୍ର (ଫାଇଲ ଫଟୋ)

ଦୋକାନରେ ନିଆଁ ଲାଗିଯାଇଥିଲା। ଦୋକାନରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ, ବିଦ୍ୟୁତ୍ ବିଭାଗ ଏବଂ ଜଟଣୀ ପୋଲିସକୁ ଜଣାଇଥିଲେ। ଖବରପାଇ ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ପହଞ୍ଚି ଦୋକାନ ଭିତରେ ଫସି ରହିଥିବା ବୁଲୁଙ୍କୁ ଶର୍ଟର ଭାଙ୍ଗି ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ବୁଲୁଙ୍କୁ ଚିକିତ୍ସା ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ ଦୋକାନର ନିଆଁ ଅନ୍ୟ ଦୋକାନକୁ ବ୍ୟାପିବା ପୂର୍ବରୁ ସ୍ଥାନୀୟ ବ୍ୟବସାୟୀ, ଜନସାଧାରଣ ବାଲ୍‌ଟିରେ ପାଣି ଆଣି କିଛିମାତ୍ରାରେ ନିଆଁକୁ ଆୟତ୍ତ କରିବା ସହ ବଡ଼ ଅଘଟଣକୁ ରୋକିପାରିଥିଲେ। ପରେ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ତେବେ ଅଗ୍ନିଶମ ଗାଡ଼ି ଏବଂ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ୟୁଡିଆଇଏସ୍‌ଇ+ ଅପ୍‌ଡେଟ୍, ଅପାର ଆଇଡି ପ୍ରସ୍ତୁତିରେ ଓଡ଼ିଶା ପଛରେ

## ଛାତ୍ରୀଛାତ୍ରଙ୍କ ତଥ୍ୟ ଦାଖଲ ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଚିଠି

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ ହୋଇଥିବା ଅପାର (ଅଟୋମେଟେଡ୍ ପର୍ମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି) ଆଇଡି କାର୍ଡ ଦେଶର ସବୁ ସ୍କୁଲ ଛାତ୍ରୀଛାତ୍ରଙ୍କ ପରିଚୟପତ୍ର ଭାବେ ବ୍ୟବହାର କରାଯାଉଛି। ଏହାକୁ ଗୋଟିଏ ରାଷ୍ଟ୍ର, ଗୋଟିଏ ବିଦ୍ୟାର୍ଥୀ କାର୍ଡ ମଧ୍ୟ କୁହାଯାଉଛି। ଏପରିକି ନୂଆ ଜାତୀୟ ଶିକ୍ଷାନୀତିରେ ଅପାର ଆଇଡି କାର୍ଡକୁ ଗୁରୁତ୍ୱ ଦିଆଯାଉଛି। ମାତ୍ର ଏଥିପାଇଁ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ଗୁରୁତ୍ୱ ଦେଉ ନ ଥିବା ଜଣାପଡ଼ିଛି। ଫଳରେ ଛାତ୍ରୀଛାତ୍ରଙ୍କ ତଥ୍ୟ ୟୁଡିଆଇଏସ୍‌ଇ+ ପୋର୍ଟାଲରେ ଦାଖଲ କରିବାରେ ଓଡ଼ିଶା ପଛରେ ରହିଛି। ଜାତୀୟ ହାର ତୁଳନାରେ ଓଡ଼ିଶା ମାତ୍ର ୧୦% ଅପାର ଆଇଡି ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛି। ତେଣୁ ତୁରନ୍ତ ଛାତ୍ରୀଛାତ୍ରଙ୍କ ତଥ୍ୟ ଦାଖଲ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍. ଆୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧା, କଳାହାଣ୍ଡି ଓ ଗଞ୍ଜାମ ଜିଲାର ଶିକ୍ଷାନୁଷ୍ଠାନଗୁଡ଼ିକ ଏହି ତଥ୍ୟ ଦାଖଲ କରିବାରେ ବହୁ ପଛରେ ରହିଥିବା ଦର୍ଶାଯାଇଛି। ସେହିପରି ରାୟଗଡ଼ା ଓ କୋରାପୁଟ ଆଦି ଜିଲା ୫୦%ରୁ କମ୍ ତଥ୍ୟ ଦାଖଲ କରିଛନ୍ତି। ରାଜ୍ୟର ୬୪% ପ୍ରତିଶତ ଶିକ୍ଷାନୁଷ୍ଠାନ ତଥ୍ୟ ଦାଖଲ କରିଥିବାବେଳେ ୩୬୬ଟି ଶିକ୍ଷାନୁଷ୍ଠାନ ଆଦୌ ତଥ୍ୟ ଦାଖଲ କରିନାହାନ୍ତି। ଖୋର୍ଦ୍ଧା ଜିଲାର ୩୬ ଶିକ୍ଷାନୁଷ୍ଠାନ, କଳାହାଣ୍ଡିର ୨୧, ଗଞ୍ଜାମ ଜିଲାର ୨୪, ରାୟଗଡ଼ାର ୧୦, କୋରାପୁଟର ୧୯, ବଲାଙ୍ଗୀରର ୧୮, ବୌଦ୍ଧର ୬, ଅନୁଗୋଳର ୪ ଏବଂ ସମ୍ବଲପୁର ଜିଲାର ୧୦ ଶିକ୍ଷାନୁଷ୍ଠାନ ତଥ୍ୟ ଦାଖଲ ଆରମ୍ଭ କରିନାହାନ୍ତି। କୋରାପୁଟ ଜିଲାର ୪୫%, ବଲାଙ୍ଗୀର ୬୦%, ବୌଦ୍ଧର ୫୩%, ରାୟଗଡ଼ାର ୫୩% ଶିକ୍ଷାନୁଷ୍ଠାନ ତଥ୍ୟ ଦାଖଲ କରିଥିବାବେଳେ ଅନୁଗୋଳ ଓ ସମ୍ବଲପୁର ଜିଲାର ସର୍ବାଧିକ ୭୦% ଶିକ୍ଷାନୁଷ୍ଠାନ ଏହି ତଥ୍ୟ ପ୍ରଦାନ କରିଛନ୍ତି।

ସୂଚନା ଥାଉକି, ୧୨ ଅଙ୍କ ବିଶିଷ୍ଟ ଅପାର ଆଇଡି କାର୍ଡରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ତଥ୍ୟ ଡିଜିଟାଲି ରହୁଛି। ପିଲା କେଉଁଠି ପଢୁଛନ୍ତି, କେଉଁ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି, କେଉଁ ସବୁ ପୁରସ୍କାର ମିଳିଛି, କେଉଁ ଡିଗ୍ରୀ ପାଇଛନ୍ତି, ସ୍କଲାରଶିପ ମିଳିଛି କି ନାହିଁ, କେଉଁ ଶ୍ରେଣୀରେ କେତେ ମାର୍କ ମିଳିଛି ଆଦି ସୂଚନା ଏହି କାର୍ଡରେ ରହିବ। ଛାତ୍ରୀଛାତ୍ର ସ୍କୁଲ ପରିବର୍ତ୍ତନ କଲେ ମଧ୍ୟ ଅପାର ଆଇଡି କାର୍ଡରେ କୌଣସି ପରିବର୍ତ୍ତନ ହେବନାହିଁ। ଏହାକୁ ଆଧାରକାର୍ଡ ସହ ଲିଙ୍କ୍ କରାଯାଉଛି। ଏଥିରେ ଛାତ୍ରଙ୍କ ସମସ୍ତ ସୂଚନା ପ୍ରତିବର୍ଷ ଅପ୍‌ଡେଟ ରହିବ। ତେବେ ଛାତୀଛାତ୍ରଙ୍କ ତଥ୍ୟ ପ୍ରଦାନରେ ଶିକ୍ଷାନୁଷ୍ଠାନ ଖିଲାପ କରିବା ଫଳରେ ସେମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।



ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଓଡ଼ିଶୀ ରାଗ ମହୋତ୍ସବର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ୟୁଜି, ପିଜି ସ୍ପଟ୍ ନାମଲେଖା ପାଇଁ ସରିଲା ଆବେଦନ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ(ୟୁଜି), ସ୍ନାତକୋତ୍ତର(ପିଜି) ଏବଂ ୨ ବର୍ଷିଆ ବି.ଏଡ୍./ଏମ୍.ଏଡ୍. ପାଠ୍ୟକ୍ରମରେ ଖାଲିଥିବା ସିଟ୍‌ରେ ସ୍ପଟ୍ ନାମଲେଖା ପାଇଁ ଆବେଦନ ଶୁକ୍ରବାର ଶେଷ ହୋଇଛି। ରାଜ୍ୟରେ ୧୦୫୮ ମହାବିଦ୍ୟାଳୟର ସ୍ନାତକ ପାଠ୍ୟକ୍ରମରେ ୭୦,୪୨୦ ସିଟ୍ ଓ ୧୧୬ଟି ସ୍ନାତକୋତ୍ତର ଶିକ୍ଷାନୁଷ୍ଠାନରେ ୭ ହଜାର ୫୮୪ ଆସନ ଖାଲି ରହିଛି। ୨ବର୍ଷିଆ ବି.ଏଡ୍./ ଏମ୍.ଏଡ୍ ./ବିଏଚ୍‌ଏଡ୍ ପାଠ୍ୟକ୍ରମ ଥିବା ୩୧ଟି ଶିକ୍ଷାନୁଷ୍ଠାନରେ ମୋଟ ୨୭୫୦ଟି ସିଟ୍ ଥିବାବେଳେ ୫୬ଟି ସିଟ୍ ଖାଲି ଥିଲା। ବଳକା ସିଟ୍ ପୂରଣ କରିବା ପାଇଁ ଗତ ୧୧ ତାରିଖରୁ ଆବେଦନ ଆରମ୍ଭ ହୋଇଥିଲା। ଆସନ୍ତା ୧୯ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ। ୨୧ ତାରିଖରୁ ନାମଲେଖା ଅନୁଷ୍ଠିତ ହେବ। ୨୮ ତାରିଖ ସୁଦ୍ଧା ନାମଲେଖା ଶେଷ ହେବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ସାମ୍ସ ଇ-ସ୍ପେସ୍‌ରେ ତଥ୍ୟ ଦାଖଲ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଏନ୍‌ଏସ୍‌ଏସ୍ କାର୍ଯ୍ୟର ତଥ୍ୟ ଦାଖଲ କରିବେ ଉଚ୍ଚ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)

ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ରେ ହୋଇଥିବା କାର୍ଯ୍ୟର ତଥ୍ୟ ଦାଖଲ କରିବେ। ଏନେଇ ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ ଓ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଜାତୀୟ ସେବା ଯୋଜନାରେ ୨ ବର୍ଷରେ ହୋଇଥିବା କାର୍ଯ୍ୟକ୍ରମର ରିପୋର୍ଟ ମଗାଯାଇଛି। ୨୦୨୩-୨୪ ଓ ୨୦୨୪-୨୫ ଶିକ୍ଷା ବର୍ଷରେ ଶିକ୍ଷାନୁଷ୍ଠାନରେ କ'ଣ କାର୍ଯ୍ୟକ୍ରମ କରାଯାଇଛି, ସେ ସମ୍ପର୍କରେ ଆସନ୍ତା ୨୦ ତାରିଖ ସୁଦ୍ଧା ବିଭାଗ ପକ୍ଷରୁ ଜାରି ଫର୍ମାଟରେ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି।

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ପୂର୍ଣ୍ଣିମାରେ ଶୁକ୍ରବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ଅନୁଷ୍ଠିତ ହୋଇଛି। ପ୍ରଥମ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଭିତରକାଠ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ଭିତରକାଠ ନିକଟରୁ ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରୁଥିଲେ। ତେବେ ଏହି ସମୟରେ ଜୟବିଜୟ ଦ୍ୱାର ଭିତରପଟ ପାହାଚରେ ମଇଳା ପଡ଼ିଥିବା ସେବାୟତଙ୍କ ଦୃଷ୍ଟି ଗୋଚର ହୋଇଥିଲା। ଫଳରେ ସମସ୍ତ ନୀତିକୁ ବନ୍ଦ କରାଯିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ମହାସ୍ନାନ ନିମନ୍ତେ ନୀତି ଆରମ୍ଭ ହୋଇଥିଲା। ଧୂଆଧୋଇ ହୋଇ ୪ଟା ୨୦ରେ ଚୂନପାଣି ପଡ଼ିଥିଲା। ମଇଲମ ୫ଟା, ସିଂହାସନ ଧୂଆ ୫ଟା ୪୫, ମହାସ୍ନାନ ପୂଜା ୬ଟା ୫, ମହାସ୍ନାନ ପୂଜା ଶେଷ ୬ଟା ୨୦, ମଇଲମ ୬ଟା ୨୫ ଏବଂ ୭ଟାରେ ବେଶ ସମ୍ପନ୍ନ ହେବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

# 'ମିସ୍ ଟିନ୍ ୟୁନିଭର୍ସ' ଘୋଷଣାବେଳେ ଗାୟତ୍ରୀ ମନ୍ତ୍ର ଜପୁଥିଲି'



'ମିସ୍ ଟିନ୍ ୟୁନିଭର୍ସ ୨୦୨୪' ଟାଇଟଲ୍ ହାସଲ କରିଥିବା ତ୍ରିଷ୍ଣା ରାୟଙ୍କୁ ସ୍ୱାଗତ କରାଯାଉଛି।

## ଓଡ଼ିଶା ଫେରିଲେ ତ୍ରିଷ୍ଣା, ବିମାନବନ୍ଦରରେ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୧୫।୧୧ (ବନ୍ଦନା ସେଠୀ)

ଦକ୍ଷିଣ ଆଫ୍ରିକାର କିମ୍ବର୍ଲିଠାରେ ଅନୁଷ୍ଠିତ ସୁନ୍ଦରୀ ପ୍ରତିଯୋଗିତା 'ମିସ୍ ଟିନ୍ ୟୁନିଭର୍ସ ୨୦୨୪'ରେ ବିଶ୍ୱର ୩୨ଜଣ ସୁନ୍ଦରୀଙ୍କୁ ପଛରେ ପକାଇ ଟାଇଟଲ୍ ହାସଲ କରିଥିବା ତ୍ରିଷ୍ଣା ରାୟ ଜନ୍ମମାଟି ଓଡ଼ିଶା ଫେରିଛନ୍ତି। ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣିଥିବା ଭୁବନେଶ୍ୱର ବାସିନ୍ଦା ୧୯ ବର୍ଷୀୟା ତ୍ରିଷ୍ଣା ଶୁକ୍ରବାର ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଛି। ଏହି ସମୟରେ ସେ ନିଜର ସଫଳତା ଯାତ୍ରା ସମ୍ପର୍କରେ କହିଛନ୍ତି, ବିଜେତା ଘୋଷଣା ହେବା ସମୟରେ ମୁଁ ଭାବି ନ ଥିଲି ଏମିତି କିଛି ହେବ। ସେହି ସମୟରେ ମୁଁ କେବଳ ଗାୟତ୍ରୀ ମନ୍ତ୍ର ଜପ କରୁଥିଲି। ମୋ ନାମ ବିଜେତା ଘୋଷଣା ହେବା ଶୁଣିବା ପରେ ଆଖିରୁ ଲୁହ ଝରିଯାଇଥିଲା। ତେବେ ଏହି ଯାତ୍ରା ତାଙ୍କ ପାଇଁ ବେଶ୍ କଷ୍ଟଦାୟକ ଥିଲା ବୋଲି ସେ କହିଥିଲେ। ଭିସା ସମସ୍ୟା ପାଇଁ ତାଙ୍କ ସହ କେହି ଯାଇପାରି ନ ଥିଲେ। ତେଣୁ ତାଙ୍କୁ ପ୍ରତିଯୋଗିତା ପାଇଁ ଏକାକୀ ଯାତ୍ରା କରିବାକୁ ପଡିଥିଲା। ତେବେ ରାଜ୍ୟ ଓ ଦେଶ ପାଇଁ ଏହି ଟାଇଟଲ୍ ହାସଲ କରିପାରିଥିବାରୁ ନିଜକୁ ବହୁତ ଗର୍ବିତ ମନେକରୁଛି। ଭୁବନେଶ୍ୱରରେ ପହଞ୍ଚିବା ପରେ ଏଭଳି ସ୍ୱାଗତ ଏବଂ ଲୋକଙ୍କ ଭଲପାଇବା ଦେଖି ମୁଁ ସମସ୍ତଙ୍କ ପାଖରେ ବହୁତ କୃତଜ୍ଞ। ନିଜ ସହ ମା' ବାପାଙ୍କ ସ୍ୱପ୍ନ ପୂରଣ କରିପାରିଥିବାରୁ ବହୁତ ଖୁସି ଲାଗୁଛି। ଦୁଇବର୍ଷ ହେବ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଚେଷ୍ଟା କରୁଥିଲେ ହେଁ ଭିସା ସମସ୍ୟା ଲାଗି ତାଙ୍କୁ ସୁଯୋଗ ମିଳୁ ନ ଥିଲା। ଚଳିତବର୍ଷ ଏହି ପ୍ରତିଯୋଗିତାରେ ଭାଗ ନେବାସହ ସେ ଟାଇଟଲ୍ ହାତେଇବାରେ ସଫଳ ହୋଇଛନ୍ତି। ତେବେ ଆଗକୁ ଫ୍ୟାଶନ କ୍ଷେତ୍ରରେ ଯାତ୍ରା ଜାରି ରଖିବେ ବୋଲି ସେ କହିଛନ୍ତି।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ



ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ପୂର୍ଣ୍ଣିମାରେ ଶୁକ୍ରବାର ଶ୍ରୀମନ୍ଦିରରେ ତିନି ଠାକୁରଙ୍କ ରାଜରାଜେଶ୍ୱର ବେଶ ବା ସୁନାବେଶ ଅନୁଷ୍ଠିତ ହୋଇଛି। ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ ନୀତି ସମ୍ପନ୍ନ ହେବା ପରେ ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନଅଳଙ୍କାର ଓ ପାଟବସ୍ତ୍ରରେ ଶ୍ରୀବିଗ୍ରହମାନଙ୍କୁ ରାଜବେଶରେ ସଜ୍ଜିତ କରିଥିଲେ। ଏହି ବେଶରେ ଠାକୁରମାନେ ଶ୍ରୀଭୁଜ, କିରୀଟ, ଶ୍ରୀପୟର, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, କୁଣ୍ଡଳ, ଚିତା, ଚନ୍ଦ୍ରିକା, ଶଙ୍ଖ, ଚକ୍ର, ହଳ, ମୂଷଳ, ତ୍ରିଶାଖା, ଅଳକା, ତଡ଼ଗୀ, ଶ୍ରୀମୁଖ ପଦ୍ମ, ଘାଗଡ଼ାମାଳି, କଦମ୍ବମାଳି, ହରିଡ଼ା କଦମ୍ବ ମାଳି, ବାହାଡ଼ା ମାଳି, ତାବିଜ ମାଳି, ଆଡକାନି, ବାଘନଖି ମାଳି ଓ ସେବତୀ ମାଳି ଆଦି ବିଭିନ୍ନ ରତ୍ନଅଳଙ୍କାର ଧାରଣ କରିଥିଲେ। ସକାଳ ୮ଟା ୩୫ ମିନିଟ୍‌ରେ ଶ୍ରୀବିଗ୍ରହଙ୍କ ରାଜାଧିରାଜ ବେଶ ସମ୍ପନ୍ନ ହୋଇଥିଲା। ଏହି ବେଶରେ ଗୋପାଳ ବଲ୍ଲଭ, ସକାଳଧୂପ ଓ ବାଳଧୂପ, ଭୋଗମଣ୍ଡପ ଆଦି ନୀତି ସମ୍ପନ୍ନ ହୋଇଥିଲା। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପବିତ୍ର


@ ଜ୍ଞାନରଞ୍ଜନ


@ ସତ୍ୟଜିତ୍


@ ତାପସ


@ ଶଶୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସର୍ବାଧିକ ପୁରସ୍କାର ଗ୍ରହଣକରି ଓଡ଼ିଶା ଶ୍ରେଷ୍ଠ

## 'ଉଦ୍ଭବ' ଉଦ୍‌ଯାପିତ

ଭୁବନେଶ୍ୱର,୧୫।୧୧(ଅନୁରାଧା ମହାରଣା)


'ଉଦ୍ଭବ'ର ଉଦ୍‌ଯାପନୀ ଅବସରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ଅତିଥିମାନେ।

ପଞ୍ଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଓ କଳା ଉତ୍ସବ ୨୦୨୪ 'ଉଦ୍ଭବ' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସୋଆ ଅଡିଟୋରିୟମଠାରେ ଗତ ୧୨ତାରିଖରୁ ଚାଲିଥିବା ଏହି ଜାତୀୟ ଉତ୍ସବରେ ୨୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ୧୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ମୋଟ ୪୨ ପ୍ରକାର ପ୍ରତିଯୋଗିତା ଓ କର୍ମଶାଳାର ଆୟୋଜନ କରାଯାଇଥିଲା। ସମସ୍ତ ପ୍ରତିଯୋଗିତାରେ ସର୍ବାଧିକ ପୁରସ୍କାର ଓଡ଼ିଶାର ଛାତ୍ରୀଛାତ୍ର ହାସଲ କରିଥିବାରୁ ଶ୍ରେଷ୍ଠ ରାଜ୍ୟ ଭାବେ ଓଡ଼ିଶାକୁ ସମ୍ମାନିତ କରାଯାଇଛି।

ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ଏହି ଯୁବ ଏକଲବ୍ୟମାନେ ମହାନ୍ ଭାରତବର୍ଷର ଭବିଷ୍ୟତ ଲେଖିବେ। ସେମାନଙ୍କ ପ୍ରସ୍ତୁତି ଓ ପ୍ରଦର୍ଶନ ଦେଖି ଖୁସି ଲାଗୁଛି। ନିଜ ତଥା ଜନ୍ମଭୂମିର ଗୌରବ ରକ୍ଷା ପାଇଁ ଏବେଠାରୁ ପ୍ରସ୍ତୁତ ହେବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଭଗବାନ ବୀର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜନଜାତିଙ୍କ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଛନ୍ତି। ଏହା ଜନଜାତିଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ସହାୟକ ହେବ। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଗଠନ ଦିଗରେ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ରହିଥିବା ସେ କହିଥିଲେ। ଏଥିସହ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶକୁ ଅନୁସରଣ କରିବାକୁ ମନ୍ତ୍ରୀ ଗଣ୍ଡ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବାହାର ରାଜ୍ୟରୁ ଯୋଗଦେଇଥିବା ଛାତ୍ରୀଛାତ୍ର ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# କଲ୍‌କୀ ଅବତାର କହି ପାଦ ଉପରେ ତୁଳସୀ

ଭୁବନେଶ୍ୱର,୧୫।୧୧(ସତ୍ୟଜିତ ରାଉତ)

## ଖଣ୍ଡଗିରି ଥାନାରେ ଏତଲା



ଖଣ୍ଡଗିରି ଅଞ୍ଚଳରେ ଜଣେ ବ୍ୟକ୍ତି ହିନ୍ଦୁ ଧାର୍ମିକ ଭାବନାରେ କୁଠାରାଘାତ କରିଥିବା ଅଭିଯୋଗ ହୋଇଛି। ଏନେଇ ରାଜ୍ୟ ସମାଜସେବୀ ମହାସଂଘ ପକ୍ଷରୁ ଶୁକ୍ରବାର ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ବ୍ୟକ୍ତି ଜଣକ ନିଜକୁ ବାବା କହିବା ସହ ନିଜ ପୁଅଙ୍କୁ ଭଗବାନ କଲ୍‌କୀ ଅବତାର ବୋଲି କହୁଛନ୍ତି। ପୁଅଙ୍କ ପାଦ ଉପରେ ତୁଳସୀ ପତ୍ରକୁ ଥୋଇ ହିନ୍ଦୁଧର୍ମକୁ ଅସମ୍ମାନ କରୁଛନ୍ତି। ଏଥିସହ ଧର୍ମକୁ ଆଳକରି ବିଭିନ୍ନ ଲୋକଙ୍କୁ ବିଭ୍ରାନ୍ତ କରିବା ସହ ଶୋଷଣ କରୁଛନ୍ତି। ଚାକିରି ସମସ୍ୟା, ପାରିବାରିକ, ସ୍ୱାସ୍ଥ୍ୟଗତ ଓ ଗର୍ଭଧାରଣ ସମସ୍ୟା ଦୂରକରିବାର ମିଛ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକୁଥିବା ନେଇ ଏତଲାରେ ଉଲ୍ଲେଖ କରାଯାଇଛି। ଏନେଇ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି।





କଟକ ବାଲିଯାତ୍ରାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅତିଥିମାନେ।

# ପ୍ରଥମ ଦିନରେ ଜମିଲା ଭିଡ଼

**କଟକ, ୧୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଶୁକ୍ରବାର ଆରମ୍ଭ ହୋଇଛି କଟକ ବାଲିଯାତ୍ରା। ପ୍ରଥମ ଦିନରେ ବାଲିଯାତ୍ରା ପଡିଆକୁ ଚାହିଁଲେ ଲୋକ ମାଳମାଳ। ବିଶେଷକରି ସନ୍ଧ୍ୟାରେ ଭିଡ ଅଧିକ ଦେଖିବାକୁ ମିଳିଥିଲା। ଚଳିତବର୍ଷ ବାଲିଯାତ୍ରାର ଉପର ଓ ତଳପଡିଆରେ ପ୍ରାୟ ୨୫୦୦ ଷ୍ଟଲ ଏବଂ ଓର୍‌ମାସ୍‌ର ୫୦୦ ଷ୍ଟଲ ଖୋଲିଛି। ବାଲିଯାତ୍ରାରେ ବ୍ୟବସାୟ କରିବା ପାଇଁ ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ଆସିଛନ୍ତି। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ବୁଲାବୁଲି ଓ କିଣାକିଣି କରିଥିଲେ। ଅପରପକ୍ଷରେ କଟକ ଇନ୍ କଟକରେ ଓଡ଼ିଆ ଚଳଚ୍ଚିତ୍ର ପାଭିଲିଅନ କରାଯାଇଥିବାବେଳେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବାଲିଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଚୋରି, ଡକାୟତି ରୋକିବା ଓ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପଡିଆରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବାଲିଯାତ୍ରାରେ ଛୋଟ ପିଲାମାନେ ହଜିଯିବାର ସମ୍ଭାବନା ରହିଛି। ସେମାନଙ୍କୁ ନେଇ ଆସିଥିବା ଅଭିଭାବକ ଏଥିପ୍ରତି ଦୃଷ୍ଟି ଦେବାକୁ ପୋଲିସ ନିବେଦନ କରିଛି। ସେହିପରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।



ବିଭିନ୍ନ ଦେଶର ରାଷ୍ଟ୍ରଦୂତ କଟକ ଇନ୍ କଟକ ପରିସରରେ ଥିବା ପାଭିଲିଅନ ବୁଲୁଛନ୍ତି।





## ପିଠା ମହୋତ୍ସବ ଉଦ୍‌ଘାଟିତ

ଓର୍‌ମାସ୍ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିଠା ମହୋତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଏହି ମହୋତ୍ସବରେ ଓଡ଼ିଶା ସମେତ ବାଲି, ଇଣ୍ଡୋନେସିଆର ପିଠା ପ୍ରଦର୍ଶନ କରାଯାଇଥିଲା। ଏହି ପିଠା ଓର୍‌ମାସ୍ ପରିସରର ବିଶେଷ ଆକର୍ଷଣ ପାଲଟିଥିଲା।

# ଚାଲିକି ଗଲେ ମୁଖ୍ୟମନ୍ତ୍ରୀ

ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଅନ୍ୟ ଅତିଥି ସିଲ୍‌ଭର୍ ସିଟି ବୋଟ୍ କ୍ଲବ୍‌ରୁ ବୋଇତ ଯୋଗେ ଗଡ଼ଗଡିଆ ଘାଟରେ ପହଞ୍ଚିଥିଲେ। ସେଠାରୁ ଅତିଥିଙ୍କୁ ଦକ୍ଷିଣ ଏସିୟ ପାଭିଲିୟନ ସମେତ ଓର୍‌ମାସ୍ ଓ ଗଣକବି ବୈଷ୍ଣବ ପାଣି ମଞ୍ଚକୁ ନେବା ପାଇଁ ବ୍ୟାଟିରି ଚାଳିତ ଗାଡି ବ୍ୟବସ୍ଥା କରାଯାଇଥିଲା। ହେଲେ ଅତିଥିଙ୍କ ସଂଖ୍ୟା ମୁତାବକ ଗାଡି ନ ଥିବାରୁ ଅସନ୍ତୋଷ ହୋଇ ବ୍ୟାଟେରୀ ଚାଳିତ ଗାଡ଼ିରୁ ମୁଖ୍ୟମନ୍ତ୍ରୀ ଓହ୍ଲାଇ ଦକ୍ଷିଣ ଏସିୟ ପାଭିଲିୟନ ପର୍ଯ୍ୟନ୍ତ ଚାଲିକି ଯାଇଥିଲେ। ପରେ ସେଠାରୁ ମଞ୍ଚ ପର୍ଯ୍ୟନ୍ତ ଗାଡିରେ ଯାଇଥିଲେ। ମଞ୍ଚରେ ମୁଖ୍ୟମନ୍ତ୍ରୀ କଟକର ପ୍ରସିଦ୍ଧ ଦହିବରା ବିଷୟରେ କହିଥିଲେ। କଟକ ଆସି ଦହିବରା ନ ଖାଇଲେ ମଜା ଆସିବ ନାହିଁ। କିନ୍ତୁ ଦହିବରା ବ୍ୟବସ୍ଥା କରାଯାଇ ନ ଥିବା ଓ ଦହିବରା ଖାଇବାର ସୁଯୋଗ ନ ମିଳିବାରୁ ସାମାନ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ ମାଝୀ। ପୂର୍ବରୁ ଯେବେ କଟକ ଆସିଛନ୍ତି ସେବେ ଦହିବରାର ମଜା ଚାଖିଥିବା ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।



# ଭାରତ ମସଲା ଷ୍ଟଲ୍ ଉଦ୍‌ଘାଟିତ

## ଇନ୍‌ଷ୍ଟାରେ ଫଲୋ କଲେ ମିଳୁଛି ଭାଉଚର୍



**କଟକ,୧୫।୧୧(କାର୍ତ୍ତିକ ସାହୁ)**

କଟକ ବାଲିଯାତ୍ରାରେ ଭାରତ ମସଲା କମ୍ପାନୀର ଷ୍ଟଲ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଉଭୟ ତଳ ଏବଂ ଉପର ପଡ଼ିଆରେ ଭାରତ ମସଲାର ୪ଟି ଷ୍ଟଲ୍ ଖୋଲାଯାଇଛି। ସିଏମ୍‌ସି ମେୟର ସୁବାସ ସିଂହ ଷ୍ଟଲ୍ ଉଦ୍‌ଘାଟନ କରି ବାଲିଯାତ୍ରାକୁ ସମୃଦ୍ଧ କରିବାରେ ଭାରତ ମସଲା ମୁଖ୍ୟ କର୍ଣ୍ଣଧାର ବୋଲି ମତ ଦେଇଥିଲେ। ସବୁଥର ଭଳି ଏଥର ମଧ୍ୟ ଷ୍ଟଲ୍‌ରେ ପ୍ରତିଦିନ ଲକି ଡ୍ର ହେବ। ମସଲା କିଣିବା ସହ ଗ୍ରାହକମାନେ କୁପନ୍ ପାଇବେ। ଭାଗ୍ୟଶାଳୀ ବିଜେତାଙ୍କୁ ଉପହାର ସ୍ୱରୂପ ଅନେକ ଦାମୀ ସାମଗ୍ରୀ ଦିଆଯିବ। ପ୍ରଥମ ପୁରସ୍କାର ରହିଛି ମାଇକ୍ରୋ ଓଭାନ। ସେହିପରି ବାଇସାଇକେଲ ଏବଂ ରୋଷେଇ ଉପକରଣ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ଉପହାର ରହିଛି। ସାନ୍ତ୍ୱନାମୂଳକ ପୁରସ୍କାର ୪ଜଣ ପାଇବେ। ସମସ୍ତଙ୍କୁ ନନଷ୍ଟିକ ତାୱା ଉପହାର ଆକାରରେ ମିଳିବ। ୨୫୦ଟଙ୍କାର ମସଲା କିଣିଲେ ଗୋଟିଏରେ ଗୋଟିଏ ଫ୍ରି ସହିତ ଆକର୍ଷଣୀୟ ଉପହାର ସ୍ୱରୂପ ମଗ ଏବଂ ଇନଷ୍ଟାଗ୍ରାମ କିମ୍ବା ଫେସବୁକ୍‌ରେ ଫଲୋ କଲେ କ୍ୟାସ୍‌ବ୍ୟାକ ଭାଉଚର ଦିଆଯିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଅରୁଣ କୁମାର ନାୟକ(ଜିଏମ୍ ଅପରେସନ), ନବକୃଷ୍ଣ ପ୍ରଧାନ(ଜିଏମ ପ୍ରଡକ୍ସନ), ପିଆର୍‌ଓ ଏସ୍‌ଏନ୍ ମିଲେନିୟମ ଓ ଭାରତ ମସଲା କମ୍ପାନୀର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ରୁଚି ମଣ୍ଡପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**କଟକ,୧୫।୧୧(କାର୍ତ୍ତିକ ସାହୁ)**

ଐତିହାସିକ କଟକ ବାଲିଯାତ୍ରାରେ ରୁଚି ମଣ୍ଡପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରୁଚି ଉଦ୍ୟୋଗ ଏହି ମେଳାର ଅନ୍ୟତମ ମୁଖ୍ୟ ପ୍ରାୟୋଜକ ଭାବେ ଅଂଶଗ୍ରହଣ କରିଛି। ମେଳାର ପ୍ରମୁଖ ସ୍ଥାନରେ ପ୍ରଦର୍ଶିତ ରୁଚି ମସଲା ମଣ୍ଡପକୁ କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୋଶ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସେହିଭଳି ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ରୁଚି ଖାଦ୍ୟମେଳା ମଣ୍ଡପକୁ ରୁଚି ନିର୍ଦ୍ଦେଶିକା ସଙ୍ଗୀତା ସାହୁ ଉଦ୍‌ଘାଟନ କରିଛନ୍ତି। ମସଲା ମଣ୍ଡପରେ ଗୋଟିଏ ମସଲା ସହିତ ଆଉ ଗୋଟିଏ ମସଲା ଫ୍ରି ରହିଛି ଏବଂ ବମ୍ପର ପୁରସ୍କାର ଭାବେ ବୁଲେଟ୍ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ସବୁ ରହିଛି। ଖାଦ୍ୟ ମଣ୍ଡପରେ ବିଭିନ୍ନ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ସାମଗ୍ରୀ ସ୍ଥାନ ପାଇଛି।




ଉଦ୍‌ଘାଟନ ଉତ୍ସବରେ ରୁଚି ନିର୍ଦ୍ଦେଶିକା ରଶ୍ମୀ ସାହୁ, ସଲିନା ସାହୁ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନବ ସମ୍ବଳ ବିଭାଗର ଉପମହାପ୍ରବନ୍ଧକ ଅମ୍ବରୀଶ ପଟ୍ଟନାୟକ, ମାର୍କେଟିଂ ମୁଖ୍ୟ ଦେବବ୍ରତ ପଟ୍ଟନାୟକ, ଲୋକସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଓ ଆୟୋଜକ ଦେବୀ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସୂଚନା ଅଧିକାରୀ ଡ. ନିହାର ରଞ୍ଜନ ସାହୁ, ଶ୍ରୀକାନ୍ତ ମହାପାତ୍ର, ସାଗର ରଞ୍ଜନ ବାରିକ, ଶୁଭାଶିଷ ଜେନା, ଆଲୋକ ଦାସ, ଅରକ୍ଷିତ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ରୁଚି ମଣ୍ଡପରେ ଗ୍ରାହକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

# ୫ ଗୀତରେ ସରିଲା ବଲିଉଡ ଭଜନ ସନ୍ଧ୍ୟା

## ବିଳମ୍ବ ହେବାରୁ କାର୍ଯ୍ୟକ୍ରମ ରୋକିବାକୁ କହିଲା ପୋଲିସ

**କଟକ, ୧୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)**



ବାଲିଯାତ୍ରା ଅବସରରେ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବିଳମ୍ବ ହେବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବରେ ଆରମ୍ଭ ହୋଇଥିଲା। ଏପରି କି ବଲିଉଡ୍ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଅନୁପ ଜଲୋଟା ବିଳମ୍ବରେ ପହଞ୍ଚିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ବନ୍ଦ କରିବାକୁ କୁହାଯାଇଥିଲା। ହେଲେ ଜିଲା ପ୍ରଶାସନ ପକ୍ଷରୁ କିଛି ଗୀତ ଗାଇବାକୁ ସୁଯୋଗ ଦେବା ପାଇଁ ଅନୁରୋଧ କରାଯିବାରୁ କାର୍ଯ୍ୟକ୍ରମ ଆଗକୁ ବଢିଥିଲା। ଅନୁପଙ୍କ ଭଜନ ଶୁଣିବାକୁ ଦର୍ଶକ ସନ୍ଧ୍ୟାରୁ ଅପେକ୍ଷା କରିଥିଲେ। ଦୀର୍ଘ ସମୟ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଥିଲେ। ବିଳମ୍ବରେ ଅନୁପ ଭଜନ ପରିବେଷଣ କରିବାବେଳେ କାଁ ଭାଁ ଲୋକ ଉପସ୍ଥିତ ଥିଲେ। ପୋଲିସ ପ୍ରଶାସନର ତାଗିଦ ଯୋଗୁ କେବଳ ୫ଟି ଭଜନ ଗାଇଥିଲେ ଅନୁପ। ସେ ପ୍ରଥମେ ଯେସି ଲାଗି ଲଗନ ମୀରା ହୋଗୟୀ ମଗନ'ରୁ ଭଜନ ଆରମ୍ଭ କରିଥିଲେ। ପରେ ଅଚ୍ୟୁତମ୍ କେଶବମ କ୍ରିଷ୍ଣ ଦାମଦୋରମ..., ଅବ୍ ବଂଶୀ ବଜନେ ୱାଲୀ ହେ..., ବୋଲୋ ରାମ ରାମ..., ବଚପନ ବିତା ଖେଲ୍ ଖେଲ୍ ମେ' ଭଳି ସଙ୍ଗୀତ ପରିବେଷଣ କରିଥିଲେ। ପରେ ଓଲିଉଡ୍ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର ଓ ବସନ୍ତ ପାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ବାଲି ଇଣ୍ଡୋନେସିଆ ରାଷ୍ଟ୍ରର ସାଂସ୍କୃତିକ ଗ୍ରୁପ ପକ୍ଷରୁ ପାରମ୍ପରିକ ନୃତ୍ୟ, କଟକ ସୁର ମନ୍ଦିର ମୋକ୍ଷ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ବୋଇତ ବନ୍ଦାଣ ନୃତ୍ୟ ପରିବେଷିତ ହୋଇଥିଲା।

ଅପରପକ୍ଷରେ ଅକ୍ଷୟ ମହାନ୍ତି ମଞ୍ଚରେ ଓଲିଉଡ କଣ୍ଠଶିଳ୍ପୀ ପଙ୍କଜ ଜାଲ୍ ଓ ଗ୍ରୁପ ଭଜନ ପରିବେଷଣ କରିଥିଲେ। ଏଜୀବନ ଯଉବନ, ଜୀବନକୁ କି ଅବା ଭରସା ଭଳି ଅନେକ ଗୀତ ପଙ୍କଜ ପରିବେଷଣ କରିଥିଲେ। ଏହି ଗୀତ ଉପସ୍ଥିତ ଦର୍ଶକଙ୍କ ମନକୁ ଛୁଇଁଥିଲା। ଏହି ଅବସରରେ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଅନୁପ ଜଲୋଟା କହିଛନ୍ତି, ଓଡ଼ିଶା କଳାପ୍ରେମୀଙ୍କ ରାଜ୍ୟ। ଏଠାକାର ସଙ୍ଗୀତ, ନୃତ୍ୟ ଓ ବାଦ୍ୟ ଅନ୍ୟଠାରୁ ସମ୍ପୂର୍ଣ୍ଣ ନିଆରା। ଭାଇଚାରାର ସହର କଟକରେ ସଙ୍ଗୀତ ପରିବେଷଣ କରିବା ବଡ଼ ସୌଭାଗ୍ୟ।

**ଦୁର୍ଘଟଣାରେ ଭାଙ୍ଗିଲା ରେଲ୍‌ୱେ ଗେଟ୍**

ସାକ୍ଷୀଗୋପାଳ,(ଭରତ ରାଉତ)-ସାକ୍ଷୀଗୋପାଳ ବଜାର ରେଲ୍‌ୱେ ଫାଟକର ଗେଟ୍ ଶୁକ୍ରବାର ଅଟୋରିକ୍ସା ମାଡ଼ରେ ଭାଙ୍ଗିଯାଇଛି। ସୂଚନାଯୋଗ୍ୟ, ସକାଳେ ପୁରୀ-କଟକ ଶଟଲ ଟ୍ରେନ୍ ଯିବା ପାଇଁ ରେଲ୍‌ୱେ ଫାଟକ ଗେଟ୍ ପଡୁଥିବା ବେଳେ ହଠାତ୍ ଏକ ବ୍ୟାଟେରିଚାଳିତ ଅଟୋରିକ୍ସା ଫାଟକ ଅତିକ୍ରମ କରି ଗେଟ୍‌ରେ ପିଟି ହୋଇଥିଲା। ଗେଟ୍‌ଟି ଭାଙ୍ଗିଯିବାରୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ହଇରାଣ ହେବାକୁ ପଡ଼ିଥିଲା। କାର୍ତ୍ତିକ ପୂର୍ଣ୍ଣିମା ପର୍ବ ପାଇଁ ରାସ୍ତା ଭିଡ଼ ରହିଥିବା ବେଳେ ରେଳ ଫାଟକ ଖୋଲା ହୋଇ ରହିଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୫।୧୧।୨୦୨୪

| | |
|---|---|
| ୮,୬୦,୩୦୮ ଟଙ୍କା | |
| ସୁନା | ୪.୩୦୦ ଗ୍ରାମ୍ |
| ରୁପା | ୧୦୬.୭୦୦ ଗ୍ରାମ୍ |



କାର୍ତ୍ତିକ ବ୍ରତ ଶେଷ ପରେ ଶୁକ୍ରବାର ପୁରୀ ବେଳାଭୂମିରେ ବ୍ରତଧାରୀମାନେ ରାଇଦାମୋଦର ପୂଜା ଉଦ୍‌ଯାପନ କରୁଛନ୍ତି ।



ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶୁକ୍ରବାର ଶ୍ରଦ୍ଧାଳୁମାନେ ପୁରୀ ସମୁଦ୍ରରେ ପାରମ୍ପରିକ ଡଙ୍ଗା ଭସାଉଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ

## ଶାଶ୍ୱତୀ ଉର୍ବୀ ୱାଲିଆ, ସୌମ୍ୟା ଶର୍ମାଙ୍କୁ 'ଶ୍ରୀକ୍ଷେତ୍ର କଳା ପ୍ରକାଶିକା ସମ୍ମାନ'

**ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀକ୍ଷେତ୍ର କଳା ପ୍ରକାଶିକା ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ଦାସମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ, ସ୍ଥାୟୀ ଲୋକ ଅଦାଲତ ବିଚାରକ ପ୍ରତିମା ପଣ୍ଡା, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ନାଲ୍‌କୋର ପୂର୍ବତନ ସିଏମ୍‌ଡି ଶ୍ରୀଧର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସୋମନାଥ ଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଙ୍ଗୀତରେ ଅବଦାନ ପାଇଁ ଇଂଲଣ୍ଡରୁ ଆସିଥିବା ଭାରତୀୟ କଳା ସଂସ୍କୃତି ସାଧିକା ବିଦୂଷୀ ଶାଶ୍ୱତୀ ଉର୍ବୀ ୱାଲିଆ, ମୁମ୍ବାଇର କଣ୍ଠଶିଳ୍ପୀ ସୌମ୍ୟା ଶର୍ମାଙ୍କୁ 'ଶ୍ରୀକ୍ଷେତ୍ର କଳା ପ୍ରକାଶିକା ସମ୍ମାନ' ପ୍ରଦାନ କରାଯାଇଥିଲା। ସଙ୍ଗୀତ ସାଧକ ବସନ୍ତ କୁମାର ତିଆଡ଼ିଙ୍କୁ 'ପ୍ରଫୁଲ୍ଲ କର ସ୍ମୃତି ସମ୍ମାନ', କଣ୍ଠଶିଳ୍ପୀ କେଶବ ଚନ୍ଦ୍ର ସାହୁଙ୍କୁ 'କେଦାରନାଥ ଗୁରୁ ସ୍ମୃତି ସମ୍ମାନ', ମର୍ଦ୍ଦଳ ବାଦକ ଦାମୋଦର ବିଶୋୟୀ, ଗୀତିକାର ଗୁରୁ ଶତପଥୀ, କଣ୍ଠଶିଳ୍ପୀ ରମେଶଚନ୍ଦ୍ର ସାହୁଙ୍କୁ 'ଦାନବୀର ବଡ଼େ ହରିହର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଦୁଃଖୀଶ୍ୟାମ ତ୍ରିପାଠୀ, ଦେବାଂଶୀ ଦାଶ, ଶିବାନନ୍ଦ ତ୍ରିପାଠୀ, ସୁଭଦ୍ରା ସିଂ, ଡାକ୍ତର ରୋହନ ବିଶ୍ୱାଳ, ଡ. ଅନସୂୟା ନାଥ, ସୁରେଶ ସେଠୀ, ଅସୀମା ପଣ୍ଡା, ଦେବୀପ୍ରଭା, ରଶ୍ମିତା ଦାଶ, ଶ୍ରୀକର ପାଢ଼ୀ, ମହାପ୍ରସାଦ କର ଭଜନ ପରିବେଷଣ କରିଥିଲେ। ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ସାଧାରଣ ସମ୍ପାଦକ ସୋମନାଥ ଗୁରୁ, କାର୍ଯ୍ୟକାରୀ ସଭାପତି ମହାଦୀପ କର, ଉମାକାନ୍ତ ଦାଶ, ହରିହର ଗୁରୁ, ରଘୁନାଥ ପ୍ରତିହାରୀ, ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କୈଳାସ ଚନ୍ଦ୍ର ତିକାୟତରାୟ, ମୃତ୍ୟୁଞ୍ଜୟ ରଥ, ଉମାକାନ୍ତ ଦାଶ, ଆଲୋକ ମହାପାତ୍ର, ବୀରେନ୍ଦ୍ର ନାରାୟଣ ଗୋଚ୍ଛିକାର, ଶମ୍ଭୁନାଥ ହୋତା, ଜଗଦୀଶ ଜେନା, ଉମାଶଙ୍କର ପ୍ରତିହାରୀ, ଚକ୍ରଧର ମହାପାତ୍ର, ଅରବିନ୍ଦ ଖୁଣ୍ଟିଆ, ସନ୍ତୋଷ କୁମାର ପଣ୍ଡା ଓ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରମ୍ପରାର ମୂକସାକ୍ଷୀ ଗୌରବମୟ ନୌବାଣିଜ୍ୟ

**ଅସ୍ତରଙ୍ଗ,୧୫।୧୧**
**(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

ପ୍ରାଚୀନ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଥିଲା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ ବୋଲି ତାଳଦା ଓ ତରାସାହି ପଞ୍ଚାୟତ ମିଳିତ ସହଯୋଗରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଜିଲାପରିଷଦ ସରସ୍ୱତୀ ସ୍ୱାଇଁ, ବନିତା ବେହେରା ଓ ତାଳଦା, ତରାସାହି, ଆଳସାହି, ସରପଞ୍ଚ ଓ ସମିତିସଭ୍ୟଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଉଦ୍‌ଘାଟନ



କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ବୋଇତ ବନ୍ଦାଣ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

କରାଯାଇଥିଲା। ଅତିଥିମାନେ ଓଡ଼ିଶାର ନୌବାଣିଜ୍ୟ ସ୍ମରଣ ଏବଂ କାର୍ତ୍ତିକ ପୂର୍ଣ୍ଣିମା ପାଳନର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଚଳିତ ବର୍ଷ ତାଳଦା ଓ ତରାସାହି ପଞ୍ଚାୟତ ମିଳିତ ଆୟୋଜନରେ ଆରମ୍ଭ ହୋଇଥିବାରୁ ବୋଇତ ବନ୍ଦାଣ ଉତ୍ସବ ଦେଖିବାକୁ ସ୍ଥାନୀୟ ଅଞ୍ଚଳରେ ଶତାଧିକ ଲୋକଙ୍କ

## ଦେବୀ ନଦୀପଠାରେ ବୋଇତ ବନ୍ଦାଣ ଉତ୍ସବ

ସମାଗମ ପ୍ରତ୍ୟୁଷରୁ ଦେବୀନଦୀ ପଠାରେ ଦେଖିବାକୁ ମିଳିଥିଲା। ଏହି ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବଟି ୧୮ରେ ଶେଷ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜିର ସଭାରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରତାପ ପରିଡ଼ା, ରବି ମଲ୍ଲିକ, ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ସାଧାରଣ ସମ୍ପାଦକ ଯଯାତି କେଶରୀ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୀରଜାହାନିଆ ବାଲିଯାତ୍ରାରେ ଭିଡ଼



**ଅସ୍ତରଙ୍ଗ,୧୫।୧୧**
**(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

## ଚଟପଟି ଖାଦ୍ୟ ସାଙ୍ଗକୁ ସମୁଦ୍ର ସ୍ନାନର ମଜା ନେଲେ ପର୍ଯ୍ୟଟକ

କାର୍ତ୍ତିକ ପୂର୍ଣ୍ଣିମାର ପ୍ରତ୍ୟୁଷରୁ ହିନ୍ଦୁ ମୁସ୍‌ଲିମ୍ ସଦ୍‌ଭାବନାର ଅନ୍ୟତମ ସ୍ମାରକୀ ପୀଠ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ପୀରଜାହାନିଆ ପୀଠରେ ହଜାର ହଜାର ସଂଖ୍ୟାରେ ଉଭୟ ହିନ୍ଦୁ ଓ ମୁସ୍‌ଲିମ୍ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଖୁବ୍ ଶ୍ରଦ୍ଧାର ସହ ପୂଜାର୍ଚ୍ଚନା କରିଛନ୍ତି। କେଉଁ ଆବହମାନ କାଳରୁ ଚାଲିଆସିଥିବା ଏହି ପରମ୍ପରା ଅନୁଯାୟୀ ଶୁକ୍ରବାର ପ୍ରତ୍ୟୁଷରେ ପୀର ଜାହାନିଆଙ୍କ ପୀଠରେ ମୁସଲିମ ପୂଜକମାନେ ସତନ୍ତ୍ର ପୂଜାନୀତି ସାରିବା ପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ମୁସଲମାନ ଶ୍ରଦ୍ଧାଳୁମାନେ ପୀରଙ୍କ ନିକଟରେ ଚାଦର ଓ ଧୂପ ଲାଗିକରି ନମାଜ ପାଠ କରିଥିବା ବେଳେ ହିନ୍ଦୁମାନେ ଖଇ, ନଡ଼ିଆ ଭୋଗ, ଦୀପ ଓ ପତାକା ଲାଗି କରିଥିଲେ। ବିଶ୍ୱାସ ରହିଛି, ଏହି ପବିତ୍ର ଦିନରେ ପୀରଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଅନ୍ୟପଟେ ପୀରଜାହାନିଆ ବାଲିଯାତ୍ରାକୁ ଜାକଜମକରେ ପାଳନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଛି। ଚଳିତବର୍ଷ ଶତାଧିକ ଷ୍ଟଲ୍ ଖୋଲିଥିବା ବେଳେ ମେଳାକୁ ସରସ ସୁନ୍ଦର କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଆଇନ୍‌ଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଉପଖଣ୍ଡ ଅଧିକାରୀ ପ୍ରମୋଦ ମଲ୍ଲିକ, ୩ ଥାନାଧିକାରୀ, ୫ ସବ୍‌ଇନ୍ସପେକ୍ଟର, ୧୦ ଏଏସ୍‌ଆଇ, ୧୨ କନଷ୍ଟେବଲ, ୩୦ ହୋମଗାର୍ଡଙ୍କ ସହ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ପର୍ଯ୍ୟଟକମାନେ ବାଲିଯାତ୍ରା ବୁଲିବା ସହ ସମୁଦ୍ର ସ୍ନାନ କରି ଚଟପଟି ଖାଦ୍ୟର ମଜା ଉଠାଇଥିଲେ।

# ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ ସମାରୋହ




ସମାରୋହରେ ଅତିଥିମାନଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଭାଗଣ।

**ନିମାପଡ଼ା,୧୫।୧୧(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଗତ ୧୦ ତାରିଖରୁ ଆୟୋଜିତ ଜିଲାସ୍ତରୀୟ ୮ମ ପ୍ରତିଭା ଅନ୍ୱେଷଣ ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପିପିଡବ୍ଲ୍ୟୁଓ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ଅତିଥି ଭାବେ ତହସିଲଦାର ବସନ୍ତ କୁମାର ହାତୀ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ନିମାପଡ଼ା ମେଡିକାଲ ମୁଖ୍ୟ ଚିକିତ୍ସାଧିକାରୀ ଡ. କ୍ଷମାନିଧି ସେଠୀ, ଶିକ୍ଷାବିତ୍ ଗୋବିନ୍ଦଚନ୍ଦ୍ର ନାୟକ, ଡ. ପ୍ରଭାକର ତ୍ରିପାଠୀ, ପିପିଡବ୍ଲ୍ୟୁଓର ସଭାପତି ଶିକ୍ଷାବିତ୍ ଗଗନ ବିହାରୀ ଦାସ, ଉପସଭାପତି ପଦ୍ମଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ଓଡ଼ିଆ, ଇଂଲିଶ୍ ବକ୍ତୃତା ସମେତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୨୬ ଜଣ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ମାନପତ୍ର, ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଜନ୍ମେଜୟ ସ୍ୱାଇଁ, ମୌସୁମୀ ରାୟସିଂ, ପ୍ରଜ୍ଞା ପରମିତା ପରିଡ଼ା, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ଏହି ସମାରୋହ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ସମାରୋହରେ ବହୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ୍ ଯୋଗଦେଇଥିଲେ।

# କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳିତ

**ଯୋଗେଶ୍ୱରପୁର, ୧୫।୧୧**
**(ରଶ୍ମିରଞ୍ଜନ ସାହୁ)**

ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଯୋଗେଶ୍ୱର ମୁଦୁଲିସାହିସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ୩୦୦ତମ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧର୍ମ କାର୍ଯ୍ୟ କରିବା ଦ୍ୱାରା ଲୋକଙ୍କ ମନରେ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଆପେଆପେ ଆସିଥାଏ ବୋଲି କହିଥିଲେ। ପ୍ରତିବର୍ଷ ଅନୁଷ୍ଠାନ ପକ୍ଷରୁ କାର୍ତ୍ତିକ ଉତ୍ସବ ପାଳନ କରାଯାଉଥିବାରୁ ବିଧାୟକ ବେହେରା ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଯୁବନେତା ଅଭିମନ୍ୟୁ ସିଂହ, ସଭାପତି ଦିଲ୍ଲୀପ ରାୟ, ପୂର୍ବତନ ଜିଲାପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିରଞ୍ଜନ ଦଳାଇ ଏବଂ ଅନୁଷ୍ଠାନର ସଭ୍ୟ ଲାଲୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପରମ୍ପରା ଓ ସଂସ୍କୃତି ଓଡ଼ିଆ ଜାତିର ଜୀବନରେଖା



କୁମାରେଶ୍ୱର ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

**ଗୋପ,୧୫।୧୧(ଭାରତୀ ଭୂଷଣ ଉପାଧ୍ୟାୟ)**

ଓଡ଼ିଆ ଜାତି ଆଜି ସଂସ୍କୃତି, ପରମ୍ପରା ବଞ୍ଚାଇବା ପରିବର୍ତ୍ତେ ଆଧୁନିକୀକରଣ ନିମନ୍ତେ ଚେଷ୍ଟା କରୁଛି। କିନ୍ତୁ ଆମମାନଙ୍କୁ ଏବେଠାରୁ ପରମ୍ପରା, ସଂସ୍କୃତି ସହିତ ଓଡ଼ିଆ ଜାତିର ଧର୍ମ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ଥିବାବେଳେ ସଂସ୍କୃତି, ପରମ୍ପରା ଆମର ଜୀବନରେଖା ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ କହିଛନ୍ତି। କୁମାରେଶ୍ୱର ଆଞ୍ଚଳିକ ବୋଇତ ବନ୍ଦାଣ କମିଟି ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, କୁଆଁପଡ଼ା ସରପଞ୍ଚ ବଳିମଣୀ ପ୍ରଧାନ, ସମିତି ସଭ୍ୟ ଦିବାକର ସାହୁଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବଲାଙ୍ଗୀରର ନୃତ୍ୟ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ୨ଦିନ ଧରି ଅନୁଷ୍ଠିତ ହେବ ବୋଲି କମିଟିର ସଭ୍ୟ ବିଚିତ୍ରାନନ୍ଦ ପ୍ରଧାନ, ପ୍ରବୋଧ ସାହୁ, ପର୍ଶୁରାମ ମହାନ୍ତି, ସଂଗ୍ରାମ କେଶରୀ ଭୋଳ ପ୍ରମୁଖ ସୂଚନା ଦେଇଛନ୍ତି।

# ଭୂଦାନ ଆନ୍ଦୋଳନର ଲକ୍ଷ୍ୟ ଥିଲା ସମାଜ ସଂସ୍କାର, ଆର୍ଥିକ ଅନଗ୍ରସରଙ୍କ ଉନ୍ନତି

**ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)**

ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟ ନଗରରେ ଶୁକ୍ରବାର ଆଚାର୍ଯ୍ୟ ବିନୋବା ଭାବେଙ୍କ ୪୨ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବୋଦୟନଗରସ୍ଥିତ ଆଚାର୍ଯ୍ୟ ବିନୋବା ଭାବେଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଭୂଦାନ ଆନ୍ଦୋଳନରେ ଆଚାର୍ଯ୍ୟ ବିନୋବାଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ମୃତି ପରିଷଦ ଆବାହକ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଶାସକ ବିନୋଦ କୁମାର ପଣ୍ଡା ଯୋଗଦେଇ ସମାଜ ସଂସ୍କାର ଓ ଆର୍ଥିକ ଅନଗ୍ରସରଙ୍କ ଉନ୍ନତିରେ ଲକ୍ଷ୍ୟ ଥିଲା ଭୂଦାନ ଆନ୍ଦୋଳନ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ କୈଳାଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଅଧିବକ୍ତା ଶିବପ୍ରସାଦ ମିଶ୍ର, ସତ୍ୟନାରାୟଣ ମିଶ୍ର, ଡ. କାର୍ତ୍ତିକ କୁମାର ଦାସ, ଇଂ. ଗିରିଜା ଶଙ୍କର ପାଢ଼ୀ, ସର୍ବୋଦୟ ନଗର ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ନାରାୟଣ ନନ୍ଦ, ଗୋଲକ ଚନ୍ଦ୍ର ଜେନା, କୃପାସିନ୍ଧୁ ରାଉତରାୟ, ଦେବେନ ଦାଶ, ଅଶୋକ କୁମାର ମହାନ୍ତି, ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ତପନକୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ବଳରାମ ଦାଶ ଧନ୍ୟବାଦ ଦେଇଥିଲେ।

# ୧୯ ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ

**ଡେଲାଙ୍ଗ,୧୫।୧୧(ରଶ୍ମିରଞ୍ଜନ ପ୍ରଧାନ)**

ଡେଲାଙ୍ଗ ବ୍ଲକ ୯ ପଞ୍ଚାୟତରେ ୧୯ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସର ଶୁଭାରମ୍ଭ କରିଛନ୍ତି ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ। ହରିରାଜପୁରରେ ୩ଟି ପ୍ରକଳ୍ପ ନିମବସନ୍ତ ଶ୍ରୀଚୈତନ୍ୟ ଦେବ ମନ୍ଦିରର ମୁଖଶାଳା, ନଈଭଁସର ଓ ମୁନିନ୍ଦାରେ ୨ଟି ମୋହନପୁର ଅଙ୍ଗନୱାଡି କେନ୍ଦ୍ର ଓ ଉଠାଜଳସେଚନ, ରେଙ୍ଗରେ ଗୋଟିଏ ଓ ରେଙ୍ଗଳର ୪ଟି ପଞ୍ଚାୟତ ସୁବିଧା କେନ୍ଦ୍ର, ଯାତ୍ରୀ ପ୍ରତୀକ୍ଷାଳୟ, ମାଣିତ୍ରୀପାଟଣାର ଅଙ୍ଗନୱାଡ଼ି କେନ୍ଦ୍ର, ଝାରପଡ଼ା ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ, ଗୋଡ଼ିପୁଟ ମାଟିଆପଡ଼ାର ୨ଟି, ହରିପୁର ରାମେଶ୍ୱର ପୁଷ୍କରିଣୀ ପୁନରୁଦ୍ଧାର, ପଞ୍ଚାୟତ କାର୍ଯ୍ୟାଳୟ ଉତ୍ତରପାର୍ଶ୍ୱ ରାସ୍ତା କଂକ୍ରିଟ୍‌କରଣ, ହରିରାଜପୁର ୩ଟି ନିମବସନ୍ତ ରାସ୍ତା କଂକ୍ରିଟ୍‌କରଣ, ଚାଇଁପୁରରେ ସଡ଼ାଙ୍ଗୋଇ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ାର ଉନ୍ନତୀକରଣ ଓ ମାର୍ଥା-ପିଢ଼ସାହି ରାସ୍ତା କଂକ୍ରିଟ୍‌କରଣ, ସାଉରିଆରେ ଗୋଟିଏ ଗଙ୍ଗପୁର ପାଟଣା ଗୋଷ୍ଠୀଗୃହ, ଶ୍ରୀପୁରୁଷୋତ୍ତମପୁରରେ ଗୋଟିଏ ପ୍ରାଣୀ ଚିକିତ୍ସାକେନ୍ଦ୍ର, ବେରବୋଇର ୩ଟି ଆଦର୍ଶ ବିଦ୍ୟାଳୟ ଛକ ଯାତ୍ରୀ ପ୍ରତୀକ୍ଷାଳୟ, ତାରିଣୀ ମନ୍ଦିର ରାସ୍ତା କଂକ୍ରିଟ୍‌କରଣ, ଏମ୍‌ପି ଓ ବିଧାୟକଙ୍କୁ ବିଭିନ୍ନ ଗ୍ରାମରେ ବାଜା ବଜାଇ ମହିଳାମାନେ ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଡେଲାଙ୍ଗ ବିଡିଓ କ୍ଷିତିଶ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ, କନିଷ୍ଠ ଯନ୍ତ୍ରୀ ଅମୀୟ ପଣ୍ଡା, ଚିତ୍ରୋତ୍ପଳା ନାୟକ, ପବିତ୍ର କୁମାର ମଲ୍ଲିକ, ସ୍ୱାଗତିକା ଦାସ ଓ ଲୋପାମୁଦ୍ରା ପତି, ଜିଲା ପରିଷଦ ସଭ୍ୟା ପ୍ରଜ୍ଞା ଛୋଟରାୟ, ଭାଜପା ମଣ୍ଡଳ ସଭାପତି ଶ୍ୱେତ କୁମାର ନାୟକ, ସରପଞ୍ଚ ରୀନାରାଣୀ ରାଉତରାୟ, ସମିତି ସଭ୍ୟା ମଞ୍ଜୁଲତା ହାତୀ, ସରପଞ୍ଚ ହରିହର ସ୍ୱାଇଁ, ମଳୟ ସେଠୀ, ରୁନା ନନ୍ଦ ପ୍ରମୁଖ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ପ୍ରକଳ୍ପ ଶିଳାନ୍ୟାସ ଅବସରରେ ଏମ୍‌ପି ସମ୍ବିତ୍ ପାତ୍ର ଓ ବିଧାୟକ ଆଶ୍ରିତ ପଟ୍ଟନାୟକ।

# ନିମାପଡ଼ା ବୋଇତ ବନ୍ଦାଣ ଉତ୍ସବ ସମାରୋହ

## ୯୦ ପ୍ରତିଭା ସମ୍ବର୍ଦ୍ଧିତ, କବିତା ପାଠ

**ନିମାପଡ଼ା,୧୫।୧୧(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବୋଇତ ବନ୍ଦାଣ ପରିଚାଳନା କମିଟି ଓ ସଙ୍ଗମ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନିମାପଡ଼ା ବୋଇତ ବନ୍ଦାଣ ଉତ୍ସବ-୨୦୨୪ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଧନଜୀବନର ହାନି ନ ଘଟାଇ, ପ୍ରାକୃତିକ ଜଳ ଉତ୍ସକୁ ପ୍ରଦୂଷିତ ନ କରି ଦୁର୍ଗାମଣ୍ଡପଠାରେ ଆୟୋଜିତ କୃତ୍ରିମ ଜଳାଶୟରେ ନିରାପଦ ଭାବେ ଶତାଧିକ ଶ୍ରଦ୍ଧାଳୁ ଡଙ୍ଗା ଭସାଇଥିଲେ। ଏହି ଅବସରରେ ବୋଇତ ବନ୍ଦାଣ ପୂଜାର୍ଚ୍ଚନା କରାଯିବା ପରେ ଆକର୍ଷଣୀୟ ସଙ୍କୀର୍ତ୍ତନ ସହର ପରିକ୍ରମା କରିଥିଲା। ଉତ୍ସବସ୍ଥଳରେ ଝୋଟିଚିତ୍ର, ଶଙ୍ଖବାଦନ, ହୁଳହୁଳି ପ୍ରତିଯୋଗିତା, ସ୍ୱରଚିତ କବିତା




ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପାଠ, ସାହିତ୍ୟ ସଭା, ଆଲୋଚନାଚକ୍ର, ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାଡ଼ଖଣ୍ଡ ଅଞ୍ଚଳରୁ ୬୦ ଜଣ ବିଶିଷ୍ଟ କବି, ସାହିତ୍ୟିକମାନେ ଯୋଗଦେଇ କବିତା ପାଠ କରିଥିଲେ।

ଉତ୍ସବର ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ବିଶିଷ୍ଟ କବି, ରାଜନୀତିଜ୍ଞ ଡ. ପ୍ରସନ୍ନ କୁମାର ପାଟଶାଣୀ, ବରଗଡ଼ ବିଜେପୁରର କଂସ ମହାରାଜ ଦେବରାଜ ଛତିଆ, ବ୍ୟଙ୍ଗ କବି ସତ୍ୟାନାଶ, ସମ୍ପଦ କୁମାର ରଥ, ଶିକ୍ଷାବିତ୍ ତଥା ଲେଖକ ସରୋଜିନୀ ରଥ, ରୋଜାଲିନ ସେନାପତି, ବିଶ୍ୱମିତ୍ରା ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ବିଶିଷ୍ଟ କବି ରୋଜାଲିନ୍ ସେନାପତିଙ୍କ ରଚିତ ପୁସ୍ତକ 'ସମ୍ଭବ' ଓ ଲେଖକ ଗଙ୍ଗାଧର ଓଝାଙ୍କ ରଚିତ ପୁସ୍ତକ 'କଇଁଫୁଲ ମାଳିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମାରୋହରେ ୬୦ଜଣ କବି, ସାହିତ୍ୟିକ, ଲେଖକମାନଙ୍କ ସମେତ ୫ଜଣ କୃତୀ ପ୍ରତିଭାଙ୍କୁ ନିମାପଡ଼ା ଗୌରବ ସମ୍ମାନ, ୬ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମାପଡ଼ା ସେବା ସମ୍ମାନ ସମେତ ୯୦ଜଣ କୃତୀ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗମର ସଭାପତି ଗଙ୍ଗାଧର ଓଝା, ସମ୍ପାଦକ ମନୋଜ ନାୟକ, ଉପଦେଷ୍ଟା କବି ସମ୍ପଦ କୁମାର ରଥ, ଭରତ ଚନ୍ଦ୍ର ସାହୁ, ପ୍ରଭାକର ସାହୁ, ଚିତ୍ରଶିଳ୍ପୀ ଶରତ ପ୍ରଧାନ, ଦୀନବନ୍ଧୁ ସ୍ୱାଇଁ ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ଉତ୍ସବସ୍ଥଳରେ ଭଜନ ସମାରୋହ, ସମ୍ବଲପୁରୀ ନୃତ୍ୟ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା।



କାର୍ତ୍ତିକେଶ୍ୱର ପୂଜା: କଣ୍ଟାପଡ଼ା ବ୍ଲକ ଛକ ପୂଜା ମଣ୍ଡପ



କଟକ ଚାନ୍ଦନୀଚୌକ ଦଇ ସାହି ପୂଜା କମିଟି



ଛତ୍ର ବଜାର ପୂଜା କମିଟି

## ସଂକ୍ଷେପରେ

### ମୁରୁଜରାଣୀ ପ୍ରତିଯୋଗିତା

ଫୁଲନଖରା,୧୫।୧୧(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ନାଗବାଲୀ ଗ୍ରାମର ବାବା ଜଟିଆ ମଠ ପରିସରରେ ମୁରୁଜ ରାଣୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିକଟସ୍ଥ ଗ୍ରାମଗୁଡିକରୁ ୧୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଶୁଭଶ୍ରୀ ଭୋଇ, ଈପ୍ସିତା ଜେନା, ଦେବିପ୍ରିୟା ମୁଦୁଲି, ମୋନାଲିସା ପରିଡା, ରଶ୍ମିତା ଦଳାଇ ବିଜୟୀ ହୋଇଥିଲେ। ଅନୁଷ୍ଠାନର ସଭାପତି ଶେଷଦେବ ପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ସ୍ୱରଣିକା ପ୍ରିୟଦର୍ଶିନୀ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ଅତିଥି ଭାବେ ନୟନା ବେହେରା ଓ ସ୍ୱୟଂପ୍ରଭା ପତି ଉପସ୍ଥିତ ଥିଲେ। ସତ୍ୟଜିତ୍ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବୋଇତ ବନ୍ଦାଣ ଉତ୍ସବ

ଚୌଦ୍ୱାର,୧୫।୧୧(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ପେଷାଦାର ସାମ୍ବାଦିକ ସଂଘ ତରଫରୁ ସ୍ଥାନୀୟ ବିରୂପା ନଦୀ କୂଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଅନ୍ୟତମ ଅତିଥି ଭାବେ ପୂର୍ବତନ ପୌରାଧ୍ୟକ୍ଷ ପ୍ରେମଚାନ୍ଦ ନାୟକ, କାଉନସିଲର ଅଜୟ କୁମାର ବେହେରା, ଅଜିନୀ ବେହେରା, ସୁବ୍ରତ ସାମଲ ପ୍ରମୁଖ ଯୋଗଦେଇଥିଲେ। ଅଜିତ୍ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ତଥା ଖବରଦାତା ପଦ୍ମନାଭ ବରାଳ, ସ୍ୱାଧୀନ କୁମାର ଦାସ, ପାର୍ଥସାରଥୀ ବେଉରା, ବବିତା ବେଉରାଙ୍କ ସମେତ ସଂଘର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### କଣ୍ଟାପଡ଼ାରେ କାର୍ତ୍ତିକେଶ୍ୱର ପୂଜା

କଣ୍ଟାପଡା, ୧୫।୧୧(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡ଼ା ବ୍ଲକ ଛକରେ ମଙ୍ଗଳଚଣ୍ଡୀ ବ୍ୟବସାୟୀ ସଂଘ ପକ୍ଷରୁ ଭଜନ ସନ୍ଧ୍ୟା ଓ ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ଅନିଲ କୁମାର ସାହୁ, ବବୁଲ ବେହେରା, ବିକାଶ ସ୍ୱାଇଁ, ବିଭୂପ୍ରସାଦ ଦାଶ, ଜୀବନ ସାହୁ, ତ୍ରିଲୋଚନ ବାରିକ, ଦୀପକ ସ୍ୱାଇଁ, ପ୍ରଦୀପ ସ୍ୱାଇଁଙ୍କ ସମେତ ବ୍ୟବସାୟୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶତାୟୁ ବାଣ କାରିଗରଙ୍କ ପରଲୋକରେ ଶୋକ

ସାଲେପୁର,୧୫।୧୧(ଅରବିନ୍ଦ ଭୂୟାଁ)

ରାଜ୍ୟରେ ବାଣ କାରିଗର ଭାବେ ପ୍ରସିଦ୍ଧ ଲାଭ କରିଥିବା ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ଅନ୍ତର୍ଗତ ରାଘବପୁର ଗ୍ରାମର ଶୁକଦେବ ମଲ୍ଲିକଙ୍କ ଶନିବାର ୧୦୩ବର୍ଷରେ ପରଲୋକ ଘଟିଛି। ସେ ରାଜ୍ୟ ଓ ରାଜ୍ୟ



ବାହାରେ ଜଣେ ଦକ୍ଷ ବାଣ କାରିଗଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ତାଙ୍କ ପରଲୋକ ଖବରପାଇ ବାଲିସାହି ପଞ୍ଚାୟତ ସରପଞ୍ଚ ପବିତ୍ର ସାମଲ, ପୂର୍ବତନ ସରପଞ୍ଚ ସରସ୍ୱତୀ ବେହେରା, ବିଭୁତିଭୂଷଣ ଦାଶ, ଯୁବନେତା ଗୁଲରେଜ ଅଲ୍ଲୀ, ସମିତିସଭ୍ୟା ଗୌତମୀ ମଲ୍ଲିକ, ବୁଲା ପାତ୍ରଙ୍କ ସମେତ ବାଲିସାହି ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ଶରତ ମଲ୍ଲିକ ମୁଖାଗ୍ନି ଦେଇଥିଲେ।

# ନୌବାଣିଜ୍ୟ ପରମ୍ପରା ବୈଦ୍ୟେଶ୍ୱର ପାଇଁ ଗୌରବର ପ୍ରତୀକ

ବାଙ୍କୀ,୧୫।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦେଶ୍ୱର ଗ୍ରାମର ବୈଦ୍ୟେନାଥ ପୀଠ ତଟଦେଶରେ ମହାନଦୀରେ ଶୁକ୍ରବାର ବୋଇତବନ୍ଦାଣ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୌକା ବୈଦ୍ୟେଶ୍ୱର ଛକଠାରୁ ଗ୍ରାମ ପରିକ୍ରମା କରି ମହାନଦୀ କୂଳରେ ପହଞ୍ଚିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ରବିନାରାୟଣ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ବୋଇତ ବନ୍ଦାଣ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ସୁରଞ୍ଜନ ପଣ୍ଡା ଧୂପଦୀପ ଦେଇ ନୌକା ପୂଜା କରିଥିଲେ। ଏହି ଅବସରରେ ସାଧବ ପୁଅ, ବୋହୂ ଓ ତଅପୋଇ ବେଶରେ



ସାଧବ ପୁଅ ବୋହୂ ବେଶରେ ସଜ୍ଜିତ ହୋଇଥିବା ଝିଅମାନେ।

ଗ୍ରାମର ଝିଅମାନେ ସଜ୍ଜିତ ହୋଇଥିଲେ। ବୈଦ୍ୟନାଥ ଘାଟଠାରୁ ନୌକାରେ ସାଧବ ପୁଅମାନେ ମହାନଦୀରେ ଜଳଯାତ୍ରା କରି ରାମନାଥ ଘାଟରେ ନୌକାରୁ ଓହ୍ଲାଇବା ପରେ ସାଧବବୋହୂମାନେ ବନ୍ଦାପନା କରି ପ୍ରାଚୀନ ମା'ଦୁର୍ଗାଙ୍କ ପୀଠକୁ ପାଛୋଟି ନେଇଥିଲେ। ସେଠାରେ ସାମାଜିକ କର୍ମୀ ରବିନାରାୟଣ ମଙ୍ଗରାଜଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ନୌବାଣିଜ୍ୟ ପରମ୍ପରା ବୈଦ୍ୟେଶ୍ୱର ପାଇଁ ଗୌରବର ପ୍ରତୀକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁରଞ୍ଜନ ପଣ୍ଡା ଓ ଡ. ସୁବିତ୍ ପଟ୍ଟନାୟକ ଯୋଗଦେଇ ବୈଦ୍ୟେଶ୍ୱର ମାଟିର ପୁରାତନ ଐତିହ୍ୟ , ସଂସ୍କୃତି ଓ ନୌବାଣିଜ୍ୟ କେନ୍ଦ୍ର ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜୟକୃଷ୍ଣ ସାହୁ, ଜୟଦେବ ସାମନ୍ତରାୟ, ଅଯୋଧ୍ୟା ବ୍ରହ୍ମ , ଆଶିଷ କୁମାର ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ସୁବାସ ଚନ୍ଦ୍ର ଦଳେଇ, ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଚୌଧୁରୀ ସରୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗୀ ବେଶରେ ଦର୍ଶନ ଦେଲେ ଧବଳେଶ୍ୱର

ଖୁଣ୍ଟୁଣୀ, ୧୫।୧୧
(ସଚ୍ଚିଦାନନ୍ଦ ପଣ୍ଡା)



କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠ ଚଳଚଞ୍ଚଳ ହୋଇଥିଲା। ଶୁକ୍ରବାର ରାତି ସାଢେ ୩ଟାରେ ଧବଳେଶ୍ୱରଙ୍କ ନୀତି ପାଳିଆ ସେବକ ଶରତ ଚନ୍ଦ୍ର ପତ୍ରୀ ଓ ପୂଜକ ସମାଜ ମନ୍ଦିରର ଦ୍ୱାର ଖୋଲି ଠାକୁରଙ୍କ ସ୍ନାନ, ମଙ୍ଗଳ ଆଳତି ସହ ବିଭିନ୍ନ ପୁଷ୍ପରେ ସଜ୍ଜିତ କରିଥିଲେ। ଏହାପରେ ଠାକୁରଙ୍କୁ ଯୋଗୀବେଶରେ ସଜ୍ଜିତ କରାଯିବା ପରେ ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍ ମଧ୍ୟରେ ଆସି ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୀଠରେ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଆଇଆଇସି ପରେଶ ମହାନ୍ତି, ଧବଳେଶ୍ୱର ବିଟ୍ ଏଏସଆଇ ଗିରୀଶ ମହାନ୍ତି, ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା, ସାଗର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଶୁକ୍ରବାର କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଗଡ଼ଗଡ଼ିଆ ଘାଟ ବାଲିଯାତ୍ରା ପଡ଼ିଆ ମହାନଦୀ ତଟରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ।

# ମୁଣ୍ଡନ ହେଲେ ୧୦ହଜାରରୁ ଊର୍ଦ୍ଧ୍ୱ ଶିଶୁ

ତିଗିରିଆ, ୧୫।୧୧(ଜାଫର ଖାଁ)

## ମା'ଲୋଭୀ ଠାକୁରାଣୀଙ୍କ ଯାତ୍ରା

ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଦେବୀ ମା'ଲୋଭୀ ଠାକୁରାଣୀଙ୍କ ପ୍ରସିଦ୍ଧ ମୁଣ୍ଡନ ଯାତ୍ରା ଶୁକ୍ରବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଏହି ଅବସରରେ ମା'ଙ୍କ ନିକଟରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶିଶୁ ମୁଣ୍ଡନ ହୋଇଛନ୍ତି। ସୂଚନାଯୋଗ୍ୟ, ବହୁ ପୁରାତନକାଳରୁ ସନ୍ତାନପ୍ରାପ୍ତି ଉଦ୍ଦେଶ୍ୟରେ ମା'ଲୋଭୀ ଠାକୁରାଣୀଙ୍କ ନିକଟରେ ଭକ୍ତମାନେ ମାନସିକ କରନ୍ତି। ନିଜର ମାନସିକ ପୂରଣ ପରେ ଜନ୍ମିତ ଶିଶୁର ପ୍ରଥମ ଚୁଟି ମୁଣ୍ଡନ କରି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରନ୍ତି। ମା' ବର୍ଷକରେ ଗୋଟିଏ ଦିନ କାର୍ତ୍ତିକ ପୂର୍ଣିମାରେ ଭକ୍ତଙ୍କୁ ମନ୍ଦିରରେ ଦର୍ଶନ ଦେଉଥିବାରୁ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଭୋର ସମୟରେ ମା'ଙ୍କ ବିଗ୍ରହକୁ ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ନୃସିଂହ ସାହୁଙ୍କ ଘରେ ଥିବା ଲୋଭୀ ଚଉରା ନିକଟରୁ ବାଜା ବାଣ ଓ ରୋଷଣିରେ ମନ୍ଦିରକୁ ଅଣାଯାଇଥିଲା। ପରେ ସକାଳ ୫ଟାରେ ପତାକା ଉଠା କାର୍ଯ୍ୟକ୍ରମ ସମାପନ ହୋଇଥିଲା। ସକାଳ ୬ ଟାରେ ସାହାଣ ମେଲା କରାଯାଇ ମା'ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ।

ଏହି ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଯାତ୍ରା ମହାସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯିବା ସହ ଯାତ୍ରା କମିଟି ପକ୍ଷରୁ ସୂଚନା କେନ୍ଦ୍ର, ବ୍ୟାରିକେଡ୍, ପାନୀୟ ଜଳଯୋଗାଣର ବ୍ୟବସ୍ଥା କରାଯାଇଥିଲା।ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାକୁ ତିଗିରିଆ ପୋଲିସ ସହ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଥିଲା। ଏହି ଯାତ୍ରାରେ ଯାତ୍ରା ମହାସଂଘର ସଭାପତି ବିଭୁତି ଭୂଷଣ ବେହେରା,ସମ୍ପାଦକ ଅଭିମନ୍ୟୁ ଜେନା, ସହ ସମ୍ପାଦକ ଶରତ କୁମାର ରାଉତ, କୋଷାଧ୍ୟକ୍ଷ ମିଟୁ ରାଉତ (ଝୁନୁ), ମନ୍ଦିର ସଭାପତି କବିଚନ୍ଦ୍ର କଅଁର ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତିଶୃଙ୍ଖଳାର ସହ ସରିଲା ବିଶ୍ୱଶାନ୍ତି ମହାଯଜ୍ଞ

ଆଠଗଡ,୧୫।୧୧(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ପୁଣ୍ୟତୋୟା ମହାନଦୀ ଗର୍ଭସ୍ଥ ମା' ଅମଙ୍ଗେଇ କୁଦରେ ବାବା ପଶ୍ଚିମେଶ୍ୱର ମହାଦେବଙ୍କ ପୀଠ ବିଭିନ୍ନ ପାରିପାର୍ଶ୍ୱିକ ପରିସ୍ଥିତି ପାଇଁ ୨୦୨୩ରେ ବିଶ୍ୱଶାନ୍ତି ମହାଯଜ୍ଞ ବନ୍ଦ ହୋଇଯାଇଥିଲା। ଗ୍ରାମ କମିଟି ସଭାପତି ଓ ସରପଞ୍ଚ ଏବଂ କିଛି ଯୁବକଙ୍କ ଉଦ୍ୟମରେ ପୁନର୍ବାର ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମହାଯଜ୍ଞ ବୁଧବାର ୧୩ ନଭେମ୍ବର ୨୦୨୪ରୁ ଆରମ୍ଭ ହୋଇଥିଲା। କଳସ ଯାତ୍ରା, ଅଂକୁର ରୋପଣ ଓ ସୂର୍ଯ୍ୟପୂଜା ପରେ ଯଜ୍ଞ ଆରମ୍ଭ ହୋଇ ଶୁକ୍ରବାର ଅପରାହ୍ନରେ ପୂର୍ଣ୍ଣାହୁତି ସମାପନ ହୋଇଯାଇଛି। ଶାନ୍ତି ଶୃଙ୍ଖଳା ସହ ଶୃଙ୍ଖଳିତ ଦର୍ଶନ ପାଇଁ ଆଠଗଡ଼ ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ଓ ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ଓ ୩ ପ୍ଲାଟୁନ ଫୋର୍ସ ସମେତ ଆଠଗଡ ଅଗ୍ନିଶମ ବିଭାଗ ମୁଖ୍ୟ ଆଗ୍ନିକ ଦିଲୀପ କୁମାର ଦଳେଇଙ୍କ ନେତୃତ୍ୱରେଏକ ଟିମ୍ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସମ୍ପାଦିତ କରିଥିଲେ।

# 'ପ୍ରତିଯୋଗିତା ମନୋବଳ ବଢ଼ାଇଥାଏ'

କଣ୍ଟାପଡା,୧୫।୧୧(ସୁରନାରାୟଣ ସାହୁ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କଣ୍ଟାପଡା ବ୍ଲକ ଅନ୍ତର୍ଗତ ଓଲଟପୁରସ୍ଥିତ ଆରୋଗ୍ୟ ଭବନଠାରେ ସୁଶ୍ରୁତ ସେବା ସହାୟତା କେନ୍ଦ୍ର ଆନୁକୂଲ୍ୟରେ ଝୋଟି ଓ ମୁରୁଜ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଡା. ନରେନ୍ଦ୍ର କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତା ପ୍ରତିଯୋଗୀଙ୍କ ମନୋବଳ ବଢ଼ାଇଥାଏ ବୋଲି କହିଥିଲେ। ଲୋଭାବତୀ ଦାସ ଓ ଅଭିରାମ ରାଉତ ବିଚାରକ ଭାବେ ଯୋଗଦେଇଥିଲେ। ଏଥିରେ ୧୮ଜଣ ପ୍ରତିଯୋଗୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ପୂର୍ଣ୍ଣତୋୟା ରାଉତ ପ୍ରଥମ, ଶର୍ମିଳା ଭୋଇ ଦ୍ୱିତୀୟ ଓ ମୋନାଲିସା ପଡ଼ିଆରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲୋକନାଥ ବେହେରା, କିଶୋର ରାଉତରାୟ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଭଗବାନ୍ ବିର୍ସା ମୁଣ୍ଡା ଆଦିବାସୀ ସମାଜର ପ୍ରେରଣା'

## ଆଦିବାସୀ ଜୀବନଶୈଳୀ ଉପରେ ୩ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

କଟକ,୧୫।୧୧(କାର୍ତ୍ତିକ ସାହୁ)

ଜନଜାତି ଗୌରବ ଦିବସ ପାଳନ ଉପଲକ୍ଷେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆଦିବାସୀଙ୍କ ଜୀବନଶୈଳୀ ଉପରେ ଏକ ୩ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ସେଭେନ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବଂ ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର ଦ୍ୱାରା ଆୟୋଜିତ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମତିଥି ତଥା ରାଷ୍ଟ୍ରୀୟ ଜନଜାତି ଗୌରବ ଦିବସରେ ମୁଖ୍ୟବକ୍ତା ଗ୍ୱାଲିଅରସ୍ଥିତ ଅଟଳ ବିହାରୀ ବାଜପେୟୀ ଭାରତୀୟ ବୈଷୟିକ ଏବଂ ପ୍ରବନ୍ଧନ ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀନିବାସ ସିଂ ଭଗବାନ୍ ବିର୍ସା ମୁଣ୍ଡା ସମଗ୍ର ଆଦିବାସୀ ସମାଜର ପ୍ରେରଣା ବୋଲି କହିଥିଲେ। ମୁଖ୍ୟ ଅତିଥି ହିମାଚଳ ପ୍ରଦେଶ ମାଣ୍ଡିସ୍ଥିତ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିର୍ସା ମୁଣ୍ଡାଙ୍କ ଗ୍ରାମରୁ ଅଣାଯାଇଥିବା ମାଟି ଏବଂ ଜ୍ୟୋତିକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏଥିସହ ଜ୍ୟୋତିକୁ ବିଶ୍ୱବିଦ୍ୟାଳୟ ଆଦିବାସୀ ଛାତ୍ରୀଛାତ୍ର ପାରମ୍ପରିକ ନୃତ୍ୟ ଏବଂ ବାଦ୍ୟର ତାଳେତାଳେ କାର୍ଯ୍ୟକ୍ରମ ସ୍ଥଳକୁ ପାଛୋଟି ନେଇଥିଲେ। ପର୍ଯ୍ୟାୟକ୍ରମେ ରାଷ୍ଟ୍ରୀୟ ଏବଂ ଅନ୍ତଃରାଷ୍ଟ୍ରୀୟ ସ୍ତରର ବକ୍ତାମାନେ ଯୋଗଦେଇଥିଲେ। ଡ. ପ୍ରିୟଦର୍ଶୀ କର, ଡ. ଶିବବ୍ରତ ଦାସ, ଡ. ଶରତ କୁମାର ରାଉତ, ଡ. ବି.ସି. ଦାସ ଏବଂ ଡ. ବିକ୍ରମ କେଶରୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ସ୍ୱାଧୀନତା ପାଇଁ ଲଢ଼େଇ କରିଥିଲେ ବିର୍ସା ମୁଣ୍ଡା'

## ବିର୍ସା ମୁଣ୍ଡାଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ

କଟକ,୧୫।୧୧ (କାର୍ତ୍ତିକ ସାହୁ)

ଆଦିବାସୀଙ୍କ ଜଙ୍ଗଲ ଓ ଅଧିକାରକୁ ନେଇ ଆଜୀବନ ସଂଗ୍ରାମ କରି ଆସିଥିବା ବିର୍ସା ମୁଣ୍ଡାଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହାକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରି କହିଛନ୍ତି, ବିର୍ସା ମୁଣ୍ଡା ଇଂରେଜ ସରକାରଙ୍କ ବିରୋଧରେ ଆଦିବାସୀଙ୍କୁ ସଙ୍ଗଠିତ କରି ସ୍ୱାଧୀନତା ପାଇଁ ଲଢେଇ ଜାରି ରଖିଥିଲେ। ବିର୍ସା ମୁଣ୍ଡାଙ୍କର ଜୟନ୍ତୀଙ୍କୁ ଜନଜାତୀୟ ଗୌରବ ଦିବସ ଭାବେ ଭାରତରେ ପାଳନ କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ରାଜ୍ୟ ଅନ୍ତର୍ଗତ ଜାମୁଇଠାରେ ଆଭାସି ମାଧ୍ୟମରେ ଜନଜାତି ଗୌରବ ଦିବସକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଇନ୍‌ଡୋର ଷ୍ଟାଡିୟମରେ



ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ।

ଅନୁଷ୍ଠିତ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ, ସିଏମ୍‌ସି ମେୟର ସୁବାସ ସିଂ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିଲେ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏଥିରେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତ ମଞ୍ଚ ପରିଚାଳନା ଓ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୪୦ଜଣ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ୨ ଜଣ ଆଦିବାସୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଗ୍ରାମରୁ ୩୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇଥିଲେ। ଏହି ଅବସରରେ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ ଥିବା ଗ୍ରାମ ମଧ୍ୟରୁ ୨୧ଟି ଗ୍ରାମକୁ ଚୟନ କରାଯାଇଛି।

**ପ୍ଲାଣ୍ଟ ପରିସରରେ ଯୁବକଙ୍କ ଉନ୍ମତ୍ତକାଣ୍ଡ**

ଟାଙ୍ଗୀ,(ରଘୁନାଥ ସାହୁ): ଚଣ୍ଡେଶ୍ୱର ସ୍ଥିତ ଏକ ପ୍ଲାଣ୍ଟ ପରିସରରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ଲାଣ୍ଟ ପରିସରରେ ରହୁଥିବା ଏକ କୁକୁର ନେବା ଘଟଣାକୁ ନେଇ ଜଣଙ୍କୁ ଦା'ରେ ଆକ୍ରମଣ ହୋଇଛି। ସୂଚନା ମୁତାବକ, ଟାଙ୍ଗୀ ଥାନା ଅନ୍ତର୍ଗତ ଦିକ୍ଷୀତପଡା ଗ୍ରାମର ଶ୍ୱେତ ବେହେରା ଉକ୍ତ ପ୍ଲାଣ୍ଟ ପରିସରରେ ରହୁଥିବା ଏକ କୁକୁରକୁ ନେଇଯାଉଥିବା ବେଳେ ଜଣେ ମହିଳା କର୍ମଚାରୀ ବିରୋଧ କରିଥିଲେ। ଏନେଇ ମହିଳା ଜଣଙ୍କୁ ଶ୍ୱେତ ଗାଳିଗୁଲଜ କରିଥିଲେ। ଏହା ଦେଖି ପ୍ଲାଣ୍ଟ ନିକଟରେ ଥିବା ଲୋକେ ବିରୋଧ କରିଥିଲେ। ଏଥିରେ ଶ୍ୱେତ ଉତ୍ତ୍ୟକ୍ତ ହୋଇ ଦା ରେ ଭୀମସେନ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ। ଭୀମସେନଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ନୌବାଣିଜ୍ୟ ଐତିହ୍ୟକୁ ମନେପକାଇଲେ



ସାଧବ ପୁଅ ନୌବାଣିଜ୍ୟ ପାଇଁ ମନ୍ଦାକିନୀ ନଦୀରେ ବୋଇତରେ ଯାତ୍ରା କରୁଛନ୍ତି।

ନିରାକାରପୁର, ୧୫।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ନିକଟ ମନ୍ଦାକିନୀ ନଦୀତଟରେ ଶୁକ୍ରବାର ତୃତୀୟ ବାର୍ଷିକ ମନ୍ଦାକିନୀ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ.ଦିଲୀପ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ଓଡ଼ିଶାର ନୌବାଣିଜ୍ୟ ଓ ପରମ୍ପରାକୁ ମନେପକାଇ ସାଧବ ବୋହୂମାନେ ରୀତିନୀତି ଅନୁଯାୟୀ ବନ୍ଦାପନା କରି ବାଣିଜ୍ୟ କରିବା ପାଇଁ ସାଧବ ପୁଅଙ୍କୁ ବିଦାୟ ଦେଇଥିଲେ। ହରିବୋଲ, ହୁଳହୁଳି ଓ ଶଙ୍ଖନାଦରେ ନଦୀକୂଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଓଡ଼ିଆ ସିନେ ତାରକା ଏବଂ ସ୍ଥାନୀୟ ଲୋକାଲ ଡ୍ୟାନ୍ସ ଗ୍ରୁପ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସିନେ ତାରକାଙ୍କ ନୃତ୍ୟର ତାଳେତାଳେ ଉପସ୍ଥିତ ଦର୍ଶକ ଝୁମିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ସାମାଜିକ କର୍ମୀ ଡ.ସଞ୍ଜୟ କୁମାର ପଟ୍ଟନାୟକ, ପୂର୍ବତନ ଜିଲାପରିଷଦ ଅଧକ୍ଷ ରାମ ଚନ୍ଦ୍ର ମହାପାତ୍ର, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରକାଶ ଶ୍ରୀଚନ୍ଦନ, ଖୋର୍ଦ୍ଧା ଜିଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ସାମାଜିକ କର୍ମୀ ବିଶ୍ୱଭୂଷଣ ଛୋଟରାୟ, ରଞ୍ଜିତ ଜଗଦ୍ଦେବ, ରମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ଅଭିନେତା, ଅଭିନେତ୍ରୀ ଓ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୋଇତ ବନ୍ଦାଣ ଉତ୍ସବ କମିଟିର ଆବାହକ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ବିଜୟ କୁମାର ରାଉତରାୟ, ସୁନୀଲ କୁମାର ନରେନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ।

## ଚିଲିକାରେ ବୋଇତ ବନ୍ଦାଣ

ବାଲୁଗାଁ, (ସଂଗ୍ରାମ ପାଇକରାୟ)

ବାଲୁଗାଁ ଚିଲିକା ତଟରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଗୁରୁବାର ରାତିତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଭୋର ୪ଟାରେ କାଳିଜାଈ ମୋଟର ବୋଟ ଆସୋସିଏଶନ ପକ୍ଷରୁ ଆତସବାଜି ପ୍ରଦର୍ଶନ ହୋଇଥିଲା। ଏହା ପରେ ସାଧବ ପୁଅ ବୋହୂଙ୍କୁ ନେଇ ଚିଲିକାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁରୁଷ ଓ ମହିଳା ସଦସ୍ୟମାନେ ତଥାକଥିତ ସାଧବ ପୁଅବୋହୂ ବେଶ ଧାରଣ କରି ଉତ୍ସବସ୍ଥଳ ମଞ୍ଚରେ ଉପସ୍ଥିତ ହୋଇଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ସାଧବ ବୋହୂଙ୍କ ଦ୍ୱାରା ବନ୍ଦାପନା କାର୍ଯ୍ୟକ୍ରମ ହୋଇଥିଲା। ଏହା ପରେ ଚିଲିକା ଜଳରାଶିରେ ଅପେକ୍ଷାରତ ସୁସଜ୍ଜିତ ବୋଇତରେ ସାଧବ ପୁଅମାନେ ବିରାଜମାନ ହୋଇଥିଲେ। ଉପସ୍ଥିତ ମହିଳାଙ୍କ ହୁଳହୁଳିରେ ଉତ୍ସବସ୍ଥଳ ପ୍ରକମ୍ପିତ ହୋଇଉଠିଥିଲା। ପରେ ସାଧବ ବୋହୂଙ୍କଠାରୁ ବିଦାୟ ନେଇ ବୋଇତଟି ଚିଲିକାରେ କାଳିଜାଈ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଉତ୍ସବ କମିଟି ସଭାପତି ତଥା ବାଲୁଗାଁ ଏନ୍‌ଏସି ଅଧକ୍ଷା ସୁକାନ୍ତି ପାଇକରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ସମେତ କାଉନସିଲର ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଗଡ଼ଖୋର୍ଦ୍ଧା ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ରରେ ସୁନାବେଶ

ଖୋର୍ଦ୍ଧା, ୧୫।୧୧ (ପ୍ରଭାତ ପାଣିଗ୍ରାହୀ)



ପବିତ୍ର କାର୍ତ୍ତିକ ମାସ ବ୍ୟାପୀ ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଓ ପ୍ରାଚୀନ କୁଞ୍ଜ ବିହାରୀ ମନ୍ଦିରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେହ ପ୍ରାତଃ ଏବଂ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ଭାଗବତ ଚର୍ଚ୍ଚା ହୋଇଥିଲା। ମୁଖ୍ୟ ପରିଚାଳକ ରମାକାନ୍ତ ପଟ୍ଟଯୋଶୀଙ୍କ ଦିଗ୍‌ଦର୍ଶନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା। ରୂପକାର ବିନୋଦ ବିହାରୀ ପଟ୍ଟନାୟକ ଏବଂ ପୂଜକଙ୍କ ଦ୍ୱାରା ଅଁଳାନବମୀ ଠାରୁ କାଞ୍ଚି ଅଭିଯାନ, ମତ୍ସ୍ୟ ଅବତାର, ଲକ୍ଷ୍ମୀନାରାୟଣ, ଗଜଉଦ୍ଧାରଣ, ବଳିବାମନ, କଚ୍ଛପ ଅବତାର ଆଦି ବିଭିନ୍ନ ବେଶ ଓ ପୂର୍ଣ୍ଣିମାରେ ସୁନାବେଶ ହୋଇଥିଲା। କୁଞ୍ଜବିହାରୀ ମନ୍ଦିରର ମାର୍ଫତଦାର ଅଶ୍ୱିନୀ ପ୍ରହରାଜ, ଅଜିତ୍ ପଟ୍ଟନାୟକ, ରମେଶ ମହାନ୍ତି, ଇଂ.ମାଧବ ଷଡ଼ଙ୍ଗୀ, ଅଶୋକ ଡାକୁଆ, ବିଶ୍ୱଜିତ୍ ମହାନ୍ତି, ଗୋପାଳକୃଷ୍ଣ ଦାସ, ହେମ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗନ୍ନାଥଙ୍କ ବେଶ ଦେଖିବାକୁ ବହୁ ଜନସମାଗମ ହୋଇଥିଲା। କୁଞ୍ଜବିହାରୀ ମନ୍ଦିର ପରିସରସ୍ଥିତ ପାପନାଶିନୀ ପୁଷ୍କରିଣୀରେ ପୂର୍ଣ୍ଣିମା ପ୍ରାତଃରୁ ଡଙ୍ଗା ଭସା ଯାଇଥିଲା।

## ନିଯୁକ୍ତି ପ୍ରତିଶ୍ରୁତି ଦେଇ ୮୫ହଜାର ଠକେଇ, ଅଭିଯୁକ୍ତ ଗିରଫ

ବାଣପୁର, ୧୫।୧୧ (ଦିଲୀପ କୁମାର ସ୍ୱାଇଁ)

ଉଚ୍ଚ ଦରମା ହାରରେ ବିଦେଶରେ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ୮୫ହଜାର ଟଙ୍କା ଠକିନେବା ଅଭିଯୋଗରେ ଶୁକ୍ରବାର ବାଣପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ରାଜୀବ ଲୋଚନ ଲେଙ୍କା। ତାଙ୍କ ନିକଟରୁ ଜାଲ୍ ଭିସା, ନିଯୁକ୍ତିପତ୍ର ଏବଂ ନକଲି ଟିକେଟ ଜବତ ହୋଇଛି। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର ଯୁବକମାନେ ରାଜ୍ୟ ଏବଂ ଦେଶ ବାହାରେ ନିଯୁକ୍ତି ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ଏପରିସ୍ଥଳେ ରାଜୀବ ଯୁବକମାନଙ୍କୁ ବିଦେଶ ଯିବା ପାଇଁ ପାସପୋର୍ଟ ଓ ଟିକେଟ କରାଇଦେବାରେ ସହଯୋଗ କରିଥାନ୍ତି। ବିଷ୍ଣୁଡିହ ଗ୍ରାମର ବଳରାମ ସୁବୁଦ୍ଧି ପାସପୋର୍ଟ କରିବା ପାଇଁ ରାଜୀବଙ୍କ ସହ ଯୋଗାଯୋଗ କରିଥିଲେ। ଉଜବେକିସ୍ତାନରେ ରହିବା ସୁବିଧା ସହ ମାଗଣା ଖାଦ୍ୟ ଏବଂ ଭଲ ଦରମାରେ ନିଯୁକ୍ତି ହେଉଥିବା ବିଷୟରେ ରାଜୀବ କହିବା ସହ ବିଭିନ୍ନ ପ୍ରତିଶ୍ରୁତି ଦେଇ ବଳରାମଙ୍କ ମନରେ ବିଶ୍ୱାସ ସୃଷ୍ଟି କରିଥିଲେ। ସେଠାରେ ନିଯୁକ୍ତି ପାଇବାକୁ ହେଲେ ଟଙ୍କା ଖର୍ଚ୍ଚ କରିବାକୁ ପଡିବ ବୋଲି କହି ବଳରାମଙ୍କ ଠାରୁ ୭୦ହଜାର ଟଙ୍କା ରାଜୀବ ନେଇଥିଲେ। ପରବର୍ତ୍ତି ସମୟରେ ଉଜବେକିସ୍ତାନ ଯିବା ପାଇଁ ବଳରାମ ବାରମ୍ବାର କହିବାରୁ ରାଜୀବ ଏକ ମିଥ୍ୟା ନିଯୁକ୍ତିପତ୍ର ଦେବା ସହ ଯିବା ପାଇଁ ଟିକେଟ ଓ ଭିସା ଖର୍ଚ୍ଚ ବାବଦରେ ୧୮ହଜାର ଟଙ୍କା ପୁଣି ନେଇଥିଲେ। ଏହାପରେ ରାଜୀବ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। କିଛିଦିନ ପୂର୍ବେ ବଳରାମ ନିଯୁକ୍ତି ବିଷୟରେ ପଚାରିବା ସହ ରାଜୀବଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ତେବେ ରାଜୀବ ଉଜବେକିସ୍ତାନର ଭିସା ଓ ଟିକେଟ ବଳରାମଙ୍କୁ ଦେବା ସହ ଯିବାକୁ ପ୍ରସ୍ତୁତ ହେବାକୁ କହିଥିଲେ। ମାତ୍ର ବଳରାମ ଭିସା ଓ ଟିକେଟ ଯାଞ୍ଚ କରିବାରେ ତାହା ଜାଲ୍ ବୋଲି ଜାଣିବାକୁ ପାଇଥିଲେ। ଏପରିକି ନିକଟ ଭୀମପୁର ଗ୍ରାମର ମାନସ ଚୌଧୁରୀ, ମାଧବ ମାର୍ଥା ଏବଂ କୈଳାସ ପ୍ରଧାନଙ୍କୁ ମଧ୍ୟ ରାଜୀବ ବିଭିନ୍ନ ସମୟରେ ଏପରି ମିଥ୍ୟା ପ୍ରତିଶ୍ରୁତି ଦେଇ ଲକ୍ଷାଧିକ ଟଙ୍କା ଠକିନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ବୁଧବାରେ ବଳରାମ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ରାଜୀବଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିଲା। ଶୁକ୍ରବାର ପୋଲିସ ରାଜୀବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।







ରାଜସୁନାଖଳାସ୍ଥିତ ନୀଳକଣ୍ଠେଶ୍ୱର ଦେବ ପଞ୍ଚକ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା, ହନୁମାନ ଏବଂ ମହାକାଳ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। (ଫଟୋ: ଦେବବ୍ରତ ହୋତା)

## ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ

ବେଗୁନିଆ/ କୃଷ୍ଣପ୍ରସାଦ, ୧୫।୧୧ (ସନ୍ଧ୍ୟାରାଣୀ ମିଶ୍ର/ କୈଳାସ ଚନ୍ଦ୍ର ପଟ୍ଟନାୟକ)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଠାରେ ତୈଳିକ ବୈଶ୍ୟ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ବିଚିତ୍ରା ନନ୍ଦ ସୁବୁଦ୍ଧି, ଉପଦେଷ୍ଟା ପୂର୍ବତନ ସରପଞ୍ଚ ସୁରେଶ ସାହୁଙ୍କ ନେତୃତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ନୂଆ ପୋଖରୀରେ ବୋଇତ ବନ୍ଦାଣ କରିଥିଲେ। ବିଧାୟକ ପ୍ରଦୀପ ସାହୁ, ବ୍ରଜବନ୍ଧୁ ସୁବୁଦ୍ଧି, ଜୟଶ୍ରୀ ସାହୁ, ମାନସ ରଞ୍ଜନ ବେହେରା, ପ୍ରଶାନ୍ତ ସାହୁ, ଜଗ୍ମିନ ସାହୁ, ମିନତୀ ସାହୁ, ବୋତଳମା ସରପଞ୍ଚ ପ୍ରମୋଦ ଦଳେଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟୁସ୍ମିତା ସାହୁ କାର୍ଯ୍ୟକ୍ରମରେ ତଅପୋଇ ହୋଇଥିଲେ।

ସେହିପରି ଜହ୍ନିକୁଦା ଘାଟ ପେଣ୍ଠଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜହ୍ନିକୁଦା ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଉତ୍ସବକୁ ବିଧାୟିକା ଉପାସନା ମହାପାତ୍ର ପରିଚାଳନା କରିଥିଲେ। ଏହି ଅବସରରେ ରଘୁନାଥ ବଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ଉତ୍ତମ ତରେଇ, ପିରିଜିପୁର ସରପଞ୍ଚ ମଳୟ ଜେନା, ହରିହର ଦାଶ, ଅଧିକାରୀ ନାୟକ, ତ୍ରିଲୋଚନ ସେଠୀ, ସମିତିସଭ୍ୟ ଲଳିତ ତରେଇ, ସୁରେନ୍ଦ୍ର ନାଥ ମାଝୀ, ଗୋପୀନାଥପୁର ସରପଞ୍ଚ ସରୋଜ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଗଣେଶ ତରେଇ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଦେଇଥିଲେ। ସେହିଭଳି ପାରିକୁଦ ଘାଟ ପେଣ୍ଠଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

## କଳିଯୁଗେଶ୍ୱର ଦେବଙ୍କ ପୀଠରେ ଅଷ୍ଟଶମ୍ଭୁ ମେଳଣ

ବାଲୁଗାଁ, ୧୫।୧୧ (ସଂଗ୍ରାମ ପାଇକରାୟ)



କାର୍ତ୍ତିକ ପୂଘମା ଉପଲକ୍ଷେ ଚିଲିକା ସଂଲଗ୍ନ ଐତିହାସିକ ଦ୍ୱୀପ ପାହାଡ଼ ପାଦଦେଶରେ ଅବସ୍ଥିତ କଳିଯୁଗେଶ୍ୱର ଦେବଙ୍କ ପୀଠରେ ପଞ୍ଚକ ପଞ୍ଚାଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟଶମ୍ଭୁ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ଉତ୍ସବ ଚଳିତ ବର୍ଷ ୪୨ତମ ବର୍ଷରେ ପଦାର୍ପଣ କରିଛି। ଗତ ୧୦ତାରିଖରେ ଅଙ୍କୁରାରୋପଣ କରାଯାଇ ୧୧ତାରିଖରୁ ଯଜ୍ଞାରମ୍ଭ ହୋଇଥିଲା। ୫ଦିନ ଧରି ଯଜ୍ଞ କାର୍ଯ୍ୟ ଚାଲିଥିବା ବେଳେ ଶୁକ୍ରବାର ଅପରାହ୍ନରେ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହେବା ସହ ଅଷ୍ଟଶମ୍ଭୁ ମେଳଣ ଅନୁଷ୍ଠିତ ହୋଇଥିଲା। ସ୍ଥାନାଧିପତି କଳିଯୁଗେଶ୍ୱର ଦେବଙ୍କ ଆମନ୍ତ୍ରଣକ୍ରମେ ଖଣ୍ଡୁଆଳକୋଟ ଗ୍ରାମର ଜଳେଶ୍ୱର ଦେବ, ରାହାଣବେଲିର ସୋମନାଥ ଦେବ, ବ୍ରାହ୍ମଣକୁଶ ଗ୍ରାମର ବାଲୁଙ୍କେଶ୍ୱର ଦେବ, ଗବପଦର ଗ୍ରାମର ବାଙ୍କନିଧି ଦେବ, ମଙ୍ଗରାଜପୁର ଗ୍ରାମର ଗଡିଶ୍ୱର ଦେବ, ଏକଡାଳିଆ ଗ୍ରାମର ସୋମନାଥ ଦେବ, ହାତୀମୁଣ୍ଡା ଗ୍ରାମର ଗଛବାଲୁଙ୍କେଶ୍ୱର ଦେବ ଏବଂ ଚିଲିକାର ଅଧିଷ୍ଠାତ୍ରୀ ମା' କାଳିଜାଈଙ୍କ ଚଳନ୍ତି ପ୍ରତିମା ଏହି ମେଳଣ ପର୍ବରେ ଯୋଗଦେଇଥିଲେ। ମେଳଣ ସମୟରେ ଘଣ୍ଟଘଣ୍ଟା, କାହାଳି, ବାଦ୍ୟ ଏବଂ ହରିବୋଲ, ହୁଳହୁଳି ଧ୍ୱନିରେ ଉତ୍ସବ ସ୍ଥଳ ପ୍ରକମ୍ପିତ ହୋଇଥିଲା । ମେଳଣ ପରେ ସମସ୍ତ ଠାକୁର ସ୍ୱ ଆସ୍ଥାନ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଯଜ୍ଞ ଏବଂ ଅଷ୍ଟଶମ୍ଭୁ ମେଳଣ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଯଜ୍ଞ ପରିଚାଳନା କମିଟି ଏହାକୁ ସୁପରିଚାଳନା କରିଥିଲେ।

## ବୋଇତ ବନ୍ଦାଣ ଉତ୍ସବ

ବେଗୁନିଆ, ୧୫।୧୧ (ହର ପ୍ରସନ୍ନ ପଣ୍ଡା)

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବ ବେଗୁନିଆ ସଦର ମହକୁମା ନୂଆସାହି ସ୍ଥିତ ଦାଶ ଗାଡିଆ ପୋଖରୀରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ 'ଶ୍ୱେତପଦ୍ମା ସାହିତ୍ୟ ସଂସଦ' ଏବଂ ଆଦର୍ଶ କ୍ଲବର ମିଳିତ ଆନୁକୂଲ୍ୟରେ ତଥା ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହଭାଗିତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ବୋଇତ ବନ୍ଦାଣ ପର୍ବ ସମ୍ପର୍କରେ ସୂଚନା ଦେଇଥିଲେ। ସୁସଜ୍ଜିତ ନୌକାକୁ ପଣ୍ଡିତ ଯୋଗିନାଥ ମହାପାତ୍ର ପୂଜାର୍ଚ୍ଚନା କରିବା ପରେ ବିଶ୍ୱର କଲ୍ୟାଣ କାମନା ପୂର୍ବକ ଭସାଯାଇଥିଲା। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ମଙ୍ଗଳା ଚରଣ ପାଠ କରିଥିଲେ। ଶିକ୍ଷାବିତ୍ ଡ. ହରିପ୍ରସାଦ ଦାସ, ନାଟ୍ୟକାର ଡ. ବନବିହାରୀ ମହାପାତ୍ର, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଆଦର୍ଶ କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁ, ନୀଳକଣ୍ଠ ସ୍ୱାଇଁ, ଜଗଦୀଶ ଚନ୍ଦ୍ର ପାତ୍ର, ଲକ୍ଷ୍ମୀଧର ମହାପାତ୍ର, ପ୍ରଶାନ୍ତ ବାରିକ, ସୁରେନ୍ଦ୍ର ପାଲଟାସିଂହ, ଲକ୍ଷ୍ମୀଧର ମହାରଣା, ବସନ୍ତ ହୋତା, ଶରତ ଚନ୍ଦ୍ର ଚମ୍ପତି, ଶ୍ରୀନିବାସ ବାଘସିଂହ, ଶ୍ରୀବତ୍ସ ପାଣିଗ୍ରାହୀ, ଓମ୍‌ପ୍ରକାଶ ବାହୁବଳେନ୍ଦ୍ର, ଅଶ୍ୱିନୀ ପଟ୍ଟନାୟକ, ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୱେତପଦ୍ମା ସାହିତ୍ୟ ସଂସଦର ସମ୍ପାଦିକା ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ଖୋର୍ଦ୍ଧା ଜିଲା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ**

## ଇଗଲ କ୍ଲବ ଚାମ୍ପିୟନ



ଖୋର୍ଦ୍ଧା, ୧୫।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ କ୍ରିକେଟ ଆସୋସିଏଶନ ଅଫ୍ ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟରେ ଇଗଲ କ୍ଲବ ଚାମ୍ପିୟନ ହୋଇଛି। ଶୁକ୍ରବାର ଫାଇନାଲ ମ୍ୟାଚ୍ ରାଇଜିଂଷ୍ଟାର କ୍ଲବ ଏବଂ ଇଗଲ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ରାଇଜିଂ ଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୫ ଉଇକେଟ ବିନିମୟରେ ୨୩୮ ରନ ସଂଗ୍ରହ କରିଥିଲା। ଜବାବରେ ଇଗଲ କ୍ଲବ ୩୯.୩ ଓଭରରେ ୫ ଉଇକେଟ ବିନିମୟରେ ୨୩୯ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଚନ୍ଦ୍ର ପ୍ରକାଶ ବରାଳ ଓ ରହିମ ଖାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଶୀଲ କୁମାର ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ ରେଫରିଭାବେ ବ୍ରିଜେଶ ପ୍ରଧାନ ଏବଂ ସଂଯୋଜକ ଭାବେ ଚଣ୍ଡୀ ପ୍ରାସାଦ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ଅଧିବକ୍ତା ଅବ୍ୟକ୍ତ ହରିହର ଖାଡଙ୍ଗା, ରୋହିତ ରାୟ, ପ୍ରଭାତ ପ୍ରହରାଜ, କୋଚ ସୌମେନ୍ଦ୍ର ମହାନ୍ତି, କାର୍ତ୍ତିକ ପ୍ରଧାନ, ସୁକାନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଫାଇନାଲର ଶ୍ରେଷ୍ଠ ଖେଳାଳି ଓ ବ୍ୟାଟ୍ସମ୍ୟାନ ଭାବେ ଜ୍ୟୋତିରଞ୍ଜନ ବେହେରା, ଶ୍ରେଷ୍ଠ ବୋଲର ତୀର୍ଥଙ୍କର ସାହୁ ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ସରୋଜ ପାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ଅତିଥିମାନେ ଚାମ୍ପିୟନ ଏବଂ ରନରଅପ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ କଳାହାଣ୍ଡି କପ୍ ପାଇଁ ୨୫ ଜଣିଆ ଟିମର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।

## ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡାଙ୍କ ବଳିଦାନ ଅନନ୍ୟ

ଖୋର୍ଦ୍ଧା, ୧୫।୧୧ (ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମତିଥିରେ ଖୋର୍ଦ୍ଧା ଜଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଜନ ଜାତୀୟ ଗୌରବ ଦିବସ-୨୦୨୪ ସ୍ଥାନୀୟ ହାବେଳି ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପୁଣ୍ୟତିଥିରେ 'ଧରତି ଆବା ଜନଜାତି ଗ୍ରାମ ଉତ୍କର୍ଷ' ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୌରପାଳିକା ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲାପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଜିଲାପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା, ଅତିରିକ୍ତ ଜିଲାପାଳ ପ୍ରତାପଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାପରିଷଦ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ ।ସ୍ୱାଧୀନତା ସଂଗ୍ରାମୀ ବିର୍ସା ଆଦିବାସୀଙ୍କ ଅଧିକାର ପାଇଁ ବ୍ରିଟିଶଙ୍କ ଅତ୍ୟାଚାର ବିରୋଧରେ ସଙ୍ଗଠିତ କରିଥିଲେ 'ଉଲଗୁଲାନ' ତଥା ମୁଣ୍ଡା ବିଦ୍ରୋହ। ଉଲଗୁଲାନ କେବଳ ଏକ ବିଦ୍ରୋହ ନ ଥିଲା, ଏହା ଆଦିବାସୀଙ୍କ ନ୍ୟାୟ, ସାଂସ୍କୃତିକ ପରିଚୟର ସଂଗ୍ରାମ ଥିଲା। ତାଙ୍କ ବଳିଦାନର ଗାଥା ଭାରତ ବର୍ଷର ଆଦିବାସୀଙ୍କ ସମ୍ପ୍ରଦାୟର ମହାନ ବିପ୍ଳବୀମାନଙ୍କ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଦିନଥିଲା ବିର୍ସା ଏବଂ ଅନ୍ୟ ବିପ୍ଳବୀମାନଙ୍କ ଇତିହାସ ସମାଜରେ ଅନାଲୋଚିତ ପ୍ରସଙ୍ଗ ହୋଇ ରହିଯାଇଥିଲା। ଆଜିର ସାମ୍ପ୍ରତିକ ସମୟରେ ସେମାନଙ୍କ ତ୍ୟାଗ, ବଳିଦାନ, ଶୌର୍ଯ୍ୟର ଗାଥା ଯୁବପିଢ଼ିଙ୍କ ପାଖରେ ପହଞ୍ଚି ପାରିଛି। ଆଦିବାସୀମାନଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନକୁ ସ୍ମରଣ ଉଦ୍ଦେଶ୍ୟରେ ୨୦୨୧ରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ନଭେମ୍ବର ୧୫ତାରିଖକୁ 'ଜନଜାତି ଗୌରବ ଦିବସ' ଭାବେ ପାଳନ କରିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହା ଦ୍ୱାରା ବିର୍ସା ମୁଣ୍ଡାଙ୍କ ତ୍ୟାଗ ବଳିଦାନ କାହାଣୀ, ଆଦିବାସୀଙ୍କ ସ୍ୱାଧୀନତା ସଂଗ୍ରାମ ଇତିହାସ ଭାରତର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

**ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ**

ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିଆଳିଆ ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ୨୬ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଥିଲା। ୩ଜଣ ହିତାଧିକାରୀଙ୍କୁ କୃଷିବିଭାଗ ପକ୍ଷରୁ ସଏଲ କାର୍ଡ ବଣ୍ଟନ କରାଯାଇଥିଲା। ଖୋର୍ଦ୍ଧା ଜିଲାରେ ଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମ, ଆଶ୍ରମ ଏବଂ ହାଇସ୍କୁଲରୁ ପାଠପଢ଼ି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୧ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ପ୍ରଥମେ ଅତିରିକ୍ତ ଜିଲାପାଳ ବେଉରା ସ୍ୱାଗତ ଭାଷଣ ଦେଇଥିଲେ। ପରେ ଅତରିକ୍ତ ଜିଲା ମଙ୍ଗଳ ଅଧିକାରୀ ସେଠୀ ସରକାରଙ୍କ ବିଭିନ୍ନ ଜନଜାତୀୟ ସମ୍ପର୍କିତ ଯୋଜନାଗୁଡିକ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାପରିଷଦ ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓରମାସ, ମିଶନ ଶକ୍ତି ପକ୍ଷରୁ ବିଭିନ୍ନ ଜନଜାତି ଉତ୍ପାଦର ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସ୍ମିତା ମହାନ୍ତି, ବ୍ରଜବନ୍ଧୁ ବେହେରା, ଦୁର୍ଗା ମାଧବ ରଣା, ଅବଦୁଲ କୟୁମ ଖାଁ, ଶାହାଜାହାନ ଖାଁ, ମଧୁସ୍ମିତା ନାୟକ, କ୍ରିଷ୍ଣା ସାମନ୍ତରାୟ, ସୁବ୍ରତ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆ, କା, ମା, ବୈ, ପାନଗୁଆ...

ଭୁବନେଶ୍ୱର,୧୫।୧୧(ବନ୍ଦନା ସେଠୀ)





ସରିଲା ଧର୍ମମାସ କାର୍ତ୍ତିକ। ଆ, କା, ମା, ବୈ, ପାନଗୁଆ ଥୋଇ... ପାନଗୁଆ ତୋର, ମାସକ ଧରମ ମୋର... ଗୀତ ସାଙ୍ଗକୁ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ପରିବେଶ। ଶୁକ୍ରବାର ଭୋର୍ ସମୟରେ ଲୋକେ ନଦୀ, ପୁଷ୍କରିଣୀ ସମେତ ବିଭିନ୍ନ ଜଳାଶୟରେ ଡଙ୍ଗା ଭସାଇବ ଉତ୍କଳୀୟ ନୌବାଣିଜ୍ୟ ସ୍ମୃତିକୁ ମନେ ପକାଇଥିଲେ। କୁଆଖାଇ ନଦୀ ପଠାରୁ ଆରମ୍ଭ କରି ବିନ୍ଦୁସାଗର, କୁଶଭଦ୍ରା ନଦୀପଠା, ଟଙ୍କପାଣି ରୋଡ୍ ନଦୀପଠା ଏବଂ ବିଭିନ୍ନ ମନ୍ଦିର ଜଳାଶୟ, ପୁଷ୍କରିଣୀ, କେନାଲ ଆଦିରେ ଡଙ୍ଗା ଭସାଇବା ପାଇଁ ଲୋକଙ୍କ ଅସଂଖ୍ୟ ଭିଡ ହୋଇଥିଲା। ଡଙ୍ଗାଭସା କାର୍ଯ୍ୟକ୍ରମକୁ ଆହୁରି ଆଡମ୍ବରପୂର୍ଣ୍ଣ କରିବା ପାଇଁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ନୂଆପଲ୍ଲୀ ବାଲୁଙ୍କେଶ୍ୱର ପୋଖରୀରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ଜଗନ୍ନାଥ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆଇରନ୍ ଟ୍ରାଙ୍ଗେଲ୍ ନିର୍ଦ୍ଦେଶକ ବରଦା ପ୍ରସନ୍ନ ମହାପାତ୍ର, କର୍ପୋରେଟର ବନ୍ଦିତା ପାଲ୍, ଗ୍ରାମ୍ୟ କମିଟି ସଭାପତି ନଟବର ସାମନ୍ତରାୟ, ସାମାଜିକର୍ମୀ ଅର୍ଜୁନ ବେହେରା ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ସେହିପରି ଟଙ୍କପାଣି ରୋଡ୍ ଅନ୍ତର୍ଗତ ବ୍ରହ୍ମେଶ୍ୱର ମନ୍ଦିର ପୋଖରୀରେ ମଧ୍ୟ ଡଙ୍ଗା ଭସାଇବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ଏହାବାଦ୍ କୋଳଥିଆ ପୋଖରୀ, ଘାଟିକିଆ ପୋଖରୀ, ବରମୁଣ୍ଡା, ଆଇଗିଣିଆ, ଶିରିପୁର, ବରବାରୀ ଆଦି ବିଭିନ୍ନ ସ୍ଥାନରେ ଥିବା ଜଳାଶୟରେ ଡଙ୍ଗାଭସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୫ଜଣଙ୍କୁ ଏକାମ୍ର ସଂସ୍କୃତି ସମ୍ମାନ

ପୁରୁଣା ଭୁବନେଶ୍ୱର,୧୫।୧୧(ସୁବାସ ଚନ୍ଦ୍ର ପ୍ରଧାନ)




ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଶୁକ୍ରବାର ବିନ୍ଦୁସାଗରଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ନେତା ମନ୍ମଥ ରାଉତରାୟ, ଶ୍ରୀମୟୀ ମିଶ୍ର, କର୍ପୋରେଟର ଚନ୍ଦ୍ରଶେଖର ମଲ୍ଲିଆ, ଶିବପ୍ରସାଦ ରାୟ, ଶିବ ନାରାୟଣ ରାୟ, ନୃପେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ପ୍ରଶାସନିକ ସେବାରେ ସ୍ୱତନ୍ତ୍ର ଅବଦାନ ରଖିଥିବା ଅନ୍ୟାନ୍ୟ ଗରାବଡ୍ଡୁ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଜଗନ୍ନାଥ ଖୁଣ୍ଟିଆ, ସଫଳ ପର୍ବତ ଆରୋହୀ ଚିନ୍ମୟ ମହାରଣା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଇଂଲିଶ ସ୍ନାତକୋତ୍ତର ବିଭାଗର ସ୍ୱର୍ଣ୍ଣପଦକ ବିଜୟିନୀ ମିସ୍ ପ୍ଲାବନି ମିଶ୍ର, ଟାଟ୍ଟୁ ଶିଳ୍ପୀ ଓମ୍ ଆଚାର୍ଯ୍ୟଙ୍କୁ 'ଏକାମ୍ର ସାଂସ୍କୃତିକ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ଉଦ୍‌ଘୋଷକ ଶ୍ରୀନିବାସ ଘଟୁଆରି, ଆଲୋକ କୁଣ୍ଡୁ, ଅଲିଭା ରଥଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ଶିଳ୍ପୀ ହୃଷୀକେଶ ବେହେରା ଓ ସୌଦାମିନୀ ସାମଲଙ୍କ ଦ୍ୱାରା ପ୍ରସ୍ତୁତ ଏକ ସୁସଜ୍ଜିତ ବୋଇତକୁ ଅତିଥିମାନେ ବିନ୍ଦୁ ସାଗରରେ ଭସାଇଥିଲେ। ଅନୁଷ୍ଠାନର ଉପସଭାପତି ସମରେନ୍ଦ୍ର ସାହୁ, ଦୀପକ ମହାପାତ୍ର ଦାଶରଥି ଗରାବଡ୍ଡୁ, ସୁଜିତ୍ ସ୍ୱାଇଁ, ମନୋଜ ବେହେରା, କର୍ପୋରେଟର ମହାମାୟା ସ୍ୱାଇଁ, ଛବି ଦାସ, ଅଜିତ୍ ବେହେରା, ଅଶ୍ୱିନୀ ସୁନ୍ଦରାୟ, ଦିଲୀପ ମାଝୀ, ଶ୍ରୀଧର ବେହେରା, ସୁରେଶ ବାରିକ, ଜିତେନ୍ଦ୍ର ନନ୍ଦ, ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ବିକ୍ରମ ସେଠି, କ୍ଷୀରୋଦ ପ୍ରଧାନ, ଚନ୍ଦନ ମଲ୍ଲିକ, ସରସ୍ୱତୀ ସେଠୀ, ହେମନ୍ତ ପ୍ରଧାନ, ନୃସିଂହ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ବିନ୍ଦୁସାଗରରେ ବୋଇତ ବନ୍ଦାଣ ଉତ୍ସବ**

# ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଘାଟିତ




ବାରଙ୍ଗ/ତ୍ରିଶୂଳିଆ,୧୫।୧୧(ଲିଙ୍ଗରାଜ ରାଉତ/ତୁଷାରକାନ୍ତି ବେହେରା)

ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ବୈଦ୍ୟୁତିକ ସୂଚନା ଓ ବୈଷୟିକ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହାକୁ ଉଦ୍‌ଘାଟନ କରିଛନ୍ତି। କଳିଙ୍ଗର ରାଜଧାନୀ ଚୁଡ଼ଙ୍ଗର ସାଂସ୍କୃତିକ ବୈଭବ, ବୀରତ୍ୱକୁ ଲୋକଲୋଚନକୁ ଆଣିବା ପାଇଁ ଇତିହାସ ପୃଷ୍ଠାର କଥାକୁ ମନେପକାଇବା ଓ ଯୁବପିଢ଼ିଙ୍କୁ ବାର୍ତ୍ତାଦେବା ଉଦ୍ଦେଶ୍ୟରେ ମହୋତ୍ସବର ପରିକଳ୍ପନା କରାଯାଇଥିବାରୁ ମନ୍ତ୍ରୀ ମହାଲିଙ୍ଗ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ୭ମ ବାର୍ଷିକ ମହୋତ୍ସବର ଉଦ୍‌ଘାଟନୀ ସଭାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ନାୟକ, ଉପଦେଷ୍ଟା ବସନ୍ତ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ପ୍ରାଚୀନଦୀର ସଭ୍ୟତା ଓ ରାଜା ଚୋଡ଼ଗଙ୍ଗ ଦେବଙ୍କ ନାମରେ ନାମିତ ଚୁଡ଼ଙ୍ଗଗଡ଼ର ପୂର୍ବ ଐତିହ୍ୟ, ପରମ୍ପରା କଥାକୁ ମନେପକାଇଥିଲେ। ମହୋତ୍ସବର ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବକ୍ତୃତା ପ୍ରତିଯୋଗିତାର କୃତୀ ୪ ଛାତ୍ରୀ ଓ ୫ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ପରିବେଷଣ ସହ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସହଯୋଗୀଙ୍କ ଦ୍ୱାରା ମେଲୋଡିରେ ଦର୍ଶକମାନେ ଝୁମିଥିଲେ। ସକାଳେ ପ୍ରାଚୀନ କଳିଙ୍ଗ ଉତ୍କଳର ଐତିହାସିକ ପ୍ରାଚୀନଦୀ ମାଧ୍ୟମରେ ହେଉଥିବା ନୌବାଣିଜ୍ୟର ସ୍ମୃତିକୁ ଜାଗ୍ରତ କରି ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବା ଲକ୍ଷ୍ୟରେ ପୁରୀ ମେନ୍ କେନାଲରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଚୁଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବର ଶୁଭାରମ୍ଭ କରାଯାଇଥିଲା।

## ଖାରବେଳ ଜୟନ୍ତୀ ଓ ବୋଇତ ବନ୍ଦାନ ଉତ୍ସବ ପାଳିତ

ଭୁବନେଶ୍ୱର,୧୫।୧୧ (ସୁଚିସ୍ମିତା ସାହୁ)

ଓଡିଆ ଜାତିର ମହାନ ଅସ୍ମିତା ପୁରୁଷ ଏବଂ କଳିଙ୍ଗ ସୁବର୍ଣ୍ଣଯୁଗର ନିର୍ମାତା ଖାରବେଳଙ୍କ ଜୟନ୍ତୀ ଶୁକ୍ରବାର ଖଣ୍ଡଗିରିସ୍ଥିତ ପାଛିକା ମଣ୍ଡପରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି। ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଅଦ୍ୱୈତ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ, ପ୍ରଫେସର ସୁବ୍ରତ ଆଚାର୍ଯ୍ୟ, ଗବେଷକ ପ୍ରବୀର ପଟ୍ଟନାୟକ, ଇଂ ଭରତ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖାରବେଳ ଜୟନ୍ତୀ ଓ ବୋଇତ ବନ୍ଦାଣ ଉତ୍ସବ ଓଡିଆ ଜାତିର ଅସ୍ମିତା ସହିତ ଜଡିତ ବୋଲି କହିଥିଲେ। ଖଣ୍ଡଗିରିଠାରେ ଖାରବେଳଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଶିଶୁପାଳଗଡର ପୁନରୁଦ୍ଧାର, ଧଉଳିଠାରେ କଳିଙ୍ଗ ଯୁଦ୍ଧରେ ବଳିଦାନ ସ୍ମୃତିକୁ ସଂଗ୍ରହାଳୟରେ ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦେଇଛନ୍ତି। ନିରଞ୍ଜନ ପଣ୍ଡା, ସ୍ୱାଗତ ଭାଷଣ ଓ ଅଶୋକ ବେହେରା ଧନ୍ୟବାଦ ଦେଇଥିଲେ। କୋଷାଧ୍ୟକ୍ଷ ଭରମସେନ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ସଭା ପରିଚାଳନା କରିଥିଲେ।

# ଓଡ଼ିଆ ସାଧବ ପୁଅଙ୍କ ଗାଥା ଯୁବପିଢିଙ୍କ ପାଇଁ ପ୍ରେରଣା

ଭୁବନେଶ୍ୱର,୧୫।୧୧(ବନ୍ଦନା ସେଠୀ)



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଏକାମ୍ର ଗ୍ରାମୀଣ ସାଂସ୍କୃତିକ ପରିଷଦ ପକ୍ଷରୁ ଧଉଳି ଦୟାନଦୀ କଳିଙ୍ଗ ଘାଟରେ ସାର୍ବଜନୀନ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରିଥିଲେ। ଏମ୍‌ପି ଅପରାଜିତା କହିଲେ, ପ୍ରାଚୀନ ଉତ୍କଳର ଓଡ଼ିଆ ସାଧବ ପୁଅମାନେ ସୁଦୂର ବାଲି, ଜାଭା, ବୋର୍ଣ୍ଣିଓ ଆଦି ଦ୍ୱୀପକୁ ଯାଇ ବଣିଜ ବେପାର କରୁଥିଲେ। ସେମାନେ ଶିକ୍ଷା, ଦୀକ୍ଷା, ସଂସ୍କୃତି, ପରମ୍ପରା, କାରିଗରୀ, ବୈଜ୍ଞାନିକ ବ୍ୟବସ୍ଥାକୁ ସବୁ ଜାଗାରେ ପହଞ୍ଚାଉଥିଲେ। ଫଳରେ ସାରା ବିଶ୍ୱ ଆମ ଦ୍ୱାରା ଆଲୋକିତ ହେଉଥିଲା। ବିଧାୟକ ବାବୁ କହିଲେ, ଓଡ଼ିଆ ସାଧବ ପୁଅଙ୍କ ଗାଥା ଆଜିର ଯୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛି। ଓଡିଶାର ପୁରାତନ ଅର୍ଥନୈତିକ ତଥା ବାଣିଜ୍ୟକ ବ୍ୟବସ୍ଥା ଓ ଗରିମାମୟ ଇତିହାସର ମୁକସାକ୍ଷୀ ହେଉଛି ବୋଇତ ବନ୍ଦାଣ ଉତ୍ସବ ବୋଲି ବିଧାୟକ କହିଛନ୍ତି। କାର୍ଯ୍ୟକ୍ରମରେ ଦୟାନଦୀ କଳିଙ୍ଗ ଘାଟ ବୋଇତ ବନ୍ଦାଣ ଉତ୍ସବର ସଭାପତି କୃଷ୍ଣଚନ୍ଦ୍ର ନାୟକ, ଯୁବନେତା ବିନ୍ଦୁସାଗର ପ୍ରଧାନ, ମଣ୍ଡଳ ସଭାପତି ଅରୁଣ ପୁରୋହିତ, ସୁରେନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ନିରୁପମା ସାହୁ, ଆଲୋକ ସାହୁ, ବିଭୂତି ଭୂଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଦୟାନଦୀ କଳିଙ୍ଗ ଘାଟ ବୋଇତ ବନ୍ଦାଣ ମହୋତ୍ସବ**

# ଡ. ରଜନୀ ରଞ୍ଜନ ପାଇଲେ 'ଦୟାନଦୀ ସମ୍ମାନ'

ପୁରୁଣା ଭୁବନେଶ୍ୱର/ବାଲକାଟୀ, ୧୫।୧୧ (ସୁବାସ ଚନ୍ଦ୍ର ପ୍ରଧାନ /ମନୋଜ ମଣ୍ଡଳ)



ଭୁବନେଶ୍ୱରସ୍ଥିତ ଲିଙ୍ଗିପୁର ନାଥପୁର ଘାଟ ଦୟାବ୍ରିଜ୍ ନିକଟରେ ଆୟୋଜିତ ତ୍ରୟୋଦଶ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବଲିଉଡ୍‌ର ସୁନାମଧନ୍ୟ କଣ୍ଠଶିଳ୍ପୀ ପେମେଲା ଜୈନଙ୍କ କଣ୍ଠରୁ ସୁଲଳିତ ହିନ୍ଦୀ ଓ ଓଡ଼ିଆ ଜଗନ୍ନାଥ ଭଜନ ଏବଂ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତିଙ୍କ ଭଜନ ଶ୍ରୋତାଙ୍କୁ ବେଶ୍ ବିମୋହିତ କରିଥିଲା। ଏହି ଅବସରରେ କାପୋକ ଅଧ୍ୟକ୍ଷ ତଥା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବିଭାଗର ପୂର୍ବତନ ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷର ସମ୍ମାନଜନକ 'ଦୟାନଦୀ ସମ୍ମାନ-୨୦୨୪' ଓଡ଼ିଆ ଚଳଚ୍ଚିତ୍ରର ସଂଳାପକାର ଡ. ରଜନୀ ରଞ୍ଜନ ଦାଶଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ବିଶିଷ୍ଟ କବି ଅକ୍ଷୟ ସ୍ୱାଇଁ, ଯୋଗଗୁରୁ ତଥା ସାମାଜିକ କର୍ମୀ ନବକିଶୋର ବାରିକ, ସିନେ କଳାକାର ରବି କୁମାର, ଲିଙ୍ଗିପୁର ଗ୍ରାମର ରାଧାକାନ୍ତ ଦେବ ଗଣେଶ ପୂଜା କ୍ଲବକୁ 'କାପୋକ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ଗାନ୍ଧିବାଦୀ ସାମାଜିକ କର୍ମୀ ଡ. ଅରୁନ୍ଧତୀ ଦେବୀ, ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ମଳୟ ମହାପାତ୍ର, ରାଜେନ୍ଦ୍ର ସମର୍ଥା, ମଣ୍ଟୁ ନନ୍ଦ, ଲିଙ୍ଗିପୁର ସରପଞ୍ଚ କ୍ଷୀରୋଦ ପ୍ରଧାନ, ସମିତିସଭ୍ୟ ପ୍ରକାଶ ସାହୁ, ସାମାଜିକ କର୍ମୀ ରଶ୍ମି ମହାପାତ୍ର, ରଶ୍ମିପ୍ରଭା ସାମନ୍ତରାୟ, ସୁବାସିନୀ ପୃଷ୍ଟି, ଯୁବନେତା ଆଲୋକ ସାହୁ ଓ ଉପସମ୍ପାଦକ ରବୀନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାପୋକର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁଆଖାଇ ନଦୀପଠାରେ ବାଲିଯାତ୍ରା

ଭୁବନେଶ୍ୱର,(ବନ୍ଦନା ସେଠୀ)/ ପୁରୁଣା ଭୁବନେଶ୍ୱର, ୧୫।୧୧(ସୁବାସ ଚନ୍ଦ୍ର ପ୍ରଧାନ)



କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶୁକ୍ରବାର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଙ୍କୁଆଳସ୍ଥିତ କୁଆଖାଇ ନଦୀପଠାରେ ଆରମ୍ଭ ହୋଇଛି ଏକାମ୍ର ବାଲିଯାତ୍ରା ମହୋତ୍ସବ-୨୦୨୪। ପ୍ରାୟ ୨୦ ଏକର ପରିମିତ ଅଞ୍ଚଳରେ ଆୟୋଜିତ ଏହି ମହୋତ୍ସବକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ସନ୍ଧ୍ୟାରେ ରାଜଧାନୀବାସୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ବିଭିନ୍ନ ଦୋଳି ସହ ଖାଇବା ଷ୍ଟଲ, ମୀନାବଜାର ଆକର୍ଷଣ ସାଜିଛି। ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘର ମୁରବି ଓ ଯୁବଗୋଷ୍ଠୀଙ୍କ ସହଯୋଗରେ ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମନ୍ତ୍ରୀ ଗଣ୍ଡ କହିଲେ, କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ ପ୍ରାଚୀନ ଉତ୍କଳ ତଥା କଳିଙ୍ଗର ସାଧବ ପୁଅମାନଙ୍କର ବାଣିଜ୍ୟ ସଫଳତାକୁ ମନେ ପକାଏ। ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବାକୁ ଏକାମ୍ର କ୍ଷେତ୍ରରେ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହୋଇଛି। ବାଲିଯାତ୍ରା କମିଟିର ଉପଦେଷ୍ଟା ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଲେ, ପ୍ରାଚୀନ ଉତ୍କଳର ଓଡିଆ ସାଧବ ପୁଅମାନେ ଏହି ସମୟରେ ସୁଦୂର ବାଲି, ଜାଭା, ବୋର୍ଣ୍ଣିଓ ଆଦି ଦ୍ୱୀପପୁଞ୍ଜକୁ ଯାଇ ବଣିଜ ବେପାର କରୁଥିଲେ। ସେମାନେ ଶିକ୍ଷା, ଦୀକ୍ଷା, ସଂସ୍କୃତି, ପରମ୍ପରା, କାରିଗରୀ, ବୈଜ୍ଞାନିକ ବ୍ୟବସ୍ଥାକୁ ସବୁ ଜାଗାରେ ପଞ୍ଚାଉଥିଲେ। କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ କହିଲେ, ବୋଇତ ବନ୍ଦାଣ ପରମ୍ପରା ପ୍ରାଚୀନ ଉତ୍କଳୀୟ ସଂସ୍କୃତିର ଏକ ପ୍ରତିଛବି। ବହୁ ପ୍ରାଚୀନ ଯୁଗରୁ ଆମ ସାଧବପୁଅମାନେ ସାଗର ଯାତ୍ରା କରି ଦେଶ ବିଦେଶରେ ସଫଳତାର ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିପାରିଥିଲେ। ଓଡ଼ିଆ ଅସ୍ମିତାର ସୁରକ୍ଷା ହେଉଛି ଏହି ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ। କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁମ୍, ଭାଜପା ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ସୁଜାତା ଛୋଟରାୟ ପ୍ରମୁଖ ଉପସ୍ଥିତ ଥିବାବେଳେ ରାତି ୩ଟାରୁ ଡଙ୍ଗା ଭସା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

**ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ**



ସ୍ୱାଭିମାନ ପକ୍ଷରୁ କଳାଭୂମିଠାରେ ଚାଲିଥିବା ଜାତୀୟ ଶିଶୁ ଓ ଯୁବ ମହୋତ୍ସବ 'ଅଞ୍ଜଳି'ର ଶୁକ୍ରବାର ସନ୍ଧ୍ୟାରେ ଦିବ୍ୟାଙ୍ଗମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)




ବୁଲନଭାଇ ସେବା ସଦନଠାରେ ଅନୁଷ୍ଠିତ ଓମେନ ଇନ୍ ସୋସାଇଟି ହେଲ୍ପ(ୱିଶ)ର ନବମ ବାର୍ଷିକ ଉତ୍ସବରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ବିକାଶ'କୁ ଉନ୍ମୋଚନ କରୁଛନ୍ତି।



ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀରେ ସାଲିଆସାହିସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। (ଫଟୋ- ମନୋରଞ୍ଜନ ମିଶ୍ର)

## ପରକୀୟା ପ୍ରୀତିରୁ ପୁଅ, ଝିଅଙ୍କୁ ଚେଙ୍କ ଘଟଣା

# ଯୁବକଙ୍କ ସହ ଜେଲ ଗଲେ ମା'

ଭୁବନେଶ୍ୱର,୧୫।୧୧
(ସୂର୍ଯ୍ୟକାନ୍ତ ବେହେରା)

ପରକୀୟା ପ୍ରୀତିକୁ ନେଇ ମା' ହେଲା ନିର୍ଦ୍ଦୟା। ଅବୈଧ ସମ୍ପର୍କ ପାଇଁ ସେ ଏଭଳି କ୍ରୂର ହୋଇଯାଇଥିଲେ ଯେ, ପର ପୁରୁଷଙ୍କ ସହ ମିଶି ନିଜ ପୁଅ ଓ ଝିଅଙ୍କୁ ଘରେ ବନ୍ଦ କରି ଚେଙ୍କ ଦେଇଥିଲେ। ଭୁବନେଶ୍ୱର ମୈତ୍ରୀବିହାର ଥାନା ମହାବୀରନଗର ବସ୍ତିରେ ଏଭଳି ଘଟଣା ଘଟିଛି। ନିର୍ଯାତିତ ପିଲାମାନଙ୍କ ବାପା ତଥା ଉକ୍ତ ମହିଳାଙ୍କ ସ୍ୱାମୀ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ମହିଳା ଓ କନ୍ଧମାଳ ଦାରିଙ୍ଗବାଡ଼ିର ରାଜୁ ନାୟକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲଣ କରିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୋଲିସ ଦୁଇ ପିଲାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଚିକିତ୍ସା କରାଇବା ସହ ବୟାନ ରେକର୍ଡ କରିଛି।

ପୋଲିସ ସୂଚନାନୁସାରେ, ଅଭିଯୁକ୍ତ ମହିଳାଙ୍କ ଘର ନୟାଗଡ଼ରେ। ସେ ବିବାହ ପରେ ସ୍ୱାମୀ, ନାବାଳକ ପୁଅ ଓ ଝିଅଙ୍କ ସହ ମହାବୀରନଗରରେ ରୁହନ୍ତି। ସ୍ୱାମୀ ଅନୁଗୋଳରେ କାମ କରୁଥିବାରୁ ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଘରକୁ ଅଭିଯୁକ୍ତ ଯୁବକ ରାଜୁ ଯିବାଆସିବା କରି ମହିଳାଙ୍କ ସହ ବନ୍ଧୁତା କରିଥିଲେ। ଏହାକୁ ନେଇ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଗତ ୧୨ ତାରିଖରେ ମହିଳାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାବେଳେ ରାଜୁ ତାଙ୍କ ଘରକୁ ଆସିଥିଲେ। ତେବେ ଏହାକୁ ପୁଅ ଓ ଝିଅ ବିରୋଧ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ସେମାନଙ୍କ ମା' ଓ ରାଜୁ ସେମାନଙ୍କୁ ଘରେ ବନ୍ଦ କରି ନାନା ନିର୍ଯାତନା ଦେଇଥିଲେ। ଏକ ସଣ୍ଢୁଆଶିକୁ ଗ୍ୟାସ୍‌ରେ ଗରମ କରି ଦୁଇ ପିଲାଙ୍କ ଗୋଡ଼ ଓ ହାତରେ ବାରମ୍ବାର ଚେଙ୍କ ଦେଇଥିଲେ। ଯେତେ ଚିତ୍କାର କଲେ ବି ନିର୍ଦ୍ଦୟା ମା' ସେମାନଙ୍କୁ ଛାଡ଼ି ନ ଥିଲେ। ଏପରିକି କାହାକୁ କିଛି ନ କହିବାକୁ କହି ଡରାଇଥିଲେ। ଏଥିସହ ଅଭିଯୁକ୍ତ ରାଜୁ ନିକଟସ୍ଥ ଏକ ମେଡିସିନ ଷ୍ଟୋର୍‌ରୁ କିଛି ମେଡିସିନ ଆଣି ଉଭୟଙ୍କ ଦେହରେ ହୋଇଥିବା କ୍ଷତ ସ୍ଥାନରେ ଲଗାଇବା ସହିତ ଏକ ଘରେ ପୂରାଇ ବାହାରପଟୁ ତାଲା ପକାଇ ଦେଇଥିଲେ। ମହିଳାଙ୍କ ସ୍ୱାମୀ କାର୍ତ୍ତିକ ପୂର୍ଣ୍ଣିମା ଲାଗି ଗୁରୁବାର ଘରକୁ ଆସି ଦୁଇ ପିଲାଙ୍କ ଶରୀରରେ କ୍ଷତ ଚିହ୍ନ ଦେଖି କାରଣ ପଚାରିଥିଲେ। ଏନେଇ ଦୁଇ ପିଲା ପ୍ରଥମେ ଭୟଭୀତ ହେବା ସହ ପରେ ବାପାକୁ ଘଟଣା ସଂକ୍ରାନ୍ତରେ ସବୁକଥା କହିଥିଲେ। ଏହାପରେ ସେ ସ୍ତ୍ରୀ ଓ ରାଜୁଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।




ଗିରଫ ଦୁଇ ଅଭିଯୁକ୍ତ ଓ ଚେଙ୍କ ଯୋଗୁ ନାବାଳକଙ୍କ ଗୋଡ଼ରେ ହୋଇଥିବା କ୍ଷତ।

# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ଯୁବକ ଗିରଫ

ପାଇକମାଳ ୧୫।୧୧
(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ଥାନା ଅଞ୍ଚଳରେ ଶୁକ୍ରବାର ଏକ ଅମାନୁଷିକ ଘଟଣା ଘଟିଯାଇଛି। ଏହି ଥାନା ଅଧୀନ ସୋଢ଼ା ଗ୍ରାମର ଜଣେ ଯୁବକ ସେହି ଗ୍ରାମର ୪ ବର୍ଷର ନାବାଳିକାଙ୍କୁ ମାଛ ମାରିବା ବାହାନାରେ ଘରୁ ଡାକିନେଇ ନିକଟସ୍ଥ ଜଙ୍ଗଲରେ ବଳାତ୍କାର କରିବା ପରେ ମାରି ଫିଙ୍ଗି ଦେଇଥିବା ଜଣାପଡିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପାଇକମାଳ ଥାନା ଅନ୍ତର୍ଗତ ସୋଢା ଗ୍ରାମର ପ୍ରଶାନ୍ତ ବରିହା (୨୧)ଙ୍କୁ ଗିରଫ କରିଛି। ଏ ନେଇ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଡାକ୍ତରଖାନାକୁ ପଠାଇଛି।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ ସୋଢା ଗ୍ରାମର ପ୍ରଶାନ୍ତ ସେହି ଗ୍ରାମର ଉକ୍ତ ନାବାଳିକାଙ୍କୁ ମାଛ ମାରିଯିବା ବୋଲି କହି ତାଙ୍କୁ ସାଙ୍ଗରେ ନେଇଯାଇଥିଲେ। ସେ ନିକଟରେ ଥିବା ଡୁଙ୍ଗୁରି ଜଙ୍ଗଲକୁ ଉକ୍ତ ନାବାଳିକାଙ୍କୁ ନେଇ ବଳାତ୍କାର କରିଥିଲେ। ଘଟଣା ପ୍ରଘଟ ହେବା ଭୟରେ ସେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିବା ପରେ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଅନ୍ୟପକ୍ଷେ ଘରେ ଝିଅ ନ ଥିବା ଦେଖି ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ପ୍ରଶାନ୍ତ ତାଙ୍କ ଝିଅଙ୍କୁ ମାଛ ମାରିଯିବା କହି ନେଇଯାଇଥିବା ଜଣାପଡିବାରୁ ଗ୍ରାମର ଯୁବକମାନେ ପ୍ରଶାନ୍ତଙ୍କୁ ଧରି ପଚରାଉଚରା କରିଥିଲେ। ଏହାପରେ ପ୍ରଶାନ୍ତ ଉକ୍ତ ନାବାଳିକାଙ୍କୁ ବଳାତ୍କାର କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ କହିଛି। ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତଦନ୍ତ ଚାଲିଛି ବୋଲି ପାଇକମାଳ ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନ ଜଣାଇଛନ୍ତି।

# ୫ ଜଣିଆ ଡକାୟତି ଗ୍ୟାଙ୍ଗ ଧରାପଡ଼ିଲା

## ୨ କାର, ୫ ଛୁରି ଜବତ

ଭୁବନେଶ୍ୱର,୧୫।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ବଡ଼ଧରଣର ଡକାୟତି ଯୋଜନା ବେଳେ ଏକ ୫ ଜଣିଆ ଡକାୟତି ଗ୍ୟାଙ୍ଗ ଧରାପଡ଼ିଛି। ତମାଣ୍ଡୋ ଥାନା ପୋଲିସ ସମସ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଅଞ୍ଚଳର ଇସାକ୍ ମହମ୍ମଦ (୨୭), ରଘୁନାଥ ସେଠୀ(୨୩), ଏସ୍‌କେ କରିମୁଲ୍ଲା (୨୮), ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଉଜିର ଖାନ୍ (୫୭) ଓ ଖଣ୍ଡଗିରି ଅଞ୍ଚଳର ମିର ଆସିକ୍ (୩୧)। ସେମାନଙ୍କ ନିକଟରୁ ୨ କାର୍, ୫ ଛୁରି, ଲଙ୍କା ଗୁଣ୍ଡ ପ୍ୟାକେଟ, ସର୍ଜିକାଲ ମାସ୍କ, ମାଦକ ଓ ନିଶା ଦ୍ରବ୍ୟ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ ଶୁକ୍ରବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୧ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗୁରୁବାର ବିଳମ୍ବିତ ରାତିରେ ତମାଣ୍ଡୋ ଥାନା ଅନ୍ତର୍ଗତ ସୁବୁଦ୍ଧିପୁର କ୍ରିକେଟ ଗ୍ରାଉଣ୍ଡର ଏକ ପରିତ୍ୟକ୍ତ ସ୍ଥାନରେ ଅଭିଯୁକ୍ତମାନେ ଏକାଠି ହୋଇ କଳିଙ୍ଗ ବିହାର ଅଞ୍ଚଳରୁ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏନେଇ ଖବର ମିଳିବା ପରେ ତମାଣ୍ଡୋ ଥାନାର ଏକ ସ୍ପେଶାଲ ଟିମ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଜବତ ୨ କାର ମଧ୍ୟରୁ ଗୋଟିଏକୁ ପୁରୀରୁ ଚୋରିକରି ଆଣିଥିବା ବେଳେ ଏନେଇ କୁମ୍ଭାରପଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଶ୍ମଶାନରୁ ଭିନ୍ନକ୍ଷମ ମହିଳାଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ସମ୍ପର୍କୀୟ

ଛେଣ୍ଡିପଦା,୧୫।୧୧ (ଅଜିତ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା କୁଶକିଳା ଗ୍ରାମ ଶ୍ମଶାନରୁ ଶୁକ୍ରବାର ପୋଲିସ ଭିନ୍ନକ୍ଷମ ମହିଳା ସୁମିତ୍ରା ରାଉତ (୫୫)ଙ୍କ ମୃତଦେହ ଜବତ କରିଛି। ସୁମିତ୍ରା ତାଙ୍କ ଭଉଣୀ, ଭିଣୋଇ ଓ ପୁତରାଙ୍କ ସହ ରହୁଥିବା ବେଳେ ତାଙ୍କ ମୃତ୍ୟୁ ସମ୍ପର୍କରେ ଅନ୍ୟ ସମ୍ପର୍କୀୟଙ୍କୁ ଜଣା ନ ଯାଇ ଶ୍ମଶାନରେ ପୋଡ଼ି ଦେବାକୁ ଉଦ୍ୟମ କରାଯାଇଥିଲା। ଏହାକୁ ନେଇ ସମ୍ପର୍କୀୟମାନେ ସନ୍ଦେହ କରି ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ଶ୍ମଶାନରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରିଥିଲା। ସୂଚନା ଅନୁଯାୟୀ, ସୁମିତ୍ରା ତାଙ୍କ ନିଜ ଘରେ ଭଉଣୀ, ଭିଣୋଇ ଓ ପୁତୁରାଙ୍କ ସହିତ ରହୁଥିବା ବେଳେ ଶୁକ୍ରବାର ତାଙ୍କ ମୃତଦେହ ଲାଟିନ ଘରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ହେଲେ ଅନ୍ୟ ସମ୍ପର୍କୀୟମାନଙ୍କୁ ଖବର ନ ଦେଇ ଭଉଣୀ, ଭିଣୋଇ ଓ ପୁତୁରା ମୃତଦେହକୁ ଗାଁ ଶ୍ମଶାନକୁ ପୋଡ଼ିଦେବାକୁ ନେଇଥିଲେ। ଏ ନେଇ ଅନ୍ୟ ପୁତୁରା ଓ ସମ୍ପର୍କୀୟ ଖବରପାଇ ମଶାଣିରେ ପହଞ୍ଚି ସୁମିତ୍ରାଙ୍କ ମୃତ୍ୟୁକୁ ନେଇ ସନ୍ଦେହ କରିଥିଲେ। ପୂର୍ବରୁ ଅନେକ ଥର ସୁମିତ୍ରାଙ୍କୁ ନିର୍ଯାତନା ସହିତ ମାରପିଟ କରାଯାଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସମ୍ପର୍କୀୟମାନେ ଜରପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶ୍ମଶାନରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ମୋବାଇଲ ଚୋରି ର୍‍ୟାକେଟର ପର୍ଦ୍ଦାଫାଶ, ୬ ଗିରଫ

## ୨୭ ମୋବାଇଲ ଫୋନ, ଗୋଟିଏ ଟାବଲେଟ୍ ଜବତ

ବାଲେଶ୍ୱର, ୧୫।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପୋଲିସ ମୋବାଇଲ ଚୋରି ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରି ୬ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୭ଟି ମୋବାଇଲ ଫୋନ ସହ ଗୋଟିଏ ଟାବଲେଟ୍ ଜବତ ହୋଇଥିବା ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜ ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପାର୍ବଣ ଋତୁରେ ସହରର ବିଭିନ୍ନ ସ୍ଥାନରୁ ବହୁ ମୋବାଇଲ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ସଦର ଥାନାରେ ମାମଲା (ନଂ. ୪୪୬/୨୪ ଓ ୪୫୮/୨୪) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ଓ ସଦର ଥାନା ଆଇଆଇସି ଦୟାନିଧି ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚୋରି ର୍‍ୟାକେଟ୍‌ରେ ସମ୍ପୃକ୍ତ ସହରର ବିଭିନ୍ନ ଅଞ୍ଚଳରୁ ୬ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ସେଥିରୁ ୩ଜଣ ଚୋରି ମୋବାଇଲକୁ କିଣିଥିଲେ। ଦୁଇଟି ଡକାୟତି ମାମଲାରେ ଏହି ଗ୍ୟାଙ୍ଗର ସମ୍ପୃକ୍ତି ରହିଛି। ଘରେ କେହି ନ ଥିବା ବେଳେ କିମ୍ବା ବୃଦ୍ଧାବୃଦ୍ଧ ଥିବା ଦେଖି ରାତି ସମୟରେ ଝରକା ଓ କବାଟ ଖୋଲି ମୋବାଇଲ ଫୋନ ଚୋରି କରିବା ଏହି ଗ୍ୟାଙ୍ଗର ଟାର୍ଗେଟ୍ ଥିଲା ବୋଲି ଏସ୍‌ପି କହିଛନ୍ତି। ଏସ୍‌ପିଙ୍କ ଉପସ୍ଥିତିରେ କାଗଜପତ୍ର ଦେଖାଇ ଫକୀରମୋହନ ନଗରର କେତେଜଣ ଲୋକ ନିଜର ଚୋରି ହୋଇଥିବା ମୋବାଇଲ ଫେରି ପାଇଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ବେଉରା, ସଦର ଥାନା ସବ୍‌ଇନ୍ସପେକ୍ଟର ବିକାଶ କୁମାର ଭୋଇ ଓ ସଙ୍ଗୀତା ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ।




# କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ବେପାର, ୪ ଗିରଫ



ଭୁବନେଶ୍ୱର,୧୫।୧୧
(ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ଗଞ୍ଜେଇ ଆଣି ଭୁବନେଶ୍ୱରରେ ଅଟୋରେ ବୁଲି ବିକ୍ରି କରୁଥିବା ୪ଜଣଙ୍କୁ ଭରତପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ଜଟଣୀ ଅଞ୍ଚଳର ଏମ୍‌ଡି ସମ୍‌ସର,ଖଣ୍ଡଗିରି ଡୁମୁଡୁମାର ରାକେଶ ବେହେରା, ବାଲେଶ୍ୱରର ସୁରଜିତ ମଣ୍ଡଳ ଓରଫ ବାବା ଓ କଟକର ପୂର୍ଣ୍ଣ ଚନ୍ଦ୍ର ସାହୁ ଓରଫ କାହ୍ନା। ସେମାନଙ୍କଠାରୁ ୨୨ କେଜିରୁ ଅଧିକ ଗଞ୍ଜେଇ ଓ ଅପରାଧରେ ବ୍ୟବହୃତ ଅଟୋକୁ ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ଗତ ୨ବର୍ଷ ହେବ ଏହି ବେଆଇନ ଗଞ୍ଜେଇ ବେପାର କରୁଥିଲେ। ତେବେ ସେମାନେ ଶୁକ୍ରବାର ଜୟଦେବ ବାଟିକା ରାସ୍ତାରେ ଥିବା ଜେବି ଗାର୍ଡେନ ନିକଟରେ ଗ୍ରାହକଙ୍କୁ ଗଞ୍ଜେଇ ବିକ୍ରି କରିଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ତେବେ ର୍‍ୟାକେଟର ମୁଖ୍ୟଙ୍କ ସହ ଅନ୍ୟମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଥିବା କହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ପ୍ରତିଷ୍ଠିତ SHRIRAM ଗ୍ରୁପ ର ମୋଟର ବୀମା ମାର୍କେଟିଂ ଗ୍ରୁପ ପାଇଁ ଅଟୋମୋବାଇଲ୍ କିମ୍ବା ସାଧାରଣ ବୀମା ଶିଳ୍ପରେ ଅଭିଜ୍ଞତା ଥିବା Business Development Managers ଆବଶ୍ୟକ। Salary 2-2.5 Lakhs.PA. ସ୍ଥାନ: ସମ୍ବଲପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ବରଗଡ଼, ଭୁବନେଶ୍ୱର, କେନ୍ଦୁଝର, ରାଉରକେଲା, ଅନୁଗୁଳ, ଭବାନୀପାଟଣା, ଜୟପୁର
Send your CV at resume@skiretail.in and jpmisra@skiretail.in, Call : 9437064772.

**WANTED**
JOB FOR MEN
ON SALARY BASIS,
EDUCATION BELOW 12TH
SALARY AFTER INTERVIEW
BETWEEN 11 A.M. TO 5 P.M.
MOB : 9438128790

**ଡ୍ରାଇଭର ଆବଶ୍ୟକ**
ଆମେ ଅଟୋମୋଟିକ୍ ମର୍ସିଡିଜ୍ କାର୍ ଚଲାଇବା ପାଇଁ ବ୍ୟକ୍ତିଗତ ଡ୍ରାଇଭର ଖୋଜୁଛୁ।
ଦରମା ୧୫୦୦୦/- + ଦୁଇଥର ଘର ଖାଇବା ଏବଂ ଡ୍ରାଇଭର ନିବାସ ଯୋଗେଇ ଦିଆଯିବ।
9132933333 ରେ ଆମ ସହିତ ଯୋଗାଯୋଗ କରନ୍ତୁ

**WANTED**
Experienced **Female Nurse** Required for care of an elderly lady from a reputed family in Patna. Attractive boarding and lodging facilities provided. Family accommodation is not available. Salary ranges from **₹ 25,000/- to ₹ 50,000/- per month**, based on experience and efficiency. To apply, please give a missed call at **9693296611** and we will get back to you.

ଭୁବନେଶ୍ୱରରେ ଏକ ବ୍ରାହ୍ମଣ ପରିବାରରେ ରହି (ଦୁଇଜଣ)ଙ୍କ ପାଇଁ ରୋଷେଇ ଓ ଘରକାମ କରିବା ପାଇଁ ମହିଳା ଆବଶ୍ୟକ। ଖାଇବା ରହିବା ସହ ଉପଯୁକ୍ତ ଦରମା ଦିଆଯିବ। ଯୋଗାଯୋଗ - 9437029144

See Career Appointment on every Wednesday & Saturday

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

### ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୫ (ରେଗୁଲାର ଓ ଏକ୍ସ-ରେଗୁଲାର) ଦଶମ ଶ୍ରେଣୀର କାର୍ଯ୍ୟସୂଚୀ

ବିଜ୍ଞପ୍ତି ନଂ. 1556/(Trg. Conf.) ତା14.11.2024ରିଖ

No. n-155: ଏତଦ୍ୱାରା ରାଜ୍ୟର ସମସ୍ତ ସଂସ୍କୃତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୫ ମସିହା ମଧ୍ୟମା ସଂସ୍କୃତ (ରେଗୁଲାର ଏବଂ ଏକ୍ସ-ରେଗୁଲାର) ପରୀକ୍ଷା ତା୨୧।୦୨।୨୦୨୫ରିଖଠାରୁ ଆରମ୍ଭ ହୋଇ ତା୦୬।୦୩।୨୦୨୫ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।

| | |
|---|---|
| 21.02.2025 (Friday) (09 A.M. to 11.30 A.M.) PAPER - IV (MOR/MHN) ମାତୃଭାଷା (ଓଡ଼ିଆ/ହିନ୍ଦୀ) MATRUBHASA (ODIA / HINDI) | 24.02.2025 (Monday) (09 A.M. to 11 A.M.) PAPER - VIII (ENG) ଇଂରାଜୀ (ENGLISH) |
| 25.02.2025 (Tuesday) (09 A.M. to 11.30 A.M.) PAPER - I (VOD) ସଂସ୍କୃତ ବ୍ୟାକରଣ ଓ ଦର୍ଶନ (SANSKRUTA VYAKARANA 'O' DARSHAN) | 27.02.2025 (Thursday) (09 A.M. to 11.15 A.M.) PAPER - V (MTH) ଗଣିତ (MATHEMATICS) |
| 28.02.2025 (Friday) (09 A.M. to 11.30 A.M.) PAPER - III (KKJ/AVJ) ପ୍ରୟୋଗାତ୍ମକ ସଂସ୍କୃତ (PRAYOGATMAKA SANSKRUTA) (କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ) | 01.03.2025 (Saturday) (09 A.M. to 11 A.M.) PAPER - VI (GSC) ବିଜ୍ଞାନ (SCIENCE) |
| 03.03.2025 (Monday) (09 A.M. to 11 A.M.) PAPER - VII (SSC) ସାମାଜିକ ବିଜ୍ଞାନ (SOCIAL SCIENCE) | 06.03.2025 (Thursday) (09 A.M. to 11.30 A.M.) PAPER - II (SHA) ସଂସ୍କୃତ ସାହିତ୍ୟମ୍ (SANSKRUTA SAHITYAM) |

- VOD, SHA, KKJ/AVJ ଏବଂ MOR ବିଷୟଗୁଡ଼ିକରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ।
- MTH, GSC, SSC ଏବଂ ENG ବିଷୟ ଗୁଡ଼ିକରେ ୩୫ ମାର୍କର Subjective ପ୍ରଶ୍ନ ଏବଂ ୪୦ ମାର୍କର Objective (MCQ) ପ୍ରଶ୍ନ ଆସିବ।
- Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ।

OIPR-27004/11/0044/2425 ସ୍ୱା./- ସମ୍ପାଦକ

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

### ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ (ରେଗୁଲାର ଓ ଏକ୍ସ-ରେଗୁଲାର କାର୍ଯ୍ୟସୂଚୀ)

ବିଜ୍ଞପ୍ତି ନଂ. 1570/(Exam. Conf.) ତା14.11.2024ରିଖ

No. n-157: ଏତଦ୍ୱାରା ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ପତ୍ର ମାଧ୍ୟମ ଶିକ୍ଷା ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆସନ୍ତା ୨୦୨୫ ମସିହା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ (Regular ଏବଂ Ex-Regular) ପରୀକ୍ଷା ତା୨୧।୦୨।୨୦୨୫ରିଖଠାରୁ ଆରମ୍ଭ ହୋଇ ତା୦୬।୦୩।୨୦୨୫ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଉଭୟ Regular ଏବଂ Ex-Regular ପରୀକ୍ଷା ଗୋଟିଏ Sitting ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ। ପରୀକ୍ଷା ପ୍ରତ୍ୟେକ ଦିନ 09.00 A.M.ରୁ ଆରମ୍ଭ ହୋଇ 11.30 A.M.ରେ ଶେଷ ହେବ। କେବଳ MTH ପରୀକ୍ଷା 11.45 A.M.ରେ ଶେଷ ହେବ।

| | |
|---|---|
| 21.02.2025 (Friday) (09 A.M. to 11.30 A.M.) ପ୍ରଥମ ଭାଷା (First Language) FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ; FLE ଅଲ୍‌ଟର୍‌ନେଟିଭ୍ ଇଂରାଜୀ (Alt. English) | 24.02.2025 (Monday) (09 A.M. to 11.30 A.M.) ଦ୍ୱିତୀୟ ଭାଷା (Second Language) SLE ଇଂରାଜୀ English, SLH ହିନ୍ଦୀ Hindi; SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା। (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) । Env. & Population Edn. (Only for Hearing Impaired Candidates) |
| 25.02.2025 (Tuesday) TLV Practical - 09 A.M. to 11.00 A.M. | 27.02.2025 (Thursday) (09 A.M. to 11.45 A.M.) (MTH) ଗଣିତ (MATHEMATICS) |
| 01.03.2025 (Saturday) (09 A.M. to 11.30 A.M.) GSC ବିଜ୍ଞାନ (SCIENCE) | 03.03.2025 (Monday) (09 A.M. to 11.30 A.M.) SSC ସାମାଜିକ ବିଜ୍ଞାନ (SOCIAL SCIENCE) |
| 06.03.2025 (Thursday) ତୃତୀୟ ଭାଷା (Third Language) | |
| (09 A.M. to 11.30 A.M.) TLH (ହିନ୍ଦୀ), TLS (ସଂସ୍କୃତ), TLO (ଓଡ଼ିଆ), TLP (ପାର୍ଶି) | (09 A.M. to 10.30 A.M.) TLV (THEORY), VT (Theory) - IT, RT, TH, AG, PL, BW, AH, AM, EH, CN, FP, TC; TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ ଏବଂ VT (Theory) - କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |

- TLV ଏବଂ Vocational Trade ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ।
- Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ।
- Vocational Trade (Theory) ବିଷୟ ଗୁଡ଼ିକରେ ୫୦ ମାର୍କ ଏବଂ TLV (Theory)ରେ ୨୦ ମାର୍କର Subjective ପ୍ରଶ୍ନ ଆସିବ।
- Vocational Trade ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା (୫୦ ମାର୍କରୁ) ନିଜ ନିଜ ବିଦ୍ୟାଳୟରେ ତା27.01.2025ରିଖଠାରୁ ତା10.02.2025ରିଖ ମଧ୍ୟରେ OSEPA ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ଏବଂ TLV Practical ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କରୁ ଅନୁଷ୍ଠିତ ହେବ।

OIPR-27004/11/0041/2425 ସ୍ୱା./- ସମ୍ପାଦକ

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ. 1563/(SIOS) ତା14.11.2024ରିଖ

### PROGRAMME FOR STATE OPEN SCHOOL CERTIFICATE EXAMINATION, 2025 (1ST)

No. n-156: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, State Open School Certificate Examination, 2025 (1st), ପରୀକ୍ଷା ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ।

| | |
|---|---|
| 21.02.2025 (Friday) (09 A.M. to 11.30 A.M.) ODIA (OD), TELGU (TL), URDU (UD) | 22.02.2025 (Saturday) (09 A.M. to 11 A.M.) PAINTING (PT) PRACTICAL |
| 24.02.2025 (Monday) (09 A.M. to 11.30 A.M.) ENGLISH (EN) | 25.02.2025 (Tuesday) (09 A.M. to 10 A.M.) PAINTING (PT) THEORY |
| 27.02.2025 (Thursday) (09 A.M. to 11.45 A.M.) MATHEMATICS (MT) | 28.02.2025 (Friday) (09 A.M. to 11.30 A.M.) INDIAN CULTURE & HERITAGE (CH) |
| 01.03.2025 (Saturday) (09 A.M. to 11.30 A.M.) SCIENCE (SC) | 02.03.2025 (Sunday) (09 A.M. to 10 A.M.) HOME SCIENCE (HS) PRACTICAL |
| 03.03.2025 (Monday) (09 A.M. to 11.30 A.M.) SOCIAL SCIENCE (SS) | 04.03.2025 (Tuesday) (09 A.M. to 11.30 A.M.) HOME SCIENCE (HS) THEORY |
| 06.03.2025 (Thursday) (09 A.M. to 11.30 A.M.) HINDI (HN) / SANSKRIT (SN) | |

- Home Science ଏବଂ Painting ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ।
- Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ।
- Home Science (Theory) ବିଷୟରେ ୮୫ ମାର୍କ ଏବଂ Painting (Theory) ବିଷୟରେ ୩୦ ମାର୍କର Subjective ପ୍ରଶ୍ନ ଆସିବ।
- Home Science (Practical) ପରୀକ୍ଷାରେ ୧୫ ମାର୍କ ଏବଂ Painting (Practical) ପରୀକ୍ଷାରେ ୭୦ ମାର୍କର ପ୍ରଶ୍ନ ଆସିବ।

OIPR-27004/11/0043/2425 ସ୍ୱା./- ସମ୍ପାଦକ

**ପ୍ରଧାନମନ୍ତ୍ରୀଙ୍କ ବିମାନରେ ବୈଷୟିକ ତ୍ରୁଟି** ଝାଡ଼ଖଣ୍ଡର ଦେଓଘରଠାରେ ଶୁକ୍ରବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିମାନରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ନୂଆଦିଲ୍ଲୀରୁ ଦେଓଘରକୁ ଭାରତୀୟ ବାୟୁସେନାର ଆଉ ଏକ ବିମାନ ପଠାଯାଇଥିଲା। ଫଳରେ ପ୍ରଧାନମନ୍ତ୍ରୀଙ୍କ ଦିଲ୍ଲୀ ଫେରିବା ବିଳମ୍ବିତ ହୋଇଛି।



## ସଂକ୍ଷେପରେ

### ମନ୍ଦିର ଆକ୍ରମଣରେ ସମ୍ପୃକ୍ତ କାନାଡା ପୋଲିସଙ୍କୁ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୧୫।୧୧

କାନାଡାର ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ମନ୍ଦିର ଆକ୍ରମଣରେ ଖଲିସ୍ତାନୀ ସମର୍ଥକମାନଙ୍କ ସହ ସାମିଲ ଥିବା ସେଠାର ଜଣେ ପୋଲିସ ଅଫିସରଙ୍କୁ କ୍ଲିନ୍‌ଚିଟ୍ ମିଳିଛି। ଡ୍ୟୁଟିରେ ନ ଥିବା ଅଫିସର ହରିନ୍ଦର ସୋହି ସାଦା ପୋଷାକରେ ଖଲିସ୍ତାନୀ ପତାକା ଧରି ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାର ଭିଡିଓ ପ୍ରକାଶ ପାଇବା ପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ତେବେ ସେ ବିକ୍ଷୋଭକାରୀଙ୍କୁ ଅଟକାଇବା ସହ ସ୍ଥିତି ସୁଧାରିବା ପାଇଁ ଉଦ୍ୟମ କରୁଥିଲେ କହି କାନାଡାର ପିଲ୍ ରିଜିଅନାଲ୍ ପୋଲିସ୍ ତାଙ୍କୁ ଦୋଷମୁକ୍ତ କରିଦେଇଛି।

### ଶ୍ରୀଲଙ୍କା ନିର୍ବାଚନରେ ଏନ୍‌ପିପିର ବଡ଼ ବିଜୟ


ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ

କଲମ୍ବୋ,୧୫।୧୧(ପି.ଟି.)

ଶ୍ରୀଲଙ୍କା ପାର୍ଲାମେଣ୍ଟ ନିର୍ବାଚନରେ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେଙ୍କ ନ୍ୟାଶନାଲ ପିପୁଲ୍ସ ପାୱାର (ଏନ୍‌ପିପି) ପାର୍ଟି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଦେଶର ତାମିଲ ସଂଖ୍ୟାଲଘୁମାନଙ୍କ ମୁଖ୍ୟ ଅଞ୍ଚଳ ଜାଫନା ଇଲେକ୍ଟୋରାଲ ଡିଷ୍ଟ୍ରିକ୍ଟରେ ମଧ୍ୟ ଏହି ଦଳ ବଡ଼ ସଫଳତା ହାସଲ କରିଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ସଦ୍ୟତମ ଫଳାଫଳ ଅନୁଯାୟୀ, ୨୨୫ ଆସନବିଶିଷ୍ଟ ପାର୍ଲାମେଣ୍ଟରେ ଏନ୍‌ପିପି ମେଣ୍ଟକୁ ୧୫୯ ଆସନ ମିଳିଛି। ଏହି ମେଣ୍ଟକୁ ୬.୮ ନିୟୁତରୁ ଅଧିକ ଭୋଟ ଅଥବା ୬୧% ଭୋଟ ମିଳିଛି। ସାଜିଥ୍ ପ୍ରେମଦାସାଙ୍କ ସାମଗି ଜନ ବାଲୱେଗୟା ୪୦ ଆସନ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଇଲାଙ୍କାଇ ତାମିଲ ଆରସୁ କାଡଚିକୁ ୮, ନ୍ୟୁ ଡେମୋକ୍ରାଟିକ୍ ଫ୍ରଣ୍ଟକୁ ୫ ଏବଂ ଶ୍ରୀଲଙ୍କା ପୋଡୁଜନ ପେରାମୁନା ଓ ଶ୍ରୀଲଙ୍କା ମୁସ୍‌ଲିମ୍ କଂଗ୍ରେସକୁ ୩ଟି ଲେଖାଏ ଆସନ ମିଳିଛି।

# ସମୁଦ୍ର ମନ୍ଥନରୁ 'ବିଷ'



**ହିନ୍ଦୁଧର୍ମର ପୌରାଣିକ ମତାନୁସାରେ ଦେବତା ଏବଂ ଅସୁରଗଣ ସମୁଦ୍ର ମନ୍ଥନ କରି ଉଭୟ ଅମୃତ ଓ ବିଷ ବାହାର କରିଥିଲେ। ଏହାର ଅନେକ ହଜାର ବର୍ଷ ପରେ ଏବେ ସମୁଦ୍ରରୁ କେବଳ ହଳାହଳ ରୂପକ ନିଷିଦ୍ଧ ନିଶାଦ୍ରବ୍ୟ ବାହାରୁଛି। ବିଶେଷକରି ଗୁଜରାଟ ଉପକୂଳ ଡ୍ରଗ୍ସ ଚାଲାଣକାରୀଙ୍କ ପାଇଁ ସୁଗମ ଜଳପଥ ପାଲଟିଛି। ଶ୍ରୀକୃଷ୍ଣଙ୍କ ବାଲ୍ୟବନ୍ଧୁ ସୁଦାମା ଓ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ମହାତ୍ମା ଗାନ୍ଧୀଙ୍କ ଜନ୍ମସ୍ଥାନ ପୋରବନ୍ଦରକୁ ବିଦେଶରୁ ବିପୁଳ ପରିମାଣର ଡ୍ରଗ୍ସ ଚାଲାଣ ହେଉଛି। ଏହା ଗୁଜରାଟ ପୋଲିସ, ତଟରକ୍ଷୀ ବାହିନୀ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ବିଫଳତାକୁ ପଦାରେ ପକାଇଛି। ନିର୍ଦ୍ଦିଷ୍ଟ ଭାବେ ଗୁଜରାଟ ଉପକୂଳରେ ନିଶାଦ୍ରବ୍ୟ ଚାଲାଣ ବଢ଼ିବାରେ ଲାଗିଥିବାରୁ ଏହାକୁ ଲକ୍ଷ୍ୟକରି ସମାଲୋଚକ ପ୍ରଶ୍ନ କରୁଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଜ ରାଜ୍ୟକୁ ଏତେ ଡ୍ରଗ୍ସ କେଉଁଠୁ ଆସୁଛି, ଆଣୁଛି କିଏ?**

## ଗୁଜରାଟ ଜଳପଥରେ ଚାଲାଣ ହେଉଛି ବିପୁଳ ଡ୍ରଗ୍ସ



ଅପରେଶନ 'ସାଗର ମନ୍ଥନ'ବେଳେ ବୋଟ୍‌ରୁ ଧରାପଡ଼ିଥିବା ଇରାନ ନାଗରିକ।

ନୂଆଦିଲ୍ଲୀ/ଅହମଦାବାଦ,୧୫।୧୧

ଦେଶର ସୁନାମଧନ୍ୟ ନିଶାଦ୍ରବ୍ୟ ନିରୋଧୀ ଏଜେନ୍ସି ଏନ୍‌ସିବି ଶୁକ୍ରବାର ୭୦୦ କେ.ଜି. ମେଥାମ୍ଫେଟାମାଇନ୍ ଜବତ କରିଛି। ମେଥ୍ ବା ମେଥାମ୍ଫେଟାମାଇନ୍ ହେଉଛି ମାନସିକ ସ୍ଥିତି, ଚିନ୍ତାଶକ୍ତି ଓ ଧାରଣାକୁ ପ୍ରଭାବିତ କରୁଥିବା ଏକ ନିଷିଦ୍ଧ ଔଷଧ, ଯାହାକି ଡାକ୍ତରଙ୍କ ବିନା ପ୍ରେସ୍କ୍ରିପ୍‌ଶନ୍‌ରେ ବିକ୍ରି କରାଯାଇ ନ ଥାଏ। ଧଳାରଙ୍ଗର ଏହି ରାସାୟନିକ ପାଉଡର ପାଣି ବା ଆଲ୍‌କୋହଲରେ ସହଜରେ ମିଳେଇଯାଇଥାଏ। ଭାରତୀୟ ଜଳପଥରେ ଏକ ଅଣପଞ୍ଜୀକୃତ ଇରାନୀୟ ବୋଟ୍‌ରୁ ଜବତ କରିଥିବା ଏହି ଡ୍ରଗ୍ସର ଆନୁମାନିକ ମୂଲ୍ୟ ୧,୭୦୦ କୋଟି ଟଙ୍କା ହେବ ବୋଲି ଏନ୍‌ସିବି ଆକଳନ କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ ଅନ୍ତର୍ଜାତୀୟ ବଜାରରେ ଜବତ ଡ୍ରଗ୍ସର ମୂଲ୍ୟ ୧,୪୦୦-୩,୫୦୦ କୋଟି ଟଙ୍କା ହେବ।

ଅପରେଶନ୍ ବେଳେ ୮ ଇରାନୀୟଙ୍କୁ ଗିରଫ କରାଯାଇଛି। ଏନ୍‌ସିବି ଉପମହାନିର୍ଦ୍ଦେଶକ ଜ୍ଞାନେଶ୍ୱର ସିଂ କହିଛନ୍ତି, ଗୋଇନ୍ଦା ସୂଚନା ଆଧାରରେ ଏଜେନ୍ସି ପକ୍ଷରୁ 'ସାଗର ମନ୍ଥନ-୪' ନାମରେ ଏକ ମିଳିତ ଅପରେଶନ୍ କରାଯାଇଥିଲା। ଏଥିରେ ଗୁଜରାଟ ପୋଲିସର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଏବଂ ଭାରତୀୟ ନୌସେନା ସାମିଲ ହୋଇଥିଲା। ଗିରଫ ହୋଇଥିବା ୮ ଅଭିଯୁକ୍ତ ବିନା କୌଣସି ଦସ୍ତାବିଜରେ ଡ୍ରଗ୍ସ ନେଇ ଭାରତୀୟ ଜଳପଥର ଇଣ୍ଟରନ୍ୟାସନାଲ ମାରିଟାଇମ୍ ବାଉଣ୍ଡରି ଲାଇନ୍ (ଆଇଏମ୍‌ବିଏଲ୍)ରେ ଅନୁପ୍ରବେଶ କରୁଥିଲେ। ବୋଟ୍‌କୁ ପୋରବନ୍ଦରକୁ ଅଣାଯାଇ ଅଭିଯୁକ୍ତମାନଙ୍କୁ ପଚରାଉଚରା ଚାଲିଛି। ଜେରାବେଳେ ସେମାନେ ଇରାନ୍ ନାଗରିକ ବୋଲି ସ୍ୱୀକାର କରିଛନ୍ତି। ଏହି ଡ୍ରଗ୍ସ କେଉଁଠୁ ଆସିଥିଲା ଏବଂ ନିର୍ଦ୍ଦିଷ୍ଟ ଭାବେ କେଉଁ ସ୍ଥାନକୁ ଯାଉଥିଲା; ପାକିସ୍ତାନ ସହ ଏହାର ସମ୍ପୃକ୍ତି ରହିଛି କି ଏବଂ ଏଥିରୁ ମିଳିବାକୁ ଥିବା ଅର୍ଥକୁ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣରେ ବ୍ୟବହାର କରାଯାଇଥାଆନ୍ତା କି? ଅଧିକାରୀମାନେ ବର୍ତ୍ତମାନ ଏହାର ଉତ୍ତର ଖୋଜିବା ପାଇଁ ତନାଘନା ଚଳାଇଛନ୍ତି।

### ଡ୍ରଗ୍ସମୁକ୍ତ ଭାରତ ପାଇଁ ପ୍ରତିଶ୍ରୁତିବଦ୍ଧ

ବେଆଇନ ଡ୍ରଗ୍ସ ଚାଲାଣ ବିରୋଧରେ ଲଗାତର ଗୋଟିଏ ପରେ ଗୋଟିଏ ସଫଳତା। ଗୋଟିଏ ଦିନରେ ନୂଆଦିଲ୍ଲୀରେ ୮୨.୫୩ କେ.ଜି.ର ହାଇଗ୍ରେଡ୍ କୋକେନ୍ ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୮୦୦ କୋଟି ଟଙ୍କା ହେବ। ଏହା ଡ୍ରଗ୍ସମୁକ୍ତ ଭାରତ ନିର୍ମାଣରେ ମୋଦି ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସୂଚାଉଛି। ଡ୍ରଗ୍ସ ରାକେଟ ବିରୋଧରେ ଆମ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଏହି ସଫଳତା ପାଇଁ ଏନ୍‌ସିବିକୁ ଅଭିନନ୍ଦନ।

–ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

➡୨୦୨୪ରେ ଆରମ୍ଭ ହୋଇଥିବା 'ସାଗର ମନ୍ଥନ' ଅପରେଶନ୍‌ରେ ଅଦ୍ୟାବଧି ୩,୪୦୦ କେ.ଜି.ର ବିଭିନ୍ନ ପ୍ରକାର ନାର୍କୋଟିକ୍ ଡ୍ରଗ୍ସ ଓ ସାଇକୋଟ୍ରୋପିକ୍ ପଦାର୍ଥ ଜବତ କରାଗଲାଣି। ଚଳିତବର୍ଷ ୩ଟି ମାମଲାରେ ୧୧ ଇରାନୀ ଓ ୧୪ ପାକିସ୍ତାନୀ ଗିରଫ ହୋଇ ଜେଲ ଯାଇଛନ୍ତି।

➡ଅକ୍ଟୋବର ୧୩ରେ ଗୁଜରାଟ ଉପକୂଳ ଭାରୁଚ୍ ଜିଲ୍ଲା ଅଙ୍କଲେଶ୍ୱରସ୍ଥିତ ଅବସର ଏଣ୍ଟରପ୍ରାଇଜେସ୍‌ରୁ ୮୧୫ କେଜିର କୋକେନ ଜବତ ହୋଇଥିଲା, ଯାହାର ଆନୁମାନିକ ମୂଲ୍ୟ ୨୫୦ କୋଟି ଟଙ୍କା ହେବ। ରାଜ୍ୟର ଭାଜପା ସରକାର ଏହି ଡ୍ରଗ୍ସ କାରବାର ପାଇଁ ଅନୁମତି ଦେଇଥିବା ସେତେବେଳେ ଗୁଜରାଟ କଂଗ୍ରେସ ନେତ୍ରୀ ମୁମ୍‌ତାଜ ପଟେଲ ଅଭିଯୋଗ ଆଣିଥିଲେ। ଗୁଜରାଟ ଏବେ ଭାରତକୁ ଡ୍ରଗ୍ସର ପ୍ରବେଶପଥ ପାଲଟିଯାଇଥିବା ସେ ସମାଲୋଚନା କରିଥିଲେ।

➡ଅକ୍ଟୋବର ୨୦ରେ ଏକ ଅନୁରୂପ ଅପରେଶନ୍ ବେଳେ ଅଙ୍କଲେଶ୍ୱରରେ ଥିବା ଆଭକର ଡ୍ରଗ୍ସ ଲିମିଟେଡ୍‌ରୁ ୪୨୭ କେ.ଜି. (୫,୦୦୦ କୋଟି ଟଙ୍କାର) ଡ୍ରଗ୍ସ ଜବତ ହୋଇଥିଲା।

➡ଏପ୍ରିଲ ୨୯ରେ ଭାରତୀୟ ତଟରକ୍ଷା ବାହିନୀ ଏବଂ ଗୁଜରାଟ ଏଟିଏସ୍‌ର ଏକ ମିଳିତ ଟିମ୍ ଗୁଜରାଟ ଉପକୂଳରେ ଚଢ଼ାଉ କରି ଏକ ବୋଟ୍‌ରୁ ୧୭୩ କେ.ଜି. ଡ୍ରଗ୍ସ ଜବତ କରିଥିଲା। ଏହାକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଥିଲେ, ଗୁଜରାଟରେ ପ୍ରଧାନମନ୍ତ୍ରୀଙ୍କ ରାଲି ପୂର୍ବରୁ ଏତେ ପରିମାଣର ଡ୍ରଗ୍ସ ଜବତ ହେବା ଆଶ୍ଚର୍ଯ୍ୟଜନକ। ତାଙ୍କ ରାଜ୍ୟକୁ କିଏ କେଉଁଠୁ ଡ୍ରଗ୍ସ ଚାଲାଣ କରୁଛି ବୋଲି ଜୟରାମ ପ୍ରଶ୍ନ କରିଥିଲେ।

➡୨୦୨୧ ସେପ୍ଟେମ୍ବର ୧୩ରେ ଗୁଜରାଟ ଉପକୂଳ ମୁନ୍ଦ୍ରା ପୋର୍ଟରୁ ୩,୦୦୦ କେ.ଜି (୨୦,୦୦୦ କୋଟି ଟଙ୍କା)ର ହେରୋଇନ୍ ଜବତ ହୋଇଥିଲା। ସେତେବେଳେ ମୁନ୍ଦ୍ରା ବନ୍ଦର ପରିଚାଳନାକାରୀ ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏପିଏସ୍‌ଇଜେଡ୍) ଇରାନ, ପାକିସ୍ତାନ ଓ ଆଫଗାନିସ୍ତାନରୁ ଆସୁଥିବା କାର୍ଗୋଗୁଡ଼ିକୁ ସେହି ବର୍ଷ ନଭେମ୍ବର ୧୫ରୁ ଆଉ ହ୍ୟାଣ୍ଡଲ କରିବ ନାହିଁ ବୋଲି କହିଥିଲା।

➡ଭାରତରୁ ଡ୍ରଗ୍ସ ହଟାଇବା ପାଇଁ କେନ୍ଦ୍ର ସରକାର ଏନ୍‌ସିବିରେ ଗତ ୨ ବର୍ଷରେ ୪୨୫ ପଦବୀ ସୃଷ୍ଟି କରିଥିବାବେଳେ ନିକଟରେ ସୃଷ୍ଟ ଅତିରିକ୍ତ ୧୧୧ ଅଧିକାରୀ ପୋଷ୍ଟ ପାଇଁ ନିଯୁକ୍ତି ଜାରି ରହିଛି।

### ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ଲାଗି ଟ୍ରମ୍ପଙ୍କ ପ୍ରତିଶ୍ରୁତି

ୱାଶିଂଟନ,୧୫।୧୧

ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ଲୋକମାନଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ଏହି ଯୁଦ୍ଧ ବନ୍ଦ କରିବା ଦିଗରେ ତାଙ୍କ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେବ ବୋଲି ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ପଶ୍ଚିମ ଏସିଆରେ ଶାନ୍ତି ଫେରାଇଆଣିବା ଲାଗି ତାଙ୍କ ପ୍ରଶାସନ କାର୍ଯ୍ୟ କରିବ। ଏଥିପାଇଁ ରୁଷିଆ, ୟୁକ୍ରେନ୍ ଏବଂ ମଧ୍ୟପ୍ରାଚ୍ୟରେ ଆମେ କାର୍ଯ୍ୟ କରିବାକୁ ଯାଉଛୁ ବୋଲି ଗୁରୁବାର ମାର୍-ଏ-ଲାଗୋ ଇଷ୍ଟେଟ୍‌ରେ ଅନୁଷ୍ଠିତ ଆମେରିକା ଫାଷ୍ଟ ପଲିସି ଇନ୍‌ଷ୍ଟିଚ୍ୟୁଟ୍ ଉତ୍ସବରେ ଟ୍ରମ୍ପ୍ କହିଛନ୍ତି।

ଟ୍ରମ୍ପଙ୍କ ପୂର୍ବ ପାଳି ସରକାରରେ ଡେପୁଟି ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିବା ଲିସା କୁର୍ଟିସ୍ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧ ଏଭଳି ଭାବେ ବନ୍ଦ ହେବା ଆବଶ୍ୟକ, ଯେପରି ଅନ୍ୟ କୌଣସି ଦେଶ ବେଆଇନ ଭାବେ ପଡୋଶୀ ରାଷ୍ଟ୍ର ଉପରେ ଆକ୍ରମଣ କରିବାକୁ ପ୍ରୋତ୍ସାହିତ ହେବେ ନାହିଁ।

### ଜୁନିୟର କେନେଡି ହେବେ ଆମେରିକା ସ୍ୱାସ୍ଥ୍ୟ ସଚିବ


ରବର୍ଟ ଏଫ୍. କେନେଡି ଜୁନିୟର

ୱାଶିଂଟନ୍,୧୫।୧୧

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଭାକ୍ସିନ ବିରୋଧୀ ଆକ୍ଟିଭିଷ୍ଟ ରବର୍ଟ ଏଫ୍. କେନେଡି ଜୁନିୟରଙ୍କୁ ଦେଶର ସ୍ୱାସ୍ଥ୍ୟ ସଚିବ ରୂପେ ମନୋନୀତ କରିଛନ୍ତି। କେନେଡିଙ୍କ ଜନସ୍ୱାସ୍ଥ୍ୟ ସମ୍ପର୍କିତ ମତାମତକୁ ବିପଜ୍ଜନକ ମନେକରାଯାଉଥିବାବେଳେ ତାଙ୍କୁ ଡ୍ରଗ୍, ଭାକ୍ସିନ, ଖାଦ୍ୟ ସୁରକ୍ଷା, ଡାକ୍ତରୀ ଗବେଷଣା ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଦାୟିତ୍ୱ ଦିଆଯାଇଛି। ଜାନୁଆରୀ ୨୦ରେ ଆରମ୍ଭ ହେବାକୁ ଥିବା ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ପ୍ରାଶାସନରେ ସ୍ୱାସ୍ଥ୍ୟ ଓ ମାନବୀୟ ସେବା ବିଭାଗର ମୁଖ୍ୟ ଭାବେ ସେ କାର୍ଯ୍ୟ କରିବେ। ନିଜ ସୋସିଆଲ ମିଡିଆ ସାଇଟ୍ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ଏହି ସୂଚନା ଦେଇଛନ୍ତି।

## ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ଅବଦାନକୁ ଉପଯୁକ୍ତ ସ୍ୱୀକୃତି ମିଳିନାହିଁ: ମୋଦି

ଜାମୁଇ,୧୫।୧୧



ଭାରତର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀମାନଙ୍କ ଅବଦାନକୁ ସ୍ୱୀକୃତି ଦେବାର ପୂର୍ବର କଂଗ୍ରେସ ନେତୃତ୍ୱାଧୀନ ସରକାର ବିଫଳ ହୋଇଥିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସମାଲୋଚନା କରିଛନ୍ତି। ସମସ୍ତ ଶ୍ରେୟ ଗୋଟିଏ ଦଳ ଏବଂ ଗୋଟିଏ ପରିବାରକୁ ଦେବା ପାଇଁ ଉଦ୍ୟମ ହୋଇଥିଲା ବୋଲି ମୋଦି କହିଛନ୍ତି। ଯଦି ଗୋଟିଏ ପରିବାର ଯୋଗୁ ଦେଶକୁ ସ୍ୱାଧୀନତା ମିଳିଥିଲା ତେବେ ବିର୍ସା ମୁଣ୍ଡା 'ଉଲ୍‌ଗୁଲାନ' ଆନ୍ଦୋଳନ ଆରମ୍ଭ କରିଥିଲେ କ'ଣ ପାଇଁ। ସ୍ୱାଧୀନତା ଲଢ଼େଇରେ ବହୁ ଆଦିବାସୀ ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ମଧ୍ୟ ସେମାନଙ୍କୁ ପୂର୍ବରୁ ଉପଯୁକ୍ତ ନ୍ୟାୟ ମିଳିନାହିଁ। ଆଦିବାସୀ ନେତା ଭଗବାନ୍ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଆରମ୍ଭ ସ୍ୱରୂପ ଜନଜାତିୟାଁ ଗୌରବ ଦିବସ କାର୍ଯ୍ୟକ୍ରମରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଆଦିବାସୀଙ୍କ ଜୀବନ ଧାରଣ ମାନରେ ଉନ୍ନତି ପାଇଁ ତାଙ୍କ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୋଦି କହିଥିଲେ। ସେମାନଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ମନ୍ତ୍ରଣାଳୟ ପ୍ରତିଷ୍ଠା ହେବା ସହ ବଜେଟକୁ ୧.୨୫ ଲକ୍ଷ କୋଟି ଟଙ୍କା କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ପାର୍ଟିରୁ ଫେରୁଥିବା ୬ ସାଙ୍ଗଙ୍କ ବୀଭତ୍ସ ମୃତ୍ୟୁ

### ଭିଡିଓରେ ଡେରାଡୁନ୍ ଦୁର୍ଘଟଣାର ଭୟଙ୍କର ଦୃଶ୍ୟ

ଡେରାଡୁନ୍,୧୫।୧୧



ଉତ୍ତରାଖଣ୍ଡର ଡେରାଡୁନ୍‌ରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୬ ଜଣ ସାଙ୍ଗଙ୍କ ବୀଭତ୍ସ ମୃତ୍ୟୁ ଘଟିଛି। ଏହି କଲେଜ ଛାତ୍ରୀଛାତ୍ର ଏକ ପାର୍ଟିରୁ ଫେରୁଥିବାବେଳେ ନିଶାରେ ଥିଲେ। ସେମାନଙ୍କ ଇନୋଭା ଏକ ବିଏମ୍‌ଡବ୍ଲ୍ୟୁକୁ ଓଭରଟେକ୍ କରିବା ପାଇଁ ଦ୍ରୁତ ବେଗରେ ଯାଉଥିବାବେଳେ ଟ୍ରକ୍‌କୁ ଧକ୍କା ଦେଇଥିଲା। କାର୍ ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଥିବାବେଳେ ୬ ଜଣଙ୍କର ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ଏତେ ଜୋର୍‌ଦାର ଥିଲା ଯେ, ମୃତକଙ୍କ ମଧ୍ୟରୁ ୨ ଜଣଙ୍କ ମୁଣ୍ଡ ଶରୀରରୁ ଅଲଗା ହୋଇଯାଇଛି। ଦୁର୍ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମୃତକମାନେ ହେଲେ କୁନାଲ କୁକ୍ରେଜା(୨୩), ଅତୁଲ ଅଗ୍ରୱାଲ(୨୪), ରିଶଭ ଜୈନ(୨୪), ନଭ୍ୟା ଗୋଏଲ (୨୩), କାମାକ୍ଷୀ(୨୦) ଏବଂ ଗୁନୀତ୍ (୧୯)। ଡେରାଡୁନ୍‌ରେ ପାର୍ଟିର ଆୟୋଜନ କରିଥିବା ସିଦ୍ଧାର୍ଥ ଅଗ୍ରୱାଲ(୨୫)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ପୋଲିସ କହିଛି।

## ୯୦% ମହୁରେ ଚିନିଶିରା ଭଳି ସିରପ୍

### ବ୍ରିଟେନ୍ କର୍ତ୍ତୃପକ୍ଷଙ୍କ ଯାଞ୍ଚରୁ ଜଣାପଡ଼ିଲା

ଲଣ୍ଡନ,୧୫।୧୧



ସୁପରମାର୍କେଟଗୁଡ଼ିକରେ ବିକ୍ରି ହେଉଥିବା ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମହୁ ଭେଜାଲ। ସେଥିରେ ଚିନିଶିରା ଭଳି ଶସ୍ତା ସିରପ୍ ମିଶାଯାଉଛି, ଯାହା ପ୍ରକୃତିର ଅମୃତକୁ ନକଲି କରିଦେଇଛି। ଠକମାନେ ଏଥିରୁ ଲାଭ ଉଠାଉଥିବାବେଳେ ମହୁମାଛି ଚାଷୀ ଏବଂ ଜୈବବିବିଧତାକୁ ମୂଲ୍ୟ ଦେବାକୁ ପଡୁଛି। ଗତ ମାସରେ ହନି ଅଥେଣ୍ଟିସିଟି ନେଟ୍‌ୱର୍କ ଦ୍ୱାରା ମହୁର ଡିଏନ୍‌ଏ ପରୀକ୍ଷା କରାଯାଇଥିଲା। ବ୍ରିଟେନ୍‌ର ବୃହତ୍ ରିଟେଲରମାନେ ବିକ୍ରି କରୁଥିବା ମହୁ ବୋତଲରୁ ୯୦%ରୁ ଅଧିକ ଚିନିଶିରା ଭଳି ସାମଗ୍ରୀରେ ପୂରଣ ହୋଇଥିବା ଜଣାପଡ଼ିଥିଲା। ସ୍ଥାନୀୟ ବ୍ରିଟିଶ ମହୁମାଛି ଚାଷୀଙ୍କଠାରୁ ସଂଗୃହୀତ ସମସ୍ତ ୫ଟି ନମୁନା ସହ ବଜାର ମହୁ ମେଳ ଖାଇ ନଥିଲା।

ବ୍ରିଟେନ୍‌ରେ ବିକ୍ରି ହେଉଥିବା ମହୁ ଅସୁରକ୍ଷିତ ବୋଲି କୌଣସି ପ୍ରମାଣ ନ ଥିବାରୁ ଏଥିରେ ଜାଲିଆତି ସୁବିଧାଜନକ ବୋଲି ଖାଦ୍ୟ ଗୁଣବତ୍ତା ସଂସ୍ଥା (ଏଫ୍‌ଏସ୍‌ଏ) କହିଛି। ମୁଖ୍ୟତଃ ପ୍ରିମିୟମ ଲେବୁଲ କିମ୍ବା ଜଟିଳ ଯୋଗାଣ ଶୃଙ୍ଖଳା ଥିବା ଉତ୍ପାଦଗୁଡ଼ିକ ଠକମାନଙ୍କୁ ଆକର୍ଷିତ କରିଥାଏ। ସେମାନେ ଚାଉଳ, ବିଟ୍ କିମ୍ବା ଅନ୍ୟାନ୍ୟ ଶସ୍ୟରୁ ଶସ୍ତା ସିରପ୍ ପ୍ରସ୍ତୁତ କରି ଏହାକୁ ମହୁରେ ମିଶାଇଥାନ୍ତି। ଏହା ମହୁ ଭଳି ଦେଖାଯାଉଥିଲେ ମଧ୍ୟ ଏଥିରେ ସ୍ୱାଦ, ପୋଷକ ତତ୍ତ୍ୱ ଏବଂ ଅନନ୍ୟ ଏଞ୍ଜାଇମ୍ ନ ଥାଏ। ଅପମିଶ୍ରଣ ଜଣା ନ ପଡ଼ିବା ପାଇଁ ଅତ୍ୟାଧୁନିକ ପଦ୍ଧତି ଆପଣାଯାଇଥାଏ ବୋଲି ବ୍ରିଟିଶ୍ ବି'କିପର୍ସ ଆସୋସିଏଶନ କହିଛି। ପ୍ରକୃତ ମହୁ ଟନ୍ ପ୍ରତି ମୂଲ୍ୟ ୩,୦୦୦ ଡଲାର ହୋଇଥିବାବେଳେ ସିରପ୍ ଦାମ୍ ୫୦୦ ଡଲାର। ସେଥିପାଇଁ ମହୁରେ ଅଧିକ ଅପମିଶ୍ରଣ କରାଯାଉଛି।

## ଫୁର୍‌ସତ୍

### ଦାଦାଙ୍କ ସହ ମନାନ୍ତର ତୁଟିଥିବା ଚର୍ଚ୍ଚା


ଅଲ୍ଲୁ ଅର୍ଜୁନ

**ହାଇଦ୍ରାବାଦ:** ଚଳଚ୍ଚିତ୍ର 'ପୁଷ୍ପା ୨: ଦ ରୁଲ୍'କୁ ନେଇ ଚର୍ଚ୍ଚାରେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ। ଡିସେମ୍ବର ୫ରେ ଏହା ରିଲିଜ ହେବ। ପ୍ରଶଂସକ ଏନେଇ ଦିନ ଗଣୁଥିବା ବେଳେ ଏବେ ଭିନ୍ନ ଏକ ଘଟଣାକୁ ନେଇ ଅଭିନେତା ଖବରରେ ଅଛନ୍ତି। ତାଙ୍କର ଗୋଟିଏ ବୟାନ ଭାଇରାଲ ହେଉଛି, ଯେଉଁଥିରୁ ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତରରେ ପୂର୍ଣ୍ଣଚ୍ଛେଦ ପଡ଼ିବାର ସଙ୍କେତ ମିଳିଛି। ଦୀର୍ଘଦିନରୁ ଅଲ୍ଲୁ ଅର୍ଜୁନଙ୍କର ଦାଦା ପବନ କଲ୍ୟାଣଙ୍କ ସହ ମନାନ୍ତର ରହି ଆସିଛି। ଲୋକ ସଭା ନିର୍ବାଚନ ସମୟରୁ ବିବାଦ ଆରମ୍ଭ ହୋଇଥିଲା। କାରଣ ଏଥିରେ ଅଭିନେତା ନିଜ ଦାଦାଙ୍କ ବ୍ୟତିରେକ ଅନ୍ୟଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିଲେ। ହେଲେ ଏବେ ଅଲ୍ଲୁ ତାଙ୍କୁ ନେଇ ଏମିତି କିଛି କହିଦେଇଛନ୍ତି, ଯାହାକି ଚର୍ଚ୍ଚାକୁ ଆସିଛି। ଅନ୍‌ଷ୍ଟପେବୁଲ୍ ଉଇଥ୍ ଏନ୍‌ବିକେ ସିଜନ ୪ ଏପିସୋଡ୍‌ର ହୋଷ୍ଟ ଅଭିନେତାଙ୍କୁ ପବନ କଲ୍ୟାଣଙ୍କ ଫଟୋ ଦେଖାଇ କିଛି କହିବାକୁ କହିଥିଲେ। ଏହାର ଜବାବରେ ଅଲ୍ଲୁ କହିଥିଲେ 'ସେ ହେଉଛନ୍ତି ସମ୍ମାନନୀୟ କଲ୍ୟାଣ ଗୌଡ଼ା। ମୋତେ ତାଙ୍କ ଶକ୍ତି/ସାମର୍ଥ୍ୟ ପସନ୍ଦ। ଯେବେ ତାଙ୍କୁ ବ୍ୟକ୍ତିଗତ ଭାବେ ଦେଖେ ସେତେବେଳେ ତାଙ୍କ ଶୌର୍ଯ୍ୟ ପସନ୍ଦ ଆସିଥାଏ। ସେ ସବୁଠାରୁ ସାହାସୀ ବ୍ୟକ୍ତି ବୋଲି ଅଲ୍ଲୁ କହିଛନ୍ତି। କହିରଖୁଛୁ, ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ 'ପୁଷ୍ପା ୨'ର ଟ୍ରେଲର ନଭେମ୍ବର ୧୭ରେ ରିଲିଜ ହେବ। ଏହାକୁ ପ୍ରଶଂସକ ଅପେକ୍ଷା କରିଛନ୍ତି। ଟ୍ରେଲର ଲଞ୍ଚ କାର୍ଯ୍ୟକ୍ରମ ଲାଗି ପାଟଣାରେ ଭବ୍ୟ ଆୟୋଜନ କରାଯାଇଛି।

## ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ

### ଅନ୍ତର୍ଜାତୀୟ ସହନଶୀଳତା ଦିବସ

**ସ**ମାଜରେ ସହନଶୀଳତାର ମୂଲ୍ୟ ବିଷୟରେ ସଚେତନତା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି। ଏହାର ଉଦ୍ଦେଶ୍ୟ ଏକ ଅସହିଷ୍ଣୁ ସଂସ୍କୃତିର ନକାରାତ୍ମକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହି ବାର୍ତ୍ତାର ପ୍ରସାର କରିବା। ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ। ସହନଶୀଳତା ଦ୍ୱାରା ସମନ୍ୱୟ ସୃଷ୍ଟି ହୁଏ। ଅସହିଷ୍ଣୁତା ପୃଥିବୀ ପାଇଁ ବିପଦ ସୃଷ୍ଟି କରେ। ତେଣୁ ପୃଥିବୀରେ ଶାନ୍ତିର ମାର୍ଗକୁ ପ୍ରଶସ୍ତ କରିବା ଲାଗି ସହନଶୀଳତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି।

ଅସହିଷ୍ଣୁତାର ନକରାତ୍ମକ ଦିଗ ବିଷୟରେ ସଚେତନତା ସୃଷ୍ଟି ଲାଗି ୟୁନେସ୍କୋ ପକ୍ଷରୁ ୧୯୯୫ରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହିତ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ ଲାଗି ନିଷ୍ପତ୍ତି ହୋଇଥିଲା। ୟୁନେସ୍କୋ ଅନୁଯାୟୀ, ସହନଶୀଳତା ଆମ ବିଶ୍ୱର ବିବିଧ ସଂସ୍କୃତିର ସମୃଦ୍ଧିର ଏକ ରୂପ। ଆମର ଅଭିବ୍ୟକ୍ତିର ସ୍ୱରୂପ ଏବଂ ଆମେ ମାନବ ପରସ୍ପରକୁ ସମ୍ମାନ ଦେବା, ବିବିଧତାକୁ ଗ୍ରହଣ କରିବା ସହ ପ୍ରଶଂସା କରିବା।

ଏହି ଦିବସ ଅବସରରେ ଶାନ୍ତି, ସହନଶୀଳତା, ମିଥ୍ୟା ଖବର, ଅନ୍‌ଲାଇନ ସୁରକ୍ଷା ଏବଂ ଘୃଣା ଭଳି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇ ଏହାର ନିରାକରଣ କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସହନଶୀଳତାକୁ ଏକ ଉତ୍ତମ ଗୁଣ ଭାବେ ବିବେଚନା କରାଯାଏ। ସହନଶୀଳତା ଦ୍ୱାରା ବିବାଦୀୟ ପ୍ରସଙ୍ଗର ସହଜ ସମାଧାନର ପଥ ସୃଷ୍ଟି ହୋଇଥାଏ। ତେଣୁ ଏହି ଦିବସରେ ସଭିଏଁ ସଚେତନ ହେଲେ ମନରୁ ଅସହିଷ୍ଣୁତା ଦୂର ହୋଇ ସହନଶୀଳ ମନୋଭାବର ପରିପ୍ରକାଶ ସହଜ ହୁଏ।

# ପାରାଦୀପ ଐତିହାସିକ ପୃଷ୍ଠଭୂମିର ଗବେଷଣା ଆବଶ୍ୟକ: ମୁଖ୍ୟମନ୍ତ୍ରୀ

**ପାରାଦୀପ,୧୫।୧୧(ଶରତ ରାଉତ)**


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ପତାକା ଦେଖାଇ ବୋଇତକୁ ବିଦାୟ ଦେଉଛନ୍ତି।

ଶିଳ୍ପ ସମୃଦ୍ଧ ପାରାଦୀପର ଅନ୍ତରାଳେ ଥିବା ଐତିହାସିକ ପୃଷ୍ଠଭୂମି, ପୌରାଣିକ କିମ୍ବଦନ୍ତୀ ଓ ଆଧ୍ୟାତ୍ମିକ ବିଚାର ଉପରେ ଅନେକ ରହସ୍ୟ ରହିଛି। ଏସବୁ ଉପରେ ଗବେଷଣା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶାର ଯେତେ ପର୍ବ ପାଳନ କରାଯାଉଛି ତାହା ଧାର୍ମିକ ଭାବନା ସହିତ ଜଡ଼ିତ। କିନ୍ତୁ ପାରାଦୀପର ନିଆରା ବୋଇତ ବନ୍ଦାଣ ଉତ୍ସବ ଓ ବାଲିଯାତ୍ରା ମହୋତ୍ସବ କେବଳ ନୌବାଣିଜ୍ୟ ଇତିହାସ ସହ ଜଡ଼ିତ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର ପାରାଦୀପ ବନ୍ଦର ବୋଇତ ବନ୍ଦାଣ ଉତ୍ସବ ଅବସରରେ କହିଛନ୍ତି। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ମେରାଇନ ବର୍ଥ ପାଖରେ ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ସହ ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁପ୍ରସାଦ ତରାଇ, ଜିଲାପାଳ ଜେ.ସୋନାଲ, ଡିଆଇଜି ଚରଣ ସିଂହ ମାନ୍ନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବୋଇତ ପୂଜା ପରେ ସେଥିରେ ଥିବା ସାଧବାଣୀ ସାଧବ ପୁଅଙ୍କୁ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ବିଦାୟ ଜଣାଇଥିଲେ। ପୋତାଶ୍ରୟରେ ଥିବା ସମସ୍ତ ଜାହାଜ ଏକା ସମୟରେ ହର୍ନ ବଜାଇ ଏହାକୁ ସ୍ୱାଗତ ଜଣାଇଥିଲେ।

ଏହି ଅବସରରେ, ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ତାଙ୍କ ନିର୍ବାଚନମଣ୍ଡଳୀରୁ ଯେତିକି ପଣ୍ୟ ଉତ୍ତୋଳନ ହେଉଛି ତା'ର ସିଂହଭାଗ ପାରାଦୀପ ବନ୍ଦର ବାଟେ ବିଦେଶକୁ ରପ୍ତାନି ହେଉଛି। ପାରାଦୀପ ଏବେ ଦେଶର ୧ ନମ୍ବର ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ପୂର୍ବୋଦୟରୁ ଭାରତ ଉଦୟ ସ୍ଥାନ ହେଲା ପାରାଦୀପ। ଏହି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ କରିବେ। ପାରାଦୀପର ବିକାଶ ପାଇଁ ତାଳଚେରଠାରୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଜାତୀୟ ଜଳପଥ ହେବାକୁ ଯାଉଛି। ଏଥିପାଇଁ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ମେରିଟାଇମ ଇଣ୍ଡିଆ ଭିଜନ ୨୦୩୦ ସୁଦ୍ଧା ୭୦ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବାର ପ୍ରସ୍ତାବ ରହିଛି। ୨୦୪୭ ଅମୃତକାଳ ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଉଛି। ଏହା ପରେ ପାରାଦୀପ ବନ୍ଦର ପକ୍ଷରୁ ଅଠରବାଙ୍କୀଠାରେ ଆଉ ଏକ ୫୦୦ ମିଟର ପୋଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିରେ ୨୪ କୋଟି ୮୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ବନ୍ଦରାଞ୍ଚଳର ୭ ହଜାର ଘରକୁ ଭାରତ ପେଟ୍ରୋଲିୟମ ପକ୍ଷରୁ ଇନ୍ଧନ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହାଦ୍ୱାରା ପ୍ରତି ଘରେ ରହୁଥିବା ଲୋକମାନେ ୪୫ ପ୍ରତିଶତ କମ୍ ମୂଲ୍ୟରେ ରନ୍ଧନ ଗ୍ୟାସ ପାଇବେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସଞ୍ଚାଳନ କରିଥିବା ବେଳେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଧନ୍ୟବାଦ ଦେଇଥିଲେ।

# ନବମ ପଞ୍ଚକ ମହୋତ୍ସବ ଉଦ୍‌ଯାପିତ

**ପୁରୀ,୧୫।୧୧ (ଅଜିତ୍ କୁମାର ମହାନ୍ତି)**

ବଳଗଣ୍ଡିସ୍ଥିତ ମାଉସୀମା ମନ୍ଦିର ସମ୍ମୁଖରେ ଆୟୋଜିତ ନବମ ପଞ୍ଚକ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ଭକ୍ତିମାର୍ଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ସମାଜସେବୀ ଶ୍ରୀକଣ୍ଠ ମିଶ୍ର, ବରିଷ୍ଠ ସେବାୟତ ତଥା ସୀତାର ବାଦକ ସତ୍ୟନାରାୟଣ ଗୁରୁ, ବରିଷ୍ଠ ସେବାୟତ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କମିଟିର ସଭାପତି ଜଗନ୍ନାଥ ଦାସ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମହୋତ୍ସବ କମିଟିର ଉପାଧ୍ୟକ୍ଷ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର କୁମାର ଶାସ୍ତ୍ରୀ, ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦୋରା, କମିଟି ସମ୍ପାଦକ ମଧୁସୂଦନ ମିଶ୍ର, ଗୋପୀନାଥ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ସଂଯୋଜକ ସତ୍ୟନାରାୟଣ ଦାଶ, ଜ୍ୟୋତିପ୍ରକାଶ ଜେନା, ତ୍ରିଲୋଚନ ରଥ, ରଘୁନାଥ ମହାନ୍ତି, ଗୋପୀନାଥ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ବିଶ୍ୱନାଥ ଜଗଦେବ, ବିଜୟକୃଷ୍ଣ ଦାସ ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କମିଟିର ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ରାଧାମୋହନ ସଂକୀର୍ତ୍ତନ ଦଳ ପକ୍ଷରୁ ସଂକୀର୍ତ୍ତନ ଓ କୃଷ୍ଣମଣି ନୃତ୍ୟ କଳାପୀଠ ପୁରୀ ପକ୍ଷରୁ ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ ହୋଇଥିଲା। ବାବାଜୀ ବ୍ରଜଦାସ ମହାରାଜ ହରିକଥା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିବାବେଳେ ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଦୟାନିଧି ସଙ୍ଗୀତ ସୁଧା ଅନୁଷ୍ଠାନର ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ସାରଦା ପ୍ରସନ୍ନ ମିଶ୍ର, ପ୍ରଭୁଦତ୍ତ ବିଶ୍ୱାଳ, ପ୍ରଶାନ୍ତ ରାଉତ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଡା. ଅଭିମନ୍ୟୁ କାନୁନଗୋ ସଭା ପରିଚାଳନା ସହ ସଂଯୋଜନା କରିଥିବାବେଳେ ସିଦ୍ଧାର୍ଥ ପଟ୍ଟନାୟକ ମଞ୍ଚ ସଞ୍ଚାଳନ କରିଥିଲେ।

# ଗ୍ୟାସ୍ ଟାଙ୍କି ଫାଟି ଜଣେ ମୃତ, ୨ ଗୁରୁତର

**ରାୟଗଡ଼ା,୧୫।୧୧ (ଆଶିଷ ରଞ୍ଜନ ପଣ୍ଡା)**


ଦିନ ମିଣିଆକା

ରାୟଗଡ଼ାରେ ଏକ ଅଘଟଣ ଘଟିଛି। ଗ୍ୟାସ୍ ଟାଙ୍କି ଫାଟି ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦିନ ମିଣିଆକା (୧୮)। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦିନଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଗୁରୁତର ହେଲେ ଡି. ଶିବା ଏବଂ ଧର୍ମା ମିଣିଆକା। ଉଭୟଙ୍କୁ ପ୍ରଥମେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଧର୍ମାଙ୍କୁ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି। ଅନ୍ୟ ଗୁରୁତର ଡି. ଶିବାଙ୍କୁ ପରିବାରବର୍ଗ ବିଶାଖାପାଟଣା ନେଇଥିବା ଜଣାପଡ଼ିଛି। ସେମାନେ ରାଣୀଗୁଡ଼ା ଫାର୍ମ ଅଞ୍ଚଳର ହାତୀପଥର ନିକଟସ୍ଥ ସାହିରେ ଏକ ଭଡ଼ାଘର ନେଇ ରହୁଥିଲେ। ଶୁକ୍ରବାର ଭୋର ସମୟରେ ୨ ଜଣ ବ୍ୟକ୍ତି ଶୋଇଥିବା ବେଳେ ଅନ୍ୟ ଜଣେ କୌଣସି କାମ ପାଇଁ ଗ୍ୟାସ୍ ସିଲିଣ୍ଡର ଅନ୍ କରିବା ସମୟରେ ଲିକେଜ୍ ଥିବାରୁ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗି ଫାଟିଯାଇଥିଲା। ଫଳରେ ୩ ଜଣ ଗୁରୁତର ଆହତ ହୋଇଥିଲେ। ମୃତକ ଦିନ ଏବଂ ଧର୍ମା ଦୁଇ ଭାଇ ବୋଲି ଜଣାପଡ଼ିଛି। ଏ ନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ପି.କେ.ପାଢ଼ୀଙ୍କୁ ପଚାରିବାରୁ ଆହତ ୩ ଜଣ ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା ବୋଲି କହିଛନ୍ତି।

# ବୁଡ଼ିଲା ବୋଇତ, ପହଁରି କୂଳକୁ ଆସିଲେ ସାଧବ ପୁଅ

**ବୋଇତ ବନ୍ଦାଣ ଉତ୍ସବରେ ଅଘଟଣ**

**କଟକ ସଦର,୧୫।୧୧ (ସୁଶାନ୍ତ କୁମାର ଜେନା)**


ଡଙ୍ଗା ବୁଡ଼ିଯିବା ପରେ ସାଧବ ପୁଅମାନେ ପହଁରି କୂଳକୁ ଫେରୁଛନ୍ତି।

କଟକ ଜିଲା ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାର ଗୋବିନ୍ଦପୁରସ୍ଥିତ କାଠଯୋଡି ନଦୀକୂଳରେ ଶୁକ୍ରବାର ବୋଇତ ବନ୍ଦାଣ ଉତ୍ସବରେ ଅଘଟଣ ଘଟିଛି। ପାରମ୍ପରିକ ରୀତିନୀତିରେ ଗୋବିନ୍ଦପୁର ମନ୍ଦିର ନିକଟରୁ ସାଧବ ପୁଅବୋହୂଙ୍କୁ ବୋଇତ ନିକଟକୁ ନିଆଯାଇଥିଲା। ବୋଇତକୁ ପୂଜାର୍ଚ୍ଚନା କରାଯିବା ପରେ ସାଧବ ବୋହୂମାନେ ବନ୍ଦାପନା କରି ସାଧବ ପୁଅଙ୍କୁ ମେଲାଣି ଦେଇଥିଲେ। ବୋଇତଟି ଗନ୍ତବ୍ୟ ସ୍ଥଳରୁ ସଭାସ୍ଥଳକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ସାଧବ ପୁଅମାନେ ପହଁରି ସୁରକ୍ଷିତ ଭାବେ କୂଳକୁ ଆସିଥିଲେ।

୪୨ ମୌଜା ଖବରଦାତା ସଂଘ ଆନୁକୂଲ୍ୟରେ କାଠଯୋଡି ନଦୀକୂଳରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହୋଇଥିଲା। ସଂଘ ସଭାପତି ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଜ୍ଞାନରଞ୍ଜନ ମହାନ୍ତି, ଦୀନବନ୍ଧୁ ପତି, ଗୌରମୋହନ ସେନାପତି, ନାରାୟଣ ଲେଙ୍କା, ଚନ୍ଦ୍ରମଣି ଦେବତା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ମୁରୁଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ଏଥିସହ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିବା କୁନି କଳାକାର ଏବଂ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋବିନ୍ଦପୁର ଗ୍ରାମ କମିଟି ସମ୍ପାଦକ ଶରତ ଚନ୍ଦ୍ର ରଥ ଧନ୍ୟବାଦ ଦେଇଥିଲେ। ଖବରଦାତା ଦୀପ୍ତି ରଞ୍ଜନ ଶତପଥୀ, ଅଶୋକ କୁମାର ପତି, ଦୀପକ ଆଚାର୍ଯ୍ୟ, ଚିତ୍ତରଞ୍ଜନ ସାମନ୍ତରାୟ, ସୁଧୀର ଶତପଥୀ, ଚନ୍ଦ୍ରଶେଖର ପତି, ଶିବାନୀ ମୁଦୁଲି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-43-24

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ସ୍ଥିତ ଜିଲ୍ଲା ପ୍ରଶିକ୍ଷଣ ଏବଂ କ୍ୟାମ୍ପିଙ୍ଗ୍ କମ୍ପ୍ଲେକ୍ସ, ପୂର୍ବ ତଟ ରେଳପଥ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍‌ସରେ ସମ୍ମିଳନୀ ହଲ ଏବଂ ସେବା ଭବନ ଗୁଡ଼ିକର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 30,33,383.99, EMD (ଟଙ୍କାରେ): 60,700/-, ଶେଷ ହେବା ଅବଧି: 03 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.12.2024 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G)/ ଖୋର୍ଦ୍ଧା ରୋଡ଼

PR-727/P/24-25



**ODISHA HYDRO POWER CORPORATION LTD.**

(A GOVT. OF ODISHA UNDERTAKING)
CIN : U40101OR1995SGC003963
REGD. OFFICE : OHPC Corporate Office, Bhoi Nagar, Janpath, Bhubaneswar-751022
Phone : 91-0674-2542983, 2542802, 2545526, 2542826
E-mail : ohpc.co@gmail.com, Website : www.ohpcltd.com

No. OHPC : TECH : C&P : 23/2024-25/9774 Date : 12.11.2024

**NOTICE INVITING TENDER - 24/2024-25**

**No. CAD-1604** : Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed firms/Printers having minimum 03 (three) years experience of printing and supply of Calendars for PSUs/Govt. Departments/ autonomous bodies for the work as mentioned below.

| Description of Services | Cost of tender papers (Non-refundable) in Rs. | EMD in shape of DD only (Refundable) in Rs. |
|---|---|---|
| Printing & Supply of OHPC Wall Calandar - 2025 | 2360.00 (Rs. 2000.00 + GST @ 18%) | 4,000.00 |

**For details of the tender documents, terms & conditions please visit our website www.ohpcltd.com from 19.11.2024**

OIPR-04012/11/0019/2425 C&P Head


# ସୀମାନ୍ତରେ ଜଣେ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୫।୧୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ନିକଟରେ ଜଣେ ମାଓବାଦୀ ସୋଡି ମାଡକା ଆତ୍ମସମର୍ପଣ କରିଛନ୍ତି। ସକ୍ରିୟ ମାଓବାଦୀ ସୋଡି ମିଲିସିଆ ସଦସ୍ୟ ଭାବେ ଦୁଲେଡ ଆର୍‌ପିସି ସଂସ୍ଥାରେ କାର୍ଯ୍ୟରତ ଥିଲେ। ପୋଲିସ ଦ୍ୱାରା ଚାଲିଥିବା ମାଓବାଦୀ ଦମନ କାର୍ଯ୍ୟକ୍ରମ 'ଘରକୁ ଫେରିଆସ ଅଭିଯାନ' ଓ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହେବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲହେବା ପାଇଁ ସେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଅନ୍ୟପକ୍ଷେ ମାଓବାଦୀ ସଙ୍ଗଠନରେ ଏବେ ପୂର୍ବ ଆଦର୍ଶ ନ ଥିବା ଓ ଉଚ୍ଚସ୍ତରର ନେତାମାନେ ସେମାନଙ୍କୁ ନିଚ ଦୃଷ୍ଟିରେ ଦେଖିବା, ବିଭିନ୍ନ କାମ କରାଇବା ସହ ନିରୀହ ଆଦିବାସୀଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ହତ୍ୟା କରୁଥିବା ସୋଡି କହିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସୋଡି ମାଡକାଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯେଗାଇ ଦିଆଯିବ ବୋଲି ସୁକ୍‌ମା ପୋଲିସ କହିଛି।

# 'ମନ ମୁରୁଜ' ପୁସ୍ତକ ଲୋକାର୍ପିତ

**ପୁରୁଣା ଭୁବନେଶ୍ୱର, ୧୫।୧୧(ସୁବାସ ଚନ୍ଦ୍ର ପ୍ରଧାନ)**


ଅତିଥିମାନେ 'ମନ ମୁରୁଜ' ପୁସ୍ତକ ଲୋକାର୍ପଣ କରୁଛନ୍ତି।

କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଶୁକ୍ରବାର କବି ଅଧ୍ୟାପକ ଧୀରେନ ଆଚାର୍ଯ୍ୟଙ୍କ ଗୀତି କବିତା ପୁସ୍ତକ 'ମନ ମୁରୁଜ' ଲୋକାର୍ପିତ ହୋଇଯାଇଛି। ଏଥିରେ ଦେବାଶିଷ ମହାପାତ୍ର, ସୁରାଜିତା ପଟ୍ଟନାୟକ, ପୂର୍ବତନ ପିସିସିଏଫ ବିଜୟ କେତନ ପଟ୍ଟନାୟକ, ଅଧ୍ୟାପିକା ବିନୋଦିନୀ ପାତ୍ର, ବଙ୍ଗାଳୀ ନନ୍ଦ, କବି କମଳାକାନ୍ତ ପଣ୍ଡା, ମନୋଜ ଜେନା, କବି ଡ. ଅଭିରାମ ଦାସ, ପ୍ରଦୀପ୍ତ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। କେଦାରନାଥ ଗବେଷଣା ପ୍ରତିଷ୍ଠାନ ସମ୍ପାଦକ ରମେଶ ପାଣି ପ୍ରମୁଖ ଯୋଗଦେଇ କବିତା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ।


**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**

E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523

No.B-604

**INVITATIONS FOR BIDS (IFB)**

File No. B-I-Home-07/2024 Lr. No. 43566 Dt. 12 Nov. 2024

**Invitations for Bids**

**Bid Identification No. C.E.-CUM-ADDL. SECY. (B)-18/2024-25**

| | | | |
|---|---|---|---|
| 1 | The Chief Engineer-cum-Addl. Secretary, Works Dept., Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work **"Construction of 40 Nos. of E-Type Staff Quarters (2 Blocks of S+5) at Baripada" amounting to Rs. 12,10,00,000/- (Approximate)** as detailed below. | | |
| 2 | Nature of work | : | Building Work |
| 3 | No. of work | : | 01 No. |
| 4 | Bid Cost | : | Rs. 10,000/- (Each) |
| 5 | Class of Contractor | : | **'A' / Special Class** |
| 6 | Availability of Bid Documents in the website | : | **From dt. 18.11.2024 to 17.00 Hours of dt. 02.12.2024** |
| 7 | Date of Opening of Bids | : | **Dt. 03.12.2024 at 11:30 A.M.** |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Chief Engineer-cum-Addl. Secretary, Works Dept., Odisha

OIPR-34117/11/0039/2425


# ଶିଶୁ ଦିବସରେ ପିଲାଙ୍କ ଟୋପିକୁ ନେଇ ବିବାଦ



**ନୟାଗଡ଼/ରଣପୁର,୧୫।୧୧ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ସମନ୍ୱିତ ଶିଶୁ ବିକାଶ କେନ୍ଦ୍ର ଅଧୀନରେ ଥିବା ଖଡିଆର ଏକ ଅଙ୍ଗନୱାଡି କେନ୍ଦ୍ରରେ ଗୁରୁବାର ଶିଶୁ ଦିବସ ପାଳନ ସମୟରେ ଶିଶୁମାନଙ୍କୁ ପିନ୍ଧା ଯାଇଥିବା ଟୋପିକୁ ନେଇ ବିବାଦ ଦେଖାଦେଇଛି। ଏହି ଗାଁରେ ସମସ୍ତ ଲୋକ ହିନ୍ଦୁ ଧର୍ମାବଲମ୍ବୀ ହୋଇଥିବା ବେଳେ ଉକ୍ତ ଟୋପି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବୋଲି କୁହାଯାଇ ଏହାକୁ ବିରୋଧ କରାଯାଇଛି।

କାର୍ଯ୍ୟକ୍ରମ ପାଳନ ବେଳେ ଅଙ୍ଗନୱାଡି କର୍ମୀ ଓ ସହାୟିକା ପିଲାମାନଙ୍କୁ ଏକ ଧଳା ଟୋପି ପିନ୍ଧାଇଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏଥିପାଇ କିଏ ନିର୍ଦ୍ଦେଶ ଦେଇଥିଲା ତା'ର ତଦନ୍ତ ହେବା ଦରକାର ବୋଲି ସେମାନେ ଦାବି କରିଛନ୍ତି। ଏ ନେଇ ରଣପୁର ସିଡିପିଓ ଗୀତାଞ୍ଜଳି ଦଲାଲ କହିଛନ୍ତି, ଟୋପି ପିନ୍ଧା ଘଟଣା ଜାଣିବା ପରେ ମୁଁ ମର୍ମାହତ। କ'ଣ ପାଇଁ ଏକ ନିର୍ଦ୍ଦିଷ୍ଟ ଧର୍ମର ଟୋପି ପିନ୍ଧିବାକୁ ଦିଆଯାଇଛି ତା'ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ଏ ନେଇ ସମ୍ପୃକ୍ତ କେନ୍ଦ୍ରର ଅଙ୍ଗନୱାଡି କର୍ମୀଙ୍କୁ ତାଗିଦ ସହ ଆଗକୁ ଏଭଳି ଘଟଣା ନ ଘଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ସ୍ୱତନ୍ତ୍ର ପିଲାଙ୍କ ସହ ଶିଶୁ ଦିବସ ପାଳିତ

**ଭୁବନେଶ୍ୱର,୧୫।୧୧**


WONDERLA
PARKS AND RESORTS


ଚଳିତ ବର୍ଷର ଶିଶୁ ଦିବସକୁ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍ ସ୍ୱତନ୍ତ୍ର ଶିଶୁଙ୍କ ସହ ପାଳନ କରିଛି, ଯେଉଁଥିରେ ୨୦୦ ସ୍ୱତନ୍ତ୍ର ପିଲା ସାମିଲ ହୋଇଥିଲେ। ଯେଉଁମାନେ ଖଣ୍ଡଗିରି ନିକଟସ୍ଥ ଏସ୍‌ଓଏସ୍ ଭିଲେଜ ଏବଂ ଆଦୃତା ଚିଲ୍ଡ୍ରେନ୍ସ ହୋମ୍‌ରୁ ଆସିଥିଲେ। ଏହି ଏକଦିବସୀୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବେଶ୍ କୌତୂହଳ ସହ ଖେଳକୁଦରେ କଟିଥିଲା। ସେହିଭଳି ଶିଶୁଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ପ୍ରତ୍ୟେକ ପିଲାଙ୍କୁ ୱଣ୍ଡର୍ଲା ଭୁବନେଶ୍ୱର ପାର୍କର ପ୍ରବେଶ ସହିତ ଜଳକ୍ରୀଡ଼ା ନିମନ୍ତେ ପୋଷାକ, ମଧ୍ୟାହ୍ନ ଭୋଜନ, ଜଳଖିଆ ସହ ଏକଦିବସୀୟ ସମସ୍ତ ପ୍ରକାର ସୁରକ୍ଷା ଏବଂ ଆନନ୍ଦ ସୁନିଶ୍ଚିତ କରାଯାଇଥିଲା। ଶିଶୁ ଦିବସ ପାଳନର ଅଂଶବିଶେଷ ଭାବେ ୱଣ୍ଡର୍ଲା ଭୁବନେଶ୍ୱର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଅନ୍ତର୍ଭୁକ୍ତ ଖେଳଗୁଡ଼ିକର ଏକ ଶୃଙ୍ଖଳ ତଥା କାର୍ଯ୍ୟକଳାପ ଅତିଉତ୍ସାହ ଉଦ୍ଦିପନାର ସହିତ ସମାପନ କରାଯାଇଥିଲା। ଏପରିକି ପିଲାମାନେ ଏଥିରେ ବିଭିନ୍ନ ପ୍ରକାର ସୃଜନଶୀଳ ପ୍ରତିଯୋଗିତାର ସୁଯୋଗ ପାଇବା ସହ ସୁଷମ ସ୍ୱାଦଯୁକ୍ତ ବିଭିନ୍ନ ପ୍ରକାର ଖାଦ୍ୟର ମଜା ନେବା ସହିତ ଏହି ଶିଶୁ ଦିବସକୁ ଏକ ବିଶେଷ ସ୍ମରଣୀୟ ଦିବସ ଭାବେ ପାଳନ କରାଯାଇଥିଲା। ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ଏମ୍‌ଡି ଅରୁଣ କେ.ଚିଟ୍ଟିଲାପିଲ୍ଲି କହିଥିଲେ, ଆମେ ଅତ୍ୟନ୍ତ ଉଲ୍ଲସିତ ଭାବେ ଏଭଳି ସ୍ଥିର ବା ସ୍ୱତନ୍ତ୍ର ପିଲାମାନଙ୍କୁ ଆମର ୱଣ୍ଡର୍ଲା ଭୁବନେଶ୍ୱର ପାର୍କରେ ସୁଯୋଗ ଦେବା ସହ ସ୍ୱାଗତକରି ବେଶ୍ ଆନନ୍ଦିତ ହୋଇଥିଲୁ। ଆମର ଏହି ଅଭିଯାନ ସେହି ପିଲାମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ସହ ଆନନ୍ଦଦାୟକ ଅନୁଭୂତି ପ୍ରଦାନ କରିଥିଲା। ଯେଉଁଠାରେ କି ସେମାନେ ଏକ ଉତ୍ସବମୁଖର ଏବଂ ଯତ୍ନବାନର ଅନୁଭବ ପାଇପାରିଥିଲେ। ଶିଶୁ ଦିବସର ଗ୍ରହଣୀୟତା ମଧ୍ୟରେ ଶକ୍ତିଶାଳୀ, ସକ୍ଷମକାରିତାର ବାତାବରଣ ପ୍ରତ୍ୟେକ ପିଲାମାନଙ୍କ ମଧ୍ୟରେ ଆଣିବା ସହ ସେହି ପିଲାମାନଙ୍କ ମୁହଁରେ ହସ ଫୁଟାଇବାର ଏଭଳି ଏକ ସୁଯୋଗ ଆଣୁଥିବାରୁ ଆମେ ନିଜକୁ ମହାନ୍ ମନେକରୁଛୁ। ଆମୋଦପ୍ରମୋଦର ବହୁ ଦୂରକୁ ଯାଇ ୱଣ୍ଡର୍ଲାର ପ୍ରତିଶ୍ରୁତିବଦ୍ଧତାକୁ ନେଇ ଆମର ଲକ୍ଷ୍ୟ ଏଭଳି ଏକ ପରିବେଶ ସୃଷ୍ଟି କରିବା, ଯେଉଁଠାରେ ପିଲାମାନେ ନିର୍ବିଶେଷରେ ସେମାନଙ୍କର ସକ୍ଷମତା, ଗ୍ରହଣୀୟତା, ଖୁସି ହେବା ତଥା ଆଶୀର୍ବାଦ ପ୍ରଦାନ କରିବାର ଏକ ବାତାବରଣ ହୋଇପାରିବ। ଆମର ଆଶା ଆମେ ସେମାନଙ୍କ ଜୀବନରେ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ଛାଡ଼ିବୁ ଯାହାକି ସେମାନଙ୍କର ଖୁସିକୁ ଆହୁରି ଅଧିକ ବିଚ୍ଛୁରିତ କରିବା ସହ ଭଲ ପାଇବା ଏବଂ ନିଜର କରିବାର ଏକ ଅଭୁଲା ସ୍ମୃତି ଛାଡ଼ିଯିବ।


**OFFICE OF THE SUPERINTENDING ENGINEER, PORTS & INLAND WATER TRANSPORT, CIVIL DIVISION, NEAR STPI, AMBAPUA, BERHAMPUR-11**

Phone - 0680-2404455/E-mail - ees.piwt@yahoo.in

No.JJ-27

**"e" PROCUREMENT NOTICE**

| Sl. No. | Name of work | Approximate value of work (In Rs.) |
|---|---|---|
| 01 | Construction of Protection wall to the left side of IWT Jetty at Chandbali in Bhadrak District vide Bid Identification No-02/2024-25 | 67,46,320.00 |
| 02 | Construction of Retaining wall for launch lifting Basin (by mechanical crane) near IWT Jetty at Chandbali in Bhadrak District, vide Bid ID No-03/2024-25 | 39,54,662.00 |

| | | | |
|---|---|---|---|
| 03 | No. of Covers | : | **Double cover** |
| 04 | Bid Cost | : | **Rs. 10,000.00 & Rs. 6,000.00** |
| 05 | Period of Completion | : | **03 (Three) Calendar Months** |
| 06 | Date & Time of availability of bid document in the portal | : | **From 18.11.2024 to 02.12.2024 upto 5.00 P.M.** |
| 07 | Last date & time for receipt of bids in the portal | : | **02.12.2024 Up to 5.00 P.M.** |
| 08 | Date of opening of bid document (Cover-I) | : | **03.12.2024 from 12 Noon onwards** |
| 09 | Date of transparent lottery process (If situation arises) | : | **Intimation will be given through online** |
| 10 | Class of Contractor | : | "B" Class Contractor for Sl. No. 01 & "C" & "B" Class Contractor for Sl. No. 02 |
| 11 | Name and address of officer inviting Tender (OIT) | : | **Superintending Engineer, Ports & Inland Water Transport, Civil Division, Berhampur, Pin - 760010, Phone - 0680-2404455, e-Mail - ees.piwt@yahoo.in** |

Further details can be seen from the e-Procurement market place, https// tendersodisha.gov.in. The Addendum / Corrigendum if any will be hosted in the website only.

Sd./- Superintending Engineer
Ports & IWT, Civil Division, Berhampur

OIPR-38041/11/0002/2425

# ଚନ୍ଦ୍ରଗିରି ବନାଞ୍ଚଳରେ ବାଘ ପାଦଚିହ୍ନ



ମୋହନା,୧୫।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ଚନ୍ଦ୍ରଗିରି ବନାଞ୍ଚଳର ଆକିଲି ଅଞ୍ଚଳରେ ବାଘ ଆତଙ୍କ ଦେଖାଦେଇଛି। କିଛିଦିନ ହେଲା ଗଞ୍ଜାମ ଜିଲାର ଦିଗପହଣ୍ଡି ଓ ଚିକିଟି ଅଞ୍ଚଳରେ ମହାବଳ ଆତଙ୍କ ଖେଳାଇବା ସହ ଗୃହପାଳିତ ପଶୁ ମାରି ଖାଇଥିଲା। ଶୁକ୍ରବାର ସକାଳେ ଚନ୍ଦ୍ରଗିରି ବନାଞ୍ଚଳ ଆକିଲି ଫାର୍ମ ନିକଟରୁ ବନ ବିଭାଗ ବାଘ ପାଦଚିହ୍ନ ଠାବ କରିଛି।

ସକାଳ ପ୍ରାୟ ସାଢ଼େ ୫.୩୦ରେ ଆକିଲି ଗାଁର ଜଣେ ଚାଷୀ ନିଜ କୋବି କିଆରିକୁ ଯାଇଥିଲେ। ସେଠାରେ ବାଘ ପାଦଚିହ୍ନ ଦେଖି ଭୟରେ ଗାଁକୁ ଦୌଡ଼ି ପଳାଇ ଆସିଥିଲେ। ଗାଁ ଲୋକେ ଏହା ଜାଣିବା ପରେ ଚନ୍ଦ୍ରଗିରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ର‌୍ୟାପିଡ୍ ରେସ୍‌ପନ୍ସ ଟିମ୍ ପହଞ୍ଚି ବାଘର ପାଦ ଚିହ୍ନ ଠାବ କରି ପ୍ଲାଷ୍ଟର ପ୍ୟାରିସରେ ନମୁନା ସଂଗ୍ରହ କରିଛନ୍ତି। ବାଘ ଭୟରେ ଚାଷୀମାନେ ନିଜ ଚାଷ ଜମିକୁ ଯାଇ ପାରୁନାହାନ୍ତି। ପାଣି ନ ପାଇ କୋବି ଗଛ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ବାଘ ଗତିବିଧି ଉପରେ ନଜର ରଖିଥିବା ସୂଚନା ମିଳିଛି।

# ତେଲକୋଇ ବନାଞ୍ଚଳରେ ଛୁଆ ହାତୀ ମୃତ



ମୃତ ଛୁଆ ହାତୀ

କେନ୍ଦୁଝର,୧୫।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଏକ ଛୁଆର ମୃତ୍ୟୁ ହୋଇଛି। ବିମଳା ସେକ୍ସନ ରାଣୀବଢ଼ା ସଂରକ୍ଷିତ ଜଙ୍ଗଲ ଟାଙ୍ଗିରୀ ଗ୍ରାମ ଦୁବନାଳି ସାହି ପତ୍ରଫଣ୍ଡି ନିକଟରୁ ତା'ର ମୃତଦେହ ଠାବ ହୋଇଛି। ବନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଛୁଆ ହାତୀଟି ୨ରୁ ୩ ମାସର ହୋଇଥିବା ବନ ବିଭାଗ କହିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏକ ପ୍ରାଣୀ ବିଶେଷଜ୍ଞ ଦଳ ଶନିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବେ ବୋଲି ବନ ବିଭାଗ ସୂଚନା ଦେଇଛି। ତେଲକୋଇ ବନାଞ୍ଚଳରେ ଏବେ ଦୁଇଟି ଦଳରେ ୫୮ଟି ହାତୀ ରହିଛନ୍ତି। ଉଭୟ ହାତୀ ପଲ ବିମଳା ସେକ୍ସନ ବନ୍ଧନଝରି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇଛନ୍ତି। ତେବେ ମୃତ ହାତୀ ଛୁଆର ରକ୍ତ ନମୁନା ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି।

# ମହୁମାଛି ଆକ୍ରମଣରେ ୪ ଗୁରୁତର

ପବିତ୍ରନଗର,୧୫।୧୧
(ନିରୋଜ କୁମାର ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ୍ ନିକଟରେ ଶୁକ୍ରବାର ମହୁମାଛିଆକ୍ରମଣରେ ୪ଜଣ ଲକ୍ଷ୍ମୀଧର ସାମଲ, କୃଷ୍ଣଚନ୍ଦ୍ର ମହାନ୍ତି, ନାରାୟଣ ଗୌଣ୍ଟିଆ, ପୃଥ୍ୱୀରାଜ ରାଉତରାୟ ଗୁରୁତର ହୋଇଛନ୍ତି। ରେଙ୍ଗାଲିସ୍ଥିତ ଏକ ଘରୋଇ ଗ୍ୟାସ୍ ବିତରଣ କମ୍ପାନୀରେ କାର୍ଯ୍ୟରତ ଏହି କର୍ମଚାରୀମାନେ ଡ୍ୟାମ୍ ନିକଟ ଦେଇ ସକାଳେ କର୍ଣ୍ଣପାଳ ଯାଉଥିବାବେଳେ ମହୁମାଛି ଆକ୍ରମଣ କରିଥିଲା। ଗୁରୁତର ୪ ଜଣଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ପୋଡ଼ିଠାରୁ ବିପତ୍ତି ନାହିଁ,**
**ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ।**

ଘର ପୋଡ଼ିଯିବା ବିପର୍ଯ୍ୟୟର ଲକ୍ଷଣ ହୋଇଥାଏ। ସେହିପରି ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ ଅଟେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଘର ସଣ ସଣ ବାହାରେ ଝୋଟି,**
**ସାହୁ ପଡିଆରା ବୋହୂ ଦିଓଟି।**

ଘରର ଅବସ୍ଥା ଦୟନୀୟ, ସେଥିରେ ଦିଓଟି ଭୁଆସୁଣୀ ବୋହୂ। କେତେବେଳେ କେଉଁ କଥା। ଏପରିସ୍ଥଳେ ସାହୁକାର ଭୟରେ ବୋହୂ ଦୁଇଟିଙ୍କୁ ଘରେ ଛାଡ଼ି ବାହାରକୁ ଯାଉ ନ ଥିବା ଗରିବ ଖାତକ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ଆଞ୍ଜେଲ'ର ମୋଶନ ପୋଷ୍ଟର ଲୋକାର୍ପଣ

ଭୁବନେଶ୍ୱର,୧୫।୧୧(ସୁଚିସ୍ମିତା ସାହୁ)

ମୌଳିକ କାହାଣୀ ଆଧାରିତ ଓଡ଼ିଆ ଚଳଚ୍ଚିତ୍ର 'ଆଞ୍ଜେଲ'ର ମୋଶନ ପୋଷ୍ଟର ଶୁକ୍ରବାର ପ୍ରେସ୍ କ୍ଲବଠାରେ ଲୋକାର୍ପଣ ହୋଇଯାଇଛି। ଓଡ଼ିଆ ଫିଲ୍ମର ଧାରା ବଦଳିବା ସହିତ କାହାଣୀ ହିଁ ମୁଖ୍ୟ ନାୟକ ସାଜିଛି। ଅନେକ ବର୍ଷ ପରେ ଓଡ଼ିଆ ଫିଲ୍ମ ପ୍ରତି ଦର୍ଶକ ପ୍ରେକ୍ଷାଳୟ ମୁହାଁ ହୋଇଛନ୍ତି। ଆଞ୍ଜେଲ ନାଁରୁ ଚଳଚ୍ଚିତ୍ରଟି ନିଆରା ହୋଇଥିବା ଅନୁମାନ କରାଯାଉଛି। ଲୋକାର୍ପଣ ଉତ୍ସବରେ ପ୍ରଯୋଜିକା ସଂଘମିତ୍ରା ବେହେରା, ଲେଖକ ତଥା ନିର୍ଦ୍ଦେଶକ ଜିତେନ୍ଦ୍ରୀୟ ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ଅଶେଷ ଦାସ, ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ, ଅଭିନେତା ପାର୍ଥସାରଥୀ ରାୟ, ପ୍ରସନଜିତ ମହାପାତ୍ର, ସାଇ ତ୍ରିଷ୍ଣା (ଶିଶୁ କଳାକାର), ପ୍ରଯୋଜକ ଅତୀଶ କୁମାର ରାଉତ, ଟିଙ୍କି ପଟ୍ଟନାୟକ, ଅଭିନେତା ସୁକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ନାୟିକା କାଭ୍ୟା କିରଣ, ଅମିତାଭ ପାତ୍ର, ଜିତେନ୍ଦ୍ରୀୟ ପ୍ରଧାନ, ସୂର୍ଯ୍ୟକାନ୍ତ ଦଳେଇ, ସୃଜନ, ଟୁକୁନଙ୍କ ଭଳି ବହୁ କଳାକାର ଏଥିରେ ଅଭିନୟ କରିଛନ୍ତି। କାର୍ଯ୍ୟନିର୍ବାହୀ ପ୍ରଯୋଜକ ବିକାଶ ଚନ୍ଦ୍ର ପରିଡ଼ା, ଚିତ୍ରୋତ୍ତଳନ ଦାୟିତ୍ୱରେ ଯୁଧିଷ୍ଠିର ବେହେରା ଓ ସମ୍ପାଦନାରେ ଭୀର କୁମାର ନନ୍ଦ ରହିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଓ ପ୍ରଚ୍ଛଦପଟ ସଙ୍ଗୀତରେ ଅଶେଷ ଦାସ ଏବଂ ପବ୍ଲିସିଟି ଡିଜାଇନ କରିଛନ୍ତି ଏମ୍ ଫ୍ୟାକ୍ଟର।

# ପୁରୀ ଜିଲା ପାଇଁ ଗୌରବ ଆଣିଲେ ରାନୀ



ଚାରିଛକ,୧୫।୧୧(ଶିଶିର ସ୍ୱାଇଁ)

କେନ୍ଦୁଝରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୩୦ ଜିଲାରୁ ପ୍ରାୟ ୧୨୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଏକାଡେମୀର କ୍ରୀଡ଼ା ପ୍ରଶିକ୍ଷକ କଳିଙ୍ଗ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଝୁଣ୍ଟୁପୁର ଗ୍ରାମର ପ୍ରମୋଦ ପ୍ରଧାନଙ୍କ ଝିଅ ରାନୀ ପ୍ରଧାନ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ୮୦୦ମ ଓ ୪୦୦ମ ଦୌଡ଼ରେ ୨ଟି ରୌପ୍ୟ ପଦକ ଜିତି ଚାରିଛକ ଅଞ୍ଚଳ ସହ ସମଗ୍ର ପୁରୀ ଜିଲା ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।



କାର୍ତ୍ତିକ ପୂର୍ଣ୍ଣିମାରେ ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ତଥା ସୁନାବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ନନ୍ଦନକାନନ: ୭ ବଦଳରେ ଅଛନ୍ତି ୪ ରେଞ୍ଜର

ବାରଙ୍ଗ,୧୫।୧୧(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବା ପାଇଁ ଯୋଜନା ଆରମ୍ଭ ହୋଇଯାଇଛି। ଏହାର ବିକାଶ ଲାଗି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ସହ ନନ୍ଦନକାନନ ମଧ୍ୟ ତା'ର ନିଜସ୍ୱ ଟଙ୍କା ବିନିଯୋଗ କରୁଛି। ନନ୍ଦନକାନନ ପରିଚାଳନା ଓ ଉନ୍ନୟନ କାମର ତଦାରଖ ପାଇଁ ୭ଟି ବିଭାଗରେ ଅନ୍ତର୍ଭୁକ୍ତ କରାଯାଇଛି। ଏଥିନିମନ୍ତେ ପ୍ରତି ବିଭାଗରେ ଜଣେ ଜଣେ ରେଞ୍ଜରଙ୍କୁ ଦାୟିତ୍ୱ ଦିଆଯାଇଛି।

ସବୁଠାରୁ ବଡ଼କଥା ହେଲା, ଯେଉଁଠି ୭ଟି ରେଞ୍ଜରଙ୍କ ଆବଶ୍ୟକତା ରହିଛି, ସେଠାରେ ମାତ୍ର ୪ ରେଞ୍ଜରରେ ନନ୍ଦନକାନନ ପରିଚାଳନା ହେଉଛି। ନନ୍ଦନକାନନରେ ସିକ୍ୟୁରିଟି ବିଭାଗ ପାଇଁ ଭଗବାନ ବିଶୋଇ ଓ ଜନ୍ତୁ ବିଭାଗ ପାଇଁ ନୂତନ ହେମ୍ବ୍ରମ୍ ଦାୟିତ୍ୱରେ ଅଛନ୍ତି। ବର୍ଷେ ହେବ ହେମ୍ବ୍ରମ ଏସିଏଫ୍ ଭାବେ ପଦୋନ୍ନତି ପାଇ ବଦଳି ହୋଇ ନ ଥିବାରୁ ରେଞ୍ଜର ଦାୟିତ୍ୱରେ ଏଠାରେ ରହିଛନ୍ତି। ତାଙ୍କର ବଦଳି ହେଲେ ଜନ୍ତୁ ବିଭାଗ ରେଞ୍ଜର ପାଇଁ ଜଣଙ୍କର ଆବଶ୍ୟକ ପଡ଼ିବ। ସେହିଭଳି ବଟାନିକାଲ ଗାର୍ଡେନ ଦାୟିତ୍ୱରେ ମୀନାକ୍ଷୀ ବିଶ୍ୱାଳ ଓ ଖେଳପ୍ରିୟ ସାହୁଙ୍କୁ ନେଇ ୨ ରେଞ୍ଜର ଓ ଜଣେ ଏସିଏଫ୍ ସୁଦୀପ୍ତ ପଣ୍ଡା ଦାୟିତ୍ୱରେ ରହିଛନ୍ତି।

ନନ୍ଦନକାନନର ଗନ୍ତାଘର ଓ ରାଜସ୍ୱ ବିଭାଗ ରେଞ୍ଜର ପଦବୀ ଏବେ ବି ଖାଲି ରହିଛି। ଗତ ୪ ମାସ ତଳୁ ଗନ୍ତାଘର ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକଙ୍କ ବୌଦ୍ଧକୁ ବଦଳି ପରେ ତାଙ୍କ ସ୍ଥାନ ଖାଲିପଡ଼ିଛି। ସେହିଭଳି ରାଜସ୍ୱ ରେଞ୍ଜର ଅନିଲ କୁମାର ପୁରୋହିତଙ୍କର ବେଲପାହାଡ଼ ବଦଳି ପରେ ତାଙ୍କ ସ୍ଥାନରେ କେହି ଆସିନାହାନ୍ତି।

ସେପ୍ଟେମ୍ବରରୁ ସ୍ୱତନ୍ତ୍ର ପ୍ରକଳ୍ପ ରେଞ୍ଜର ରଞ୍ଜିତ କୁମାର ମହାନ୍ତିଙ୍କ ଅବସର ପରେ ତାଙ୍କ ସ୍ଥାନ ମଧ୍ୟ ଖାଲିପଡ଼ିଛି। ରଞ୍ଜିତା ସାହୁଙ୍କର ଏଠାକୁ ଆସିବାକୁ ବଦଳି ହୋଇଥିଲେ ମଧ୍ୟ ସେ ଆଜିପର୍ଯ୍ୟନ୍ତ ଆସିନାହାନ୍ତି। ଜନ୍ତୁ ଦାୟିତ୍ୱରେ ଥିବା ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ ଓ ପର୍ଯ୍ୟଟକ ପରିଚାଳନା ଦାୟିତ୍ୱରେ ଥିବା ଏସିଏଫ୍ ଆଶିଷ କୁମାର ପାଇକରାୟଙ୍କ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଡ. ରୁଦ୍ର ପ୍ରସାଦ ରଥ ଓ ମନସ୍ମିତା ମହାରଣାଙ୍କୁ ପୋଷ୍ଟିଂ କରାଯାଇଛି। କିନ୍ତୁ ରେଞ୍ଜର ପଦବୀ ଖାଲିଥିବା ବେଳେ କୌଣସି ନୂଆ ରେଞ୍ଜରଙ୍କୁ ଜଙ୍ଗଲ ବିଭାଗ ପକ୍ଷରୁ ନନ୍ଦନକାନନକୁ ଦିଆଯାଇନାହିଁ। ଜଙ୍ଗଲ ବିଭାଗ ପକ୍ଷରୁ ଏଭଳି ଆନ୍ତରିକତା ରହିଲେ ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନା କରିବାର ସ୍ୱପ୍ନ କିଭଳି ଫଳପ୍ରଦ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନନ୍ଦନକାନନ ନିର୍ଦ୍ଦେଶକ ଡ. ମନୋଜ ଭି ନାୟାରଙ୍କୁ ପଚାରିବାରୁ ସେ କହିଛନ୍ତି, ଖାଲିଥିବା ପଦବୀ ପୂରଣ ପାଇଁ ଉଦ୍ୟମ ବଳବତ୍ତର ରହିଛି।

# ଯୁବବର୍ଗଙ୍କ ଚିନ୍ତା ଚେତନା, ରାଷ୍ଟ୍ରପ୍ରୀତି ସମ୍ପର୍କରେ ଆଲୋକପାତ

ପୁରୀ,୧୫।୧୧(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ଆନୁକୂଲ୍ୟରେ ତ୍ରି-ଦିବସୀୟ ଚତୁର୍ଦ୍ଦଶତମ ଯୁବ ମହୋତ୍ସବ-୨୦୨୪ କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ମାର୍ଗଦର୍ଶନରେ ଏବଂ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଫେସର ଲଳିତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ସୁନୀଲ କୁମାର ମହାନ୍ତି ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଦୁର୍ଗାପ୍ରସାଦ ଦାସ ମହାପାତ୍ର ଯୋଗଦେଇ ଯୁବବର୍ଗଙ୍କ ଚିନ୍ତା ଚେତନା ଓ ରାଷ୍ଟ୍ରପ୍ରୀତି ସମ୍ପର୍କରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ସଂଯୋଜକ ପ୍ରଫେସର ମଦନ ମୋହନ ଝା, ଶ୍ରୀସଦାଶିବ ପରିସର ଜ୍ୟୋତିଷ ବିଭାଗର ମୁଖ୍ୟ ପ୍ରଫେସର ବିଶ୍ୱରଞ୍ଜନ ପତି ଓ ସହକାରୀ ନିର୍ଦ୍ଦେଶକ ଡ. ଗୌତମ କୁମାର ଚୌଧୁରୀ ଉପସ୍ଥିତ ଥିଲେ। ପ୍ରଫେସର ସୁଶାନ୍ତ କୁମାର ରାଜ ଏବଂ ଅଧ୍ୟାପକ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ମହୋତ୍ସବରେ ଦେଶର ବିଭିନ୍ନ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଛନ୍ତି। ଶେଷରେ ପରିସରର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଚ୍ଛୱା ଧନ୍ୟବାଦ ଦେଇଥିଲେ।




ଚତୁର୍ଦ୍ଦଶତମ ଯୁବ ମହୋତ୍ସବର ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ।

## 'ପେସା' ପାଇଁ ନିଆଯିବ...

ପ୍ରଥମ ପୃଷ୍ଠାରୁ...

ସେମାନଙ୍କୁ ସଶକ୍ତ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନଜାତିଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର ରଖିଛନ୍ତି। ଏଥିରେ ୧୬ଟି ଆଶ୍ରମ ସ୍କୁଲକୁ ହାଇସ୍କୁଲକୁ ଉନ୍ନୀତ କରାଯିବ। ପ୍ରତ୍ୟେକ ସ୍କୁଲ ପିଛା ୧୫କୋଟି ଟଙ୍କା ହିସାବରେ ମୋଟ ୨୪୦ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୧୩ଟି ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବ। ଏଥିପାଇଁ ପ୍ରତ୍ୟେକ ସ୍କୁଲ ପିଛା ୨୨ କୋଟି ଟଙ୍କା ହିସାବରେ ୨୮୬ କୋଟି ଟଙ୍କା ବିନିଯୋଗ ହେବ। ୪୨୬ଟି ପ୍ରାଥମିକ ସ୍କୁଲ ଛାତ୍ରାବାସ ନିର୍ମାଣ ପାଇଁ ୮୫୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଭୁବନେଶ୍ୱରର ଗୋଠପାଟଣାଠାରେ ଜନଜାତି ସଂସ୍କୃତି ଓ ଐତିହ୍ୟ ଭବନ ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଗୋଠପାଟଣାଠାରେ ଜନଜାତି ଭାଷା ପ୍ରତିଷ୍ଠାନ ନିର୍ମାଣ ପାଇଁ ୫୦ କୋଟି ଟଙ୍କା ଓ ଜନଜାତି ଅସ୍ମିତା ଭବନ ନିର୍ମାଣ ପାଇଁ ୪ କୋଟି ଟଙ୍କା ବିନିଯୋଗ କରାଯିବ। ସେହିପରି ୫ଟି ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ମଧ୍ୟ ୩ କୋଟି ଟଙ୍କା ବିନିଯୋଗ କରାଯିବ।

ଦେଶବ୍ୟାପୀ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉତ୍ସବ ବିହାରର ଜାମୁଇଠାରେ ପାଳନ କରାଯାଇଛି। ଜନତା ମଇଦାନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ସ୍ୱାଧୀନତା ସଂଗ୍ରାମର ଏକ ଅନନ୍ୟ ଯୋଦ୍ଧା। ବିର୍ସା ମୁଣ୍ଡାଙ୍କ ସଂଗ୍ରାମର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ। ଆଦିବାସୀ ମାନଙ୍କ ଉନ୍ନତି ପାଇଁ ତାଙ୍କ ଅବଦାନକୁ ଦେଶ ଓ ଜାତି କେବେ ଭୁଲିବ ନାହିଁ। ଏହି ଅବସରରେ ସେ ମହାନ୍ ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକ, ରତ୍ନା ନାୟକ, ଚକରା ବିଷୋଇ, ଦୋରା ବିଷୋଇ, ରେଣ୍ଡୋ ମାଝୀଙ୍କ ପରି ଦେଶ ଭକ୍ତଙ୍କ ବଳିଦାନ ଓ ତ୍ୟାଗକୁ ମଧ୍ୟ ସ୍ମରଣ କରିଥିଲେ। ବିର୍ସା ମୁଣ୍ଡାଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାରର ଜାମୁଇଠାରେ ଉପସ୍ଥିତ ରହି 'ଧର୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା' ଅଧୀନରେ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି। ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂରକରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ହେଉଛି ଏହି ଅଭିଯାନର ମୂଳ ଲକ୍ଷ୍ୟ। ଓଡ଼ିଶାର ୨୭ଟି ଜିଲାର ୭,୬୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସମସ୍ତ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ରାଜ୍ୟର ୮ଟି ବିଶେଷ ଅନୁନ୍ନତ ଜନଜାତି (ପିଭିଟିଜି)ବର୍ଗଙ୍କୁ ବସବାସର ଅଧିକାର ପ୍ରଦାନ କରିଛନ୍ତି। ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ପ୍ରଣୟନ କରିବାକୁ ଯାଉଛନ୍ତି। ଏଥିସହିତ ଆଦିବାସୀ ଅଞ୍ଚଳରେ ପିଲାଙ୍କ ପାଇଁ ଛାତ୍ରାବାସ ନିର୍ମାଣ, ସିଡୁଲ୍ ଅଞ୍ଚଳରେ ପେସା ଆଇନ କାର୍ଯ୍ୟକାରୀ କରିବା, ଗ୍ରାମସଭାଗୁଡ଼ିକୁ ସକ୍ରିୟ କରିବା ପାଇଁ ମଧ୍ୟ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ, ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି, ବ୍ରିଟିଶ ସରକାରଙ୍କ ଉତ୍ପୀଡ଼ନ ବିରୋଧରେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ଓ ବଳିଦାନ ସଦାସର୍ବଦା ପ୍ରେରଣାଦାୟୀ ହୋଇ ରହିବ। ବିର୍ସା ମୁଣ୍ଡାଙ୍କ ତ୍ୟାଗକୁ ପୂର୍ବ ସରକାରମାନେ ଅବହେଳା କରୁଥିଲେ। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ବିର୍ସାଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ତାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରାଯିବା ସହିତ ଆଦିବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ଜନଜାତି ସମାଜର ବନ୍ଧନକୁ ସୁଦୃଢ଼ କରିବା ସହିତ ସେମାନଙ୍କ ଉନ୍ନତି ପାଇଁ ଯେଉଁ ଉଦ୍ୟମ କରିଯାଇଛନ୍ତି ତା'ର ତୁଳନା ନାହିଁ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଅବଦାନକୁ ସ୍ମରଣ କରିବା ସହିତ ଆଦିବାସୀମାନଙ୍କ ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ କହିଛନ୍ତି, ସ୍ୱାଧୀନତା ପରେ ଆଦିବାସୀଙ୍କ ପ୍ରତି ଅବହେଳା କରାଯାଇଛି। ଆଦିବାସୀଙ୍କୁ ଅବହେଳା ପଛରେ ରାଜନୈତିକ ଅଭିସନ୍ଧି ରହିଥିଲା। ଏହାର କାରଣ ଗୋଟିଏ ପରିବାରର ରାଜନୈତିକ ଅଭିସନ୍ଧି। ଆଦିବାସୀଙ୍କ ବିକାଶ ପାଇଁ ଏନ୍‌ଡିଏ ସରକାର ଅହରହ ଉଦ୍ୟମ କରୁଛି। ଦେଶରେ ୧୦ ବର୍ଷ ଭିତରେ ୨ଟି ନୂଆ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଓଡ଼ିଶାର ଜଣେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ଦେଶର ରାଷ୍ଟ୍ରପତି କରିବାର ସୌଭାଗ୍ୟ ଏନ୍‌ଡିଏକୁ ମିଳିଛି।

### ପେସା ଆଇନ...

ଏହି ଆଇନ ଲାଗୁହେଲେ ଗ୍ରାମସଭାର ବିନାନୁମତିରେ ସେହି ଅଞ୍ଚଳରେ କୌଣସି କାର୍ଯ୍ୟ କରାଯାଇପାରିବ ନାହିଁ। ଅନୁସୂଚିତ ଅଞ୍ଚଳରେ ପାରମ୍ପରିକ ସମ୍ବଳ, ଲଘୁ ଖଣିଜ ଦ୍ରବ୍ୟ, ଲଘୁ ବନଜାତ ଦ୍ରବ୍ୟ, କ୍ଷୁଦ୍ର ଜଳାଶୟ, ଉପଭୋକ୍ତା ଚୟନ, ପ୍ରକଳ୍ପ ଅନୁମୋଦନ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକ ଉପରେ ଗ୍ରାମସଭାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବ। ଓଡ଼ିଶା ସମେତ ୧୦ଟି ରାଜ୍ୟରେ ଏହି ଆଇନ ଲାଗୁ କରିବାର ବ୍ୟବସ୍ଥା ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜରାଟ, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଓ ତେଲଙ୍ଗାନା।

### ସାବରମତୀ ଢାଞ୍ଚାରେ ହେବ...

ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ଯୋଗାଇଦେବେ। ଏଥିସହ କଟକ ସହରକୁ ସ୍ମାର୍ଟସିଟିରେ ପରିଣତ କରିବାକୁ ରାଜ୍ୟ ସରକାର ସମସ୍ତ ଉଦ୍ୟମ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କଟକ ଲୋକସଭା ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, କଟକ ମହାନଗର ନିଗମ ମେୟର ସୁବାସ ସିଂ, କମିଶନର ଅନାମ ଚରଣ ପାତ୍ର, ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୌଶ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ନିଆଳି ବିଧାୟକ ଛବି ମଲ୍ଲିକ୍, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଯୋଗ ଦେଇ ବାଲିଯାତ୍ରାର ଗରିମାମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଲାଓ ପିଡିଆର, ଭୁଟାନ, ସିଙ୍ଗାପୁର, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନାଉରୁ, ସୋଲୋମନ ଆଇଲାଣ୍ଡ, ନ୍ୟୁଜିଲାଣ୍ଡ, ଫିଜି, ଟିମୋର ଲେସେ ଏବଂ ବ୍ରୁନେଇ ଆଦି ଦେଶର ରାଷ୍ଟ୍ରଦୂତ ମଞ୍ଚରେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଓର୍ମାସ୍‌ର ଉଦ୍‌ଘାଟନ କରିବା ସହ ବିଭିନ୍ନ ଷ୍ଟଲ ଦେଖିଥିଲେ। ଏହି ଅବସରରେ ବାଲିଯାତ୍ରା ସ୍ମରଣିକା ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ସାନ୍ତାଳୀ ଭାଷାରେ ଲିଖିତ ଆର୍ଥିକ ସାକ୍ଷରତା ପୁସ୍ତକ ଉନ୍ମୋଚନ ହୋଇଥିଲା। ସୂଚନାଯୋଗ୍ୟ, ନଭେମ୍ବର ୧୫ରୁ ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଡଙ୍ଗା ଗୋଟାଇବାକୁ...

ମୃତ ଘୋଷଣା କରିଥିଲେ। ସେହିପରି ଖଇରା ବ୍ଲକ ମାଖନପୁର ପଞ୍ଚାୟତ ସାଉଣ୍ଡିଆ ଗ୍ରାମର ମଧୁସୂଦନ ମଲ୍ଲିକଙ୍କ ୩ବର୍ଷର ପୁଅ ଆଶୁତୋଷ ପୋଖରୀରେ ଭାସୁଥିବା ଡଙ୍ଗା ଆଣିବାକୁ ଯାଇ ବୁଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ମାଲକାନଗିରି ଜିଲା ସଦର ଚମ୍ପାନଗର ଗ୍ରାମର କୁମାରୀ ହନ୍ତାଳଙ୍କ ଝିଅ ସାବିତ୍ରୀ ହନ୍ତାଳ (୧୨) ସାଙ୍ଗମାନଙ୍କ ସହ ଡଙ୍ଗାରୁ ଖୁଚୁରା ପଇସା ସଂଗ୍ରହ କରୁଥିବାବେଳେ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ସାବିତ୍ରୀଙ୍କ ମୃତଦେହ ବାହାର କରିଥିଲେ। ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ସେହିପରି ସାଲେପୁର ଥାନା କରମୁଆଁ ଗ୍ରାମର ପ୍ରଦୀପ ଭୋଇଙ୍କ ପୁତ୍ର ନିତୀଶ କୁମାର ଭୋଇ(୪) ପରିବାର ଲୋକଙ୍କ ସହ ପଞ୍ଚାୟତ ପୋଖରୀରେ ଡଙ୍ଗା ଭସାଇ ଫେରିଥିଲେ। ଏହାପରେ ନିତୀଶ ପରିବାର ଲୋକଙ୍କ ଅଗୋଚରରେ ସେଠାକୁ ଡଙ୍ଗା ଆଣିବାକୁ ପୁନର୍ବାର ପଳେଇ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ନିତୀଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ରାହୁଲଙ୍କ ହେଲିକପ୍ଟର ଅଟକାଯିବାକୁ ନେଇ ଭାଜପାକୁ ଦୋଷଦେଲା କଂଗ୍ରେସ

ରାଞ୍ଚି,୧୫।୧୧

ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ଉଡ଼ାଣ ପାଇଁ ଅନୁମତି ନ ଦେବାରୁ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ହେଲିକପ୍ଟର ଶୁକ୍ରବାର ଝାଡ଼ଖଣ୍ଡର ଗୋଡ୍ଡାଠାରେ ୨ ଘଣ୍ଟା ଅଟକି ରହିଥିଲା। ୨୦ ତାରିଖରେ ଝାଡ଼ଖଣ୍ଡ ବିଧାନସଭାର ଶେଷ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ରାହୁଲଙ୍କ ପ୍ରଚାରରେ ବାଧା ସୃଷ୍ଟି ପାଇଁ ଜାଣିଶୁଣି ଏଭଳି ଉଦ୍ୟମ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି।

ଦେଓଗଡ଼ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବାରୁ ରାହୁଲଙ୍କ ହେଲିକପ୍ଟରକୁ ଉକ୍ତ ଅଞ୍ଚଳ ଅତିକ୍ରମ କରିବାକୁ ଦିଆଯାଇ ନ ଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କଂଗ୍ରେସ ଦେଶକୁ ୭୦ ବର୍ଷ ଶାସନ କରିଥିବାବେଳେ କୌଣସି ବିରୋଧୀ ନେତାଙ୍କ ସହ ଏଭଳି ଘଟଣା ଘଟି ନ ଥିଲା। ଏହା ଗ୍ରହଣୀୟ ନୁହେଁ ବୋଲି ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ ଦୀପିକା ପାଣ୍ଡେ ସିଂ କହିଛନ୍ତି। ସେହିପରି ନିକଟରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ


ଝାଡ଼ଖଣ୍ଡର ଗୋଡାଠାରେ ଆୟୋଜିତ ନିର୍ବାଚନୀ ସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ନେଇ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ହେଲିକପ୍ଟରକୁ ଉଡ଼ାଣ ଅନୁମତି ମିଳି ନ ଥିଲା। ଏନେଇ ହେମନ୍ତ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ହେମନ୍ତଙ୍କ ସ୍ତ୍ରୀ କଳ୍ପନା ସୋରେନ୍‌ଙ୍କୁ ମଧ୍ୟ ଲାତେହାର ପ୍ରଚାର ପାଇଁ ଯିବାକୁ ଦିଆଯାଇ ନ ଥିଲା। ଜେଏମ୍ଏମ୍ ଲୋକଙ୍କ ପାଖରେ ପହଞ୍ଚିବାରେ ଭାଜପା ଓ ବିରୋଧୀ ଦଳଗୁଡ଼ିକ ବାଧା ସୃଷ୍ଟି କରୁଥିବା କଳ୍ପନା ଅଭିଯୋଗ କରିଛନ୍ତି।

# ଜୟନାରାୟଣଙ୍କୁ ସରକାର ସୁରକ୍ଷା ଦେଉଛନ୍ତି: ବିଜେଡି

ଭୁବନେଶ୍ୱର,୧୫।୧୧(ଅନିଲଦାସ)

ଭାଜପାର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ସର୍ବୋଚ୍ଚ ନ୍ୟାୟାଳୟରେ ଖାରଜ ହେବା ପରେ ଗଣମାଧ୍ୟମରେ ସେ ଦେଇଥିବା ବୟାନ ଉପରେ ବିଜେଡି ବିଧାୟକ ପ୍ରତାପ ଦେବ ତୀବ୍ର ସମାଲୋଚନା କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପ୍ରକାଶ ପାଇବା ପରେ ଜୟନାରାୟଣ ଏଭଳି ମନ୍ତବ୍ୟ ଦେଇ ପରୋକ୍ଷରେ ସେ ଆଇନ୍‌ରୁ ଉର୍ଦ୍ଧ୍ୱରେ ବୋଲି ଦାବି କରୁଛନ୍ତି । ଆଇନ ସମସ୍ତଙ୍କ ପାଇଁ ସମାନ ଉକ୍ତିକୁ ରାଜ୍ୟ ଭାଜପା ସରକାର ଭୁଲ ବୋଲି ପ୍ରମାଣିତ କରିଛନ୍ତି। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଅର୍ଥ ରାଜ୍ୟର ଆଇନ୍ ସାଧାରଣ ନାଗରିକଙ୍କ ପାଇଁ ଅଲଗା ଓ ଭାଜପା ସଦସ୍ୟମାନଙ୍କ ପାଇଁ ଅଲଗା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗର ଦାୟିତ୍ୱରେ ଅଛନ୍ତି । ଅଭିଯୁକ୍ତ ଗିରଫ ହୋଇ ପାରୁନାହାନ୍ତି। ଏହା କ'ଣ ରାଜ୍ୟର ଆଇନ ଶୃଙ୍ଖଳାସ୍ଥିତି ଉପରେ ପ୍ରଶ୍ନ ଉଠାଉନାହିଁ କି ବୋଲି ସେ କହିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟର ରାୟ ପ୍ରକାଶ ପାଇବା ପରେ, ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଏହି ମାମଲାରେ କ'ଣ ଅଛି, ତାହା ସ୍ପଷ୍ଟ କରନ୍ତୁ ବୋଲି ପ୍ରତାପ ଦେବ କହିଛନ୍ତି।

## ଠିକ୍ ସମୟରେ ପଦକ୍ଷେପ ନିଆଯିବ: ଭାଜପା

ଭୁବନେଶ୍ୱର, ୧୫।୧୧(ସୁନିତ୍ ମିଶ୍ର)

ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ମାମଲାରେ ସମ୍ବଲପୁରର ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିବା ଘଟଣାକୁ ନେଇ ପୁଣି ରାଜନୀତି ଜୋର୍ ଧରିଛି। ବିଜେଡି ଏହି ଘଟଣାରେ ରଖିଥିବା ପ୍ରତିକ୍ରିୟା ଉପରେ ଭାଜପା ପକ୍ଷରୁ ପାଲଟା ଜବାବ ରଖାଯାଇଛି। ଜାମିନ ଖାରଜହେବା ପ୍ରସଙ୍ଗକୁ ନେଇ ବିଜେଡି ଗଣମାଧମରେ ବୟାନବାଜିକରି ଚାପ ପକାଇବା ସହ ଜୟନାରାୟଣଙ୍କୁ ଗିରଫ ନିମନ୍ତେ ଦାବି କରିଆସୁଛି। ହେଲେ ଗୁରୁବାର ଏହି ଘଟଣାରେ ନୀରବ ଥିବା ଭାଜପା ଶୁକ୍ରବାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ଜୟନାରାୟଣଙ୍କୁ ସମର୍ଥନ କରିଛି। ଆଇନ ତା' ବାଟରେ ଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, ଜୟନାରାୟଣ ମିଶ୍ରଙ୍କ ଉପରେ ସୁପ୍ରିମକୋର୍ଟ କ'ଣ ରାୟ ଦେଇଛନ୍ତି, ଆଗକୁ ଏନେଇ ଆଇନ ଅନୁଯାୟୀ କ'ଣ କରାଯିବ, ସେନେଇ ରାଜ୍ୟ ସରକାର ଠିକ୍ ସମୟରେ ପଦକ୍ଷେପ ନେବେ। ସେ ପର୍ଯ୍ୟନ୍ତ ବିଧାୟକ ପ୍ରତାପ ଦେବ ଧୈର୍ଯ୍ୟ ରଖନ୍ତୁ। ଆଇନ ତା'ବାଟରେ ଯିବ। ଏଥିରେ ହସ୍ତକ୍ଷେପ କରିବାର ଅଧିକାର କାହା ପାଖରେ ନାହିଁ। ମାତ୍ର ବିଜେଡିର ଯେଉଁ ନେତାମାନେ ଏହି ଘଟଣାରେ ବ୍ୟସ୍ତବିବ୍ରତ ହେଉଛନ୍ତି ସେମାନେ ଶାସନରେ ଥିଲା ବେଳେ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ନେତାଙ୍କ ବିରୋଧରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ମାହାଙ୍ଗା ଟ୍ରିପଲ ମର୍ଡର ଘଟଣାରେ ପ୍ରତାପ ଜେନା ୧୩ ନମ୍ବର ମୁଦାଲା ଥିଲେ। ସେତେବେଳେ ସରକାର ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ତତ୍କାଳୀନ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସଙ୍କୁ କୋର୍ଟ ଦୋଷୀ ବୋଲି କହିଥିଲା। ମାତ୍ର ବିଜେଡି ସରକାର ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ସେହିପରି ଅରୁଣ ସାହୁ, ପ୍ରଣବ ବଳବନ୍ତରାୟ, ତତ୍କାଳୀନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଆପରାଧିକ ମାମଲା ଥିବା ସତ୍ତ୍ୱେ ବିଜେଡି ସରକାର ରାଜନୈତିକ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ସେତେବେଳେ ସେମାନଙ୍କୁ ନ ବାନ୍ଧି ଚୁପ୍ ବସିଥିଲା। ଦିବ୍ୟଶଙ୍କର ମିଶ୍ରଙ୍କ ନାମରେ ସଙ୍ଗିନ ମାମଲା ଥିଲେ ମଧ୍ୟ ବିଜେଡି ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏଭଳି ବିଭିନ୍ନ କାରଣ ଯୋଗୁ ଏହି ଭ୍ରଷ୍ଟ ସରକାରକୁ ଲୋକେ ଗାଦିରୁ ହଟାଇଦେବା ପରେ ଏବେ ସେମାନେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ବର୍ତ୍ତମାନ ଭାଜପା ସରକାରଙ୍କୁ କେବଳ ବିରୋଧକରିବା ପାଇଁ ବିରୋଧୀ ଏଭଳି ଭିତ୍ତିହୀନ ରାଜନୀତି କରୁଛନ୍ତି ବୋଲି ଦିଲୀପ କହିଛନ୍ତି।

# ଟଙ୍କାରେ ପ୍ରଲୋଭିତ ହେଲେନି ଚାନ୍ଦବାଲିବାସୀ: ସୁଲତା

ଭଦ୍ରକ,୧୫।୧୧(ସନାତନ ରାଉତ)

ରଙ୍ଗ ବଦଳାଇଲେ ଲୋକଙ୍କ ଭଲପାଇବା ନେଇପାରିବେନି କି ସେମାନଙ୍କ ହୃଦୟ ପରିବର୍ତ୍ତନ କରିପାରିବେ ନାହିଁ। ଭଦ୍ରକ ଜିଲା ଧାମରାରେ ବିଜେଡି ପକ୍ଷରୁ ଆୟୋଜିତ ପାରମ୍ପରିକ ବୋଇତ ବନ୍ଦାଣ ସଭାରେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ଭାଜପା ରାଜ୍ୟ ସଭାପତିଙ୍କ ନାଁ ନ ନେଇ ଏଭଳି କହିଛନ୍ତି। ଏହି ଅବସରରେ ସେ ଆହୁରି କହିଛନ୍ତି, ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ଯିଏ ଲଢୁଥିଲେ, ବହୁ ଟଙ୍କା ଓ ପାୱାର ବ୍ୟବହାର କରିଥିଲେ ମଧ୍ୟ ଲୋକଙ୍କ ଭଲପାଇବା ବାପି ଭାଇଙ୍କ ସାଙ୍ଗରେ ଅଛି। ଚାନ୍ଦବାଲିବାସୀ ଏଥିରେ ପ୍ରଲୋଭିତ ନ


ବିଜେଡି ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ଦଳୀୟ ନେତ୍ରୀ ସୁଲତା ଦେଓ ଏବଂ ଅନ୍ୟମାନେ।

ହୋଇ ବାପି ଭାଇଙ୍କୁ ଜିତାଇଛନ୍ତି ବୋଲି ସୁଲତା କହିଥିଲେ। ଏଥିସହ ସେ କହିଛନ୍ତି ବିଜେଡି ପକ୍ଷରୁ ବୋଇତ ବନ୍ଦାଣ ବେଳେ ସେମାନେ ହୋହଲ୍ଲା କରିବା ସହ ଜୟ ଶ୍ରୀରାମ ନାରାବାଜି କରିଥିଲେ। ହେଲେ ଯେତେ ଜୟ ଶ୍ରୀରାମ କଲେ ବି ଏଠି ବାପି ଭାଇଙ୍କ ଜୟ ହୋଇଛି। ସେମାନଙ୍କ ପାଖରେ ଲୋକ ନାହାନ୍ତି। ବାପି ଭାଇ ଓ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବାରୁ ବିଜେଡି ସଭାରେ ବହୁ ଲୋକ ଯୋଗ ଦେଇଛନ୍ତି। ଏଥିସହ ସେ କହିଛନ୍ତି, ବାତ୍ୟା 'ଦାନା' ସମୟରେ ଆଶ୍ରୟସ୍ଥଳରେ ଶୁଖିଲା ଚୁଡ଼ା ଖାଇବାକୁ ଦେଇ ରାଜ୍ୟ ସରକାର କୋଟି କୋଟି ଟଙ୍କା ଲୁଟ୍ କରିଛନ୍ତି। କ୍ଷୟକ୍ଷତିର ଠିକ୍ ଭାବେ ସର୍ଭେ କରାଗଲା ନାହିଁ। କ୍ଷତିଗ୍ରସ୍ତ ଚାଷୀମାନେ ଏହାର ଜବାବ ଦେବେ ବୋଲି ସୁଲତା ସୂଚୀତ କରିଥିଲେ। ତାଙ୍କର ଏହି ଭାଷଣ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଧାମରାଇ ପୀଠରେ ଆୟୋଜିତ ୨୫ତମ ବୋଇତ ବନ୍ଦାଣ ଉତ୍ସବରେ ରାଜ୍ୟ ସଭା ସଦସ୍ୟା ଦେଓଙ୍କ ସହ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବିଜେଡି ନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଦଳର ବହୁ ନେତା ଯୋଗ ଦେଇଥିଲେ।

# କଂଗ୍ରେସକୁ ଅଣଦେଖା କରାଯାଉଛି: କାଡାମ

କୋରାପୁଟ,୧୫।୧୧ (ଅମିତାଭ ବେହେରା)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଡୁଆରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଉଦ୍‌ଘାଟନୀ ନାମଫଳକରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମଙ୍କ ନାଁ ନ ଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। କଂଗ୍ରେସର ହୋଇଥିବାରୁ ରାଜ୍ୟ ଓ କେନ୍ଦ୍ର ଅଣଦେଖା କରୁଥିବା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପାଡୁଆ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଭର୍ଚ୍ଚୁଆଲ


ରାମଚନ୍ଦ୍ର କାଡାମ

ମୋଡ୍‌ରେପ୍ରଧାନମନ୍ତ୍ରୀ ଶୁକ୍ରବାର ଉଦ୍‌ଘାଟନ କରିବାକୁ ଥିବାବେଳେ

### ନାମଫଳକରେ ବିଧାୟକଙ୍କ ନାମ ନଥିବାକୁ ନେଇ ଅସନ୍ତୋଷ

କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା, ସ୍ଥାନୀୟ ବିଧାୟକ କାଡାମଙ୍କୁ ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା। ବିଧାୟକ କାଡାମ ଉଦ୍‌ଘାଟନୀ ସ୍ଥଳକୁ ଯାଇଥିଲେ। କିନ୍ତୁ ଉଦ୍‌ଘାଟନୀ ନାମଫଳକରେ ତାଙ୍କ ନାଁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ବେଳେ ଜଣେ ଆଦିବାସୀ ବିଧାୟକଙ୍କୁ ଉପେକ୍ଷା କରାଯିବା ଦୁର୍ଭାଗ୍ୟର କଥା ବୋଲି ସେ କହିଛନ୍ତି।

## ଖେଳ ଖବର

# ମାର୍କ କିଙ୍ଗ୍ ୫ ବର୍ଷ ବାସନ୍ଦ

ଶିଫିଲ୍ଡ, ୧୫।୧୧ (ଏପି)

ଇଂଲିଶ ସ୍ନୁକର ଖେଳାଳି ମାର୍କ କିଙ୍ଗ୍‌ଙ୍କୁ ଶୁକ୍ରବାର ୫ ବର୍ଷ ବାସନ୍ଦ କରାଯାଇଛି। ମ୍ୟାଚ ଫିକ୍ସିଂ କରିବା ଓ ଟୁର୍ନାମେଣ୍ଟର ଭିତିରି ତଥ୍ୟ ଯୋଗାଇ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୫୦ ବର୍ଷୀୟ କିଙ୍ଗ୍ ୨୦୦୩ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୧୧ଶ ସ୍ଥାନ ହାସଲ କରିଥିଲେ। ଗତବର୍ଷ ଫେବୃଆରୀ ୧୩ରେ ଖେଳାଯାଇଥିବା ୱେଲ୍ସ ଓପନରେ ଜୋ ପେରୀଙ୍କ ବିପକ୍ଷ ଏକ ମ୍ୟାଚ ବେଳେ ସେ ବେଟିଂ ସିଣ୍ଡିକେଟ ସହ ଯୋଗାଯୋଗରେ ଥିଲେ ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା। ଏହାର ଏକ ମାସରେ ସ୍ନୁକର ପରିଚାଳନା ପରିଷଦ କିଙ୍ଗ୍‌ଙ୍କୁ ସସ୍‌ପେଣ୍ଡ କରିଥିଲା। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱାଧୀନ ଶୃଙ୍ଖଳା କମିଟି ଗଠନ କରାଯାଇଥିଲା। ତଦନ୍ତ ପରେ ଜଣାପଡ଼ିଥିଲା ଯେ, କିଙ୍ଗ ବେଟିଂ ଉଦ୍ଦେଶ୍ୟରେ ମ୍ୟାଚ ସମ୍ପର୍କରେ




ଭିତିରି ତଥ୍ୟ ପ୍ରଦାନ କରିଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ଏହି ଅଭିଯୋଗକୁ ସେତେବେଳେ ସେ ଖଣ୍ଡନ କରିଥିଲେ। କିଙ୍ଗଙ୍କ ବାସନ୍ଦ ଦଣ୍ଡ ୨୦୨୮ ମାର୍ଚ୍ଚ ୧୭ରେ ଶେଷ ହେବ। ତାଙ୍କୁ ଆହୁରି ମଧ୍ୟ ୬୮,୦୦୦ ପାଉଣ୍ଡ (୮୬,୦୦୦ ଡଲାର) ଜରିମାନା କରାଯାଇଛି। ମ୍ୟାଚ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ ହୋଇ ଚାଇନିଜ ଖେଳାଳି ଲିଆଙ୍ଗ ୱେନ୍‌ବୋ ଓ ଲି' ହାଙ୍ଗ୍‌ଙ୍କୁ ସ୍ନୁକରରୁ ଆଜୀବନ ବାସନ୍ଦ କରାଯାଇଛି।

# ଆଇପିଏଲ୍ ନିଲାମିରେ ୫୭୪ ଖେଳାଳି

ନୂଆଦିଲ୍ଲୀ, ୧୫।୧୧ (ପି.ଟି.)

ଆଗାମି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ ପାଇଁ ଖେଳାଳି ନିଲାମି ନଭେମ୍ବର ୨୪ ଓ ୨୫ରେ ସାଉଦି ଆରବର ଜେଦାହଠାରେ ହେବ। ଏଥିପାଇଁ ଶୁକ୍ରବାର ୫୭୪ ଜଣିଆ ଖେଳାଳି ତାଲିକା ପ୍ରକାଶ ପାଇଛି। ତନ୍ମଧ୍ୟରେ ୩୬୬ ଭାରତୀୟ ଖେଳାଳି ଅଛନ୍ତି। ଖେଳାଳିଙ୍କ ଟପ୍ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ରଖାଯାଇଛି। ଏଥିରେ ରିଷଭ ପନ୍ତ, ଶ୍ରେୟସ ଆୟର ଓ ଅର୍ଶଦୀପ ସିଂଙ୍କ ଚାହିଦା ରହିବ ବୋଲି ଆଶା କରାଯାଉଛି। ନିଲାମିରେ ଭାଗ ନେବାକୁଥିବା ସର୍ବକନିଷ୍ଠ ଖେଳାଳି ହେଲେ ଭାରତର ୧୯ ବର୍ଷ ବର୍ଷରୁ କମ୍ କ୍ରିକେଟର ବିହାରର ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ତାଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଥମେ ୧୫୭୪ ଜଣିଆ ଖେଳାଳି ତାଲିକା ପ୍ରସ୍ତୁତ କରିଥିଲା। ଶୁକ୍ରବାର ଏହୀ ସଂଖ୍ୟା ୫୭୪କୁ ହ୍ରାସ କରିଥିଲା। ଏଥିରେ ବିଦେଶୀ ଖେଳାଳିଙ୍କ ସଂଖ୍ୟା ୨୦୮ ରହିଛି। ବର୍ତ୍ତମାନର ସମସ୍ତ ଭାରତ ଖେଳାଳି ଟପ୍ ବେସ୍ ପ୍ରାଇସ୍ ବ୍ରାକେଟରେ ରହିଛନ୍ତି। ପନ୍ତ ସବୁଠାରୁ ଦାମି ଖେଳାଳି ହେବାକୁ ଯାଉଛନ୍ତି। ତାଙ୍କୁ ହୁଏତ ପଞ୍ଜାବ କିଙ୍ଗ୍ସ ଭଳି ଦଳ କ୍ରୟ କରିପାରେ, ଯାହା ପାଖରେ ଖେଳାଳି କ୍ରୟ ପାଇଁ ସର୍ବାଧିକ ୧୧୦.୫ କୋଟି ଟଙ୍କା ରହିଛି। ଅନ୍ୟ ଯେଉଁ ବଡ଼ ଖେଳାଳିମାନଙ୍କର ଚାହିଦା ରହିବ ସେମାନଙ୍କ ମଧ୍ୟରେ ଆଇପିଏଲ ବିଜୟୀ ଅଧିନାୟକ ଶ୍ରେୟସ ଆୟର, ଦକ୍ଷ ଅନ୍ତର୍ଜାତୀୟ ଟି୨୦ ବୋଲର ଅର୍ଶଦୀପ ସିଂ, କେ.ଏଲ୍ ରାହୁଲ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଯୁଜବେନ୍ଦ୍ର ଚହଲ ଓ ଆଭେଶ ଖାନ୍। ଖବର ଅନୁସାରେ

■ ଟପ୍ ବ୍ରାକେଟରେ ପନ୍ତ, ଆୟର
■ ବୈଭବ ସର୍ବକନିଷ୍ଠ




୮୧ ଖେଳାଳି ଟପ୍ ବ୍ରାକେଟରେ ରହିଥିବା ବେଳେ ୨୭ଜଣ ୧.୫ କୋଟି କାଟେଗୋରିରେ ଅଛନ୍ତି। ସେହିପରି ୧୮ଜଣ ୧.୨୫ କୋଟି କାଟେଗୋରିରେ ରହିଥିବା ବେଳେ ୨୩ଜଣଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ରହିଛି। ଇଂଲଣ୍ଡର ଜୋସ ବଟଲର ଏବଂ ତାଙ୍କ ଦେଶର ହ୍ୟାରି ବ୍ରୁକ୍ ଓ ଜନି ବେୟାରଷ୍ଟୋଙ୍କ ନାମ ୧କୋଟି ଟଙ୍କା ବେସ୍ ପ୍ରାଇସ୍ ବ୍ରାକେଟରେ ସ୍ଥାନ ପାଇଛନ୍ତି। ସେହିପରି ଅବସର ନେଇଥିବା ଜେମ୍ସ ଆଣ୍ଡରସନଙ୍କ ବେସ୍ ପ୍ରାଇସ୍ ୧.୨୫ କୋଟି ଟଙ୍କା ରଖାଯାଇଛି। ନିଲାମିରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ୪୮ ଏବଂ ନିଜ ଦେଶରୁ ଖେଳିଥିବା ୧୯୩ ବିଦେଶୀଙ୍କୁ ସାମିଲ କରାଯାଇଛି। ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାରେ ବାସ କରୁଥିବା ପୂର୍ବତନ ୧୯ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଅଧିନାୟକ ଉନ୍ମୁକ୍ତ ଚାନ୍ଦ ବର୍ତ୍ତମାନ ଜଣେ ସହଯୋଗୀ ସଦସ୍ୟ ରାଷ୍ଟ୍ର ଖେଳାଳି। ସେ ଏବଂ ସିମର ସୌରଭ ନେତ୍ରାଭାଲ୍‌କର ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇ ନାହାନ୍ତି। ସେହିପରି ଏମ୍‌ଆଇ ଏମିରେଟ୍ସ ତରଫରୁ ଖେଳୁଥିବା ଇଟାଲୀର ଥୋମାସ ଡ୍ରାକା ମଧ୍ୟ ନିଲାମି ତାଲତିକାରୁ ବାଦ୍ ପଡ଼ିଛନ୍ତି।

## ରଣ୍‌ଜୀ ଟ୍ରଫି

# ୧୦ ଉଇକେଟ ରେକର୍ଡ ବୁକ୍‌ରେ କାମ୍ବୋଜ

**ଲାହଲି, ୧୫।୧୧ (ପି.ଟି.):** ରଣ୍‌ଜୀ ଟ୍ରଫି ଇତିହାସରେ ଗୋଟିଏ ଇନିଂସରେ ସମସ୍ତ ୧୦ ଉଇକେଟ ଅକ୍ତିଆର କରିବାରେ ତୃତୀୟ ବୋଲର ହେବାର ଗୌରବ ଅର୍ଜନ କରିଛନ୍ତି ହରିୟାଣା ପେସ୍ ବୋଲର ଅଂଶୁଲ କାମ୍ବୋଜ। ୨୩ ବର୍ଷୀୟ କାମ୍ବୋଜ ରୋହତକ ଉପକଣ୍ଠସ୍ଥିତ ଚୌଧାରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷ ମ୍ୟାଚରେ ସେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ଚଳିତ ରଣଜୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଗ୍ରୁପ୍ 'ସି'ର ଏକ ମ୍ୟାଚରେ ସେ ୩୦.୧ ଓଭର ବୋଲିଂ କରି ୪୯ରନ ବିନିମୟରେ କେରଳର ୧୦ଉଇକେଟ ଅକ୍ତିଆର କରିଛନ୍ତି। ଦେଶର ପ୍ରମୁଖ ଘରୋଇ ଟୁର୍ନାମେଣ୍ଟରେ ଗୋଟିଏ ଇନିଂସରେ ୧୦ ଉଇକେଟ ସଫଳତା ହାସଲ କରିଥିବା ଅନ୍ୟ ଦୁଇ ବୋଲର ହେଲେ ବେଙ୍ଗଲର ପ୍ରେମାଙ୍ଗଶୁ ଚାଟାର୍ଜୀ (୧୯୫୬: ଆସାମ ବିପକ୍ଷରେ ୧୦/୨୦) ଏବଂ ରାଜସ୍ଥାନର ପ୍ରଦୀପ ସୁନ୍ଦରମ (୧୯୮୫: ବିଦର୍ଭ ବିପକ୍ଷରେ ୧୦/୭୮)।

# ୱାର୍ଲ୍ଡ ଆଥ୍‌ଲେଟିକ୍ସ କୋଚ୍ ଏଜୁକେଶନ ପ୍ରୋଗ୍ରାମ



କୋଚ୍ ଏଜୁକେଶନ ପ୍ରୋଗ୍ରାମରେ ଅଂଶଗ୍ରହଣକାରୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)

ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଆନୁକୂଲ୍ୟରେ ଦ୍ୱିତୀୟ ଥରପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କୋଚ୍‌ଙ୍କ ଏଜୁକେଶନ ପ୍ରୋଗ୍ରାମ ଶୁକ୍ରବାର ଆରମ୍ଭ ହୋଇଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରୋଗ୍ରାମରେ ଅଂଶଗ୍ରହଣ ପାଇଁ ଦେଶର ୩୫ କୋଚ୍‌ଙ୍କୁ ଏଏଫ୍‌ଆଇ ପକ୍ଷରୁ ମନୋନୀତ କରାଯାଇଛି। ଏମାନଙ୍କ ମଧ୍ୟରେ ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ସ୍ୱପ୍ନା ବର୍ମନଙ୍କ ପରି ନାମୀ ଅନ୍ତର୍ଜାତୀୟ ଆଥଲେଟ୍ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଆଥଲେଟିକ୍ସ କୋଚ୍ ସଂଘମିତ୍ରା ଦାଶ ପ୍ରମୁଖ ସାମିଲ ଅଛନ୍ତି। ସେଣ୍ଟ୍ରାଲ ୟୁନିଭର୍ସିଟି ଅଫ୍ ହରିୟାଣାର ଫିଜିକାଲ ଏଜୁକେଶନ ବିଭାଗ ମୁଖ୍ୟ ଜୟ ପ୍ରକାଶ ଭାକର ଏହି ପ୍ରୋଗ୍ରାମର କୋର୍ସ ଡାଇରେକ୍ଟର ଏବଂ ସାଇ ବେଙ୍ଗାଲୁରୁର ଆଥଲେଟିକ୍ସ କୋଚ୍ ସୁମା ପଟଲୁମାନେ କୋ-ଲେକ୍ଟର ଅଛନ୍ତି। ଆଥ୍‌ଲେଟିକ୍ସ ପ୍ରୋଜେକ୍ଟ ଅଫ୍ ଓଡ଼ିଶାର ମୁଖ୍ୟ କୋଚ୍ ସଞ୍ଜୟ କୁମାର ଗଡ଼ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏପରି ଏକ ପ୍ରୋଗ୍ରାମ ପାଇଁ ଦ୍ୱିତୀୟ ଥରପାଇଁ ଭେନ୍ୟୁଭାବେ ବାଛିଥିବାରୁ ଏଏଫ୍‌ଆଇକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କୃତଜ୍ଞତା ଜଣାଇବା ସହ ଅଂଶଗ୍ରହଣକାରୀ କୋଚ୍‌ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସୁଶ୍ରୀ ଦିବ୍ୟଦର୍ଶିନୀ ଅଧିନାୟିକା

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ):** ବିସିସିଆଇର ଘରୋଇ ସିଜନ ଅନ୍ତର୍ଗତ ସିନିୟର ମହିଳା କ୍ରିକେଟ ଟୁର୍ନାମେଣ୍ଟ ଅହମଦାବାଦର ବିଭିନ୍ନ ଗ୍ରାଉଣ୍ଡରେ ଡିସେମ୍ବର ୪ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ୧୮ ଜଣିଆ ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଅଧିନାୟିକା ମନୋନୀତ କରାଯାଇଛି। ଓଡ଼ିଶା ଦଳ ଡିସେମ୍ବର ୪ରେ ଆସାମ, ୬ରେ ଉତ୍ତରାଖଣ୍ଡ, ୮ରେ ଅରୁଣାଚଳ ପ୍ରଦେଶ, ୧୦ରେ କେରଳ, ୧୨ରେ ନାଗାଲାଣ୍ଡ, ୧୪ରେ ମୁମ୍ବାଇ ଏବଂ ୧୬ରେ ହାଇଦ୍ରାବାଦ ବିପକ୍ଷରେ ଖେଳିବ। **ଓଡ଼ିଶା ଦଳ:** ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ମାଧୁରୀ ମେହେଟା, ସରିତା ମେହେର, ପ୍ରଜ୍ଞା ପାରମିତା ମହାନ୍ତି, ମୋନାଲିସା ରାଉତ, ସଙ୍ଗୀତା ଖାଡ଼ିଆ, ରୀମାଲକ୍ଷ୍ମୀ ଏକ୍କା, ରାମେଶ୍ୱରୀ ନାଏକ, ତରନ୍ନା ପ୍ରଧାନ, ଡି. ଜାନକୀ ରେଡ୍ଡୀ, ରସନାରା ପରୱିନ, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ପ୍ରିୟଙ୍କା ପି. ସାହୁ, ଜ୍ୟୋତି କେ. ପ୍ରସାଦ, ରଶ୍ମିତା ଚିନ୍ନାରା, ତନ୍ମୟୀ ବେହେରା।

# ସେକ୍ରେଟାରିଏଟ ଚେସ୍: ଜଗନ୍ନାଥ ଦାସ ଚାମ୍ପିୟନ

ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)

ଓଡ଼ିଶା ସେକ୍ରେଟାରିଏଟ ଚେସ୍ ଚାମ୍ପିୟନଶିପ୍ ଗତ ୧୧ରୁ ୧୪ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସେକ୍ରେଟାରିଏଟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ ଦିନ ବିଶିଷ୍ଟ ଏହି ର୍ୟାପିଡ୍ ଚେସ୍ ଟୁର୍ନାମେଣ୍ଟରେ ଜଗନ୍ନାଥ ଦାସ ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାନନ ନାୟକ, ରଞ୍ଜନ ମେହେର, ପି. ଶ୍ରୀରାମ ପ୍ରସାଦ, କୃପାସିନ୍ଧୁ ମଲିକ, ସୁରେନ୍ଦ୍ର ପ୍ରଧାନ, ସ୍ୱସ୍ତି ସ୍ୱରୂପ ସ୍ୱାଇଁ, ସତ୍ୟ ପ୍ରକାଶ ମଣ୍ଡଳ, ମାଧବ ଚନ୍ଦ୍ର ମିଶ୍ର ଓ ତାପସ ଦାସ ଯଥାକ୍ରମେ ଦ୍ୱିତୀୟରୁ ୧୦ମ ସ୍ଥାନ ପର୍ଯ୍ୟନ୍ତ ରହିଛନ୍ତି। ପ୍ରତିଯୋଗିତାରେ ମୋଟ ୫୦ ଖେଳାଳି ଅଂଶଗ୍ରହଣ କରିଥିଲେ। ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ଉଦ୍‌ଘାଟନୀ ସମାରୋହରେ ଅତିଥି ଥିବାବେଳେ ଉଦ୍‌ଯାପନୀ ସମାରୋହରେ ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍)ର ଇଭେଣ୍ଟ କମିଟି ସଦସ୍ୟ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଓଡ଼ିଶା ସେକ୍ରେଟାରିଏଟ ଚେସ୍ ଆସୋସିଏଶନ ସଭାପତି ସତୀଶ ଚନ୍ଦ୍ର ସିଂଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଫାଇନାନ୍ସ ସେକ୍ରେଟାରି ଶ୍ୱେତାମ୍ବର ନାୟକ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ନୀଳମଣି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ସେକ୍ରେଟାରିଏଟ ଚେସ୍‌ର କୃତୀ ଖେଳାଳିମାନେ ଅତିଥିଙ୍କ ଗହଣରେ।

# ନିଜ ବାଟରେ ନିଜେ

ସଂକ୍ରାନ୍ତି ପଶୁ ପଶୁ ଏ ଝଡ଼ି। କାର୍ତ୍ତିକ ମାସଟାକୁ ନିସ୍ତାର ନାହିଁ। ଥରେ ଦୁହେଁ, ଏକାଧିକ ଥର ମଧ୍ୟ ଝଡ଼ିବର୍ଷା ଘାରିପକାଏ ଏ ମାସଟାକୁ। ଚାଷୀର ଭେଳା ବୁଡ଼େ। ଧାନକେଣ୍ଡାରେ ଅସହାୟତା ବାରି ହୋଇଯାଏ ଯେତେବେଳେ ଦରଖଣ୍ଡିଆ ଧାନଶିଷା ବେକ ଭାଙ୍ଗି ତଳମୁହାଁ ହୋଇଯାଆନ୍ତି।

ସବୁଠି ଜମାଟ ବାନ୍ଧିଛି ଅସହାୟଭାବ। ତମସା ଝର୍କାଖୋଲି ଦୃଷ୍ଟି ପ୍ରସାରିତ କଲା। ଆକାଶର ନୀଳ ଛାତି ଫୁଲେଇ ଆକୃଷ୍ଟ କରିବା ଢଙ୍ଗରେ ନାହାନ୍ତି। ମ୍ରିୟମାଣ ସମସ୍ତେ।

ପ୍ରାସାଦକୁ ଘେରିଥିବା ପାଚେରି ଆରପାଖେ ଧାନବିଲ। କେନାଲ। କାଶତଣ୍ଡୀ ସଗର୍ବରେ ମୁଣ୍ଡ ହଲେଇ ଦୋହଲୁଛି ପବନକୁ ସାହାରା କରି। ତମସା କିନ୍ତୁ ନିଜେ ନିଜକୁ ବେସାହାରା ଭାବୁଛି।



## ଗଳ୍ପ

**ଝରଣା ପଟ୍ଟନାୟକ**

ଏଠି କିଛି ଠିକ୍ ନାହିଁ। ଦୁଇଦିନ ହେଲାଣି ଶାଶୁ କ'ଣ ଗୋଟେ କହିବାକୁ ଚାହୁଁଛନ୍ତି। କହିଥିଲେ ସକାଳୁ ରେଡି ହେବା ପାଇଁ।

ଦୀର୍ଘଶ୍ୱାସଟିଏ ଛାଡ଼ି ତମସା ଦୁଆର ଖୋଲିଲା। ଶାଶୁ ଛିଡ଼ା ହୋଇଛନ୍ତି ପିଣ୍ଡାରେ। ହାତରେ ଭ୍ୟାନିଟି ବ୍ୟାଗ୍। ମୁହଁରୁ ଜଣାପଡୁଛି କୁଆଡ଼େ ଗୋଟେ ଯିବାକୁ ବାହାରିଛନ୍ତି। କହିଲେ, "ରେଡି ହୋଇନୁ? ତତେ ପରା କହିଥିଲି ଆଜି ଦିନ ଦଶଟା ସୁଦ୍ଧା ତହସିଲ ଅଫିସ୍‌ରେ ପହଞ୍ଚିବାକୁ ହେବ ବୋଲି? ଆଉ ମାତ୍ର ତିନିଦିନ ବାକି ରହିଲା ରେଜିଷ୍ଟ୍ରେଶନ।"

ତମସା ପଚାରିଲା, "ରେଜିଷ୍ଟ୍ରେଶନ? କ'ଣ ପାଇଁ? ଚାରିଦିନ ପାଇଁ ବନ୍ଦ ଥିଲା ସ୍କୁଲ୍। ଆସନ୍ତାକାଲି ଯେମିତି ହେଲେ ସ୍କୁଲ୍‌ରେ ପହଞ୍ଚିବାକୁ ହେବ। ଗାଡ଼ିମଟର ମିଳିବ କି ନାହିଁ କେଜାଣି! ମୁଁ ଏଇ ସକାଳୁ ସକାଳୁ ପଳେଇବି।"

'ତୁ ଯାଇପାରିବୁନି ଘରଛାଡ଼ି।' ଶାଶୁଙ୍କ ସ୍ୱରରେ ଦୃଢ଼ପଣ। ମାନେ? 'ଚାକିରି କଲା ଲୋକଟା ଚାକିରି ଜାଗାକୁ ଯିବନି?' କହିଲା ତମସା।

ନା! ଏଥର ତୁ ହବିଷ କରିବୁ। କହିଲେ ଶାଶୁ। ମାସେ ପୁରୀରେ ରହିବୁ।

କାହିଁକି? ପଚାରିଲା ତମସା।

'କାହିଁକି', ଏଇଟା ପରା ବିଧବା ବ୍ରତ! ଜାଣିନୁ କି? ସେଇଥିଲାଗି ତ ସରକାର ପୁରୀରେ ହବିଷିଆଳିଙ୍କ ପାଇଁ ଏତେସବୁ ବ୍ୟବସ୍ଥା କରିଛନ୍ତି। ମୁଁ କହୁଛି, ହବିଷ କରିବା ଆରମ୍ଭ କର। ସ୍ତ୍ରୀ ଧର୍ମ ପାଳନ କର।

ଏଯାଏଁ ବୁଝିବା ଅସହଜ ଥିଲା କଥାଗୁଡ଼ା। ଆଜି ଶାଶୁଙ୍କର ଇଙ୍ଗିତପୂର୍ଣ୍ଣ କଥାରୁ ସେ ବୁଝୁଛି ସ୍ୱାମୀ ଚାଲିଗଲା ପରେ ସ୍ତ୍ରୀଟିର ଜୀବନ କେତେ ହିନିମାନିଆ। ଶୁଭ କାମରେ ସାତଜଣ ଅହ୍ୟଙ୍କ ସହିତ ଛିଡ଼ା ହେବାକୁ ମନା ତାକୁ। ଶାଶୁ ପ୍ରଥମରୁ କହିଦିଅନ୍ତି, "ତାଙ୍କ ଘରର ବଡ଼ି ମୁଗଜାଇ ଅନୁକୂଳକୁ ତୁ ଯିବୁନି ତମସା।"

ଶାଶୁ ବେଶପଟା ହୋଇ ବାହାରି ଯାଆନ୍ତି। ତମସା ଚାହିଁଥାଏ। ଜୀବନ ଦୁର୍ବିଷହ। ଲୋକାଚାରକୁ ପ୍ରାଧାନ୍ୟ ଦେଉଥିବା ସମାଜରେ ସମ୍ଭାବନା ରହିତ ତା'ର ଜୀବନ। ବିଚ୍ଛିନ୍ନ ସେ ସବୁଥିରୁ, ଝଡ଼ ପରେ ମାଟିରୁ ଗଛ ବିଚ୍ଛିନ୍ନ ହେଲାପରି।

ତମସାର ସ୍ୱାମୀ ଲ୍ୟୁଟ୍‌ନାଣ୍ଟ ଜୟନ୍ତ ମିଶ୍ର ଦେଶ ପାଇଁ ଉତ୍ସର୍ଗୀକୃତ ଥିଲେ। କାମ କରୁଥିଲେ ବର୍ଡରରେ। ସବୁ ଠିକ୍ ଥିଲା। ଆଦବକାଇଦା ସହ ବଞ୍ଚିବାର ଜୀବନ ସ୍ଥିର କରିଥିଲେ। ବିବାହ ପରେ ପାଞ୍ଚବର୍ଷ ଉପଭୋଗ କରିବେ ଜୀବନ। ସନ୍ତାନ ଜନ୍ମକୁ 'ନା' ଥିଲା। ଆରପାରିକୁ ଯୁଦ୍ଧରତ ଜୟନ୍ତ ଚାଲିଗଲେ। ହଜିଗଲା ସବୁକିଛି। ବିଭକ୍ତ ହେଲା ତମସାର ଜୀବନ। ଫେରିଆସିଲା ଭୁବନେଶ୍ୱର। ଯୁଆଡ଼େ ଚାହିଁଲା ଦେଖିଲା କେବଳ ଧୂସର ମାଟି। ଆଶ୍ୱାସନାବିହୀନ। ବିଦୀର୍ଣ୍ଣ ଆକାଶ। ଶାଶୁଙ୍କର କାନ୍ଦ କାନ୍ଦ ମୁହଁ। ହସଶୂନ୍ୟ ଶ୍ୱଶୁରଙ୍କ ମୁହଁ। ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ।

ତମସାର ଶିକ୍ଷାଗତ ଯୋଗ୍ୟତା ଥିଲା। ସହରଠାରୁ ଅନତିଦୂରରେ ଗୋଟେ ଇଂଲିଶ୍ ମିଡିୟମ୍ ସ୍କୁଲରେ ଚାକିରି ଆରମ୍ଭ କଲା ତମସା।

ଏବେ ଶାଶୁଙ୍କର ନୂଆନୂଆ ଜୁଲମ ତା' ଉପରେ। ସବୁକିଛି ଛିନ୍‌ଛତର ହୋଇଗଲା ପରେ ଯନ୍ତ୍ରଣାରହିତ ସକାଳଟିଏକୁ ଆଶା କରିବା ତ ସ୍ୱାଭାବିକ! ମାତ୍ର ସେ ପ୍ରତୀକ୍ଷିତ ସୂର୍ଯ୍ୟକିରଣ କାହିଁ?

ହବିଷ! ପୁରୀରେ ସରକାରଙ୍କର ଛତ୍ରଛାୟା ତଳେ ରହି ନିତି ଦି' ମୁଠା ମାଗଣା ଭୋଜନ ପାଇବ, ମନ୍ଦିର ଦର୍ଶନ କରିବ, ଏଇଆ ତ? ନା ଆଉ କିଛି?

ତମସାର ମୁହଁରେ ଅବଜ୍ଞାର ଭାବ ସ୍ପଷ୍ଟ ହେଉଥିଲା। ଶାଶୁ ଚେୟାରରେ ବସି ତମସାକୁ ଚାହିଁ କହୁଥିଲେ ସବୁ ସୁବିଧା ସେଠି। ଗାଧୋଇବା ପାଇଁ ଗରମ ପାଣି, ଦୁଇଜଣିଆ ରୁମ୍‌ରେ ଅଲଗା ଅଲଗା ଖଟ, ସମୁଦ୍ର ବାଲିରେ ଯାଇ ରାଧାଦାମୋଦର ପୂଜା କରିବା ପାଇଁ ସ୍ୱତନ୍ତ୍ର ଯାନର ବ୍ୟବସ୍ଥା। ସବୁ ସୁବିଧା ସରକାର କରିଛନ୍ତି।

ଟେକାଟିଏ ପଡ଼ିଗଲା ଯେମିତି ତମସାର ଭାବନା ଉପରେ। ସ୍ୱାଧୀନ ଭାବରେ ଜୀବନ ବିତେଇବା ପାଇଁ ଚାକିରିରେ ପଶିଲା ସେ। କାହିଁକି ଯିବ ସେ ପୁରୀ! ଏବେ ସେ ଆତ୍ମନିର୍ଭରଶୀଳ। ସେ ହବିଷ କରିବ ନାହିଁ। ସଂକୁଚିତ ହୋଇ ରହିବ ନାହିଁ ବୁଢ଼ୀହାଡ଼ିଙ୍କ ସାଙ୍ଗରେ। ପ୍ରତିଶ୍ରୁତିବଦ୍ଧ ତା' ଜୀବନ। ନୂତନ ସୂର୍ଯ୍ୟୋଦୟ ପାଇଁ ଅପେକ୍ଷାରତା ସେ। କମ୍ପିଟେଟିଭ୍ ଦେବ। ବଡ଼ ଚାକିରି କରିବ।

ତମସାର ହାବଭାବକୁ ଲକ୍ଷ୍ୟକରି ଶ୍ୱଶୁରଙ୍କର ରକ୍ଷଣଶୀଳ ମନୋବୃତ୍ତିର ତୀବ୍ର ପରିପ୍ରକାଶ ହେଲା ତାଙ୍କ ଶବ୍ଦରେ। ବସିବା ଜାଗାରୁ ଉଠିପଡ଼ି କହିଲେ, "ଏତେବେଳଯାଏଁ ଚୁପ୍ ହୋଇ ଠିଆହୋଇଛୁ କ'ଣ? ତୁ ଅଲବତ୍ ହବିଷ କରିବୁ। ପୁରୀ ତତେ ଯିବାକୁ ହେବ ପହିଲୁ ବ୍ରତ କରିବା ପାଇଁ।"

କୁଆଡ଼େ ଥିଲା କେଜାଣି ସେ ପବନ, ସୁ ସୁ ହୋଇ ମାଡ଼ିଆସିଲା। ଆକାଶର ନୀଳଛାଇକୁ ଢାଙ୍କି ପକେଇଲା କଳାହାଣ୍ଡିଆ ମେଘ। ସମ୍ପର୍କ ଛିନ୍‌ଭିନ୍ ହେବାପରି ଲାଗିଲା। ଏଇଗଲା ଦେଢ଼ବର୍ଷ ଭିତରେ କେବେ ଶୁଣି ନ ଥିବା କଟୁ ସ୍ୱର ତମସାର ଜୀବନ ପାଇଁ ଝଣ୍‌ଝଣ୍ ଶବ୍ଦ କରୁଥିବା ତୀକ୍ଷ୍ଣ ଛୁରି ସାଜିଲା।

ଏକଲା ହୋଇଗଲା ପରେ ଆଗାମୀ ଜୀବନକୁ ସାଇତି, ସଜାଡ଼ି ରଖିବା ପାଇଁ ତା'ର ପ୍ରଚେଷ୍ଟା ମାଟିକାମୁଡ଼ି ଚେତା ଯେ ଶୂନ୍ୟହେବ ସେ କଥା ସେ ସହ୍ୟ କରିପାରିବ ନାହିଁ।

ତମସା ସୁନାବୋହୂ ହୋଇ ରହିବାର ଇଚ୍ଛାକୁ ଧକ୍କା ଦେଇ କାଢ଼ିଦେଲା। ନିଜର ଜୀବନ ଜୀବିକା ପାଇଁ ମୁଠେଇ ଧରିଥିବା ସ୍କୁଲ୍‌ର ଛାତ୍ରୀଛାତ୍ରଙ୍କୁ ସେ କୋଉ ଆଳ ଦେଖେଇ ପଢ଼ିବାରୁ ବଞ୍ଚିତ କରିବ? ତମସା ଶ୍ୱଶୁରଙ୍କର ଗର୍ଜନକୁ ଡରିଲା ନାହିଁ। କହିଲା; ବାପା! ମୁଁ ହବିଷିଆଳିଙ୍କ ତାଲିକାରେ ନାଁ ରଖିବି ନାହିଁ। ମୋର ଦୋଷ କ'ଣ? ଦେଖୁଛି ଦିନକୁ ଦିନ ଆପଣମାନେ କଠୋର ହେଉଛନ୍ତି। ମୁଁ ଘର ଛାଡ଼ିବି।

କିଛି ସମୟ ଅତିକ୍ରାନ୍ତ ହୋଇଗଲା। କାନ୍ଥକୁ ଆଉଜି ଛିଡ଼ା ହୋଇଥିଲେ ତମସାର ଶାଶୁ। କ୍ରୋଧର ଭାର ସମ୍ଭାଳି ନ ପାରି ଓଗାଳି ଦେଲେ ବେହିସାବୀ ଶବ୍ଦ। କହିଲେ, ତୁଟା ଗଲୁ ଘରୁ! ସକାଳ ପାଇଲେ ଦେଖିବାକୁ ପଡୁଛି ତୋ ଅଲକ୍ଷଣୀ ମୁହଁଟା।

ଶ୍ୱଶୁର କହିଲେ; ଯିବୁ ଯଦି ଘରଛାଡ଼ି ଚାଲିଯା'। ତୋ' ହାତରେ ପାଞ୍ଚପୁରୁଷ ପାଣି ପାଇବେନି। କୋଉ କାଳବେଳାରେ ଜନ୍ମ ହୋଇଥିଲୁ ମୋ' ପୁଅକୁ ଅନ୍ତର କରିଦେଲୁ ସବୁଦିନ ପାଇଁ।

ତମସା ଉଚ୍ଚାଟିତ। କହିଲା– ମୁଁ ତ ହତ୍ୟା କରିନାହିଁ ଆପଣଙ୍କ ପୁଅକୁ। ପ୍ରାୟଶ୍ଚିତ୍ତ କାହିଁକି କରିବି। କାହିଁକି ଗୁହାରି କରିବି ଜଗନ୍ନାଥଙ୍କୁ ମୋ' ନିଜ କଥା। ଭୁଲ୍ କରିନି। 'ଠାକୁରେ ଦୋଷ କ୍ଷମା କର' ବୋଲି କାହିଁକି କହିବି? କାହିଁକି ପୁରୀରେ ହବିଷିଆଳି ଶିବିରରେ ରହିବି?

ଘର ଭିତରେ ପଶି ବ୍ୟାଗ୍ ସଜାଡ଼ିଲା ବେଳେ ପଶୁଥିଲା ହାବୁକା ହାବୁକା ପବନ ଝର୍କାବାଟେ। ବାତ୍ୟା ପରବର୍ତ୍ତୀ ଧରିତ୍ରୀର ଛାତି ଉପରେ ମୁହଁମାଡ଼ି, ଆଣ୍ଠେଇ ପଡ଼ି ବିକଳ ମୁହଁ ଦେଖାଉଛନ୍ତି ବୃକ୍ଷଲତା। ପବନର ସ୍ୱରରେ ଆକୁଳତା। ବ୍ୟାକୁଳତାର ସ୍ୱରଟେ ଘୂରିବୁଲୁଛି ସବୁଆଡ଼େ। ଜୟନ୍ତ ଛୁଇଁଥିବା, ଜୟନ୍ତ ବ୍ୟବହାର କରିଥିବା ବସ୍ତୁମାନେ ବିଳାପ କରୁଛନ୍ତି ଯେମିତି।

ତମସାର ଛାତି ଭାରି ଲାଗିଲା। କାନ୍ଥରୁ ତା'ର ଆଉ ଜୟନ୍ତଙ୍କର ବିବାହ ବେଳର ଫଟୋଟି କାଢ଼ି ବ୍ୟାଗ୍‌ରେ ରଖିବାବେଳେ ଜୟନ୍ତଙ୍କ କଥା ମନେପଡ଼ିଲା ତମସାର। ବିପୁଳାଚ ଏ ପୃଥ୍ୱୀରେ ସମସ୍ତଙ୍କର ଅଧିକାର ଅଛି ଜୀବନ ବଞ୍ଚିବା ପାଇଁ। ନିଜ ବାଟରେ ନିଜ ପାଇଁ ନିଜେ ସାମର୍ଥ୍ୟ ଜୁଟାଅ କିଛି କରିବା ପାଇଁ।

ଦୁଆରଖୋଲିଆଗକୁପାଦବଢ଼େଇଲା ତମସା। ଅନେଇଲା ନାହିଁ ପଛକୁ।

ମୋ: ୯୪୩୭୫୪୪୦୪୫

# ହାତ

**ପ୍ରଭଞ୍ଜନ ଦାଶ**

ମିନିଗଳ୍ପ

ଷ୍ଟେଶନ୍‌ର କୋଳାହଳ ଭିତରେ ବାଟ କାଢ଼ି ଆଗକୁ ବଢ଼ିବା ଖୁବ୍ କଷ୍ଟକର ଥିଲା। ପାଦକୁ ପାଦ ଛନ୍ଦି ହୋଇ ପଡୁଥିଲା। ସ୍ୱଳ୍ପ ଦୂରତାକୁ ଆଡ଼େଇ ଆଗେଇବା ଛଡ଼ା ଅନ୍ୟ କିଛି ଉପାୟ ନ ଥିଲା ମୋର। ଗହଳି ଭିତରେ ବ୍ୟସ୍ତ ହୋଇ ପଡୁଥିବାବେଳେ ହଠାତ୍ କାହା ହାତର ନରମ ଉଷ୍ମତାକୁ ଅନୁଭବ କରି ମୁଁ ବୁଲି ଚାହିଁଲି। ଛୋଟ ପିଲାଟିଏ ଭିଡ଼ ଭିତରେ ମୋ' ପାପୁଲିକୁ ମୁଠେଇ ଧରିଛି। ମୋ' ଚାଲିବାକୁ ଅନୁକରଣ କରି ଆଗେଇ ଚାଲୁଛି। ସେ କିଏ? ଏଠି କାହିଁକି? ପ୍ରଶ୍ନର ଲହଡ଼ି ଉଙ୍କି ମାରୁଥିଲା ମନରେ। କିନ୍ତୁ ପଚାରିବା ସମ୍ଭବ ନ ଥିଲା। ଭିଡ଼ ଭିତରେ କିଛି ବାଟ ଆସିବା ପରେ ହଠାତ୍ ସେ ହାତ ଛାଡ଼ିଦେଲା। ମୁଁ ପଛକୁ ବୁଲି ଚାହିଁଲି। ଦଉଡ଼ି ଯାଇ ସେ ଜାବୁଡ଼ି ଧରିଲା ଜଣେ ଅସହାୟା ବିଧବା ମହିଳାଙ୍କୁ। ମମତାଠୁ ଅଧିକ କ'ଣ ବା ପରିଚୟ ହୋଇପାରେ! ଦୁହିଁଙ୍କ ମୁହଁରେ ଖୁସିର ଲହଡ଼ି। ଟିକେ ନିରେଖି ଦେଖିଲି ମୋ' ପାପୁଲିକୁ, ମଇଳା ଦାଗଟେ ଲାଗିଛି। ସତେ ଯେମିତି ସେ ଆଗରୁ ମାଟିରେ ଝୁଣ୍ଟି ପଡ଼ିଛି। ନିଜେ ଉଠିପଡ଼ି ପୁଣି ଚାଲୁଛି। ମୁଁ ବି ପିଲାଦିନେ ଅନେକ ଝୁଣ୍ଟିଛି। ହେଲେ ଆଗରୁ ବାପାଙ୍କ ହାତ ମତେ ଭିଡ଼ି ଧରିଛି। ବାପାଙ୍କ ହାତ ସିନା ଚାଲିବା ଶିଖେଇଛି, କିନ୍ତୁ ଜୀବନ ରାସ୍ତାରେ ଚାଲୁଚାଲୁ ଅନେକ ଅଜଣା ହାତ ବି ଏମିତି ବାଟ କଢ଼େଇ ନେଇଛି।

ମୋ: ୭୩୨୬୯୫୯୯୯୫



## କାଳକାଳକୁ

**"ବହିଠୁଁ ଅଧିକ ରହସ୍ୟମୟ ଓ ମେଘଠୁଁ ଅଧିକ ଚଳନଶୀଳ ମଣିଷର ମନ।"**
**– ଲୁଇସା ମେ ଆଲ୍‌କଟ**



**ଲୁଇସା ମେ ଆଲ୍‌କଟଙ୍କ** ଜନ୍ମ ୨୯ ନଭେମ୍ବର ୧୮୩୨ରେ ଆମେରିକାର ପେନ୍‌ସିଲଭାନିଆରେ ଓ ପରଲୋକ ୬ ମାର୍ଚ୍ଚ ୧୮୮୮ରେ ବୋଷ୍ଟନ୍‌ରେ। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଲିଟିଲ୍ ଓମେନ୍' (୧୮୬୮) ସବୁଠୁଁ ପଠିତ ଓ ଚର୍ଚ୍ଚିତ। ଏହି ଉପନ୍ୟାସର ପରବର୍ତ୍ତୀ ଭାଗଗୁଡ଼ିକ ହେଉଛି 'ଗୁଡ୍ ୱାଇଭ୍‌ସ' (୧୮୬୯), 'ଲିଟିଲ୍ ମେନ୍' (୧୮୭୧) ଓ 'ଜୋ'ସ୍ ବଏଜ୍' (୧୮୮୬)। ଆମେରିକାର ଗୃହଯୁଦ୍ଧ ସମୟରେ ଜଣେ ନର୍ସ ଭାବେ କାର୍ଯ୍ୟରତା ଏହି ଲେଖିକା ତାଙ୍କ ଅଭିଜ୍ଞତାର ଆଧାରରେ ଲେଖିଛନ୍ତି ତାଙ୍କର ଅନ୍ୟତମ ବହୁଆଦୃତ ପୁସ୍ତକ 'ହସ୍‌ପିଟାଲ, ସ୍କେଚେସ୍'। 'ଲିଟିଲ୍ ଓମେନ୍' ହେଉଛି ନିଜର ତିନି ଭଉଣୀଙ୍କ ସହ ଲେଖିକା ବିତାଇଥିବା ତାଙ୍କ ବାଲ୍ୟଜୀବନର ଅନୁଭୂତି ବୟାନ।

## ପୁସ୍ତକ ପରିଚୟ

### ଆମ ସଂସ୍କୃତିର ଉଭାଧନ: ପୋତାଧନ



**ଲେଖିକା:** ଡ. ଜୟନ୍ତୀ ରଥ
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୫୦୦/–

ପାଖାପାଖି ୪୦୦ ପୃଷ୍ଠା ସମ୍ବଳିତ ଆଲୋଚ୍ୟ ନିବନ୍ଧଗ୍ରନ୍ଥରେ ମୋଟ ୪୫ଟି ନିବନ୍ଧ ସ୍ଥାନିତ ହୋଇଛି। ଏଥିରେ ଚର୍ଚ୍ଚିତ ବିଷୟଗୁଡ଼ିକ ବିବିଧ। ଓଡ଼ିଶାର ନୃତ୍ୟକଳା, ମନ୍ଦିର ସ୍ଥାପତ୍ୟ, ପଟ୍ଟଚିତ୍ର, ସହିଦ–ସ୍ମରଣ, ସାହିତ୍ୟ, ସଂସ୍କୃତି, ଧର୍ମ, ନୌବାଣିଜ୍ୟ, ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଆଦିବାସୀ ଜନଜୀବନର ବିଶ୍ଲେଷଣ କଲାବେଳେ ଲେଖିକା ବିଶେଷଭାବେ ଐତିହାସିକ ତଥ୍ୟନିଷ୍ଠ। ଡ. ସଂଘମିତ୍ରା ମିଶ୍ର 'ମୁଖବନ୍ଧ'ରେ ଲେଖିଛନ୍ତି: "ଜଣେ ସଚେତନ ଶିଳ୍ପୀ ସମଗ୍ର ଜୀବନ ରାଜ୍ୟ ସଂଗ୍ରହାଳୟ ପରିସରରେ ଆମେ ଭୁଲିଯାଇଥିବା 'ପୋତାଧନ'କୁ ନେଇ ଇତିହାସର ତଥ୍ୟକୁ ଅବଲୋକନ କରିଛନ୍ତି। ସର୍ଜନଶୀଳ ଲେଖିକା ଜୟନ୍ତୀ ରଥଙ୍କ ଗଳ୍ପଗୁଡ଼ିକରେ ଏହି ଇତିହାସର ଛିଟା ପାଠକକୁ ମୁଗ୍ଧ କରେ। ସେହି ଗଭୀର ମନନଶୀଳତାର ସାର୍ଥକ ଇସ୍ତାହାର ଏହି ପୁସ୍ତକ।" ରାଜ୍ୟ ସଂଗ୍ରହାଳୟରେ ବୃତ୍ତିନିବଦ୍ଧ ଥିବାବେଳେ ଅବସର ସମୟର ସଦ୍‌ବ୍ୟବହାର କରି ଲେଖିକା ଏହି ଯେଉଁ ପ୍ରବନ୍ଧଗୁଡ଼ିକ ରଚନା କରିଛନ୍ତି, ଏଥିରେ ଏପରି ତଥ୍ୟ ଓ ଜ୍ଞାତବ୍ୟ ବିଷୟ ରହିଛି, ଯଦ୍ୱାରା ଗବେଷକ ଓ ଛାତ୍ରୀଛାତ୍ରଙ୍କଠୁଁ ଆରମ୍ଭକରି ସାଧାରଣ ପାଠିକାପାଠକଙ୍କ ଯାଏଁ ଲାଭବାନ୍ ହେବାର ପ୍ରଶସ୍ତ ଅବକାଶ ରହିଛି। ବିଶେଷକରି ଓଡ଼ିଶାର ମନ୍ଦିର ସ୍ଥାପତ୍ୟକୁ ବିଭିନ୍ନ ରାଣୀଙ୍କର ଅବଦାନ ବିଷୟ ଗ୍ରନ୍ଥରେ ଯେପରି ବିବୃତ ହୋଇଛି, ତାହା ଯେତିକି ଜ୍ଞାନବର୍ଦ୍ଧକ, ତତୋଽଧିକ ପାଠ୍ୟାନନ୍ଦ ପ୍ରଦାନରେ ଯେ ସହାୟକ, ଏଥିରେ ସନ୍ଦେହ ନାହିଁ। ଆଶା, ପୁସ୍ତକଟି ଯେକୌଣସି ପାଠାଗାର, ଅନୁଷ୍ଠାନ ଓ ସର୍ବୋପରି ବ୍ୟକ୍ତିଗତ ସଂଚୟର ବିରଳ ବାଣୀବିଭବ ହୋଇ ରହିବ।

### ଭକ୍ତର ଭଗବାନ



**ଲେଖକ:** ଶ୍ରୀ ରଘୁନାଥ ଜେନା
**ପ୍ରକାଶକ:** ଦିବ୍ୟଦୂତ ପ୍ରକାଶନୀ, ରାଜାବଗିଚା, କଟକ–୯
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୦/–

ଆଲୋଚ୍ୟ ପୁସ୍ତକଟି ବହୁଶ୍ରୁତ ଭକ୍ତଙ୍କ ଜୀବନବୃତ୍ତକୁ ଭାଷାରେ ଉଜାଗର କରିବାର ଏକ ମହତ୍ ପ୍ରଚେଷ୍ଟା ମନେହୁଏ। ଶିଶୁଭକ୍ତ ଧ୍ରୁବଙ୍କଠୁଁ ଆରମ୍ଭକରି ଭକ୍ତ ରଘୁ ବେହେରାଙ୍କ ଯାଏଁ ମୋଟ ୨୨ଜଣ ଭକ୍ତଙ୍କର ଜୀବନବୃତ୍ତାନ୍ତ ଗ୍ରନ୍ଥଟିରେ ସ୍ଥାନ ପାଇଛି। ପ୍ରହ୍ଲାଦ, ଅଜାମିଳ, କୈବର୍ତ୍ତ, ଶ୍ରମଣା, ସୁଦାମା, ବିଦୁର, ସୁଧନ୍ୱା, ଜୟଦେବ, ତୁଳସୀ ଦାସ, ମୀରା, କରମା ବାଈ, ବିଲ୍ୱମଙ୍ଗଳ, ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ, ଦାସିଆ, ସାଲବେଗ, ବନ୍ଧୁ ମହାନ୍ତି, ରଘୁ ଅରକ୍ଷିତଙ୍କ ଈଶ୍ୱର–ସମର୍ପିତ ଜୀବନୀକୁ ଏପରି ସୁଖପାଠ୍ୟ ଢଙ୍ଗରେ ଲେଖକ ବାଢ଼ିଦେଇଛନ୍ତି, ଯାହା ସବୁ ବର୍ଗର ପାଠିକାପାଠକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଭକ୍ତମାନଙ୍କର ଏହି ଜୀବନଗାଥାକୁ ଲେଖକ ବିଭିନ୍ନ ପୁରାଣ, ଦାର୍ଢ୍ୟତାଭକ୍ତି, ଭକ୍ତି ଚରିତାମୃତ ଭଳି ମହନୀୟ ଗ୍ରନ୍ଥରୁ ସଂଗ୍ରହ କରିଥିଲେ ବି ନିଜସ୍ୱ ପ୍ରକାଶରୀତିରେ ତାହା ମୌଳିକ ହୋଇପାରିଛି। ବହିରେ ସଂସ୍କୃତ ଓ ଓଡ଼ିଆ କାବ୍ୟିକ ଉକ୍ତିମାନଙ୍କର ସମାବେଶ ଶିକ୍ଷଣୀୟ ହୋଇଛି। ସତ୍ୟଯୁଗରୁ କଳିଯୁଗ ପର୍ଯ୍ୟନ୍ତ ସୁଦୀର୍ଘ କାଳଅବଧିରେ ଅବିସ୍ମୃତ ଭକ୍ତମାନଙ୍କ ଜୀବନର ଘଟଣାବଳୀକୁ ଗଳ୍ପୋପମ କରି ଆଲୋଚ୍ୟ ଗ୍ରନ୍ଥରେ ସନ୍ନିବେଶିତ କରାଯାଇଥିବାରୁ ଏହାର ଗରିମା ଅନନ୍ୟ।

## କବିତା

### ପ୍ରୀତିପଦ୍ମା

**ଦୀପ୍ତି ମିଶ୍ର**

ସେଦିନ କେହି ଜଣେ ଆଙ୍କି ଦେଇଥିଲେ
ମୋର ହସକୁ ସୁନ୍ଦର କରି।
ଏକ ଐତିହାସିକ ପୋଟ୍ରେଟ୍ ପରି
ଏହା ଆଣି ଦେଇଥିଲା
ମୋତେ ଅରଣ୍ଡୁରେ ଋତୁର ଅନୁଭବ।
କ୍ଷୁଦ୍ର ଅଙ୍କୁରିତ ବୀଜ
ଆକାଶକୁ ଛୁଇଁବାର ସ୍ୱପ୍ନରେ
ମସ୍‌ଗୁଲ ହୋଇ
ମାଡ଼ି ଚାଲିଥିଲା ଆଗକୁ
ମାଟିର ଆବେଗ ଆଶ୍ଳେଷକୁ ନେଇ।

ମୁଁ ଏବେ ଭୂମିଲଗ୍ନା ଫୁଲମତୀ,
ଅଭିମାନ ନାହିଁ ତୁମ
ଛଳନାର ଛଦ୍ମବେଶୀ ଆବିର୍ଭାବରେ...
ମୋ' ଆଖିରେ ପ୍ରତିବିମ୍ବିତ
ଅୟୁତ ଯୁଗର ସ୍ୱପ୍ନ,
ନିରବତାର କଥା କହେ
ଚିକ୍‌ମିକ୍ ବିଜୁଳିର ଚମକ।
ଚେତନା ବିସ୍ଫାରିତ...
ଆର୍ତ୍ତ ଚିତ୍କାର ରୂପାନ୍ତରିତ,
ସମ୍ଭାବନାର ନୀଳକଇଁ ଉଦ୍ଭିତ,
ମାଟିମଗ୍ନା କବିତା
ଆକାଶର ଛାତ ତଳେ
ପାଇଛି ତା'ର ଅସ୍ତିତ୍ୱ,
ଅନୁଭବ କରେ ତା'ର ମୁଗ୍ଧପଣ।

ଭଲପାଅ ବୋଲି ତୁମେ
ମୁଁ ଏବେ ସୁରକ୍ଷିତ...
ତୁମରି ପ୍ରେମର ସାଗରରେ
ବୁଡ଼ି ରହିଥିବା ଶାନ୍ତିର
ଶାମୁକା ମଧ୍ୟରେ ମହାନନ୍ଦର
ମୋତିଟିଏ ଅବା।
ମୁଁ ଏବେ ପ୍ରୀତିସିକ୍ତା...
ତୁମ ମଧୁର ଉଷାର କିରଣରେ
ଅନୁରଞ୍ଜିତା ପଦ୍ମକଳିଟିଏ
ଆଶାର ପଦଯାତ୍ରା ଭୂମିରୁ ଭୂମାକୁ
ବୁଣିଦିଏ ବିଶ୍ୱାସର ବୀଜ।
ହେ ପ୍ରିୟତମ! ତୁମ ପ୍ରୀତିର ଆତ୍ମୀୟତା
ବାନ୍ଧି ରଖେ ମୋତେ ଅହରହ,
ତୁମ ଅନନ୍ତ ନୀଳିମାରେ ସ୍ନାନ
କରିବାର ଅପୂର୍ବ ଆନନ୍ଦ
ଚିରପୂର୍ଣ୍ଣିମାର ଆଭାସଦିଏ...
ଆଉ ଜାଣ... ମୋତେ ଲାଗେ
ତୁମେ ଆଉ ମୁଁ ଏକ ଓ ଅଭିନ୍ନ।

ମୋ: ୯୪୩୮୪୦୪୩୦୮

### ତଅପୋଇ

**ନୃସିଂହ ତରାଇ**

ଲୁହର କାକରବୁନ୍ଦାରେ
ଟଳମଳ ହେଉଛି
ଗୋଟେ କାନ୍ଦ କାନ୍ଦ ମୁହଁ।

ଘୋ ଘୋ ଝଡ଼
ଓ ବାଦଲଫଟା ବର୍ଷାରେ
ଭାସିଯାଉଛି ସବୁ ଅସହାୟତା
ଦାମ୍ଭିକତାର ଦରୋଟି ଉଷ୍ମ।

ଘରେ ଅଦଉତିର
ଚିରା ଫଟା ଦାଗରେ
ବିବର୍ଣ୍ଣ ତା' କଅଁଳ ସ୍ୱପ୍ନ।

ଅନ୍ଧାର ଘନେଇ ଆସିଲାଣି
ଯେମିତି ରକ୍ତମୁଖା ବାଘ
କି, କାହାର ଲୋଲୁପତାର
ଭଉଁରିରେ ଚକ୍କର କାଟୁଚି
କେଉଁ ନାବାଳିକାର ଦୋରସା ଦେହ।

ନିରିମାଖି ଆଉ ଖୋଜୁନି
ଭାତ ଲୁଗା, ଅତର
କି ଆକାଶର ଚାନ୍ଦ।

ଅନ୍ଧାରର ଆୟତ୍ତରେ
ହଜିଲା ଘରମଣି,
ପ୍ରିୟ ପ୍ରତ୍ୟୟ।

ସକାଳର ସୂର୍ଯ୍ୟୋଦୟକୁ
ଚାହିଁ ବସିଛି
ଅଲିଅଳ ତଅପୋଇ
ଅସୁମାରି ବିଶ୍ୱାସରେ।

ମୋ: ୭୯୭୮୩୮୧୨୧୩

ଗୀତି–କବିତା

### ପରିପୂରକ

**ସନ୍ୟାସୀ ନାୟକ**

ଆମ ଗାଁ ନଈ, ତୁମ ଗାଁ ଦେଇ
ବୋହିନିଏ କେତେ ପାଣି,
ସେ ପାଣିରେ ମୋର
କେତେ ଲୁହ ମିଶେ
ତୁମେ କି ପାରିଛ ଜାଣି?

ଆମ ଗାଁ ପବନ, ବାତୁଳ ବାପୁଡ଼ା
ବହେ ଶୀତଳତା ନେଇ,
କେତେ ଶିହରଣ, ଖେଳାଉଥିବ ଯେ
ତୁମ ଦେହ ଛୁଇଁ ଛୁଇଁ।

ଆମ ଗାଁ ଗୁଡ଼ି, ତୁମ ଗାଁ ଆକାଶେ
କାନି ଖାଇ ଖାଇ ଉଡ଼େ,
ତୁମକୁ ଟିକିଏ ଦେଖିବା ପାଇଁକି
ଭୂଇଁରେ ସେ ଲୋଟିପଡ଼େ।

ଆମ ଗାଁ କୋଇଲି, ତୁମ ଆମ୍ବଡାଳେ
କୁହୁ କୁହୁ ଡାକେ କେତେ,
ଯେତେ ଥର ତୁମେ ଉତ୍ତର ରଖିବ
ବଢୁଥିବ ପ୍ରେମ ସେତେ।

ପ୍ରେମ ତ ଏମିତି, ଅଢ଼େଇ ଅକ୍ଷର
ମାନେ ନାହିଁ ବାଡ଼ବତା,
ଆଖିରେ ଆଖି ତ ମିଶିଗଲା ପରେ
ହୃଦୟ କୁହଇ କଥା।

ଆମ ଗାଁ ରାସ୍ତାର ଚଉଡ଼ା ଛାତିରେ
ତୁମ ଗାଁ ରାସ୍ତା ମିଶିଛି,
ସବାରି କି ତୁମ, ହୃଦୟ ପ୍ରସାରି
ଅପେକ୍ଷାରେ ରହିଅଛି।

ମୋ: ୯୪୩୭୩୫୨୫୬୦

# ହସକୁରୀ ଝିଅ

**ପଦ୍ମାଳୟା ସାମଲ**

ଲଘୁଗଳ୍ପ

ଚମ୍ପି ତାଳି ମାରି ଜୋରରେ ହାଃ ହାଃ ହୋଇ ହସିଉଠିଲା ତା'ର ସାନଭାଇକୁ ଘର ସାମ୍ନାରେ ସାଇକେଲରୁ ଗଳିପଡ଼ିବା ଦେଖି। ଏତିକିବେଳକୁ ଜେଜେମା'ର ଟାଣ କଥା ତା' କାନରେ ବାଜିଲା– "ହଇଲୋ ଓପରମୁହିଁ ଘୋଡ଼ୀ! ତୋର ଥାନ ଅଥାନ ବୋଲି କିଛି ନାହିଁ। ପିଲାଟା ସାଇକେଲରୁ ପଡ଼ି ରଡ଼ିଛାଡ଼ି କାନ୍ଦୁଛି ଆଉ ତୁ ଏତିକି ବେଳକୁ ଠୋ ଠୋ ହୋଇ ହସୁଛୁ। ଅଲାଜୁକୀ ଲାଜ ନାହିଁ ତୋ' ମୁହଁକୁ ଯାହା।" ଚମ୍ପିକୁ ପୁଣି ଥରେ ହସମାଡ଼ିଲା। କିନ୍ତୁ ସେ ହସିବା ପୂର୍ବରୁ ତା' ଝିଆକୁ ଝିଙ୍କି ବୋଉ ତା'ର ଘର ଭିତରକୁ ଟାଣି ଆଣିଲା। ବଡ଼ ଆଖି ଦେଖେଇ କହିଲା, 'ବଡ଼ ଝିଅ ହେଲୁଣି, ଏଣିକି ହସରେ ରୋକ ଲଗା।' ବୋଉର ଏ କଥା ପଦକ ଚମ୍ପିକୁ ଭଲ ଲାଗିଲା ନାହିଁ। ମନେମନେ ଭାବିଲା ବଡ଼ ହେଲେ କ'ଣ ହସିବା ମନା!

ପନ୍ଦରବର୍ଷର ଝିଅ ଚମ୍ପି। ଦୁଧଅଳତା ରଙ୍ଗର ସୁନ୍ଦର ଚେହେରା। ମୁଣ୍ଡରେ ବୋଝେ କୁଞ୍ଚୁକୁଞ୍ଚିଆ କଳା ମଚମଚ କେଶ। କଥାକୁହା ଉଜ୍ଜ୍ୱଳ ଆଖି। ଯେ କେହି ତାକୁ ଦେଖିଦେଲେ ଦେଖିଲାବାଲାର ପେଟ ପୂରିଯାଏ। ସବୁଠୁ ସୁନ୍ଦର ଚମ୍ପିର ମୁହଁରେ ଲାଖିରହିଥିବା ହସଟି। ତା'ର ମୁହଁକୁ ଭାରି ମାନେ। ସେଇ ହସରେ ସେ ବାନ୍ଧିପକାଏ ସମସ୍ତଙ୍କୁ। ବସିଲେ ହସ, ଉଠିଲେ ହସ, କଥା କଥାକେ ହସ। ହସ ହସ ମୁହଁରେ ଗାଆଁଟାସାରା ଚକ୍ରିଭଳି ଘୂରି ବୁଲିଲାବେଳେ ସମସ୍ତଙ୍କର ଦୃଷ୍ଟି ତା' ଉପରେ ଅଜାଡ଼ି ହୋଇ ପଡ଼େ। ଏମିତି ଦିନେ ହସି ହସି ଶାଶୁଘରକୁ ବିଦା ହେଲା। ଅବଶ୍ୟ ସେଦିନ ସମସ୍ତଙ୍କର ଛଳଛଳ ଆଖି ଆଉ କରୁଣ ପରିବେଶରେ ଚମ୍ପିକୁ ବି କାନ୍ଦ ଲାଗିଥିଲା।

କିଛି ଦିନ ହେବ ସବୁଦିନ ପାଇଁ ଚମ୍ପି ଫେରିଆସିଛି ବାପଘରକୁ କୋଳରେ ଦୁଇବର୍ଷର ଝିଅକୁ ଧରି। ତେବେ କେତେବେଳେ ଚମ୍ପି ଓଠରୁ ହସ ଲିଭିଗଲା ସେ ନିଜେ ବି ଜାଣିପାରିଲା ନାହିଁ। ହସହସ ମୁହଁରେ ସମସ୍ତଙ୍କୁ ଆପଣାର କରି ପାରୁଥିବା ଚମ୍ପି କାହିଁକି ସ୍ୱାମୀଙ୍କୁ ଆପଣାର କରିପାରିଲା ନାହିଁ ତା'ର ଉତ୍ତର ସେ ଖୋଜି ପାଉନାହିଁ। କାହିଁକି ତା'ର ସ୍ୱାମୀ ସହକର୍ମୀ ନେହା ସହିତ ନୂଆ ସଂସାର ଗଢ଼ିବାକୁ ନିଷ୍ପତ୍ତି ନେଲେ ଏ ପର୍ଯ୍ୟନ୍ତ ଜାଣିପାରିଲା ନାହିଁ। ସେ ତ ପିଲାବେଳୁ ଜାଣିଛି ସ୍ନେହରେ, ବିଶ୍ୱାସରେ, ଭରସାରେ ବନ୍ଧା ପାରିବାରିକ ସମ୍ପର୍କ। ବାପଘରେ ପାଦ ଦେଲା ଦିନ ଜେଜେମା'ର ଟାଇଁ ଟାଇଁ କଥା ଏବେ ବି କାନରେ ଶୁଭିଯାଉଛି– "ହଇଲୋ ପୋଡ଼ାମୁହିଁ! ହସ ହସ ମୁହଁରେ ତ ସମସ୍ତଙ୍କୁ ବାନ୍ଧିଥିଲୁ, ହେଲେ କି ଲାଭ ହେଲା ଯଦି ସ୍ୱାମୀକୁ ନିଜର କରି ନ ପାରିଲୁ! ବୁଝିଲୁ ସଂସାରଟା କେବଳ ହସ ଖୁସିରେ ଚାଲେ ନାହିଁ। ସଂସାରଟା ପରା ମାୟା। ଏଠି ତିଷ୍ଠିବାକୁ ହେଲେ ମାୟା ରଚିବାକୁ ହୁଏ। ସ୍ୱାମୀଙ୍କୁ ନିଜର କରିବାକୁ ହେଲେ କୌଶଳରେ ବାନ୍ଧି ରଖିବାକୁ ହୁଏ। କୌଶଳ ଜାଣିଚି ବୋଲି ସେ ଛତରଖାଇ ନେହା ତୋ' ସ୍ୱାମୀକୁ ତୋ'ଠାରୁ ଛଡ଼େଇ ନେଲା ସବୁଦିନ ପାଇଁ। ଏବେ ଝିଅକୁ ଧରି ବାପଘରେ ବସି ହରି ନାମ ଭଜୁଥା।" ଏବେ ବି ବୁଝିପାରୁନି ଚମ୍ପି ପରିବାର ଭିତରେ ପୁଣି ମାୟା କ'ଣ! କୌଶଳ କ'ଣ! ସ୍ୱାମୀ ତ ତା' ନିଜର ମନର ମଣିଷ। ଖୁବ୍ ଭଲ ପାଉଥିଲେ ତାକୁ। ଦୁଇ ବର୍ଷ ତଳେ ଝିଅଟିଏ ହେଲା। ସ୍ୱାମୀଙ୍କୁ ନେଇ ହସ ଖୁସିରେ ସମୟ ବିତୁଥିଲା। ଜୀବନ ବଞ୍ଚିବାର ଗୋଟେ ମାନେ ଥିଲା, ଲୋଭ ଥିଲା, ମାଦକତା ଥିଲା। ଏସବୁ ତା'ହେଲେ କ'ଣ ମିଛ ଥିଲା! ଆପେ ଆପେ ଗୋଟିଏ ଅଚିହ୍ନା ଶକ୍ତ ଧକ୍କାରେ ଯେମିତି ସେ ଚାପି ହୋଇଗଲା, ମୁହଁରୁ ହସ ଲିଭିଗଲା।



ତେବେ ସମୟ କେଉଁ ଗଳିବାଟେ ପଳାଏ କେଜାଣି? ଯା ଭିତରେ ଚମ୍ପି ବୁଝିଯାଇଥିଲା ଜୀବନକୁ ଯେତେ ସହଜ ଭାବେ ବିତେଇ ଦେବାକୁ ଚେଷ୍ଟା କରିବା ସତ୍ତ୍ୱେ ଜୀବନଟା ତାକୁ ଧୋକା ଦେଇଛି। ନିଜ ମନକୁ ଟାଣ କରି ପୁଣି ହସିବାକୁ ପଣ କଲା। ବାପା ବୁଝିଥିବା ନର୍ସରୀ ସ୍କୁଲରେ ଶିକ୍ଷକତା କରିବାକୁ ରାଜି ହୋଇଗଲା। ଝିଅକୁ ସାଙ୍ଗରେ ଧରି ସବୁଦିନ ସେ ସ୍କୁଲକୁ ଗଲା। ଛୋଟ ଛୋଟ ପିଲାଙ୍କ ମେଳରେ ଭୁଲିବାକୁ ଚେଷ୍ଟା କଲା ମାନସିକ ଯନ୍ତ୍ରଣାରେ କୁହୁଳିଥିବା ଦିନସବୁକୁ। କୋମଳମତି ପିଲାଙ୍କର ନିର୍ଭେଜାଲ ଭଲପାଇବାରେ ନିଜକୁ ହଜେଇଦେଲା।

ମୋ: ୭୦୦୮୩୪୮୧୭୨

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ନଭେମ୍ବର ୧୬/୨୦୨୪ Bhubaneswar, Saturday, November 16/ 2024

# ୱାଣ୍ଡରର୍ସରେ ବିସ୍ମିତ କଲେ ସାମସନ, ତିଳକ

**ଜୋହାନ୍ସବର୍ଗ, ୧୫।୧୧**

ୱାଣ୍ଡରର୍ସ ଗ୍ରାଉଣ୍ଡରେ ବିସ୍ମୟକର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି ଭାରତର ସଞ୍ଜୁ ସାମସନ ଓ ତିଳକ ବର୍ମା। ଉଭୟଙ୍କ ଅପରାଜିତ ଶତକ ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୧୩୫ ରନରେ ପରାସ୍ତ କରିଛି। ଭାରତ ୨୦ ଓଭରରେ ମାତ୍ର ୧ ଉଇକେଟ ହରାଇ ୨୮୩ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୪୮ ରନକରି ଅଲ୍ଆଉଟ ହୋଇ ଯାଇଥିଲା। ଏଥିସହ ଭାରତ ୪ ମ୍ୟାଚ ବିଶିଷ୍ଟ ସିରିଜକୁ ୩-୧ରେ ଜିତିଛି।

ଟସ୍ ଜିତି ବ୍ୟାଟିଂ ନେଇଥିବା ଭାରତ ଓପନିଂ ଯୋଡ଼ିରେ ୩୫ ବଲ୍ରୁ ୭୩ ରନ କରିବାପରେ ଅଭିଷେକ ଶର୍ମାଙ୍କ ଉଇକେଟ ହରାଇଥିଲା। ଅଭିଷେକ ୧୮ ବଲ୍ରୁ ୨ ଚୌକା ଓ ୪ ଛକା ସହାୟତାରେ ୩୬ ରନ କରିଥିଲେ। ତେବେ ସଞ୍ଜୁ ସାମସନ ଓ ତିଳକ ବର୍ମା ବିସ୍ଫୋରକ ବ୍ୟାଟିଂ କରି ଭାରତକୁ ବୃହତ୍ ସ୍କୋରରେ ପହଞ୍ଚାଇଥିଲେ। ୫୧ ବଲ୍ରୁ ୬ ଚୌକା ଓ ୮ ଛକା ସହ ଶତକ ପୂରଣ କରିଥିଲେ ସାମସନ। ତିଳକ ମଧ୍ୟ ପଛରେ ରହି ନ ଥିଲେ। ସେ ୪୧ଟି ବଲ୍ ଖେଳି ୬ ଚୌକା ଓ ୯ ଛକା ସହାୟତାରେ ତିନି ଅଙ୍କ ସ୍ପର୍ଶ କରିଥିଲେ। ଚଳିତ ସିରିଜରେ ତିଳକଙ୍କ ଏହା କ୍ରମାଗତ ଦ୍ୱିତୀୟ ଏବଂ ସାମସନଙ୍କ ମୋଟ ଦ୍ୱିତୀୟ ଶତକ। ପୁରୁଷ ଟି୨୦ରେ କୌଣସି ଗୋଟିଏ ଇନିଂସରେ ୨ ଜଣ ବ୍ୟାଟର ଶତକ ହାସଲ କରିବା ଏହା ତୃତୀୟ ଦୃଷ୍ଟାନ୍ତ। ଭାରତ ଇନିଂସ ଶେଷ ବେଳକୁ ସାମସନ ୫୬ ବଲ୍ ଖେଳି ୬ ଚୌକା ଓ ୯ ଛକା ସହାୟତାରେ ୧୦୯ ଓ ୪୭ ବଲ୍ର ସମ୍ମୁଖୀନ ହୋଇ ତିଳକ ୯ ଚୌକା ଓ ୧୦ ଛକା ସହ ୧୨୦ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଦୁହେଁ ମାତ୍ର ୮୬ ବଲ୍ରୁ ୨୧୦ ରନର ଭାଗୀଦାରି ଗଢ଼ିଥିଲେ। ଯେ କୌଣସି ଉଇକେଟ ପାଇଁ ଟି୨୦ରେ ଏହା ଭାରତର ସର୍ବାଧିକ ଭାଗୀଦାରି। ଭାରତୀୟ ବ୍ୟାଟରମାନେ ମୋଟ ୨୩ଟି ଛକା ମାରିଥିଲେ। ଆଇସିସିର ଦୁଇ ପୂର୍ଣ୍ଣ ସଦସ୍ୟ ବିଶିଷ୍ଟ ଦଳ ମଧ୍ୟରେ ଏହା ସର୍ବାଧିକ। ପୂର୍ବରୁ ୩ ଥର ଗୋଟିଏ ଲେଖାଏ ଇନିଂସରେ ସର୍ବାଧିକ ୨୨ଟି ଲେଖାଏ ଛକା ହୋଇଥିଲା। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ ଏକମାତ୍ର ଉଇକେଟଟି ପାଇଥିଲେ ଲୁଥୋ ସିପାମ୍ଲା।

ବଡ଼ ସ୍କୋରର ପିଛା କରିଥିବା ଦକ୍ଷିଣ ଆଫ୍ରିକାର ଆରମ୍ଭ ଭଲ ହୋଇ ନ ଥିଲା। ଅର୍ଶଦୀପ ସିଂଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଏହି ଘରୋଇ ଦଳ ୩ ଓଭର ଶେଷ ବେଳକୁ ମାତ୍ର ୧୦ ରନ ମଧ୍ୟରେ ୪ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତ୍ରିଷ୍ଟନ ଷ୍ଟବ୍ସ ଓ ଡେଭିଡ ମିଲର ଇନିଂସ ସମ୍ଭାଳିଥିଲେ। ୫ମ ଉଇକେଟରେ ଦୁହେଁ ୮୬ ରନ ଯୋଗ କରିବାପରେ ଯୋଡ଼ି ଭାଙ୍ଗିଥିଲା। ୩୬ ରନ କରିଥିବା ମିଲରଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ବରୁଣ ଚକ୍ରବର୍ତ୍ତୀ। ପରବର୍ତ୍ତୀ ଓଭରରେ ଷ୍ଟବ୍ସ ମଧ୍ୟ ବ୍ୟକ୍ତିଗତ ୪୩ ରନକରି ଆଉଟ ହୋଇ ଯାଇଥିଲେ। ଶେଷ ଭାଗରେ ମାର୍କୋ ଜାନସେନ କେତୋଟି ଷ୍ଟ୍ରୋକ୍ ଖେଳି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ ମଧ୍ୟ ଦଳ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା।

**ଭାରତ ୩-୧ରେ ସିରିଜ ବିଜୟୀ**


ଶତକ ହାସଲ ପରେ ସଞ୍ଜୁ ସାମସନ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ତିଳକ ବର୍ମା।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୮୩/୧ (ତିଳକ ବର୍ମା-୧୨୦*, ସଞ୍ଜୁ ସାମସନ-୧୦୯*, ଅଭିଷେକ ଶର୍ମା-୩୬, ଲୁଥୋ ସିପାମ୍ଲା-୧/୫୮)। ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୪୮/ଅଲଆଉଟ (ତ୍ରିଷ୍ଟନ ଷ୍ଟବ୍ସ-୪୩, ଡେଭିଡ ମିଲର-୩୬, ମାର୍କୋ ଜାନସେନ-୨୯*, ଅର୍ଶଦୀପ ସିଂ-୩/୨୦, ଅକ୍ଷର ପଟେଲ-୨/୬, ବରୁଣ ଚକ୍ରବର୍ତ୍ତୀ-୨/୪୨, ହାର୍ଦ୍ଦିକ ପାଣ୍ଡ୍ୟା-୧/୮, ରବି ବିଷ୍ଣୋଇ-୧/୨୮, ରମଣଦୀପ ସିଂ-୧/୪୨)।

# ପିଓକେରେ ହୋଇପାରିବନି ଟ୍ରଫି ଟୁର୍: ଆଇସିସି

**ନୂଆଦିଲ୍ଲୀ, ୧୫।୧୧ (ପି.ଟି.)**




ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆପତ୍ତି ଉଠାଇବା ପରେ ବିବାଦୀୟ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଚାମ୍ପିୟନ୍ସ ଟ୍ରଫି ଟୁର୍କୁ ରୋକି ଦେଇଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଏହାଛଡ଼ା ଏହି ପ୍ରମୋଶନାଲ ଇଭେଣ୍ଟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ଲାଗି ଆଇସିସି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ନିର୍ଦ୍ଦେଶ ଦେଇଛି। ଗତଥର ଏହି ଟୁର୍ନାମେଣ୍ଟ ୨୦୧୭ରେ ଖେଳାଯାଇଥିଲା। ପଡୋଶୀ ଦେଶ ପାକିସ୍ତାନ ସହିତ ତିକ୍ତ ସମ୍ପର୍କ ଯୋଗୁ ଭାରତୀୟ ଦଳ ବର୍ତ୍ତମାନ ପରିସ୍ଥିତିରେ ସୁରକ୍ଷା ଜନିତ କାରଣରୁ ପାକିସ୍ତାନ ଗସ୍ତ କରିବାରେ ସକ୍ଷମ ନୁହେଁ ବୋଲି ବିସିସିଆଇ ବିଧିବଦ୍ଧ ଭାବେ ଆଇସିସିକୁ ଅବଗତ କରାଇଛି। ଏଣେ ପିସିବି 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ଏଥିରେ ଟୁର୍ନାମେଣ୍ଟରେ ଫାଇନାଲ ସମେତ ଭାରତକୁ ନେଇ ମ୍ୟାଚଗୁଡ଼ିକ ଦୁବାଇରେ ଆୟୋଜନ କରିବାଲାଗି କୁହାଯାଇଛି। ଏହି ପରିସ୍ଥିତିରେ ଟୁର୍ନାମେଣ୍ଟରେ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରୁ ନ ଥିବା ବେଳେ ନୂଆ ବିବାଦ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଶୁଣାଯାଉଛି ଯେ, ବିସିସିଆଇ ସମ୍ପାଦକ ଜୟ ଶାହା ଶୁକ୍ରବାର ଆଇସିସିର ଉଚ୍ଚ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଛନ୍ତି। ପାକିସ୍ତାନର ଏହି କାର୍ଯ୍ୟକଳାପକୁ ନିନ୍ଦା କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ପିସିବି ପାକିସ୍ତାନ ଅଧିକୃତ ଅଞ୍ଚଳର ଏକାଧିକ ସହରରେ ଟ୍ରଫି ଟୁର୍ର ଯୋଜନା କରିଥିବାରୁ ଆଇସିସି ବିରକ୍ତି ପ୍ରକାଶ କରିଛି। ଟ୍ରଫି ଟୁର୍ ହେଉଛି ବିଶ୍ୱ ପରିଚାଳନା ପରିଷଦର ଏକ ପ୍ରଚାର ଅଭିଯାନ। ଆଇସିସି ଓ ଆୟୋଜକ ଦେଶ ମଧ୍ୟରେ ଆଲୋଚନା ପରେ ଏହି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥାଏ। ମାତ୍ର ପାକିସ୍ତାନ କ୍ରିକେଟ ବୋର୍ଡ ସମସ୍ତ ଅଂଶୀଦାରଙ୍କ ସହ ବିନା ପରାମର୍ଶରେ ଏହାର ଅଫିସିଆଲ ସୋସିଆଲ ମିଡିଆରେ ଘୋଷଣା କରିଛି ଯେ, ଟ୍ରଫିକୁ ସ୍କାର୍ଦ୍ଦୁ, ମୁରୀ ଓ ହୁଞ୍ଜା ଅଞ୍ଚଳକୁ ନିଆଯିବ ; ଯାହାକି ବିବାଦୀୟ ପିଓକେ ଅଧୀନରେ ରହିଛି। ଜଣେ ଆଇସିସି ବୋର୍ଡ ସଦସ୍ୟଙ୍କୁ ଏ ବିଷୟରେ ପଚରାଯିବାରେ ସେ କହିଛନ୍ତି, ଟ୍ରଫି ଟୁର୍ ନେଇ ଆଲୋଚନା ଜାରି ରହିଛି। ଟ୍ରଫିକୁ କୌଣସି ବିବାଦୀୟ ଅଞ୍ଚଳକୁ ନେବା ଲାଗି ପିସିବିକୁ ଆଇସିସି ଆଦୌ ଅନୁମତି ଦେବ ନାହିଁ ବୋଲି ସେ ମନେ କରନ୍ତି।

# ରାଜ୍ୟ ର୍ୟାଙ୍କିଙ୍ଗ୍ ସ୍ନୁକର: ଆଶୁତୋଷ ଚାମ୍ପିୟନ


ଟ୍ରଫି ସହ ଆଶୁତୋଷ ପାଢ଼ୀ ଓ ସୁବ୍ରତ ଦାସ।

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ୩୦ତମ ଅଲ୍ ଓଡ଼ିଶା ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍ଯାପିତ ହୋଇଛି। ସିନିୟର ସ୍ନୁକରର ଫାଇନାଲରେ ଆଶୁତୋଷ ପାଢ଼ୀ ୬-୩ (୧୧-୫୭, ୬୭-୨୮, ୬୬-୨୩, ୯୩-୦, ୬୩-୨, ୬୧-୭୦, ୭୨-୧୮, ୪୬-୫୪, ୬୦-୩୦) ଫ୍ରେମ୍ରେ ସୁବ୍ରତ ଦାସଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଏହାକୁ ମିଶାଇ ଆଶୁତୋଷ ୩ୟ ଥର ପାଇଁ ରାଜ୍ୟ ସିନିୟର ସ୍ନୁକର ଟାଇଟଲ ଜିତିଛନ୍ତି। ଉଦ୍ଯାପନୀ ଉତ୍ସବରେ ଆୟୋଜକ ଆସୋସିଏଶନ ସମ୍ପାଦକ ସମୀର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ଓ ୬ପକେଟ୍ସ କ୍ଲବ ମାଲିକ ଚେତନ ଆନନ୍ଦ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

# ଓଡ଼ିଶାର ସଂଘର୍ଷପୂର୍ଣ୍ଣ ବିଜୟ

**ଭୁବନେଶ୍ୱର, ୧୫।୧୧ (ତପନ ସ୍ୱାଇଁ)**

କ୍ରମାଗତ ୨ ମ୍ୟାଚ୍ରେ ପରାଜୟ ପରେ ଚଳିତ ରଣ୍ଜୀ ଟ୍ରଫି ସିଜନରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି ଓଡ଼ିଶା। ଲକ୍ଷ୍ୟ କଷ୍ଟସାଧ୍ୟ ନ ଥିଲେ ମଧ୍ୟ କଡ଼ା ସଂଘର୍ଷ ପରେ ହିଁ ଏହି ବିଜୟ ପ୍ରାପ୍ତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ୩ ଦିନରେ ଶେଷ ହୋଇଥିବା ଏହି ମ୍ୟାଚ୍ରେ ଓଡ଼ିଶା ୩ ଉଇକେଟରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଫଳରେ ପ୍ରଥମଥର ପାଇଁ ଓଡ଼ିଶାକୁ ୬ ପଏଣ୍ଟ ମିଳିଛି।

**ରଣ୍ଜୀ ଟ୍ରଫି**

ଅଲ୍ରାଉଣ୍ଡ ପ୍ରଦର୍ଶନ ପାଇଁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ପ୍ରଥମ ଇନିଂସରେ ମହାରାଷ୍ଟ୍ରର ୧୬୨ ରନ ଜବାବରେ ଓଡ଼ିଶା ୨୦୦ ରନ କରିଥିଲା। ଦ୍ୱିତୀୟ ଇନିଂସରେ ମହାରାଷ୍ଟ୍ର ୧୬୬ ରନ କରିଥିବାବେଳେ ୧୨୯ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୭ ଉଇକେଟ ହରାଇବା ପରେ ଯାଇ ହାସଲ କରିଥିଲା।

## ସୁମିତଙ୍କୁ ୫ ଉଇକେଟ

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୭୮/୩ରୁ ଖେଳ ଆରମ୍ଭ କରିଥିବା ମହାରାଷ୍ଟ୍ର ତୃତୀୟ ଦିବସରେ ଆଉ ୮୮ ରନ ଯୋଡ଼ି ଅବଶିଷ୍ଟ ୭ ଉଇକେଟ ହରାଇଥିଲା। ଓଡ଼ିଶା ସ୍ପିନ୍ ଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇପଡ଼ିଥିଲା ମହାରାଷ୍ଟ୍ର। ମିଡଲ୍ ଅର୍ଡରରେ ହର୍ଶଲ କାଟେ ୩୪ ଓ ଲୋୟର ଅର୍ଡରରେ ରାମକ୍ରିଷ୍ଣା ଘୋଷ ସର୍ବାଧିକ ୩୯ ରନ କରିଥିଲେ। ବାମହାତୀ ସ୍ପିନର ସୁମିତ ଶର୍ମା ଚମତ୍କାର ବୋଲିଂ କରି ୫ ଉଇକେଟ ସଫଳତା ପାଇଥିଲେ। ଗୋବିନ୍ଦ ପୋଦ୍ଦାର ୩ଟି ଓ ତରନୀ ସା ୨ଟି ଉଇକେଟ ନେଇଥିଲେ।

## ପ୍ରଥମ ବିଜୟ ସ୍ୱାଦ

୧୨୯ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ମାତ୍ର ୧୧ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଇନିଂସରେ ଶତକ ହାସଲକାରୀ ସ୍ୱସ୍ତିକ ସାମଲ ମାତ୍ର ୯ ରନ କରିପାରିଥିଲେ। କେବଳ ସେତିକି ନୁହେଁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ବିଜୟକୁ କଷ୍ଟସାଧ୍ୟ କରି ଦେଇଥିଲା ଘରୋଇ ଦଳ। ତେବେ ନିର୍ଭରଯୋଗ୍ୟ ସନ୍ଦୀପ ପଟ୍ଟନାୟକ ମୂଲ୍ୟବାନ ୩୬ ରନର ଯୋଗଦାନ ଦେଇଥିବାବେଳେ ଗୋବିନ୍ଦ ପୋଦ୍ଦାରଙ୍କ ୪୮ ରନ ଶେଷରେ ମ୍ୟାଚ ବିଜୟୀ ସାବ୍ୟସ୍ତ ହୋଇଥିଲା। ନିଜ ଅଭିଜ୍ଞତାର ଉପଯୋଗ କରିଥିଲେ ଗୋବିନ୍ଦ। ସେ ୫୧ ବଲ୍ରୁ ୩ଟି ଲେଖାଏ ଚୌକା ଓ ଛକା ସହ ଏହି ୪୮ ରନ କରିଥିଲେ। ମହାରାଷ୍ଟ୍ର ପକ୍ଷରୁ ପ୍ରଶାନ୍ତ ସୋଲାଙ୍କି ୩, ହିତେଶ ୱାଲୁଞ୍ଜ ୨ଟି ଉଇକେଟ ନେଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ ଗୋବିନ୍ଦ ପୋଦ୍ଦାର।

## ୨ ମାସ ବ୍ରେକ୍

ଅଗରତାଲାରେ ଓଡ଼ିଶାର ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବର୍ଷାରେ ଧୋଇ ଯାଇଥିବାବେଳେ ବାରବାଟୀରେ ଅନୁଷ୍ଠିତ ଜମ୍ମୁ-କଶ୍ମୀର ବିପକ୍ଷ ଡ୍ର ମ୍ୟାଚରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ୩ ପଏଣ୍ଟ ପାଇଥିଲା। ଭଦୋଦରାରେ ବରୋଦା ଏବଂ ମୁମ୍ବାଇରେ ମୁମ୍ବାଇ ନିକଟରୁ ଇନିଂସ ପରାଜୟ ଲଭି ବ୍ୟାକ୍ଫୁଟକୁ ଚାଲି ଯାଇଥିଲା। ବାରବାଟୀର ଘରୋଇ ପରିବେଶ ଓ ପିଚ୍ରୁ ଫାଇଦା ଉଠାଇ ବିଜୟ ପଥକୁ ଫେରିବା ଓଡ଼ିଶା ପାଇଁ ଭଲ ସୂଚନା। ଓଡ଼ିଶାକୁ ଏବେ ୨ ମାସରୁ ଊର୍ଦ୍ଧ୍ୱ ବ୍ରେକ୍ ମିଳିବ। କାରଣ ଦଳ ଏହାର ପରବର୍ତ୍ତୀ ମ୍ୟାଚ ମେଘାଳୟ ବିପକ୍ଷରେ ଖେଳିବ। ଶିଲଂର ଏମ୍ସିଏ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ ୨୦୨୫ ଜାନୁଆରୀ ୨୩ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

**ସଂକ୍ଷିପ୍ତ ସ୍କୋର**

ମହାରାଷ୍ଟ୍ର ପ୍ରଥମ ଇନିଂସ: ୧୬୨। ଓଡ଼ିଶା ପ୍ରଥମ ଇନିଂସ: ୨୦୦। ମହାରାଷ୍ଟ୍ର ଦ୍ୱିତୀୟ ଇନିଂସ: ୧୬୬/ଅଲଆଉଟ (ରାମକ୍ରିଷ୍ଣା ଘୋଷ-୩୯, ସଚିନ ଧସ-୩୮, ହର୍ଶଲ କାଟେ-୩୪, ସୁମିତ ଶର୍ମା-୫/୪୬, ଗୋବିନ୍ଦ ପୋଦ୍ଦାର-୩/୪୨, ତରନୀ ସା-୨/୪୮)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୩୦/୭ (ଗୋବିନ୍ଦ ପୋଦ୍ଦାର-୪୮, ସନ୍ଦୀପ ପଟ୍ଟନାୟକ-୩୬, ପ୍ରଶାନ୍ତ ସୋଲାଙ୍କି-୩/୧୨, ହିତେଶ ୱାଲୁଞ୍ଜ-୨/୪୪, ସତ୍ୟଜିତ ବଚଭ-୧/୪୮, ରାମକ୍ରିଷ୍ଣା ଘୋଷ-୧/୧୦)।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ